DHARITRI
ଭୁବନେଶ୍ୱର, ବୁଧବାର, ଜୁଲାଇ ୨୪/୨୦୨୪ (୨୦ ପୃଷ୍ଠା) | Bhubaneswar, Wednesday, July 24/2024 | Page 20 | ₹ 7.00
୫୦ଶ ଭାଗ ୨୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 240 | ମୂଲ୍ୟ ₹୭/-

# ମିଳିତ ସରକାର ବଜେଟ

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବ ୧ ଦଶନ୍ଧିର ଶାସନ କାଳରେ ପାର୍ଲାମେଣ୍ଟରେ ଉପସ୍ଥାପିତ ବଜେଟଗୁଡ଼ିକ ଭାଜପାର ନିଜସ୍ୱ ବଜେଟ ଥିଲା। ଗତ ଲୋକ ସଭା ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିବାରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ସମର୍ଥନରେ ସରକାର ଗଢ଼ିଛି। ତେଣୁ ଏଥର ବଜେଟରେ ଭାଜପା ପୂର୍ବଭଳି ନିଜସ୍ୱ ଏଜେଣ୍ଡାକୁ ପୂରାଇପାରି ନାହିଁ। ୨୦୨୪-୨୫ ଆର୍ଥିକବର୍ଷ ପାଇଁ ମଙ୍ଗଳବାର ଉପସ୍ଥାପିତ ପୂର୍ଣ୍ଣାଙ୍ଗ ବଜେଟ ମିଳିତ ସରକାରଙ୍କ ବଜେଟ ଭଳି ମନେହେଉଛି।**

**ଆନ୍ଧ୍ର-ବିହାର ପାଇଁ ସ୍ୱତନ୍ତ୍ର ସୁବିଧା**




**ନୂଆଦିଲ୍ଲୀ, ୨୩।୭**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ପାର୍ଲାମେଣ୍ଟରେ ୨୦୨୪-୨୫ ଆର୍ଥିକବର୍ଷର ବଜେଟ ଉପସ୍ଥାପନ କରିଛନ୍ତି। ନରେନ୍ଦ୍ର ମୋଦି ସରକାରଙ୍କ ତୃତୀୟ ପାଳି କାର୍ଯ୍ୟକାଳରେ ପ୍ରଥମ ଆର୍ଥିକବର୍ଷର ରୂପରେଖ ଆଙ୍କିବାକୁ ଯାଇ ସୀତାରାମନ୍ ସରକାର ଗୁରୁତ୍ୱ ଦେଉଥିବା ୯ଟି ପ୍ରାଥମିକତା ଉପରେ ଜୋର୍ ଦେଇଛନ୍ତି। ଆଗାମୀ ୫ ବର୍ଷରେ କୃଷି, ନିଯୁକ୍ତି, ସାମାଜିକ ନ୍ୟାୟ, ସହରାଞ୍ଚଳ ବିକାଶ, ଶକ୍ତି, ସୁରକ୍ଷା, ଭିତ୍ତିଭୂମି, ନବ ପ୍ରବର୍ତ୍ତନ ଓ ସଂସ୍କାର କ୍ଷେତ୍ରରେ ଉତ୍ପାଦନଶୀଳତା ଏବଂ ପ୍ରତିକୂଳ ପରିସ୍ଥିତିର ମୁକାବିଲା ସାମର୍ଥ ବୃଦ୍ଧିକୁ ଏଥିରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସୀତାରାମନ୍ ଟ୍ୟାକ୍ସ ସ୍ଲାବ୍‌କୁ ଏକ ନୂଆ ବ୍ୟବସ୍ଥା ଅଧୀନରେ ସମୀକ୍ଷା କରିଛନ୍ତି। ମଧ୍ୟବିତ୍ତ ଶ୍ରେଣୀର ସୁବିଧା ପାଇଁ ସେ ଷ୍ଟାଣ୍ଡାର୍ଡ ଡିଡକ୍ସନକୁ ୫୦,୦୦୦ ଟଙ୍କାରୁ ୭୫,୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ଲାଗି ସୀତାରାମନ୍ ନିଯୁକ୍ତି ସମ୍ପର୍କିତ ପ୍ରୋତ୍ସାହନ ଯୋଜନା ଘୋଷଣା କରିଛନ୍ତି। ଏହାବାଦ୍ ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଦେବା ପାଇଁ ଅର୍ଥମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ଋଣ ରାଶି ସୀମାକୁ ୧୦ ଲକ୍ଷରୁ ଦୁଇଗୁଣ ବୃଦ୍ଧି କରି ୨୦ ଲକ୍ଷ ଟଙ୍କା କରିଛନ୍ତି। ବଜେଟରେ ଆଉ ଏକ ବଡ଼ ଘୋଷଣା କରାଯାଇଛି। ତାହା ହେଲା ଗୁରୁତ୍ୱପୂର୍ଣ୍ଣ ଖଣିଜ ଆମଦାନୀରେ ସୀମାଶୁଳ୍କକୁ ହଟାଇ ଦିଆଯାଇଛି। ସୀତାରାମନ୍ ସୁନା ଓ ରୁପା ଉପରେ ମଧ୍ୟ ସୀମାଶୁଳ୍କ ହ୍ରାସ କରିଛନ୍ତି। ସରକାରଙ୍କ ଆର୍ଥିକ ପରିଯୋଜନାକୁ ପ୍ରଶଂସା କରି ସୀତାରାମନ୍ କହିଛନ୍ତି, ବିତ୍ତୀୟ ନିଅଣ୍ଟ ୪.୯%କୁ ହ୍ରାସ ପାଇଛି। ସରକାର ୨୦୨୬-୨୭ ଆର୍ଥିକବର୍ଷରେ ଏହାକୁ ୪.୫%ରେ ସୀମିତ ରଖିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ଭାଜପା ଏବଂ ଏହାର ସହଯୋଗୀ ଦଳ କ୍ଷମତାସୀନ ଥିବା ଓଡ଼ିଶା, ବିହାର ଓ ଆନ୍ଧ୍ରପ୍ରଦେଶ ପାଇଁ କେନ୍ଦ୍ର ସରକାର କେତୋଟି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ପର୍ଯ୍ୟଟନ ବିକାଶ ପ୍ରକଳ୍ପ ଘୋଷଣା କରିଛନ୍ତି। ମୋଟାମୋଟି ଭାବେ ଦେଖିଲେ ଗତ ଲୋକ ସଭା ନିର୍ବାଚନରେ ଭାଜପା ପ୍ରତି ହ୍ରାସ ପାଇଥିବା ଜନ ସମର୍ଥନର ରାଜନୈତିକ ବାର୍ତ୍ତାକୁ ହୃଦୟଙ୍ଗମ କରି ହାତରୁ ଖସିଯାଇଥିବା କେତେକ ବର୍ଗଙ୍କ ଆସ୍ଥା ପୁନଃ ହାସଲ ପାଇଁ ମୋଦି ସରକାର ଏହି ବଜେଟରେ ଉଦ୍ୟମ କରିଛନ୍ତି। କିନ୍ତୁ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ବଢ଼ିଚାଲିଥିବା ଦରଦାମକୁ ନିୟନ୍ତ୍ରଣକୁ ଆଣିବା ସହ ରେଳ ଓ ସଡ଼କ, ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଯେପରି ବୁଷ୍ଟ ମିଳିବା କଥା ତାହା ୪୮,୨୦,୫୧୨ କୋଟି ଟଙ୍କାର ବ୍ୟୟ ଅଟକଳରେ ଦେଖିବାକୁ ମିଳିନାହିଁ। ସେହିପରି ଆୟକର ସୀମା ବୃଦ୍ଧି ନେଇ

**■ ବଜେଟରେ ବିକଶିତ ଭାରତର ଚିତ୍ର**
**■ କୃଷି, ନିଯୁକ୍ତି, ପର୍ଯ୍ୟଟନକୁ ଗୁରୁତ୍ୱ**
**■ ଚୌକି ବଞ୍ଚାଇବା ପାଇଁ ବଜେଟ: କଂଗ୍ରେସ**

ମଧ୍ୟବିତ୍ତ ଶ୍ରେଣୀ ଅର୍ଥମନ୍ତ୍ରୀଙ୍କଠାରୁ ଅନେକ ଆଶା ରଖିଥିଲେ। ସେମାନଙ୍କୁ ବଜେଟରେ ନିରାଶହେବାକୁ ପଡ଼ିଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାକୁ କପିପେଷ୍ଟ, ଚୌକି ବଞ୍ଚାଇବା ପାଇଁ ଉଦ୍ଦିଷ୍ଟ ଏବଂ ଜନବିରୋଧୀ ବଜେଟର ଆଖ୍ୟା ଦେଇଛନ୍ତି।

ଅର୍ଥମନ୍ତ୍ରୀ ସୀତାରାମନ୍ ଅଷ୍ଟାଦଶ ଲୋକ ସଭା ମୌସୁମୀ ଅଧିବେଶନର ପ୍ରଥମ ଦିନରେ ମୋଦି ସରକାରଙ୍କ ବାର୍ଷିକ ଆର୍ଥିକ ରିପୋର୍ଟ କାର୍ଡ ଇକୋନୋମିକ୍ ସର୍ଭେ ରିପୋର୍ଟ-୨୦୨୩ ଉପସ୍ଥାପନ କରିଥିଲେ। ଏହାର ଦିନକ ପରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କୁ ପଛରେ ପକାଇ ଲଗାତର ସପ୍ତମ ଥର ପାଇଁ ଅର୍ଥ ବିଲ୍ ଉପସ୍ଥାପନ କରିଛନ୍ତି, ଯାହାକି ମୋଦି ସରକାରଙ୍କ ତୃତୀୟ ପାଳିର ପ୍ରଥମ ବଜେଟ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗତ ଫେବୃୟାରୀରେ ଅନ୍ତରୀଣ ବଜେଟ ଉପସ୍ଥାପିତ ହୋଇଥିବାବେଳେ ନିର୍ବାଚନ ପରେ ଏହା ହେଉଛି ପୂର୍ଣ୍ଣାଙ୍ଗ ବଜେଟ। ପୂର୍ବ ଥର ଭଳି ଏଥର ମଧ୍ୟ ସୀତାରାମନ୍ ପାରମ୍ପରିକ 'ବହି-ଖାତା' ଶୈଳୀ ପରିବର୍ତ୍ତେ ଡିଜିଟାଲ ଟାବ୍‌ଲେଟ ବଜେଟ ଉପସ୍ଥାପନ କରିଛନ୍ତି। ☞ପୃଷ୍ଠା-୪

## ଏନ୍‌ଇଇଟି-ୟୁଜି ପୁନଃ ପରୀକ୍ଷା ହେବ ନାହିଁ: ସୁପ୍ରିମକୋର୍ଟ

**୨ଦିନ ମଧ୍ୟରେ ସଂଶୋଧିତ ମେରିଟ୍ ଲିଷ୍ଟ**

**ନୂଆଦିଲ୍ଲୀ, ୨୩।୭**

ଏନ୍‌ଇଇଟି-ୟୁଜି ବିବାଦକୁ ନେଇ ମଙ୍ଗଳବାର ସୁପ୍ରିମକୋର୍ଟ ବଡ଼ ରାୟ ଶୁଣାଇଛନ୍ତି। ଚଳିତ ବର୍ଷ ଆଉ ଥରେ ଏନ୍‌ଇଇଟି-ୟୁଜି ପରୀକ୍ଷା କରିବା ପାଇଁ ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଛନ୍ତି। ମିଳିଥିବା ତଥ୍ୟରୁ ଏହି ପରୀକ୍ଷାରେ ସିଷ୍ଟେମାଟିକ ବ୍ରିଚ୍ ଅଥବା ସମ୍ପୂର୍ଣ୍ଣ ପରୀକ୍ଷାର ପବିତ୍ରତା ନଷ୍ଟ ହୋଇଥିବା ନେଇ କୌଣସି ପ୍ରମାଣ ନ ଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ କହିଛନ୍ତି, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ବଜେଟ ୨୦୨୪

97%
CAMPUS PLACEMENT
already achieved for 2024 batch in
B.Tech
(CSE, AI & ML, Data Sc., ECE)
MBA MCA @
GIET UNIVERSITY GUNUPUR
ODISHA BEST FOR CAMPUS PLACEMENT
8118053 001 to 009 www.giet.edu



**୧ ଟଙ୍କାର ଆୟ**

- କର୍ପୋରେଟ୍ ଟିକସ ୧୭ ପଇସା
- ଆୟକର ୧୯ ପଇସା
- ସୀମା ଶୁଳ୍କ ୪ ପଇସା
- କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ୫ପଇସା
- ଜିଏସ୍‌ଟି ୧୮ ପଇସା
- ଅଣ ଟିକସ ରାଜସ୍ୱ ୯ ପଇସା
- ଅଣ ଋଣ ପୁଞ୍ଜିରୁ ୧ ପଇସା
- ଧାର ଓ ଅନ୍ୟ ସୂତ୍ରରୁ ୨୭ ପଇସା



**୧ ଟଙ୍କାର ବ୍ୟୟ**

- କେନ୍ଦ୍ରୀୟ ଯୋଜନା ୧୬%
- ସୁଧ ପରିଶୋଧ ୧୯%
- ପ୍ରତିରକ୍ଷା ୮%
- ରିହାତି ୬%
- ଅର୍ଥ ଆୟୋଗ ଓ ଅନ୍ୟାନ୍ୟ ଦେୟ ୯%
- ଟିକସ ଓ ଶୁଳ୍କ ବାବଦ ରାଜ୍ୟର ଅଂଶଧନ ୨୧%
- ପେନସନ ୪%
- ଅନ୍ୟାନ୍ୟ ଖର୍ଚ୍ଚ ୯%
- କେନ୍ଦ୍ର ପ୍ରାୟୋଜିତ ଯୋଜନା ୮%

**ଶସ୍ତା**

- ସୁନା, ରୁପା
- ୩ ପ୍ରକାରର କ୍ୟାନ୍‌ସର ମେଡିସିନ
- ୨୫ ଗୁରୁତ୍ୱପୂର୍ଣ୍ଣ ମିନେରାଲ୍ସ
- ଏକ୍ସ-ରେ ମେଶିନ
- ମୋବାଇଲ ଫୋନ
- ମୋବାଇଲ ଚାର୍ଜର ଓ ଅନ୍ୟାନ୍ୟ ଉପକରଣ
- ଚମଡ଼ା ଜାତୀୟ ଜିନିଷ
- ସମୁଦ୍ର ଜାତୀୟ ଖାଦ୍ୟ
- ସୋଲାର ସେଲ ଓ ପ୍ୟାନେଲ
- ଷ୍ଟିଲ ଓ କପର
- ଚପଲ ଓ ଜୋତା
- ବୁଣା ସାମଗ୍ରୀ





**ମହଙ୍ଗା**

- ପାନ ମସଲା ଓ ତମାଖୁ
- ପ୍ଲାଷ୍ଟିକ ଜାତୀୟ ସାମଗ୍ରୀ
- ଲାବ୍ କେମିକାଲ୍ସ
- ପିଭିସି ଫ୍ଲେକ୍ସ ବ୍ୟାନର
- ଆମୋନିୟମ ନାଇଟ୍ରେଟ
- ଟେଲିକମ ଇକ୍ୟୁପ୍‌ମେଣ୍ଟ



## ବଜେଟ ଉଚ୍ଚ ଅଭିବୃଦ୍ଧି, ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଉଛି: ମୋଦି



କେନ୍ଦ୍ର ବଜେଟରେ ସମାଜର ସବୁ ବର୍ଗଙ୍କ ପାଇଁ ପଦକ୍ଷେପ ନିଆଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। ଏହା ଉନ୍ନତ ଅଭିବୃଦ୍ଧି ସହ ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ ଦେଉଥିବା ସେ କହିଛନ୍ତି। ଭାରତକୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ କରାଇବାରେ ବଜେଟ ଏକ ଉତ୍ପ୍ରେରକ ଭାବେ କାର୍ଯ୍ୟ ☞ପୃଷ୍ଠା-୪

## ଫମ୍ପା ପ୍ରତିଶ୍ରୁତିର ବଜେଟ: ରାହୁଲ



କେନ୍ଦ୍ର ବଜେଟକୁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'ଚୌକି ବଞ୍ଚାଇବା ବଜେଟ' କହି ସମାଲୋଚନା କରିଛନ୍ତି। ଏହି ବଜେଟରେ ଭାଜପା ସହଯୋଗୀମାନଙ୍କ ପାଇଁ ଫମ୍ପା ପ୍ରତିଶ୍ରୁତି ଦିଆଯାଇଛି। କଂଗ୍ରେସର ନିର୍ବାଚନୀ ଇସ୍ତାହାର ଏବଂ ପୂର୍ବ ବଜେଟର ଏହା 'କପି ପେଷ୍ଟ' ☞ପୃଷ୍ଠା-୪

## ଓଡ଼ିଶା ପର୍ଯ୍ୟଟନ ଆକର୍ଷଣର କେନ୍ଦ୍ର ପାଲଟିବ: ମୁଖ୍ୟମନ୍ତ୍ରୀ



ଚଳିତ ବଜେଟରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦିଆଯିବା ସହିତ ଆବଶ୍ୟକୀୟ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ରାଜ୍ୟବାସୀଙ୍କ ତରଫରୁ ଧନ୍ୟବାଦ ବୋଲି ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ☞ପୃଷ୍ଠା-୪

# ରେଳକୁ ୨.୬୨ ଲକ୍ଷ କୋଟି

**ଭୁବନେଶ୍ୱର, ୨୩।୭ (ଅନୁରାଧା ମହାରଣା)**

ବିଭିନ୍ନ ସ୍ଥାନରେ ରେଳ ଦୁର୍ଘଟଣା ପରେ ରେଳ ଭିତ୍ତିଭୂମି ତଥା ନୂତନ ଟ୍ରେନକୁ ମଜଭୁତ କରିବା ପାଇଁ ବଜେଟରେ କିଛି ବଡ଼ ଘୋଷଣା କରାଯାଇପାରେ ବୋଲି ଆଶା କରାଯାଉଥିଲା, ମାତ୍ର ସେପରି କିଛି ଦେଖିବାକୁ ମିଳିଲା ନାହିଁ। ରେଳ ଯାତ୍ରୀମାନେ ମଧ୍ୟ ଆଶା କରିଥିଲେ ଯେ ବଜେଟରେ ବନ୍ଦେ ଭାରତ ଏବଂ ଅମୃତ ଭାରତ ଟ୍ରେନକୁ ଅଧିକ ଧ୍ୟାନ ଦିଆଯିବ। ହେଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏଭଳି କିଛି ଘୋଷଣା କଲେ ନାହିଁ। ଅନ୍ୟପଟେ କେନ୍ଦ୍ର ବଜେଟ ୨୦୨୪-୨୫ ଉପରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, କେନ୍ଦ୍ର ବଜେଟରେ ରେଳ ମନ୍ତ୍ରଣାଳୟକୁ ଏକ ଐତିହାସିକ ଅର୍ଥ ଆବଣ୍ଟନ କରାଯାଇଛି। ରେଳପଥ ବଜେଟରେ ୨.୬୨ ଲକ୍ଷ କୋଟି ଟଙ୍କା ପାଇଛି। ଏହା ଆବଣ୍ଟନର ସବୁଠାରୁ ବଡ଼ ଅଂଶ। ଏଥିରୁ ୧.୦୮ ଲକ୍ଷ କୋଟି ଟଙ୍କା ସୁରକ୍ଷା ପାଇଁ ଖର୍ଚ୍ଚ ହେବ। ପୁରୁଣା ଟ୍ରାକ ସ୍ଥାନରେ ନୂତନ ଟ୍ରାକ ସଂସ୍ଥାପନ, ନୂତନ ଟେକ୍ନୋଲୋଜି ସହିତ ସିଗ୍‌ନାଲ ସିଷ୍ଟମ ବିକାଶ ଏବଂ ଫ୍ଲାଏ ଓଭର-ଅଣ୍ଡରପାସ ନିର୍ମାଣ ଏବଂ ଟ୍ରେନରେ କବଚ ସ୍ଥାପନ ପାଇଁ ☞ପୃଷ୍ଠା-୪





# କୃଷି ବଜେଟରେ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୨୩।୭:** କେନ୍ଦ୍ର ବଜେଟରେ ଘୋଷଣା କରାଯାଇଥିବା ୯ ଅଗ୍ରାଧିକାର କ୍ଷେତ୍ର ମଧ୍ୟରୁ କୃଷିରେ ଉତ୍ପାଦକତା ଏବଂ ସ୍ଥିରତା ପ୍ରଥମ। ୨୦୨୪-୨୫ ଆର୍ଥିକବର୍ଷରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାର ୧.୫୨ ଲକ୍ଷ କୋଟି ଟଙ୍କାର ଆବଣ୍ଟନ କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀଥାରାମନ୍ ମଙ୍ଗଳବାର ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ ବେଳେ ଏହି ସୂଚନା ଦେଇଛନ୍ତି। ସୀତାରାମନ୍ କହିଛନ୍ତି, କୃଷି କ୍ଷେତ୍ରରେ ଉତ୍ପାଦନଶୀଳତା ଏବଂ ସ୍ଥିରତା ବୃଦ୍ଧି ପାଇଁ କେନ୍ଦ୍ର ବଜେଟ ୨୦୨୪-୨୫ରେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ତୈଳବୀଜ ପାଇଁ 'ଆତ୍ମନିର୍ଭରଶୀଳତା', ପନିପରିବା ଉତ୍ପାଦନ ଲାଗି ବୃହତ୍ କ୍ଲଷ୍ଟର ଏବଂ ଚିଙ୍ଗୁଡ଼ି ବ୍ରୁଡ୍‌ଷ୍ଟକ୍ ପାଇଁ ନ୍ୟୁକ୍ଲିୟସ ପ୍ରଜନନ କେନ୍ଦ୍ରର ନେଟ୍‌ୱର୍କ ନିମନ୍ତେ ଆର୍ଥିକ ସହାୟତା ସମେତ ଅନେକ ପଦକ୍ଷେପ ନିଆଯିବ। କୃଷିକ୍ଷେତ୍ରରେ ଉତ୍ପାଦନଶୀଳତା ଏବଂ ସ୍ଥିରତା ବୃଦ୍ଧି ପାଇଁ ବଜେଟରେ କୃଷି ଗବେଷଣା, ପ୍ରାକୃତିକ ଚାଷକୁ ପ୍ରୋତ୍ସାହନ ଏବଂ ଜାତୀୟ ସମବାୟ ନୀତି ସମେତ ଅନେକ ପଦକ୍ଷେପ ଘୋଷଣା କରାଯାଇଛି।




## କୃଷି ପାଇଁ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି



ପାଇଲଟ ପ୍ରକଳ୍ପର ସଫଳତାରେ ଉତ୍ସାହିତ ହୋଇ ସରକାର ରାଜ୍ୟଗୁଡ଼ିକ ସହିତ ସହଭାଗିତାରେ ୩ ବର୍ଷ ମଧ୍ୟରେ କୃଷକ ଏବଂ ସେମାନଙ୍କ ଜମିକୁ ଅନ୍ତର୍ଭୁକ୍ତ କରିବେ। ଏହା କୃଷିକ୍ଷେତ୍ରରେ ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର (ଡିପିଆଇ) କାର୍ଯ୍ୟକାରୀ କରିବାରେ ସହାୟକ ହେବ। ଚଳିତ ବର୍ଷ ୪୦୦ ଜିଲାରେ ଡିପିଆଇ ବ୍ୟବହାର କରି ଖରିଫ ପାଇଁ ଡିଜିଟାଲ ଫସଲ ସର୍ଭେ କରାଯିବ। ସୀତାରାମନ୍ କହିଛନ୍ତି, ୬ କୋଟି କୃଷକ ଏବଂ ସେମାନଙ୍କ ଜମିର ବିବରଣୀ କୃଷକ ଏବଂ ଜମି ପଞ୍ଜୀକରଣରେ ଅଣାଯିବ। ୫ଟି ରାଜ୍ୟରେ ଜନ ସମର୍ଥଭିତ୍ତିକ କିଷାନ କ୍ରେଡିଟ କାର୍ଡ ପ୍ରଚଳନ କରାଯିବ।

## ପନିପରିବା ଉତ୍ପାଦନ ଓ ଯୋଗାଣ ଶୃଙ୍ଖଳା

ଅର୍ଥମନ୍ତ୍ରୀ ଆହୁରି କହିଛନ୍ତି ଯେ ପ୍ରମୁଖ ଉପଭୋକ୍ତା କେନ୍ଦ୍ର ନିକଟରେ ପନିପରିବା ଉତ୍ପାଦନ ପାଇଁ ବ୍ୟାପକ କ୍ଲଷ୍ଟର ବିକଶିତ କରାଯିବ। ସରକାର ସଂଗ୍ରହ, ସଂରକ୍ଷଣ ଏବଂ ବିପଣନ ସମେତ ପନିପରିବା ଯୋଗାଣ ଶୃଙ୍ଖଳ ପାଇଁ କୃଷକ-ଉତ୍ପାଦକ ସଂଗଠନ, ସମବାୟ ଏବଂ ଷ୍ଟାର୍ଟଅପଗୁଡ଼ିକୁ ପ୍ରୋତ୍ସାହିତ କରିବେ।

## ବଜେଟ ମୁଖ୍ୟାଂଶ

- ଖରିଫ ପାଇଁ ଡିଜିଟାଲ ଫସଲ ସର୍ଭେ, ୪୦୦ ଜିଲାରେ ହେବ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିର ବ୍ୟବହାର
- ତୈଳବୀଜ ପାଇଁ 'ଆତ୍ମନିର୍ଭରଶୀଳତା' ହାସଲ ନିମନ୍ତେ ରଣନୀତି ପ୍ରସ୍ତୁତ କରାଯାଉଛି
- ପନିପରିବା ଉତ୍ପାଦନ ପାଇଁ ବୃହତ୍ କ୍ଲଷ୍ଟର୍‌ଗୁଡ଼ିକୁ ପ୍ରମୁଖ ଉପଭୋକ୍ତା କେନ୍ଦ୍ର ନିକଟରେ ବିକଶିତ କରାଯିବ
- ଚିଙ୍ଗୁଡି ବ୍ରୁଡ୍‌ଷ୍ଟକ୍ ପାଇଁ ନ୍ୟୁକ୍ଲିୟସ ପ୍ରଜନନ କେନ୍ଦ୍ରର ନେଟ୍‌ୱର୍କ ସ୍ଥାପନ ଲାଗି ଆର୍ଥିକ ସହାୟତା ଘୋଷଣା
- ନୂତନ ୧୦୯ ଉଚ୍ଚ ଉତ୍ପାଦନକାରୀ ଏବଂ ୩୨ ଜଳବାୟୁ ସହନଶୀଳ ଫସଲ ପ୍ରଜାତିର ଶୁଭାରମ୍ଭ ଘୋଷଣା
- ଆସନ୍ତା ୨ ବର୍ଷରେ ୧ କୋଟି କୃଷକଙ୍କୁ ପ୍ରାକୃତିକ ଚାଷ ପାଇଁ ପ୍ରୋତ୍ସାହିତ କରାଯିବ



## ଜାତୀୟ ସମବାୟ ନୀତି

ସମବାୟ କ୍ଷେତ୍ରର ଶୃଙ୍ଖଳିତ, ବ୍ୟବସ୍ଥିତ ଏବଂ ସର୍ବାଙ୍ଗୀନ ବିକାଶ ପାଇଁ ସରକାର ଏକ ଜାତୀୟ ସମବାୟ ନୀତି ପ୍ରଣୟନ କରିବା ସହ ଗ୍ରାମୀଣ ଅର୍ଥନୀତିର ଦ୍ରୁତ ଅଭିବୃଦ୍ଧି ଏବଂ ବୃହତ୍ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ସୀତାରାମନ୍ କହିଛନ୍ତି।

## କୃଷି ଗବେଷଣାରେ ପରିବର୍ତ୍ତନ

ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ ବେଳେ କହିଛନ୍ତି, ଉତ୍ପାଦନଶୀଳତା ବୃଦ୍ଧି ଏବଂ ଜଳବାୟୁ ସହନଶୀଳ ପ୍ରଜାତିର ଖାଦ୍ୟସଶ୍ୟ ବିକଶିତ କରିବା ଉପରେ ଧ୍ୟାନଦେବା ପାଇଁ ସରକାର କୃଷି ଗବେଷଣା ବ୍ୟବସ୍ଥାର ଏକ ବ୍ୟାପକ ସମୀକ୍ଷା କରିବେ। କୃଷି ଗବେଷଣାକୁ ପ୍ରୋତ୍ସାହନ ପାଇଁ ଘରୋଇ କ୍ଷେତ୍ର ସମେତ ଚ୍ୟାଲେଞ୍ଜ ମୋଡ୍‌ରେ ପାଣ୍ଠି ଯୋଗାଇ ଦିଆଯିବ। ଉଭୟ ସରକାରୀସ୍ତରରେ ଏବଂ ବାହାରୁ ବିଶେଷଜ୍ଞମାନଙ୍କୁ ଅଣାଯାଇ ଏଭଳି ଗବେଷଣାର ତଦାରଖ କରାଯିବ। ସେହିପରି ୩୨ଟି କ୍ଷେତ ଏବଂ ଉଦ୍ୟାନ କୃଷି ଫସଲର ନୂତନ ୧୦୯ ଉଚ୍ଚ ଉତ୍ପାଦନକାରୀ ଏବଂ ଜଳବାୟୁ ସହନଶୀଳ ପ୍ରଜାତି ଚାଷ ପାଇଁ ପ୍ରଦାନ କରାଯିବ।

## ପ୍ରାକୃତିକ ଚାଷ

ଆସନ୍ତା ଦୁଇ ବର୍ଷ ମଧ୍ୟରେ ସାର୍ଟିଫିକେଶନ ଏବଂ ବ୍ରାଣ୍ଡିଂ ସହାୟତାରେ ସାରା ଦେଶରେ ୧ କୋଟି କୃଷକଙ୍କ ଲାଗି ପ୍ରାକୃତିକ ଚାଷ ପାଇଁ ପଦକ୍ଷେପ ନିଆଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ବୈଜ୍ଞାନିକ ଅନୁଷ୍ଠାନ ଓ ଇଚ୍ଛୁକ ଗ୍ରାମ ପଞ୍ଚାୟତ ଜରିଆରେ ଏହା କାର୍ଯ୍ୟକାରୀ ହେବ। ଏଥିପାଇଁ ୧୦ ହଜାର ଆବଶ୍ୟକତାଭିତ୍ତିକ ବାୟୋ ଇନପୁଟ୍ ରିସୋର୍ସ ସେଣ୍ଟର ପ୍ରତିଷ୍ଠା କରାଯିବ।



## ଡାଲି ଓ ତୈଳବୀଜ ଉତ୍ପାଦନ ବୃଦ୍ଧି ପାଇଁ ମିଶନ

ଡାଲି ଓ ତୈଳବୀଜ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ ପାଇଁ ସରକାର ଏହାର ଉତ୍ପାଦନ, ସଂରକ୍ଷଣ ଓ ମାର୍କେଟିଂକୁ ସୁଦୃଢ଼ କରିବେ। ଅନ୍ତରୀଣ ବଜେଟରେ ଘୋଷଣା କରାଯାଇଥିବା ସୋରିଷ, ଚିନାବାଦାମ, ରାଶି, ସୋୟାବିନ ଓ ସୂର୍ଯ୍ୟମୁଖୀ ଭଳି ତୈଳବୀଜ ପାଇଁ 'ଆତ୍ମନିର୍ଭରଶୀଳତା' ହାସଲ ନିମନ୍ତେ ରଣନୀତି ପ୍ରସ୍ତୁତ କରାଯାଉଥିବା ବିଷୟ ଅର୍ଥମନ୍ତ୍ରୀ କହିଛନ୍ତି।





## ଚିଙ୍ଗୁଡ଼ି ଉତ୍ପାଦନ ଓ ରପ୍ତାନି

ଚିଙ୍ଗୁଡ଼ି ବ୍ରୁଡ୍‌ଷ୍ଟକ୍ ପାଇଁ ନ୍ୟୁକ୍ଲିୟସ ବ୍ରିଡିଂ ସେଣ୍ଟରର ନେଟୱର୍କ ସ୍ଥାପନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଚିଙ୍ଗୁଡ଼ି ଚାଷ, ପ୍ରକ୍ରିୟାକରଣ ଏବଂ ରପ୍ତାନି ପାଇଁ ନାବାର୍ଡ ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ସୀତାରାମନ୍ କହିଛନ୍ତି, 'ଅନ୍ନଦାତା' (କୃଷକ) ୪ ପ୍ରମୁଖ ଜାତି ମଧ୍ୟରୁ ଅନ୍ୟତମ। ସରକାର ମାସକ ପୂର୍ବରୁ ସମସ୍ତ ପ୍ରମୁଖ ଫସଲ ପାଇଁ ଅଧିକ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ପାଞ୍ଚ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଏଥିରୁ ୮୦ କୋଟିରୁ ଅଧିକ ଲୋକ ଉପକୃତ ହୋଇଛନ୍ତି।

## ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ୨.୧୯ ଲକ୍ଷ କୋଟି

ବଜେଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ୨,୧୯,୬୪୩.୩୧ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଏହାର ଏକ ବଡ଼ ଭାଗ ଅର୍ଥାତ୍ ୧,୪୩,୨୭୫.୯୦ କୋଟି ଟଙ୍କା କେନ୍ଦ୍ରୀୟ ପୋଲିସ ବଳ ଯଥା ସିଆର୍‌ପିଏଫ୍, ବିଏସ୍‌ଏଫ୍ ଏବଂ ସିଆଇଏସ୍‌ଏଫ୍ ପାଇଁ ବ୍ୟୟ ହେବ। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା, ସୀମା ଜଗିବା ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ଏହି ବିଭାଗଗୁଡ଼ିକ ଉପରେ ନ୍ୟସ୍ତ। ଅନ୍ତରୀଣ ବଜେଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ୨,୦୨,୮୬୮.୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଥିବା ଜମ୍ମୁ-କଶ୍ମୀର ପାଇଁ ୪୨,୨୭୭.୭୪ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ପାଇଁ ୫,୯୮୫.୮୨ କୋଟି, ଚଣ୍ଡିଗଡ଼ ପାଇଁ ୫,୮୬୨.୬୨ କୋଟି, ଲଦାଖ ପାଇଁ ୫,୯୫୮ କୋଟି, ଦାଦ୍ରା ଓ ନଗର ହାଭେଲି ଏବଂ ଡାମନ ଓ ଡିଉ ପାଇଁ ୨,୬୪୮.୯୭ କୋଟି ଏବଂ ଲାକ୍ଷାଦ୍ୱୀପ ପାଇଁ ୧,୪୯୦.୧୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ଜନଗଣନା ପାଇଁ ବଜେଟରେ ୧,୩୦୯.୪୬ କୋଟି ଟଙ୍କା ରଖାଯାଇଥିବାବେଳେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ପାଇଁ ୧,୬୦୬.୯୫ କୋଟି ଟଙ୍କା ରହିଛି।

## ଶିକ୍ଷା ମନ୍ତ୍ରଣାଳୟକୁ ୧.୨୦ ଲକ୍ଷ କୋଟି

ବିଦ୍ୟାଳୟ ଶିକ୍ଷା ପାଇଁ ବଜେଟରେ ୫୩୫ କୋଟି ଟଙ୍କା ବଢ଼ାଯାଇଥିବାବେଳେ ଉଚ୍ଚଶିକ୍ଷା ପାଇଁ ଅନୁଦାନକୁ ୯,୬୦୦ କୋଟି ଟଙ୍କା ହ୍ରାସ କରାଯାଇଛି। ଶିକ୍ଷାକ୍ଷେତ୍ର ପାଇଁ ମୋଟାମୋଟି ବଜେଟ ଆବଣ୍ଟନ ୯,୦୦୦ କୋଟିରୁ ଅଧିକ ହ୍ରାସ ପାଇଛି। ଗତ ଆର୍ଥିକ ବର୍ଷରେ ଶିକ୍ଷା ମନ୍ତ୍ରଣାଳୟକୁ ୧.୨୯ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ ୧.୨୦ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଶିକ୍ଷାନୁଷ୍ଠାନରେ ଗବେଷଣା ଓ ନବପ୍ରବର୍ତ୍ତନ ପାଇଁ ୧୬୧ କୋଟି ଏବଂ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ନିମନ୍ତେ ଅନୁଦାନ ୧,୩୦୦ କୋଟିରୁ ୧,୮୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଘରୋଇ ଶିକ୍ଷାନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସରକାର ଆର୍ଥିକ ସହାୟତା ଯୋଗାଇଦେବେ। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ନିୟନ୍ତ୍ରକ ୟୁଜିସି ପାଇଁ ସରକାର ଅନୁଦାନକୁ ୬୦ ପ୍ରତିଶତ ହ୍ରାସ କରିଛନ୍ତି।



## ଘରୋଇ ପୁଞ୍ଜିନିବେଶ ବଢ଼ାଇବା ପାଇଁ ୧୧.୧୧ ଲକ୍ଷ କୋଟିର କ୍ୟାପେକ୍ସ

ଭିତ୍ତିଭୂମି କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶ ବଢ଼ାଇବା ପାଇଁ ବଜେଟରେ ୧୧,୧୧,୧୧୧ କୋଟି ଟଙ୍କାର ପୁଞ୍ଜିବ୍ୟୟ (କ୍ୟାପେକ୍ସ) ବ୍ୟବସ୍ଥା କରାଯାଇଛି, ଯାହାକି ଜିଡିପିର ୩.୪ ପ୍ରତିଶତ। ଏଥିସହ ସରକାର ବ୍ୟବହାର୍ଯ୍ୟତା ଅନ୍ତର ପାଣ୍ଠି (ଭିଜିଏଫ୍) ଆଣିଛନ୍ତି। ଆଗାମୀ ୫ ବର୍ଷ ପାଇଁ ଭିତ୍ତିଭୂମି ନିମନ୍ତେ ଦୃଢ଼ ଆର୍ଥିକ ସହାୟତା ଯୋଗାଇଦେବାକୁ ସରକାର ପ୍ରୟାସ କରୁଛନ୍ତି। ଭିତ୍ତିଭୂମି କ୍ଷେତ୍ରକୁ ଅନୁରୂପ ସହାୟତା ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପ୍ରୋତ୍ସାହିତ କରିବେ। ରାଜ୍ୟଗୁଡ଼ିକୁ ସେମାନଙ୍କ ସମ୍ବଳ ଆବଣ୍ଟନରେ ସହାୟତା ପାଇଁ ୧.୫ ଲକ୍ଷ କୋଟି ଟଙ୍କାର ଦୀର୍ଘମିଆଦୀ ସୁଧବିହୀନ ଋଣ ବ୍ୟବସ୍ଥା କରାଯାଇଛି।

# ବିହାର, ଆନ୍ଧ୍ର ପାଇଁ ପେଡ଼ି ଖୋଲିଦେଲେ

**ନୂଆଦିଲ୍ଲୀ,୨୩।୭**

ଲୋକ ସଭା ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିବାରୁ ସଂଯୁକ୍ତ ଜନତା ଦଳ (ଜେଡିୟୁ), ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏବଂ ଅନ୍ୟ ଛୋଟ ଦଳଗୁଡ଼ିକର ସମର୍ଥନରେ ସରକାର ଗଢ଼ିଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି ସମର୍ଥନ ବଦଳରେ ନିଜ ନିଜ ରାଜ୍ୟ ପାଇଁ ସ୍ୱତନ୍ତ୍ର ପାହ୍ୟା ଆଶା କରିଥିଲେ। ତେଣୁ ଉଭୟ ବିହାର ଓ ଆନ୍ଧ୍ର ପାଇଁ କେନ୍ଦ୍ର ଆର୍ଥିକ ପ୍ୟାକେଜ୍‌ର ପେଡ଼ି ଖୋଲିଦେଇଛି। ସହଯୋଗୀଙ୍କ ଶାସିତ ଏହି ଦୁଇ ରାଜ୍ୟରେ ନୂଆ ଏୟାରପୋର୍ଟରୁ ନେଇ ସ୍ୱତନ୍ତ୍ର ଆର୍ଥିକ ସହାୟତା ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଛି ୨୦୨୪-୨୫ ଆର୍ଥିକବର୍ଷର ବଜେଟରେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ କରି ବିହାର ଓ ଆନ୍ଧ୍ରରେ ଅନେକ ଉନ୍ନତିମୂଳକ ପ୍ରକଳ୍ପ ଘୋଷଣା କରିଛନ୍ତି। ସୀତାରାମନ୍ କହିଛନ୍ତି, ବିହାରରେ ନୂଆ ବିମାନବନ୍ଦର, ମେଡିକାଲ କଲେଜ, ରାଜପଥ ଆଦି ନିର୍ମାଣ କରାଯିବ। ଆନ୍ଧ୍ରକୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଦିଆଯିବ। ଆନ୍ଧ୍ରରେ ପୋଲାଭରମ୍ ଜଳସେଚନ ପ୍ରକଳ୍ପକୁ ପାଣ୍ଠି ଯୋଗାଇ ସମ୍ପୂର୍ଣ୍ଣ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ପ୍ରକଳ୍ପ ହେଉଛି ଆନ୍ଧ୍ରର ଜୀବନରେଖା। ରାଜ୍ୟର କୃଷକ ସମୁଦାୟ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଆଇନରେ ରହିଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ଆମ ସରକାର ଉଦ୍ୟମ କରିଛନ୍ତି। ରାଜଧାନୀ ଅମରାବତିର ପୁନଃ ବିକାଶ ସକାଶେ ଆମେ ବିଭିନ୍ନ ଏଜେନ୍ସି ଜରିଆରେ ସ୍ୱତନ୍ତ୍ର ଆର୍ଥିକ ସହଯୋଗ ଦେବୁ। ଚଳିତ ଆର୍ଥିକବର୍ଷରେ ଆନ୍ଧ୍ର ୧୫,୦୦୦ କୋଟି ଟଙ୍କା ପାଇବ। ଭବିଷ୍ୟତରେ ଅତିରିକ୍ତ ସହାୟତା ଯୋଗାଇ ଦିଆଯିବ। ଏନେଇ ଚନ୍ଦ୍ରବାବୁଙ୍କ ପୁଅ ତଥା ଆନ୍ଧ୍ର କ୍ୟାବିନେଟରେ ମନ୍ତ୍ରୀ ଥିବା ନର ଲୋକେଶ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କୁ 'ଏକ୍ସ'ରେ ଧନ୍ୟବାଦ ଜଣାଇଛନ୍ତି। ଏଥିରେ ସେ ହ୍ୟାଶ୍‌ଟ୍ୟାଗ୍ ଯୋଡ଼ି 'ଏପି ଥ୍ୟାଙ୍କ୍ସ ମୋଦିଜୀ' ଉଲ୍ଲେଖ କରିଛନ୍ତି। ସେହିପରି ବିହାରକୁ ବିଭିନ୍ନ ପ୍ରକଳ୍ପ ପାଇଁ ୨୬,୦୦୦ କୋଟି ଟଙ୍କା ଦିଆଯାଇଛି। ଏହି ଅର୍ଥରେ ରାଜପଥ, ଏୟାରପୋର୍ଟ, ମେଡିକାଲ କଲେଜ, କ୍ରୀଡ଼ା ସୁବିଧା ମିଳିପାରିବ ବୋଲି ସୀତାରାମନ୍ କହିଛନ୍ତି। କେନ୍ଦ୍ରୀୟ ସହାୟତାରେ ସମସ୍ତ ବିହାରବାସୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି। ଏହାବାଦ୍ 'ପୂର୍ବୋଦୟ' ପାଇଁ ବିସ୍ତୃତ ଯୋଜନା ଚାଲିଛି। ଏହି ଯୋଜନାରେ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ସାମିଲ କରାଯିବ। କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଏହି ଯୋଜନା ଅଧୀନରେ ପୂର୍ବାଞ୍ଚଳରେ ଶିଳ୍ପ କରିଡର ପ୍ରତିଷ୍ଠାରେ କେନ୍ଦ୍ର ସହାୟତା ଦେବ ବୋଲି ସୀତାରାମନ୍ କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଫାଇଲ୍ ଫଟୋ।

# ବିରୋଧୀଙ୍କ ହଙ୍ଗାମା, ବିଧାନସଭା ଅଚଳ

**ରାଜ୍ୟପାଳଙ୍କ ପୁଅ ଏଏସ୍‌ଓଙ୍କୁ ମାଡ଼ ମାରିବା ଘଟଣା**

- ବାଚସ୍ପତିଙ୍କ ମାଇକ ଭାଙ୍ଗିଲେ ଧ୍ରୁବ
- ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବିକଲା ବିଜେଡି


ବିଧାନସଭାରେ ମଙ୍ଗଳବାର ବିରୋଧୀ ଦଳ ସଦସ୍ୟମାନେ ହଙ୍ଗାମା କରୁଛନ୍ତି।

ଭୁବନେଶ୍ୱର,୨୩।୭(ଅନିଲ ଦାସ)

ରାଜ୍ୟପାଳଙ୍କ ପୁଅ ଏଏସ୍‌ଓଙ୍କୁ ମାଡ଼ ମାରିବା ଘଟଣାରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଉଭୟ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ପ୍ରବଳ ହଙ୍ଗାମା କରିଛନ୍ତି। ବିରୋଧୀଙ୍କ ହୋ ହଲ୍ଲା ଯୋଗୁ ବିଧାନସଭାର ଦିନତମାମ କାର୍ଯ୍ୟ ବରବାଦ ହୋଇଯାଇଛି। ପ୍ରଶ୍ନୋତ୍ତର, ମୁଲତବୀ, ଶୂନ୍ୟକାଳ ସବୁ କିଛି ଠପ୍ ହୋଇଯାଇଛି। ବିଧାନସଭାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏଏସ୍‌ଓଙ୍କୁ ମାଡ଼ ମାରିବା ଘଟଣାରେ ରାଜ୍ୟପାଳଙ୍କ ପୁଅଙ୍କ ପ୍ରତି ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ବିଜେଡି ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓଡ଼ିଆ ଅସ୍ମିତା କଥା ଉଠାଇଥିଲେ। ଗତ ୭ ତାରିଖରୁ ରାଜ୍ୟପାଳଙ୍କ ପୁଅ ଏଏସ୍‌ଓଙ୍କୁ ମାଡ଼ ମାରିବା ଘଟଣା ଘଟିଥିଲେ ମଧ୍ୟ କାହିଁକି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ହୋଇନାହିଁ, ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ରଖନ୍ତୁ ବୋଲି ସେ ଦାବି କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ବିଜେଡି ସଦସ୍ୟମାନେ ବାଚସ୍ପତିଙ୍କ ପୋଡ଼ିୟମ ନିକଟକୁ ଆସି ପ୍ରତିବାଦ କରିଥିଲେ। ବାଚସ୍ପତି ସେମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ କହିଥିଲେ ମଧ୍ୟ ବିରୋଧୀ ଦଳ ସଦସ୍ୟମାନେ କର୍ଣ୍ଣପାତ ନ କରି ହଙ୍ଗାମାରେ ମାତିଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ବାଚସ୍ପତି ସୁରମା ପାଢ଼ୀ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟ୍‌ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଜେଡି ସଭ୍ୟ ସମାନ ପ୍ରସଙ୍ଗକୁ ନେଇ ପୁଣି ଗୃହର ମଧ୍ୟ ଭାଗରେ ହୋ ହଲ୍ଲା କରିଥିଲେ। ରାଜ୍ୟପାଳ ପୁଅଙ୍କ ଗୁଣ୍ଡାଗିରି ଚଳିବ ନାହିଁ... ଚଳିବ ନାହିଁ..., ଓଡ଼ିଆ ପୁଅକୁ ସୁରକ୍ଷା ଦେବା ଆମର ଦାବି..ଆମର ଦାବି... ସ୍ଲୋଗାନ ଦେଇଥିଲେ। କଂଗ୍ରେସ ସଭ୍ୟମାନେ ମଧ୍ୟ ବିଜେଡି ସହ ତାଳ ଦେଇ ଗୃହରେ ହଙ୍ଗାମା କରିଥିଲେ। ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାଚସ୍ପତି ବିରୋଧୀ ଦଳ ସଦସ୍ୟଙ୍କୁ ଅନୁରୋଧ କରିଥିଲେ ମଧ୍ୟ କିଛି ଫରକ ପଡ଼ି ନ ଥିଲା। ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଥିଲେ, ବିଜେଡିର ଅନେକ ବିଧାୟକ ଜଘନ୍ୟ ଅପରାଧ କରିଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏହି ସମୟରେ ବିଜେଡି ସଦସ୍ୟ ଧ୍ରୁବ ସାହୁ ବାଚସ୍ପତିଙ୍କ ପୋଡ଼ିୟମ ଉପରେ ଥିବା ମାଇକକୁ ଟାଣିବାକୁ ଚେଷ୍ଟା କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାକୁ ଯାଉଥିବା ଦେଖି ବାଚସ୍ପତି ଗୃହକୁ ୧୧ଟା ୩୬ରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। ରାଜ୍ୟପାଳଙ୍କ ପୁଅଙ୍କ ପ୍ରସଙ୍ଗକୁ ନେଇ ବିଜେଡି ଓ କଂଗ୍ରେସର ବିଧାୟକମାନେ ପୁଣି ଗୃହର ମଧ୍ୟଭାଗକୁ ଆସି ହୋ ହଲ୍ଲା କରିଥିଲେ। ହଙ୍ଗାମା ମଧ୍ୟରେ ବାଚସ୍ପତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ଏହାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମର୍ଥନ କରିଥିଲେ। ଏହି ସମୟରେ ବିଜେଡି ବିଧାୟକ ଧ୍ରୁବ ସାହୁ ବାଚସ୍ପତିଙ୍କ ପୋଡ଼ିୟମ ଉପରକୁ ଚଢ଼ି ମାଇକ ଟାଣିଆଣି ଭାଙ୍ଗି ଦେଇଥିଲେ। ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ବାଚସ୍ପତି ଗୃହକୁ ୪ଟା ୨୮ ମିନିଟରେ ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

ବିଧାନସଭା ବାହାରେ ପ୍ରମିଳା ଗଣମାଧ୍ୟମକୁ କହିଛନ୍ତି, ଗତ ୭ ତାରିଖରେ ରାଜ୍ୟପାଳଙ୍କ ପୁଅ ଏଏସ୍‌ଓଙ୍କୁ ମାଡ଼ ମାରିଲେ । ହେଲେ ତଦନ୍ତ କରାଗଲାନି । ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଏଏସ୍‌ଓଙ୍କ ସହ କ'ଣ ଆଲୋଚନା କଲେ ତାହା ଜଣାପଡ଼ିଲାନି । ଓଲଟି ଏଏସ୍‌ଓଙ୍କୁ ବଦଳି କରିଦିଆଗଲା । ଏଏସ୍‌ଓଙ୍କୁ ମାଡ଼ମାରିବା ପରେ ବି ନ୍ୟାୟ ମିଳୁନି । ଘଟଣାରେ ଆଇନମନ୍ତ୍ରୀ ଦାୟିତ୍ୱହୀନ ମନ୍ତବ୍ୟ ଦେଉଛନ୍ତି । ଆଇନମନ୍ତ୍ରୀ କହୁଛନ୍ତି, ଜିଲାପାଳ ଘଟଣାର ତଦନ୍ତ କରୁଛନ୍ତି । କେଉଁଠି ଫୌଜଦାରି ମାମଲା ଜିଲାପାଳ ତଦନ୍ତ କରନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ଜିଲାପାଳ ତଦନ୍ତ କରୁଛନ୍ତି ତାହେଲେ ଏସ୍‌ପି, ଆଇଆଇସି କୁଆଡେ ଗଲେ । ଏଏସ୍‌ଓଙ୍କୁ କି ପ୍ରକାର ସୁରକ୍ଷା ଓ ନ୍ୟାୟ ଦିଆଯାଇଛି ମୁଖ୍ୟମନ୍ତ୍ରୀ ସେ ସମ୍ପର୍କରେ ଗୃହରେ ବିବୃତି ରଖନ୍ତୁ ବୋଲି ସେ କହିଛନ୍ତି । ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଛନ୍ତି, ଅସହିଷ୍ଣୁର ପରାକାଷ୍ଠାରେ ପହଞ୍ଚିଛି ବିରୋଧୀ ଦଳ। ଗୋଟିଏ ମାସ ଭିତରେ ମୋହନ ମାଝୀଙ୍କ ସରକାର ଯେତିକି କାମ କରିଛନ୍ତି ସେଥିରେ ବିରୋଧୀ ଅସହିଷ୍ଣୁ ହୋଇ ପଡ଼ିଛନ୍ତି। ଯେଉଁମାନେ ଜଣେ ଅଣଓଡ଼ିଆଙ୍କ ରିମୋଟ କଣ୍ଟ୍ରୋଲରେ ଚାଲୁଥିଲେ ସେମାନେ ଆମକୁ ଅଣଓଡ଼ିଆ ଅସ୍ମିତା କଥା ଶିଖେଇବେ। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମରେ ଏଫ୍‌ଆଇଆର୍ ହୋଇଥିଲା। ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ଅରୁଣ ସାହୁଙ୍କ ନାମରେ ଅଭିଯୋଗ ଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେଲେ ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ବିଜେଡି ଓ ଭାଜପା ଜାଣିଶୁଣି ଆଲୋଚନା କରି ଗୃହ ବନ୍ଦ କରୁଛନ୍ତି । ଯେଉଁଥିପାଇଁ ଗୃହରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇପାରିଲା ନାହିଁ।

# ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳଲାଇନ୍ ପ୍ରକଳ୍ପରେ ଟନେଲ ସଂଯୋଗ




ଭୁବନେଶ୍ୱର, ୨୩।୭
(ଅନୁରାଧା ମହାରଣା)

ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପରେ ଟନେଲ ସଂଯୋଗ କରି ପୂର୍ବତଟ ରେଳପଥ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଟିମ୍ ମଙ୍ଗଳବାର ମାଧପୁର ବନ ରେଞ୍ଜ୍‌ର ଦୁର୍ଗମ ସଂରକ୍ଷଣ ଜଙ୍ଗଲ ଅନ୍ତର୍ଗତ ଆଡ଼େଣିଗଡ଼-ଚାରିଛକ ରେଳ ସେକ୍ସନ ମଧ୍ୟରେ ୪୧୮୫ ମିଟର ଲମ୍ବ ଟନେଲ ସହିତ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏକ ଏସ୍କେପ୍ ଟନେଲର ସଂଯୋଗୀକରଣ କାର୍ଯ୍ୟ ସମ୍ପନ୍ନ କରିଛି। ଏହାକୁ ମିଶାଇ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପର ମୋଟ ୩୦୧ କି.ମି. ମଧ୍ୟରୁ ୧୫୨.୮୦୫ କି.ମି. କାର୍ଯ୍ୟକ୍ଷମ ହୋଇଛି। ଏଥିସହ ପ୍ରକଳ୍ପ ଶୀଘ୍ର ସମାପ୍ତ କରିବାକୁ ପୂର୍ବତଟ ରେଳପଥ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧାରୋଡ୍ ଏବଂ ବଲାଙ୍ଗୀର ପାର୍ଶ୍ୱରୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଖୋର୍ଦ୍ଧାରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କି.ମି. ଏବଂ ବଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ୪୭ କି.ମି. କାର୍ଯ୍ୟ ଶେଷ ହୋଇଛି। ଏହା ବ୍ୟତୀତ ସୋନପୁରଠାରୁ ଝରମୁଣ୍ଡା ପର୍ଯ୍ୟନ୍ତ ୨୮.୭୬୫ କି.ମି. ଦୀର୍ଘ ରେଳ ମାର୍ଗ ମଧ୍ୟ ଶେଷ ହୋଇଛି। ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୭୩ କି.ମି. ସେଗ୍‌ମେଣ୍ଟ କାମ ଆସନ୍ତା କିଛି ମାସ ମଧ୍ୟରେ ଶେଷ ହେବ ବୋଲି ଆଶା ରଖିଛି ପୂର୍ବତଟ ରେଳପଥ।

# ଆର୍.ସନ୍ଥଗୋପାଳନ ମୁଖ୍ୟ ନିର୍ବାଚନ ଅଧିକାରୀ ନିଯୁକ୍ତ

ଭୁବନେଶ୍ୱର, ୨୩।୭(ଅନିଲ ଦାସ)



୨୦୦୧ ବ୍ୟାଚ୍‌ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ଆର୍. ସନ୍ଥଗୋପାଳନ ଓଡ଼ିଶାର ନୂଆ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଏହି ନୂଆ ନିଯୁକ୍ତି ନେଇ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ମଙ୍ଗଳବାର ଚିଠି ଲେଖି ଜଣାଇ ଦିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ସ୍ଥାନରେ ଆର୍.ସନ୍ଥଗୋପାଳନଙ୍କୁ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ନିକୁଞ୍ଜ ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅଛନ୍ତି। ଆର୍.ସନ୍ଥଗୋପାଳନ ଏବେ ଦକ୍ଷିଣାଞ୍ଚଳ ଆର୍‌ଡିସି ଅଛନ୍ତି।

# ଆଜି ୫ ଜିଲାରେ ଅତି ପ୍ରବଳ ବର୍ଷା

ଭୁବନେଶ୍ୱର, ୨୩।୭(ଅସମାପିକା ସାହୁ)

ସାରା ରାଜ୍ୟରେ ଏବେ ବର୍ଷା ଲାଗିରହିଛି। ଉତ୍ତରରୁ ଦକ୍ଷିଣ ଏବଂ ପୂର୍ବରୁ ପଶ୍ଚିମ ସବୁଠି ଲଗାଣ ବର୍ଷାରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ମଙ୍ଗଳବାର ଅନୁଗୋଳରେ ସର୍ବାଧିକ ୫୭ ମି.ମି. ବର୍ଷା ହୋଇଥିବା ବେଳେ ବଲାଙ୍ଗୀରରେ ୪୬, ନୂଆପଡ଼ା ୩୦, ପାରାଦୀପ ୨୯, ତାଳଚେର ୧୮, ଢେଙ୍କାନାଳ ୧୫.୨, ପୁରୀ ୧୫.୬, ଖୋର୍ଦ୍ଧା ୧୩, ଭୁବନେଶ୍ୱର ୧୨.୯, କୋରାପୁଟ ୧୦.୮ ଓ ଟିଟିଲାଗଡ଼ରେ ୧୧ ମିମି ବର୍ଷା ରେକର୍ଡ କରାଯାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାକୁ ଥିବାବେଳେ ଆସନ୍ତା ତିନିଦିନ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଭଦ୍ରକରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେ.ମି.) ହେବ। ସେହିଭଳି ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ଅନୁଗୋଳ, ଦେବଗଡ଼ ଓ ଯାଜପୁରରେ ପ୍ରବଳ ବର୍ଷା (୭ ରୁ ୧୧ ସେ.ମି.) ହେବାର ଆଶଙ୍କା ରହିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗୁରୁବାର ନବରଙ୍ଗପୁର ଓ କଳାହାଣ୍ଡିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି।

# ମଳତ୍ୟାଗ କାରଣରୁ ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ

ପୁରୀ,୨୩।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତରେ ଜଣେ ବୟସ୍କା ବୃଦ୍ଧା ମଳତ୍ୟାଗ କରିଦେବା କାରଣରୁ ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ ନୀତି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ୨ଟା ୫୫ ମିନିଟ୍‌ରେ ଶେଷ ହେବା ପରେ ଭିତର କାଠ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ ଭିତର କାଠ ନିକଟରେ ଦର୍ଶନ କରିବା ସମୟରେ ଜଣେ ବୃଦ୍ଧା ଜୟ ବିଜୟ ଦ୍ୱାରଠାରୁ ବେହେରଣ ଦ୍ୱାର ପର୍ଯ୍ୟନ୍ତ ମଳତ୍ୟାଗ କରି କରି ଚାଲିଯିବା ଦୃଷ୍ଟିକୁ ଆସିଥିଲା। ମଳ ପଡ଼ିଥିବା ଦେଖିବା ପରେ ସଙ୍ଗେ ସଙ୍ଗେ ଦର୍ଶନ ବନ୍ଦ ହୋଇ କବାଟ ବନ୍ଦ କରାଯାଇଥିଲା। ଏହାପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଭିତରକାଠ ଧୁଆ ହୋଇ ଚୂନପାଣି ପଡ଼ିଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅପରାହ୍ନ ୫ଟା ୫ମିନିଟ୍‌ରେ ସମ୍ପନ୍ନ ହୋଇଥିଲା। ଏଥିପାଇଁ ପ୍ରାୟ ପାଖାପାଖି ୨ ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଏହାସହ ଅନ୍ୟାନ୍ୟ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ମହାସ୍ନାନ ନୀତି ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

# ବିନା ଫିଟ୍‌ନେସ୍, ପଞ୍ଜୀକରଣରେ ଗାଡ଼ି ଚଳାଇଲେ ଫଶିବେ

ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)

**ଜବତ ସହ ହେବ ମାମଲା**

ସଡ଼କ ଦୁର୍ଘଟଣା ହ୍ରାସ ଓ ଯାତ୍ରୀ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ କଡ଼ାକଡ଼ି ନିୟମ ପାଳନ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକ୍ରମେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ବିନା ଫିଟ୍‌ନେସ୍ ଓ ପଞ୍ଜୀକରଣ ସାର୍ଟିଫିକେଟ୍‌ରେ ରାସ୍ତାରେ ଚାଲୁଥିବା ଗାଡ଼ିଗୁଡ଼ିକ ବିରୋଧରେ କେବଳ ଜରିମାନା ନୁହେଁ, ଏଣିକି ଆଇନ ଅନୁଯାୟୀ ଜବତ କରାଯିବା ସହ ମାମଲା ରୁଜୁ କରିବା ଭଳି ନିଷ୍ପତ୍ତି ନିଆଯାଇଛି। ସାରା ରାଜ୍ୟରେ ଫିଟ୍‌ନେସ୍ ଓ ରେଜିଷ୍ଟ୍ରେଶନ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟାକୁ ବ୍ୟାପକ କରିବାକୁ ସମସ୍ତ ଉପ ପରିବହନ ଆୟୁକ୍ତ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ରୀୟ ମୋଟର ଯାନ ଆଇନ ୧୯୮୮ ଅନୁଯାୟୀ, ବାଣିଜ୍ୟିକ ଗାଡ଼ିଗୁଡ଼ିକ ନିମନ୍ତେ ବୈଧ ପଞ୍ଜୀକରଣ ଓ ଫିଟ୍‌ନେସ୍ ସାର୍ଟିଫିକେଟ ଏବଂ ଅଣବାଣିଜ୍ୟିକ ଗାଡ଼ିଗୁଡ଼ିକ ନିମନ୍ତେ ବୈଧ ପଞ୍ଜୀକରଣ (ରେଜିଷ୍ଟ୍ରେଶନ) ସାର୍ଟିଫିକେଟ ବାଧ୍ୟତାମୂଳକ। ଏହା ନ ଥିଲେ ଗାଡ଼ି ରାସ୍ତାରେ ଚାଲିବାକୁ ଅନୁମତିପ୍ରାପ୍ତ ନୁହେଁ। ବାରମ୍ବାର ସଚେତନତା ସତ୍ତ୍ୱେ କେତେଜଣ ଗାଡ଼ି ମାଲିକ ଏହାର ଉଲ୍ଲଂଘନ କରୁଥିବା ଦୃଷ୍ଟିକୁ ଆସିଛି। ଏଭଳି ଗାଡ଼ିଗୁଡ଼ିକ ପାଇଁ ଅନେକ ସମୟରେ ଦୁର୍ଘଟଣା ଘଟିବା ନଜିର ମଧ୍ୟ ରହିଛି। ବୈଧ ଫିଟ୍‌ନେସ୍ ଓ ପଞ୍ଜୀକରଣ ସାର୍ଟିଫିକେଟ୍ ବିନା ଗଡୁଥିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଲେ ଇନ୍‌ସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ବୀମାରାଶି ମଧ୍ୟ ପ୍ରଦାନ କରିବାର ନିୟମ ନାହିଁ। ତେଣୁ ସଡ଼କ ସୁରକ୍ଷା ଦୃଷ୍ଟିକୋଣରୁ ଏଭଳି ଗାଡ଼ିଗୁଡ଼ିକୁ ନିୟନ୍ତ୍ରଣ କରିବା ଓ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତରେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ୯ ପଏଣ୍ଟ ବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ସର୍କୁଲାର ଜାରି କରାଯାଇଛି।

ଏହି ନିର୍ଦ୍ଦେଶ ମୁତାବକ, ସମସ୍ତ ଗାଡ଼ିର ଫିଟ୍‌ନେସ୍ ଓ ପଞ୍ଜୀକରଣ ବୈଧତା ସମ୍ପର୍କରେ ନିୟମିତ ଭାବେ ସମ୍ପୃକ୍ତ ଅଞ୍ଚଳର ମୋଟର ଯାନ ନିରୀକ୍ଷକମାନେ ତଥ୍ୟ ସଂଗ୍ରହ କରିବେ। ବୈଧତା ଶେଷ ହୋଇଥିବା ଗାଡ଼ିର ମାଲିକଙ୍କ ଠିକଣା ଓ ଯୋଗାଯୋଗ ନମ୍ବର ସହ ରିପୋର୍ଟ ପ୍ରସ୍ତୁତ କରାଯିବ। ଏଭଳି ଗାଡ଼ିଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯିବ। ଯଦି ବୈଧ ଫିଟ୍‌ନେସ୍ ଓ ପଞ୍ଜୀକରଣ ସାର୍ଟିଫିକେଟ୍ ନ ଥିବା ଯୋଗୁ ଧରାପଡ଼ନ୍ତି ତେବେ ମୋଟର ଯାନ ଆଇନ ୧୯୮୮ର ଧାରା ୨୦୭ ଆଧାରରେ ସମ୍ପୃକ୍ତ ଗାଡ଼ିକୁ ଜବତ କରାଯିବ ଏବଂ ଇ-ଚାଲାଣ ଜାରି କରାଯିବ। ଫିଟ୍‌ନେସ୍ ଓ ପଞ୍ଜୀକରଣ ବୈଧତା ସରିଯାଇଥିବା ଗାଡ଼ିଗୁଡ଼ିକର ତଥ୍ୟ ପ୍ରତି ମାସ ଆର୍‌ଟିଓମାନଙ୍କ ପକ୍ଷରୁ ବସ୍/ଟ୍ରକ୍/ଟ୍ୟାକ୍ସି ଆଦି ସଂଘଙ୍କୁ ପଠାଯିବ। ଏଭଳି ଗାଡ଼ିକୁ ସଂଘ ପକ୍ଷରୁ ଅନୁମୋଦନ ନ କରିବାକୁ ଅନୁରୋଧ କରାଯିବ। ଆର୍‌ଟିଓ ଗୁଡ଼ିକ ଏହି ତଥ୍ୟକୁ ଟୋଲ୍‌ଗେଟ୍ କର୍ତ୍ତୃପକ୍ଷଙ୍କୁ ମଧ୍ୟ ପ୍ରଦାନ କରିବେ। ସମ୍ପୃକ୍ତ ଗାଡ଼ିଗୁଡ଼ିକୁ ଟୋଲ୍‌ଗେଟ୍ ଦେଇ ଯିବାକୁ ଅନୁମତି ନ ଦେବା ପାଇଁ ଅନୁରୋଧ କରାଯିବ ବୋଲି ଠାକୁର କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୪୬ତମ ପୁଣ୍ୟତିଥି, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଫିଲ୍ମ ସୋସାଇଟି ଫର ଭୁବନେଶ୍ୱର ପକ୍ଷରୁ ଚିଲଡ୍ରେନ ଫିଲ୍ମ ଫେଷ୍ଟିଭାଲର ୨ୟ ଏଡିଶନ, ସ୍ଥାନ: ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଏକ୍ସଆଇଏମ୍‌ବି ପାଖ, ସମୟ: ପୂର୍ବାହ୍ନ ୧୦ଟା।
- ଆଇସିସି ନିଯୁକ୍ତି ମେଳା ୨୦୨୪ର ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ମନୋରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ନାଟକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମାସିକ ଓଡ଼ିଆ ଖବରକାଗଜ 'ଶାନ୍ତିସ୍ତୁପ'ର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ ଓ ଶାନ୍ତିସ୍ତୁପ ସମ୍ମାନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଫୁଟବଲ୍ ଆସୋସିଏଶନ୍ ଅଫ୍ ଓଡ଼ିଶା ପକ୍ଷରୁ ଏମ୍‌ଜିଏମ୍ ଫାଓ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍, ସ୍ଥାନ: ବାରବାଟୀ ଷ୍ଟାଡିୟମ ପରିସର, ସମୟ: ସନ୍ଧ୍ୟା ୫ଟା।

## ପୁରୀ

- ଶିକ୍ଷା ସପ୍ତାହ ଦିବସ ପାଳନ, ସ୍ଥାନ: ସତ୍ୟବାଦୀ ହାଇସ୍କୁଲ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ଜିଲା ପ୍ରେସ କ୍ଲବ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- କ୍ଷେପଣାସ୍ତ୍ର ପରୀକ୍ଷଣ ନିମନ୍ତେ ଗ୍ରାମବାସୀଙ୍କୁ ସ୍ଥାନାନ୍ତର, ସ୍ଥାନ: ଚାନ୍ଦିପୁର ଆଇଟିଆର ଏଲ୍‌ସି-୩ କ୍ଷେପଣାସ୍ତ୍ର ଘାଟିରୁ ସାଢ଼େ ତିନି କିଲୋମିଟର ପରିଧି ଅଞ୍ଚଳ, ବାଲେଶ୍ୱର, ସମୟ: ଭୋର୍ ୪ଟା।
- ଭଏସ୍ ଅଫ ଭୋଗରାଇ ପକ୍ଷରୁ ଚାରାରୋପଣ, ସ୍ଥାନ: ଚନ୍ଦନେଶ୍ୱର ବାଡ଼ସରିଷା ଭୋଳାନାଥ ବିଦ୍ୟାପୀଠ, ଭୋଗରାଇ, ସମୟ: ସକାଳ ୮ଟା।
- ମାଗଣା ଚକ୍ଷୁ ଓ ମୋତିଆବିନ୍ଦୁ ପରୀକ୍ଷା ଶିବିର, ସ୍ଥାନ: ସାରଡ଼ାଙ୍ଗ ହନୁମାନ ମନ୍ଦିର ସାମ୍ନା, ଖଇରା, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଔପଦା, ସମୟ: ପୂର୍ବାହ୍ନ ୧୦ଟା।
- ସୁତେଇ ମହିଳା କ୍ଲବ ଓ ଶୋଭାରାମପୁର ମହିଳା କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ୍, ସ୍ଥାନ: ପରମିଟ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।

## ଭଦ୍ରକ

- ଟୋଲ ପ୍ଲାଜା କର୍ମଚାରୀଙ୍କ ଧାରଣା, ସ୍ଥାନ: ଭାଗଡା ଟୋଲଗେଟ, ଭଣ୍ଡାରୀପୋଖରୀ, ସମୟ: ସକାଳ ୮ ଟା
- ବିକାଶ ପରିଷଦର ଜିଲା ସ୍ତରୀୟ ସମ୍ମିଳନୀ, ସ୍ଥାନ: ହୋଟେଲ ସିଟି ରେସିଡେନ୍ସି, ଭଦ୍ରକ, ସମୟ: ଅପରାହ୍ନ ୪ ଟା।

## କେନ୍ଦୁଝର

- ରାମ ମନ୍ଦିରରେ ପୂଜା ଏବଂ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ସୋସୋ,ହାଟଡିହୀ, ସମୟ: ସନ୍ଧ୍ୟା ୬ ଟା।
- ଶନି ଗ୍ରହ ଏବଂ ମା କାଳୀଙ୍କ ମନ୍ଦିରରେ ଭଜନ କୀର୍ତ୍ତନ, ସ୍ଥାନ: ବଣିଆପଙ୍କ, ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ବରିଷ୍ଠ ନାଗରିକଙ୍କୁ ଡିଜିଟାଲ ଶିକ୍ଷା, ସ୍ଥାନ: ଉଦଳା ସନ୍ଧାନୀ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସିଡିପିଓଙ୍କ ଡାକୋଇ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଭାଲିଆଡିହା ପଞ୍ଚାୟତର ଡାକୋଇ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ପଥପ୍ରାନ୍ତ ନାଟକ ମାଧ୍ୟମରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉଦଳା ବ୍ଲକ ଅଧୀନ ସୁନାପାଳ ଗ୍ରାମ,ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ନାକ୍ ପ୍ରସ୍ତୁତି ସମୀକ୍ଷା, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

## କେନ୍ଦ୍ରାପଡ଼ା

- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ ଅବସରରେ କ୍ରୀଡ଼ା ଦିବସ ପାଳନ, ସ୍ଥାନ: ଲୋକନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ମୀନା ବଜାର ଓ ମେଗା ସପିଂ ବଜାରର ଦ୍ୱିତୀୟ ଦିବସ,ସ୍ଥାନ : ଯାଜପୁର କୁସୁମା ସମ୍ମୁଖ ପଡ଼ିଆ, ସମୟ : ଅପରାହ୍ନ ୫ଟା।
- ଦିବ୍ୟାଙ୍ଗ ଆକଳନ ଓ ଚିହ୍ନଟ ଶିବିର,ସ୍ଥାନ : ରସୁଲପୁର ବ୍ଲକ ପରିସର,ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବୃତ୍ତଙ୍ଗ ବିସ୍ଥାପନ ବିରୋଧୀ ଜନମଞ୍ଚର ସମାବେଶ, ସ୍ଥାନ: ଦଶପଲ୍ଲା ବ୍ଲକର ଜାମୁସାହି, ସମୟ: ପୂର୍ବାହ୍ନ ୧୦ଟା।
- ସେବା ଉତ୍ସବରେ ବସ୍ତ୍ର ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରଣପୁର ସହରର ରଘୁ ଦିବାକର ସ୍ମୃତି ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ମା' ମଝିଘରିଆଣି ମନ୍ଦିର ହୁଣ୍ଡି ଖୋଲା କାର୍ଯ୍ୟକ୍ରମ, ସ୍ଥାନ: ମଝିଘରିଆଣି ମନ୍ଦିର, ରାୟଗଡ଼ା, ସମୟ: ସକାଳ ୯ ଟା।

## ନବରଙ୍ଗପୁର

- ମିନିରାଲ ଫାଉଣ୍ଡେଶନ ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- କୋରାପୁଟ ଜିଲାପରିଷଦ ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା, ସ୍ଥାନ : ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ମୋ ଜଙ୍ଗଲ ଜମି ଯୋଜନା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- ସୁନାବେଡା ଜିଇଡିରେ ଗ୍ରୁପ ସି ଓ ଡି କର୍ମଚାରୀଙ୍କ ପଦୋନ୍ନତି ନେଇ ଡିପିସି ବୈଠକ, ସ୍ଥାନ : ଜିଲାପାଳଙ୍କ ସଭାଗୃହ, କୋରାପୁଟ, ସମୟ, ଅପରାହ୍ନ ୫ ଟା।

## ମାଲକାନଗିରି

- ପ୍ରଧାନ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଚିତ୍ରକୋଣ୍ଡା ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ପଶ୍ଚିମାଞ୍ଚଳ ଏକତା ମଞ୍ଚର ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁରୁ ସତ୍ୟନାରାୟଣ ଉଦ୍ୟାନ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଏକତା ମଞ୍ଚର ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ , ସ୍ଥାନ: କଳା ପରିଷଦ, ସମୟ: ପୂର୍ବାହ୍ନ ୧୧ଟା।
- ୨୬ତମ ହକି ଟୁର୍ନାମେଣ୍ଟ, ସ୍ଥାନ: ବାଣ୍ଡିଝରନ ଖେଳ ପଡ଼ିଆ, ସମୟ: ଅପରାହ୍ନ ୨ଟା।

## ବଲାଙ୍ଗୀର

- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର,ସମୟ: ସକାଳ ୬ଟା।

## ରାଉରକେଲା

- ଦେଓ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣୀକରଣ ଦାବିରେ ଧାରଣା, ସ୍ଥାନ:ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା
- ବେଦବ୍ୟାସ ସଂସ୍କୃତ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ବେଦବ୍ୟାସ ,ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ବିଜୁ ପଟ୍ଟନାୟକ ପୁରସ୍କାର ପ୍ରାପ୍ତ ସାଗରପାଲି ବନ ସୁରକ୍ଷା ସମିତି ନିମନ୍ତେ ବନଖଣ୍ଡ ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ,ସ୍ଥାନ-ସାଗରପାଲି, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ପ୍ରାୟୋଗିକ ଶିକ୍ଷା ଏବଂ ଉଦ୍ୟମ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ବିଜ୍ଞାନ କେନ୍ଦ୍ର, ଟୁକୁର୍ଲା, ବରଗଡ଼, ସମୟ: ସକାଳ ୯ଟା।
- ଶିକ୍ଷା ସପ୍ତାହ ପାଳନ ଅବସରରେ କ୍ରୀଡ଼ା ଦିବସ, ସ୍ଥାନ: ରାଣାପ୍ରତାପ ସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିକ୍ଷା ସପ୍ତାହ ପାଳନ ଅବସରରେ କ୍ରୀଡ଼ା ଦିବସ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୈତାଲି, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିକ୍ଷା ସପ୍ତାହ ପାଳନ ଅବସରରେ କ୍ରୀଡ଼ା ଦିବସ, ସ୍ଥାନ: ଅମଠି ପ୍ରାଥମିକ ବିଦ୍ୟାଳୟ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିକ୍ଷା ସପ୍ତାହ ପାଳନ ଅବସରରେ କ୍ରୀଡ଼ା ଦିବସ, ସ୍ଥାନ: ପଞ୍ଚାୟତ ଡାଇସ୍କୁଲ, ପତ୍ରାପାଲି, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିକ୍ଷା ସପ୍ତାହ ପାଳନ ଅବସରରେ କ୍ରୀଡ଼ା ଦିବସ, ସ୍ଥାନ: ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ, ରୁଚିଦା, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବରିଷ୍ଠ ହତାଦର ସଚେତନତା କର୍ମଶାଳା, ସ୍ଥାନ: ସନ୍ଥକବି ଭୀମ ଭୋଇ ଯୁକ୍ତ ୩ କଲେଜ, ଚକରକେନ୍ଦ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସେବକ ସଂଘର ଗୁରୁ ଦକ୍ଷିଣା ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ସୋହେଲା, ସମୟ: ଅପରାହ୍ନ ୪ଟା ୩୦।
- ସାର୍ବଜନୀନ ଦୁର୍ଗାପୂଜା କମିଟିର କାର୍ଯ୍ୟକାରୀ ବୈଠକ, ସ୍ଥାନ: ଗୋରୀଦେବୀ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲା ପରିଷଦ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନିଟ୍ ପରୀକ୍ଷା ତ୍ରୁଟି ବିରୋଧରେ ଏଆଇଏସ୍‌ଏଫ୍‌ର ଶୋଭାଯାତ୍ରା, ସ୍ଥାନ: ଧର୍ମଗଡ଼ ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ସ୍ୱାସ୍ଥ୍ୟ ଓ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ ମିଳିତ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ପୂର୍ବାହ୍ନ: ୧୧ଟା।

## ଦେବଗଡ଼

- ଚାଷୀମାନଙ୍କ ନେଇ ଚାର ଉତ୍ପାଦନ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀମାନଙ୍କୁ ନେଇ ୫ ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷା ସପ୍ତାହ ପାଳନ ଅବସରରେ ଶିକ୍ଷଣ ଉପକରଣ ମେଳା, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷା ସପ୍ତାହ ଅବସରରେ କ୍ରୀଡା ଦିବସ ପାଳନ, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ଆଞ୍ଚଳିକ କଳାକେନ୍ଦ୍ର ପକ୍ଷରୁ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ତରଭା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରାସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ, ସ୍ଥାନ: ଅମରପାଲି ହାଇସ୍କୁଲ,ବୀରମହାରାଜପୁର ବ୍ଲକ, ସମୟ:ଅପରାହ୍ନ ୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ସବୁ ସୁବିଧା ଥିଲେ ମଧ୍ୟ ଖଳ ଲୋକଙ୍କ ପରୋକ୍ଷ ଶତ୍ରୁତା କାରଣରୁ ପାରିବାରିକ ଶାନ୍ତି ବ୍ୟାହତ ହେବ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରଶଂସାକୁ ସହି ନ ପାରି ଅପପ୍ରଚାର କରିପାରନ୍ତି। ହିତୈଷୀ ବନ୍ଧୁଙ୍କ ପରାମର୍ଶରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ।

**ବୃଷ** କୌଣସି ଭୁଲ୍ ନ କରି ନିନ୍ଦିତ ହେବାର ଗୁଜବ ଶୁଣି ମନ ଭଲ ରହି ନ ପାରେ। ସାହିତ୍ୟ, ସଙ୍ଗୀତ, କଳା କ୍ଷେତ୍ରରେ ସମସ୍ୟା ସମାଧାନର ମାର୍ଗ ଖୋଲିଯାଇପାରେ। ସହଯୋଗ ଅଭାବଜନିତ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବାରେ ବିଳମ୍ବ ଘଟିବ। ବିବାଦଠାରୁ ଦୂରେଇ ନ ରହିଲେ ନିଜ ଉପରକୁ ଝମେଲା ଆସିପାରେ।

**ମିଥୁନ** ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ସୁନା ଜିନିଷ ହଜି ଯିବାର ସମ୍ଭାବନା ରହିଛି। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଲକ୍ଷ୍ୟ ହାସଲରେ ଆଗେଇ ଯିବେ। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ପ୍ରଗତିର ପଥରୋଧ କରିବ। ଆଜିର କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ।

**କର୍କଟ** ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ସ୍ଥିତିର ସାମ୍ନା କରିବା ସହିତ ବିତର୍କର ବାତାବରଣ ସୃଷ୍ଟି ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବାରୁ ସାମୟିକ ଖୁସୀ ରହିପାରନ୍ତି। ଆନୁଷ୍ଠାନିକ କାମ, ମନୋରଞ୍ଜନ, ଆଧ୍ୟାତ୍ମିକ ଆଲୋଚନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିପାରେ।

**ସିଂହ** କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ସାମୟିକ ଭାବରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ରୋଗପୀଡ଼ା ବୃଦ୍ଧି କାରଣରୁ ସାମାନ୍ୟ ଶାରୀରିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଅର୍ଥସଂକଟ ଲାଗି ରହୁଥିବାରୁ ବଦଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ।

**କନ୍ୟା** ପାରିବାରିକ କ୍ଷେତ୍ରରେ ବୃଥା ତର୍କ ଓ ବିବାଦ ଅଶାନ୍ତିର କାରଣ ହେବ। ସାହାଯ୍ୟ କରିବାକୁ କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ନାସ୍ତିବାଣୀ ଶୁଣାଇ ପାରନ୍ତି। କର୍ମ କ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗର ପ୍ରତିଶ୍ରୁତି ଦେବେ। ଆତ୍ମୀୟଙ୍କ ପାଇଁ ଚିନ୍ତା ବଢ଼ିପାରେ କିନ୍ତୁ ବନ୍ଧୁ ସୁସ୍ଥତା ଫେରି ପାଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ସଙ୍ଗକୁ ଅର୍ଥନୈତିକ ଅଭିବୃଦ୍ଧି ପାରିବାରିକ ଜୀବନକୁ ଉପଭୋଗ୍ୟ କରାଇବ। ପୂର୍ବାଲୋଚନା ଭିତ୍ତିକ କୌଣସି ଦୁଃସମ୍ବାଦ ପାଇ ମନ ବିଷାଦିତ ହୋଇପାରେ। ଆଜିର ଯାତ୍ରା ସମୟରେ ଜଣେ ଅପରିଚିତ ବ୍ୟକ୍ତି ବହୁତ ସାହାଯ୍ୟ କରିବେ। ପାରିବାରିକ ବିଷୟକୁ କେନ୍ଦ୍ରକରି ପଡ଼ୋଶୀଙ୍କ ସହିତ ସମସ୍ୟା ଲାଗି ରହିବ।

**ବିଛା** ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଦ୍ୱନ୍ଦ୍ୱ ହେତୁ ମାନସିକ ସ୍ତରରେ ବିଚଳିତ ବୋଧ କରିବେ। ଉଚ୍ଚ ଆଶା ଧରି ଆଗେଇବା ପାଇଁ ଚେଷ୍ଟା କରିବେ କିନ୍ତୁ ସମ୍ପୂର୍ଣ୍ଣ ସନ୍ତୋଷଜନକ ନ ହୋଇପାରେ। ଫେରନ୍ତା ବାଟରେ ନୀଚମନୋଭାବାପନ୍ନ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** କେତେକ ବ୍ୟତିକ୍ରମ ମଧ୍ୟରେ ଆଜି ମିଶ୍ରିତ ଫଳ ଅନୁଭବ କରିବେ। ଉପଯୁକ୍ତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ଆଣ୍ଠୁଗଣ୍ଠି ବାତ ଜନିତ ରୋଗରେ କଷ୍ଟ ପାଇବେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି।

**ମକର** ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ପୂର୍ବ ରାଗକୁ ଶୁଝାଇବାକୁ ଯାଇ ସମସ୍ୟା ସୃଷ୍ଟି କରିପାରନ୍ତି। ଅନ୍ୟମାନଙ୍କ ପ୍ରରୋଚନାରେ ପଡ଼ି ପଡ଼ୋଶୀ କେହି ପ୍ରତିବାଦ କରିପାରନ୍ତି। ସଭାସମିତି, କଳା ସାହିତ୍ୟ, ଆନୁଷ୍ଠାନିକ କାମରେ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ବ୍ୟବସାୟ ମାନ୍ଦା ନ ହେଲେ ମଧ୍ୟ ବିଶେଷ ଲାଭ ହେବ ନାହିଁ।

**କୁମ୍ଭ** କର୍ମକ୍ଷେତ୍ରରେ ସଂଘର୍ଷପୂର୍ଣ୍ଣ ବାତାବରଣ ମଧ୍ୟରେ କାମ କରିବାକୁ ପଡ଼ିପାରେ। ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ପ୍ରତିହତ କରିପାରନ୍ତି। ସାମାଜିକ ସ୍ତରରେ ଦୀର୍ଘ ଦିନରୁ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ।

**ମୀନ** ସକାଳୁ ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ବନ୍ଧୁଙ୍କ ଆଗରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହି ସମାଲୋଚିତ ହେବେ। ଜଣେ ଅତିପ୍ରିୟ ମିତ୍ରଙ୍କର ବ୍ୟବହାର ମନରେ ଦୁଃଖଦେଇପାରେ । ପରିଜନଙ୍କ ସହିତ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭ କରିବେ।

ଆଜି ଜୁଲାଇ ୨୪ ତାରିଖ, ଆୟକର ଦିବସ, ଶ୍ରାବଣ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ବୁଧବାର, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫.୨୩ମି. ଗତେ ଘ.୦୭.୦୭ମି. ମଧ୍ୟେ, ଘ.୧୦.୧୫ମି. ଗତେ ଘ.୧୧.୨୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୩ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ମିଳିତ ସରକାର ...

୯୦ ମିନିଟ୍ ଅବଧିର କାଗଜବିହୀନ ବଜେଟ ଅଭିଭାଷଣ ପ୍ରାରମ୍ଭରେ ଧଳା ସିଲ୍କ ଶାଢ଼ି ପିନ୍ଧିଥିବା ଅର୍ଥମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଗତ ଦଶନ୍ଧିରେ ଭାରତର ଅର୍ଥନୈତିକ ବିକାଶ ଘଟିଛି। ବିଶ୍ୱ ଆର୍ଥିକ ଅନିଶ୍ଚିତତା ଦେଇ ଗତି କରୁଥିବାବେଳେ ଭାରତର ଧୀର ମୁଦ୍ରାସ୍ଫୀତି ଦେଶର ମଜଭୁତ ମାକ୍ରୋ-ଇକୋନୋମିକ୍ ବ୍ୟବସ୍ଥାକୁ ସୂଚାଉଛି। ଏହା ପରେ ଅର୍ଥମନ୍ତ୍ରୀ ଅନ୍ତରୀଣ ବଜେଟ ଉପସ୍ଥାପନ ବେଳେ ଗରିବ, ମହିଳା, ଯୁବ ଓ କୃଷକଙ୍କ ପାଇଁ କରିଥିବା ପ୍ରମୁଖ ଘୋଷଣାଗୁଡ଼ିକୁ ସ୍ମରଣ କରିଥିଲେ।

ସୀତାରାମନ୍ କହିଥିଲେ, ଭାରତର ଜନସାଧାରଣ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧୀନ ସରକାର ଉପରେ ପୁନଃ ଆସ୍ଥା ପ୍ରକଟ କରି ହ୍ୟାଟ୍ରିକ୍ ବିଜୟ ଦେଇଛନ୍ତି। ତେଣୁ ଜାତି, ଧର୍ମ, ଲିଙ୍ଗ, ବୟସ ନିର୍ବିଶେଷରେ ସମସ୍ତ ଭାରତୀୟଙ୍କ ପ୍ରଗତିକୁ ସୁନିଶ୍ଚିତ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ଆମେ 'ବିକଶିତ ଭାରତ'ର ନକ୍ସା ଆଙ୍କିବାକୁ ଯାଇ ୯ଟି କ୍ଷେତ୍ର ଉପରେ ସର୍ବାଧିକ ଗୁରୁତ୍ୱ ଦେଇଛୁ। ସେଗୁଡ଼ିକ ହେଲା ନିଯୁକ୍ତି ଓ ଦକ୍ଷତା ବିକାଶ, ସମାବେଶୀ ମାନବ ସମ୍ବଳ ବିକାଶ ଓ ସାମାଜିକ ନ୍ୟାୟ, ମାନୁଫାକ୍ଚରିଂ ଓ ସେବା, ସହରାଞ୍ଚଳ ବିକାଶ, ଶକ୍ତି ନିରାପତ୍ତା, ଭିତ୍ତିଭୂମି, ନବପ୍ରବର୍ତ୍ତନ, ଗବେଷଣା ଓ ବିକାଶ ଏବଂ ପରବର୍ତ୍ତୀ ପିଢ଼ି ବିକାଶ। ନିଯୁକ୍ତି, ଦକ୍ଷତା ବିକାଶ ଓ ଅନ୍ୟ ସୁଯୋଗଗୁଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ ସୀତାରାମନ୍ ବଜେଟରେ ୨ ଲକ୍ଷ କୋଟି ଟଙ୍କାର ଅନେକ ଯୋଜନା ଘୋଷଣା କରିଛନ୍ତି। ଏହାଦ୍ୱାରା ୪.୧ କୋଟି ଯୁବତୀଯୁବକ ଉପକୃତ ହେବେ। ୨୦୨୫ ଆର୍ଥିକବର୍ଷରେ ଶିକ୍ଷା, ନିଯୁକ୍ତି ଓ ଦକ୍ଷତା ବିକାଶ ପାଇଁ ୧.୪୮ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ନିଯୁକ୍ତି ସମ୍ପର୍କିତ ପ୍ରୋତ୍ସାହନ ହେଉଛି ପ୍ରଧାନମନ୍ତ୍ରୀଙ୍କ ପ୍ୟାକେଜ୍‌ର ଏକ ଅଂଶ, ଯହିଁରେ ୩ଟି ଯୋଜନା ରହିଛି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି କାର୍ଯ୍ୟାଳୟ (ଇପିଏଫ୍‌ଓ)ରେ ପ୍ରଥମ ଥର ପଞ୍ଜୀକୃତ କର୍ମଚାରୀଙ୍କୁ ତିନୋଟି କିସ୍ତିରେ ମାସକର ଦରମା (୧୫,୦୦୦ ଟଙ୍କା ପର୍ଯ୍ୟନ୍ତ) ଦିଆଯିବ। ତେବେ ସମ୍ପୃକ୍ତ କର୍ମଚାରୀ ୧ ଲକ୍ଷ ଟଙ୍କା ଭିତରେ ଦରମା ପାଉଥିବା ଆବଶ୍ୟକ। ଏହି ଯୋଜନାରୁ ୨୧୦ ଲକ୍ଷ ଯୁବପିଢ଼ି ଉପକୃତ ହେବେ ବୋଲି ଆଶା କରାଯାଉଛି। ମାନୁଫାକ୍ଚରିଂରେ ନିଯୁକ୍ତି ସୃଷ୍ଟି ଅଧୀନରେ ସରକାର ବିନିର୍ମାଣ କ୍ଷେତ୍ରରେ ଅତିରିକ୍ତ ନିଯୁକ୍ତିକୁ ପ୍ରୋତ୍ସାହନ ଦେବେ। ନିଯୁକ୍ତିର ପ୍ରଥମ ୪ ବର୍ଷରେ ଉଭୟ କର୍ମଚାରୀ ଓ ନିଯୁକ୍ତିଦାତା ଏକ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ ରାଶି ପାଇବେ। ଏହାଦ୍ୱାରା ୩୦ ଲକ୍ଷ ଯୁବତୀ ଯୁବକ ଲାଭାନ୍ୱିତ ହେବେ। ତୃତୀୟ ଯୋଜନାଟି ନିଯୁକ୍ତିଦାତାଙ୍କ ସମର୍ଥନ ପାଇଁ ଉଦ୍ଦିଷ୍ଟ। ଏହି ଯୋଜନାରେ ସବୁ ସେକ୍ଟରରେ ଅତିରିକ୍ତ ନିଯୁକ୍ତିକୁ ସାମିଲ କରାଯିବ, ଯହିଁରେ ଆହୁରି ୫୦ ଲକ୍ଷ ଲୋକ ଉପକୃତ ହେବେ। ସେହିପରି କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଭାଗୀଦାରି ବୃଦ୍ଧି ସକାଶେ ସରକାର ଶିଳ୍ପାନୁଷ୍ଠାନଗୁଡ଼ିକର ସହଯୋଗ ନେଇ କାର୍ଯ୍ୟରତ ମହିଳା ହଷ୍ଟେଲ ପ୍ରତିଷ୍ଠା କରିବେ। ଆଗାମୀ ୫ ବର୍ଷରେ ୨୦ ଲକ୍ଷ ଯୁବତୀଯୁବକଙ୍କ ଦକ୍ଷତା ବୃଦ୍ଧି କରାଯିବ ଏବଂ ୧,୦୦୦ ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଆଇଟିଆଇ) ପ୍ରତିଷ୍ଠା କରାଯିବ ବୋଲି ସୀତାରାମନ୍ କହିଛନ୍ତି।

ନିଯୁକ୍ତି କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଯୋଜନାରେ ଆଗାମୀ ୫ ବର୍ଷରେ ଦେଶର ୧ କୋଟି ଯୁବତୀଯୁବକ ୫୦୦ ଶ୍ରେଷ୍ଠ କମ୍ପାନୀରେ ଇଣ୍ଟର୍ନଶିପ୍ ସୁଯୋଗ ପାଇବେ। ସେମାନଙ୍କୁ ମାସିକ ୫,୦୦୦ ଟଙ୍କା ଲେଖାଏ ଇଣ୍ଟର୍ନଶିପ୍ ଭତ୍ତା ମିଳିବ। ଏଥିସହ ଥରୁଟିଏ ୬,୦୦୦ ଟଙ୍କାର ଆର୍ଥିକ ସହାୟତା ମଧ୍ୟ ମିଳିବ। କୃଷକମାନଙ୍କୁ ଖୁସି କରିବା ପାଇଁ ସରକାର ଏହି ବଜେଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧.୫୨ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଆଗାମୀ ୨ ବର୍ଷରେ ପ୍ରାକୃତିକ କୃଷିରେ ୧ କୋଟି ଚାଷୀ ସାମିଲ ହେବେ। ସରକାର 'ନୂତନ ୧୦୯ ଉଚ୍ଚ ଉତ୍ପାଦନକ୍ଷମ, ଜଳବାୟୁ ସହନଶୀଳ କିସମର ଫସଲ ସେମାନଙ୍କୁ ଯୋଗାଇ ଦିଆଯିବ। ୪୦୦ ଜିଲାରେ ଖରିଫ୍‌ରେ ଡିଜିଟାଲ କ୍ରପ୍ ସର୍ଭେ କରାଯିବ ବୋଲି ସୀତାରାମନ୍ ସୂଚନା ଦେଇଛନ୍ତି। ପାର୍ଲାମେଣ୍ଟରେ ଭାଜପା ସଂଖ୍ୟାଗରିଷ୍ଠତା ହରାଇବାର ପ୍ରାୟ ମାସକ ପରେ ନିର୍ବାଚନରୁ ମିଳିଥିବା ରାଜନୈତିକ ସନ୍ଦେଶକୁ ବୁଝି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବଜେଟରେ କୃଷକ ଓ ଯୁବପିଢ଼ିଙ୍କ ଭଳି ପ୍ରମୁଖ ମତଦାତା ଗୋଷ୍ଠୀଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରିଛନ୍ତି। କୃଷି ଓ ନିଯୁକ୍ତି କ୍ଷେତ୍ରକୁ ଦିଆଯାଇଥିବା ଗୁରୁତ୍ୱକୁ ସମର୍ଥନ ହାସଲ ଉଦ୍ଦେଶ୍ୟରେ ପଦକ୍ଷେପ ବୋଲି କୁହାଯାଉଛି। ସେହିପରି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ବିହାର ସହଯୋଗୀ ତଥା ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମାଗୁଥିବା ସ୍ୱତନ୍ତ୍ର ରାଜ୍ୟ ପାହ୍ୟାକୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରିଦେଇଥିବାବେଳେ ଏହି ବାବଦକୁ ଉଭୟ ରାଜ୍ୟକୁ ବଡ଼ ଆର୍ଥିକ ପ୍ୟାକେଜ୍ ଦେଇ ସନ୍ତୁଳନ ରକ୍ଷା ଉଦ୍ୟମ କରାଯାଇଛି। ବିହାରରେ ନୂଆ ରାଜପଥ, ୩ ଏକ୍ସପ୍ରେସ୍‌ୱେ ପାଇଁ ୨୬,୦୦୦ କୋଟି ଏବଂ ବନ୍ୟାରୁ ରକ୍ଷା ଲାଗି ୧୫,୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଆନ୍ଧ୍ରପ୍ରଦେଶ ରାଜଧାନୀ ଅମରାବତିର ପୁନଃ ବିକାଶ ସକାଶେ ୧୫,୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଦୁଇ ଘୋଷଣାକୁ ସରକାର ବଞ୍ଚାଇବା ପାଇଁ ରାଜନୈତିକ ସ୍ୱାର୍ଥ ଦୃଷ୍ଟିରୁ ଦେଖାଯାଉଛି। ବଜେଟ ଉପସ୍ଥାପନ ପୂର୍ବରୁ ଅର୍ଥମନ୍ତ୍ରୀ ସୀତାରାମନ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟିଥିଲେ। ରାଷ୍ଟ୍ରପତି ତାଙ୍କୁ ଦହି-ଚିନି ଖୁଆଇଥିଲେ। ଏହା ପରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ୨୦୨୪-୨୫ ଆର୍ଥିକବର୍ଷ (ଏପ୍ରିଲ ୨୦୨୪ରୁ ମାର୍ଚ୍ଚ ୨୦୨୫) ପାଇଁ ଉଦ୍ଦିଷ୍ଟ ବଜେଟକୁ ଅନୁମୋଦନ କରାଯାଇଥିଲା।

## ରେଳକୁ ୨.୬୨ ଲକ୍ଷ ...

ଏହି ଅର୍ଥ ଖର୍ଚ୍ଚ ହେବ। ଏହି ବଜେଟ୍ ଅଧୀନରେ ୩ ଇକୋନୋମିକ ରେଲୱେ କରିଡର କାର୍ଯ୍ୟକ୍ଷମ ହେବ। ଏନର୍ଜି, ମିନେରାଲ ଓ ସିମେଣ୍ଟ କରିଡର ଅଧୀନରେ ୧୯୨ ପ୍ରକଳ୍ପ, ପୋର୍ଟ ସଂଯୋଗୀକରଣ ଅଧୀନରେ ୪୨ ପ୍ରକଳ୍ପ ଏବଂ ହାଇ ଟ୍ରାଫିକ୍ ଡେନ୍‌ସିଟି କରିଡର ଅଧୀନରେ ୨୦୦ ପ୍ରକଳ୍ପ ରହିଛି। ଚଳିତ ବଜେଟରେ ଅତିରିକ୍ତ ଅର୍ଥ ଅନୁମୋଦନ କରାଯାଇଛି, ଯାହା ଶିଳ୍ପକ୍ଷେତ୍ରର ଉନ୍ନତିକରଣରେ ବ୍ୟବହୃତ ହେବ। ଏହି ପାଣ୍ଠି ଷ୍ଟ୍ରାଟେଜିକ ନୋଡରେ ଶିଳ୍ପ କ୍ଲଷ୍ଟର ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମିକୁ ସମର୍ଥନ କରିବ। ବିଶାଖାପାଟନାମ-ଚେନ୍ନାଇ ଇଣ୍ଡଷ୍ଟ୍ରିଆଲ କରିଡରରେ କୋପାର୍ଥି, ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦ-ବେଙ୍ଗାଲୁରୁ ଶିଳ୍ପ କରିଡରରେ ଓର୍ଭାକାଲ ଏବଂ ବିହାରର ଅମୃତସର-କୋଲକାତା ଶିଳ୍ପ କରିଡରରେ ଗୟା ଏଥିରେ ଅର୍ନ୍ତଭୁକ୍ତ ରହିଛି।

ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି ଯେ ଗତ ଦଶ ବର୍ଷ ମଧ୍ୟରେ ମୋଦି ସରକାର ଯେଉଁ ସବୁ କାର୍ଯ୍ୟ କରିଛନ୍ତି, ଆମେ ତୃତୀୟ ପର୍ଯ୍ୟାୟରେ ଦୁଇଗୁଣ ବେଗରେ ସେହି ପ୍ରକଳ୍ପଗୁଡ଼ିକୁ ଆଗକୁ ବଢ଼ାଇବୁ। ଆଗାମୀ ଦିନରେ ଆମେ ରେଳ ଭିତ୍ତିଭୂମିକୁ ମଜଭୁତ କରିବୁ, ରେଳ ଇଞ୍ଜିନ ଏବଂ କୋଚ ଉତ୍ପାଦନ ବୃଦ୍ଧି କରିବୁ। ସାଧାରଣତଃ ନିମ୍ନଶ୍ରେଣୀ ଏବଂ ମଧ୍ୟବିତ୍ତ ଲୋକମାନେ ଯାତ୍ରା ପାଇଁ ରେଳ ବ୍ୟବହାର କରନ୍ତି। ପୂର୍ବ ତୁଳନାରେ ସାଧାରଣ କୋଚରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଗତ ଆର୍ଥିକ ବର୍ଷରେ ୭୦୦ କୋଟି ଲୋକ ରେଳପଥରେ ଯାତ୍ରା କରିଛନ୍ତି। ତେଣୁ ନିକଟରେ ରେଳପଥ ପକ୍ଷରୁ ପ୍ରଥମେ ୨୫୦୦ ଜେନେରାଲ କୋଚ ଓ ପରବର୍ତ୍ତୀ ପର୍ଯ୍ୟାୟରେ ୧୦ ହଜାର କୋଚ୍ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିବା ବୈଷ୍ଣବ ସୂଚନା ଦେଇଛନ୍ତି। ବଜେଟ ୨୦୨୪ରେ ସେମାନଙ୍କ ଅନୁମୋଦନ ଗ୍ରହଣ କରାଯାଇଛି। କିଛି ଦିନ ପୂର୍ବରୁ କବଚ ସିଷ୍ଟମ୍ ୪.୦ ଲାଗୁ ହୋଇଛି। ଏହାକୁ ଟ୍ରେନରେ ସ୍ଥାପନ କରିବାର ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି।

ସୂଚନାଥାଉକି, ଅର୍ଥମନ୍ତ୍ରୀ ଚଳିତ ବର୍ଷ ଫେବୃଆରୀ ୧ ରେ ମଧ୍ୟବର୍ତ୍ତିକାଳୀନ ବଜେଟ ଉପସ୍ଥାପନ କରିଥିଲେ। ରେଳପଥକୁ ୨.୫୨ ଲକ୍ଷ କୋଟି ଟଙ୍କା ଦେବାକୁ ଆଲୋଚନା ହୋଇଥିଲା। ଏହି ସପ୍ଲିମେଣ୍ଟାରୀ ବଜେଟରେ ରେଳପଥ ପାଇଁ ଅଧିକ ଅର୍ଥ ଆବଣ୍ଟନ କରାଯିବ ବୋଲି ବିଶ୍ୱାସ ରହିଥିଲା, ମାତ୍ର ବଜେଟରେ ଏହିପରି କିଛି ଘୋଷଣା ନ ହେବାରୁ ଲୋକମାନେ ନିରାଶ ହୋଇଛନ୍ତି। ଏହାର ପ୍ରଭାବରେ ମଙ୍ଗଳବାର ରେଳପଥ ସମ୍ବନ୍ଧୀୟ କମ୍ପାନୀଗୁଡିକର ଶେୟାରକୁ ଖସିଛି। ରେଳପଥର ଆଇଆର୍‌ସିଟିସି ମଧ୍ୟ ଏଥିରୁ ବର୍ତ୍ତିନାହିଁ। ଏହା ୩.୩୧ ପ୍ରତିଶତ ହ୍ରାସ ଘଟିଛି। ସକାଳେ ଏହା ୧,୦୧୫.୭୦ ଟଙ୍କା ଖୋଲିବାବେଳେ ୯୭୩ ଟଙ୍କାରେ ବନ୍ଦ ହୋଇଥିଲା। ସେହିପରି ଆଇଆର୍‌ଏଫ୍‌ସି ଶେୟାର ୫ ପ୍ରତିଶତ ହ୍ରାସ ପାଇଛି। ୨୦୭ ଟଙ୍କାରେ ଖୋଲି ୧୯୪ ଟଙ୍କାରେ ବନ୍ଦ ହୋଇଯାଇଥିଲା। ଅନ୍ୟପଟେ ଆର୍‌ଭିଏନ୍‌ଏଲ୍ ଶେୟାର ୫% ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ସକାଳେ ଏହା ୬୩୪.୮୦ ଟଙ୍କାରେ ଖୋଲି ୫୯୦.୩୦ ଟଙ୍କାରେ ବନ୍ଦ ହୋଇଥିଲା। ରେଳବାଇ ପାଇଁ ସୁରକ୍ଷା ବ୍ୟବସ୍ଥା ସମେତ ଅନ୍ୟାନ୍ୟ ସୁବିଧା ଯୋଗାଉଥିବା ରେଲ୍‌ଟେଲ କମ୍ପାନୀର ଅଂଶଧନ ୬.୨୧ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ସକାଳେ ଏହା ୫୪୧.୫୦ ଟଙ୍କାରେ ଖୋଲି ପ୍ରାୟ ୪୯୧ ଟଙ୍କାରେ ବନ୍ଦ ହୋଇଯାଇଥିଲା।

## ଏନ୍‌ଇଇଟି-ୟୁଜି ପୁନଃ ...

ଆଉ ଥରେ ଏନ୍‌ଇଇଟି-ୟୁଜି ପରୀକ୍ଷା କରାଇବାର ପରିଣତି ଭୟାବହ ହୋଇପାରେ। ଏହାଦ୍ୱାରା ପରୀକ୍ଷା ଦେଇଥିବା ୨୪ ଲକ୍ଷ ଛାତ୍ରୀଛାତ୍ରଙ୍କର ମେଡିକାଲ କଲେଜଗୁଡ଼ିକରେ ନାମ ଲେଖାଇବାରେ ବାଧା ଉପୁଜିବ ହେବ। ସେହିପରି ମେଡିକାଲ ପାଠ୍ୟକ୍ରମ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବା ସହ ଅଧିକାଂଶ ଛାତ୍ରୀଛାତ୍ରଙ୍କ ପାଇଁ ଏହା କ୍ଷତିକାରକ ସାବ୍ୟସ୍ତ ହେବ। ମାମଲାର ଶୁଣାଣି କରି ସିଜେଆଇ ଚନ୍ଦ୍ରଚୂଡ଼ କହିଛନ୍ତି, ଯେଉଁମାନେ ପରୀକ୍ଷା ତ୍ରୁଟିରୁ ଫାଇଦା ଉଠାଇଛନ୍ତି, ସେମାନଙ୍କୁ ଅନ୍ୟ ପ୍ରାର୍ଥୀଙ୍କ ଠାରୁ ଅଲଗା କରି ପୃଥକ୍ କରିବା ସମ୍ଭବ। ତେଣୁ ଆଗକୁ ଯାଇ ଯଦି କୌଣସି ପ୍ରାର୍ଥୀ ଜାଲିଆତି କରିଥିବା ନେଇ ପ୍ରମାଣ ମିଳିବ ତେବେ ତାଙ୍କର ଆଡ୍‌ମିଶନ ମଧ୍ୟ ରଦ୍ଦ କରାଯାଇପାରିବ।

ଅନ୍ୟପକ୍ଷରେ ପଦାର୍ଥ ବିଜ୍ଞାନ ପେପରରେ ଏକ ପ୍ରଶ୍ନରେ ୨ଟି ଉତ୍ତର ଠିକ୍ ଥିବା ନେଇ ଜଣେ ଛାତ୍ରଙ୍କ ପିଟିଶନ ଦାଖଲ ପରେ ସୋମବାର ଏନେଇ ମତାମତ ରଖିବାକୁ ସୁପ୍ରିମକୋର୍ଟ ଆଇଆଇଟି ଦିଲ୍ଲୀକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ପ୍ରଶ୍ନରେ ୨ ନମ୍ବର ଓ ୪ ନମ୍ବର ଅପ୍‌ସନ୍‌କୁ ବାଛିଥିବା ଛାତ୍ରୀଛାତ୍ରଙ୍କୁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ପୂରା ମାର୍କ ପ୍ରଦାନ କରାଯାଇଛି ବୋଲି ଛାତ୍ର ଜଣକ ନିଜ ଆବେଦନରେ ଦର୍ଶାଇଥିଲେ। ତେବେ ଉକ୍ତ ପ୍ରଶ୍ନର ୪ ନମ୍ବର ଅପ୍‌ସନ୍ ଠିକ୍ ଥିବା ନେଇ ମଙ୍ଗଳବାର ଆଇଆଇଟି ଦିଲ୍ଲୀ ସର୍ବୋଚ୍ଚ ଅଦାଲତଙ୍କୁ ରିପୋର୍ଟ ପ୍ରଦାନ କରିଛି। ସର୍ବୋଚ୍ଚ ଅଦାଲତ ଏହି ରିପୋର୍ଟକୁ ଗ୍ରହଣ କରିବା ସହ ସଂଶୋଧିତ ମେରିଟ୍ ଲିଷ୍ଟ ଜାରି କରିବାକୁ ଏନ୍‌ଟିଏକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏନ୍‌ଇଇଟି-ୟୁଜିର ପୁନଃ ପରୀକ୍ଷା ନ କରାଇବା ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିବା ସହ ଆସନ୍ତା ୨ ଦିନ ମଧ୍ୟରେ ଏନ୍‌ଟିଏ ପକ୍ଷରୁ ସଂଶୋଧିତ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ ବୋଲି ସୂଚନା ଦେଇଛନ୍ତି।

## ବଜେଟ ଉଚ୍ଚ ଅଭିବୃଦ୍ଧି, ...

କରିବ ଏବଂ ବିକଶିତ ଭାରତର ଦୃଢ଼ ମୂଳଦୁଆ ପକାଇବ। ବଜେଟରେ ଯୁବବର୍ଗ, ପଛୁଆ ବର୍ଗ, ମହିଳା ଓ ମଧ୍ୟବିତ୍ତ ଶ୍ରେଣୀ ସମେତ ଉତ୍ପାଦନ ଓ ଭିତ୍ତିଭୂମି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପ୍ରସ୍ତାବିତ ନିଯୁକ୍ତି ସମ୍ପର୍କିତ ପ୍ରୋତ୍ସାହନ ଯୋଜନା ବହୁ କୋଟି ନୂଆ ନିଯୁକ୍ତି ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଦୂରଦୃଷ୍ଟିସମ୍ପନ୍ନ ବଜେଟ ଆମ ସମାଜର ପ୍ରତ୍ୟେକ ସ୍ତରକୁ ଉନ୍ନତ ଓ ସଶକ୍ତ କରିବ ଏବଂ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ସୃଷ୍ଟି କରିବ। ନିଯୁକ୍ତି ଏବଂ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି କହିଛନ୍ତି। ବଜେଟର ପୂର୍ବୋଦୟ ଦୂରଦୃଷ୍ଟି ଜରିଆରେ ପୂର୍ବାଞ୍ଚଳ ନୂତନ ଗତି ଓ ଶକ୍ତି ପ୍ରାପ୍ତ ହେବ। ରାଜପଥ, ଜଳ ପ୍ରକଳ୍ପ ଏବଂ ଶକ୍ତି ପ୍ରୋଜେକ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶକୁ ଏହା ନୂଆ ପ୍ରୋତ୍ସାହନ ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଫମ୍ପା ପ୍ରତିଶ୍ରୁତିର ...

ବୋଲି କଂଗ୍ରେସ ନେତା କହିଛନ୍ତି। ସାଧାରଣ ଭାରତୀୟଙ୍କ ପାଇଁ ବଜେଟରେ କିଛି ନ ଥିବାବେଳେ ବନ୍ଧୁଙ୍କ ସନ୍ତୁଷ୍ଟୀ ତଥା ଏଏ (ଅମ୍ବାନୀ ଓ ଆଦାନୀଙ୍କ ଉଦ୍ଦେଶ୍ୟରେ)ଙ୍କ ଫାଇଦା ପାଇଁ ବ୍ୟବସ୍ଥା ହୋଇଛି। ବଜେଟରେ କାମ ଅପେକ୍ଷା ପ୍ରଚାରକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ରାହୁଲ କହିଛନ୍ତି। ଗଣ ବେରୋଜଗାରି ଏକ ଜାତୀୟ ସଙ୍କଟ, ଯାହାକୁ ସରକାର ନୀରବରେ ସ୍ୱୀକାର କରିବା ସହ ବଜେଟରେ ଏହାକୁ ରାଜନୈତିକ ବାଧ୍ୟବାଧକତାରେ ଲେଖାଯାଇଥିବା ବିରୋଧୀ ଦଳ ନେତା କହିଛନ୍ତି।

## ଓଡ଼ିଶା ପର୍ଯ୍ୟଟନ ...

କହିଛନ୍ତି। ସେ ତାଙ୍କ ଆକାଉଣ୍ଟରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ପର୍ଯ୍ୟଟନ କ୍ଷେତ୍ର ସମେତ ବନ୍ୟଜନ୍ତୁ, ସାମୁଦ୍ରିକ ସମ୍ପଦ ଏବଂ ମନ୍ଦିରର ବିକାଶ ଆଦି ଓଡ଼ିଶାର ଆର୍ଥିକ ବିକାଶରେ ବିଶେଷ ସହାୟକ ହେବ। ଓଡ଼ିଶା ପର୍ଯ୍ୟଟନ ଆକର୍ଷଣର କେନ୍ଦ୍ର ପାଲଟିବ ବୋଲି ସେ କହିଛନ୍ତି।

# ପ୍ରଧାନ, ସହକାରୀ ଶିକ୍ଷୟିତ୍ରୀ ନିଲମ୍ବିତ

## ଏକ୍ସପାଏରି ଔଷଧ ଖାଇ ପିଲା ଅସୁସ୍ଥ ଘଟଣା

- ବିଦ୍ୟାଳୟରୁ ହଜାରରୁ ଊର୍ଦ୍ଧ୍ୱ ଏକ୍ସପାଏରି ଔଷଧ ଜବତ
- ମଙ୍ଗଳବାର ବନ୍ଦ ରହିଲା ବିଦ୍ୟାଳୟ

ପାରାଦୀପ,୨୩।୭(ଶରତ ରାଉତ)

ପାରାଦୀପ ପୌରାଞ୍ଚଳର ଅଠରବାଙ୍କୀ ପାରାଦୀପ ପୌରାଞ୍ଚଳର ଅଠରବାଙ୍କୀ ଲକ୍‌ପଡା ସରକାରୀ ବିଦ୍ୟାଳୟରେ ଏକ୍ସପାଏରି ଔଷଧ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣାରେ ମଙ୍ଗଳବାର ବିଭାଗ ପକ୍ଷରୁ ଯାଞ୍ଚ ପରେ ୨ ଜଣ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମଲ, ସହକାରୀ ଶିକ୍ଷୟିତ୍ରୀ ଦିପ୍ତିକୁମାରୀ ସ୍ୱାଇଁ। ଏନେଇ କୁଜଙ୍ଗ ମଣ୍ଡଳ ଶିକ୍ଷାଧିକାରୀ(ବିଇଓ) ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି। ଯାଞ୍ଚ ବେଳେ ବିଦ୍ୟାଳୟ ମଧ୍ୟରୁ ଏକ୍ସପାଏରି ହୋଇଥିବା ହଜାରରୁ ଅଧିକ ଟାବ୍‌ଲେଟ୍ ଷ୍ଟ୍ରିପ ଶିକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜବତ କରାଯାଇଛି। ଏତେ ମାତ୍ରାରେ ପୁରୁଣା ଔଷଧ କିପରି ଷ୍ଟକ ରହିଛି ସେନେଇ ଦିନ ତମାମ ଖୋଳତାଡ କରାଯାଇଥିଲା। ଉକ୍ତ ଘଟଣାର ସବିଶେଷ ରିପୋର୍ଟ ଉପରିସ୍ଥ ଅଧିକାରୀମାନଙ୍କୁ ପଠାଯିବ ବୋଲି ଯାଞ୍ଚ ଅଧିକାରୀମାନେ କହିଛନ୍ତି। ପ୍ରାଥମିକ ରିପୋର୍ଟ ଆଧାରରେ ୨ଜଣ ଶିକ୍ଷୟିତ୍ରୀଙ୍କକ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଇଓ ମନୋଜ କୁମାର ବେହେରା କହିଛନ୍ତି। ସେହିପରି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଏଡିପିଏଚଓ)ଡାକ୍ତର ପ୍ରମୋଦ କୁମାର ବାରିକ କହିଛନ୍ତି,ଏହା ଉପରେ ମୂଳରୁ ଚୂଳ ଯାଏ ତଦନ୍ତ କରାଯିବ। ସେହି ଆଧାରରେ ପଦକ୍ଷେପ ନିଆଯିବ। ମଙ୍ଗଳବାର ଦିନ ତମାମ ଦୁଇ ବିଭାଗର ଅଧିକାରୀମାନେ ଯାଞ୍ଚ କରିଥିଲେ। ତେଣୁ ପାଠପଢ଼ା ବନ୍ଦ ରହିଥିଲା। ଅଧିକାରୀମାନେ ପ୍ରଥମେ ଔଷଧ ଖାଇଥିବା ୮୭ ଜଣ ପିଲାଙ୍କ ଘରକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସମସ୍ତ ପିଲାଙ୍କ ଅବସ୍ଥା ଭଲ ଥିବା ଡାକ୍ତରୀ ଟିମ୍ କହିଛି। ପରେ ସ୍ଥାନୀୟ ଅଭିଭାବକମାନଙ୍କ ଉପସ୍ଥିତିରେ ବିଦ୍ୟାଳୟ ଖୋଲା ଯାଇଥିଲା। ଆଲମାରୀ ଖୋଲିବା ପରେ ସେଥିରେ ଏକ୍ସପାଏରି ଔଷଧ ଥିବା ଟିମ୍ ଦେଖିଥିଲେ। ଏନେଇ ଶିକ୍ଷୟିତ୍ରୀମାନଙ୍କ ବୟାନ ରେକର୍ଡ କରାଯାଇଥିଲା। ଏ ସମ୍ପର୍କରେ ବିଇଓ ବେହେରା କୁହନ୍ତି, ଜୁନରେ ଔଷଧ ଷ୍ଟକ ନ ଥିଲା। ଜୁନ ୨ ରେ ଔଷଧ ଯୋଗାଣ କରାଯାଇଥିଲା ବୋଲି ଖାତାରେ ଉଲ୍ଲେଖ ଅଛି। କିନ୍ତୁ ୨ରୁ୩ ବର୍ଷ ତଳର ଔଷଧ ଆଲମାରୀ ଭିତରେ ଅଛି। ଦୁଇ ସପ୍ତାହ ପିଲାଙ୍କୁ ଔଷଧ ଦିଆଯାଇନାହିଁ। ଗତ ସୋମବାର ଔଷଧ ଦେଇଥିଲେ। ଦେବା ପୂର୍ବରୁ ଶିକ୍ଷୟିତ୍ରୀମାନେ ଆଗେ ତାରିଖ ଯାଞ୍ଚ କରି ନିଜେ ଖାଇବା ପରେ ପିଲାଙ୍କୁ ଦେବା କଥା। କିନ୍ତୁ ତାହା କରାଯାଇନାହିଁ। ସମସ୍ତ ଘଟଣା ଉପରେ ବିଭାଗ ପକ୍ଷରୁ କଠୋର ପଦକ୍ଷେପ ନିଆଯିବ ବୋଲି ବିଇଓ ବେହେରା କହିଛନ୍ତି। ଏଡିପିଏଚ୍‌ଓ ଡାକ୍ତର ବାରିକ କୁହନ୍ତି, ପାରାଦୀପର ସବୁ ବିଦ୍ୟାଳୟ ପାଇଁ ଚଳିତ ମାସ ଗତ୧୬ରେ ଔଷଧ ଯୋଗାଇ ଦିଆଯାଇଛି। ଏ ସମ୍ପର୍କରେ ନିଲମ୍ବିତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା କୁହନ୍ତି, ୨୪।୬।୨୦୨୪ରେ ଔଷଧ ରିସିଭ କରିଛୁ। ସିଆର୍‌ସିସି ସୁକାନ୍ତ ସ୍ୱାଇଁ କୁହନ୍ତି,ମାସେ ତଳେ ଔଷଧ ଦିଆଯାଇଛି। ଏମିତି କାହା କଥା ମଧ୍ୟରେ ତାଳମେଳ ନ ଥିଲା। ସେହିପରି ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପ୍ରସଙ୍ଗରେ ସୋମବାର ୧୧୫ ଥିବା କୁହାଯାଇଥିଲା। ମଙ୍ଗଳବାର ଯାଞ୍ଚ ବେଳେ ରେକର୍ଡରେ ୯୮ଜଣ ଛାତ୍ରୀଛାତ୍ରଙ୍କ ନାମ ରହିଥିବା ଜଣାପଡ଼ିଛି।

# ହାତୀ ଭୟରେ ଆଜବେଷ୍ଟସ ଉପରେ ଶୋଇଲେ



କୋହ୍ଲ ସାହିରେ ହାତୀ ଭୟରେ ଲୋକେ ଆଜବେଷ୍ଟସ ଉପରେ ଶୋଇଛନ୍ତି।

## ବଣାଇଁରେ ହାତୀ ଆତଙ୍କ

ବଣାଇଁ,୨୩।୭( ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ସହରର ଆଖପାଖ ଅଞ୍ଚଳରେ ଗତ ୩ ମାସ ଧରି ଗୋଠଛଡ଼ା ଦନ୍ତା ଆତଙ୍କ ଖେଳାଇଛି। ହାତୀ ଘଉଡାଇବାକୁ ଅଞ୍ଚଳବାସୀ ଚେଷ୍ଟା କରୁଥିଲେ ମଧ୍ୟ କିଛି ସୁଫଳ ହେଉନାହିଁ। ରାତି ହେଲେ ନିକଟ ଜଙ୍ଗଲରୁ ବାହାରି ବଣାଇଁ ବନାଞ୍ଚଳର ବିଭିନ୍ନ ଗାଁରେ ବୁଲି ଘର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି କରୁଛି। ଏହି କ୍ରମରେ ସୋମବାର ରାତିରେ ଦନ୍ତା କୋହ୍ଲା ସାହିରେ ପଶି ଶୀତଲ ମୁଣ୍ଡାଙ୍କ ଘର ଭାଙ୍ଗୁଥିଲା। ପରିବାର ଲୋକେ ଏହା ଜାଣିପାରି ଦୌଡି ପଳାଇଥିଲେ। ଉକ୍ତ ସାହିର ଲୋକେ ହାତୀ ଭୟରେ ଘର ଛାତ ଉପରେ ଶୋଇଥିଲେ। ସେହିପରି ଶୁଣ୍ଠିକୋଣ ସାହିର ଯଶୋଦା ବାରିକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି ହାତୀ। ସେମାନେ ମଧ୍ୟ ଜୀବନ ବିକଳରେ ଘରର ଝରକା ବାଟେ ବାହାରକୁ ଚାଲି ଆସିଥିଲେ। ବର୍ତ୍ତମାନ ବର୍ଷାଦିନ ହୋଇଥିବାରୁ ଘର ଭାଙ୍ଗି ଯାଇଥିବାରୁ ସେମାନେ ଅସହାୟ ଅବସ୍ଥାରେ ପଡି ରହିଛନ୍ତି। ତେବେ ଉକ୍ତ ୨ଟି ସାହିର ପରିବାର ବର୍ଗଙ୍କୁ କ୍ଷତି ପୂରଣ ପାଇଁ ବଣାଇଁ ବାସୀ ଦାବି କରିଛନ୍ତି। ବନବିଭାଗ ଏହାର ପ୍ରତିକାର କ୍ଷେତ୍ରରେ ବିଫଳ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ବିଷାକ୍ତ ଛତୁ ଖାଇ ୮ ଅସୁସ୍ଥ



ଡାକ୍ତରଖାନାରେ ଚିକିତ୍ସାଧୀନ ଶିଶୁମାନେ।

ରାମଚନ୍ଦ୍ରପୁର,୨୩।୭(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଙ୍ଗାରୁଆ ପଞ୍ଚାୟତ ଅଧୀନ ହାତିମରା ଗ୍ରାମରେ ମଙ୍ଗଳବାର ବିଷାକ୍ତ ଛତୁ ଖାଇ ୨ ପରିବାରର ୮ ଜଣ ଅସୁସ୍ଥ ହୋଇଛନ୍ତି। ସମସ୍ତଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅସୁସ୍ଥଙ୍କ ମଧ୍ୟରେ ୬ ଜଣ ଶିଶୁଥିବା ଜଣାପଡ଼ିଛି। ଅସୁସ୍ଥମାନେ ହେଲେ ଧୂଳି ମାଝୀ(୨୫), ମାଳ ମାଝୀ(୪୦), ଛୋଟରାଏ ମୁର୍ମୁ (୫), ଡୁମୁନ ମୁର୍ମୁ (୩), ସୋନାଲୀ ମୁର୍ମୁ (୭), ପ୍ରଦୀପ ମାଝୀ (୧୦), ଦସମଥା ମାଝୀ(୪), ସତ୍ୟରାମ ମାଝୀ(୭)। ସୂଚନା ଅନୁଯାୟୀ, ଗ୍ରାମର ଧୂଳି ଓ ମାଳଙ୍କ ପରିବାର ସ୍ଥାନୀୟ ବରାଙ୍ଗ ଜଙ୍ଗଲରୁ ଛତୁ ସଂଗ୍ରହ କରି ଆଣି ତରକାରି କରି ଖାଇଥିଲେ। ଅପରାହ୍ନରେ ୨ ପରିବାରର ଛତୁ ଖାଇଥିବା ସମସ୍ତ ସଦସ୍ୟଙ୍କ ଝାଡ଼ାବାନ୍ତି ହୋଇଥିଲା। ତୁରନ୍ତ ସମସ୍ତଙ୍କୁ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି। ଚିକିତ୍ସା କରିଥିବା ଡାକ୍ତର ବିଜୟନ ନାୟକ କହିଛନ୍ତି, ସମସ୍ତେ ଜଙ୍ଗଲୀ ଛତୁ ଖାଇଥିଲେ। ଖାଦ୍ୟ ବିଷାକ୍ତ ହୋଇଯାଇଥିବାରୁ ସମସ୍ତଙ୍କର ଝାଡ଼ାବାନ୍ତି ହୋଇଥିଲା। ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ସେ କହିଥିଲେ।

# ଅଭିନେତ୍ରୀ ବର୍ଷାଙ୍କୁ ନିର୍ଯାତନା ମାମଲା: ଆଉ ଥରେ ବଡ଼ ଭଉଣୀ ବନାନୀଙ୍କୁ ଜେରା

କଟକ,୨୩।୭ (କାର୍ତ୍ତିକ ସାହୁ)

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେବା ମାମଲାର କଟକ ଜେଏମ୍‌ଏଫ୍‌ସି ଏମ୍‌ପି/ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟରେ ମଙ୍ଗଳବାର ଶୁଣାଣି ହୋଇଛି। ପ୍ରତିପକ୍ଷ ଅନୁଭବ ମହାନ୍ତିଙ୍କ ପକ୍ଷରୁ ଓକିଲ ବର୍ଷାଙ୍କ ବଡ଼ ଭଉଣୀ ବନାନୀ ଦଳାଇଙ୍କୁ ଜେରା କରିଥିଲେ। କେତୋଟି ପ୍ରସଙ୍ଗରେ ଜେରା କରାଯିବା ପରେ ଅନୁଭବଙ୍କ ଓକିଲ ପରବର୍ତ୍ତୀ ଶୁଣାଣିରେ ବନାନୀଙ୍କୁ ଜେରା ନିମନ୍ତେ ଅଦାଲତଙ୍କୁ ନିବେଦନ କରିଥିଲେ। ଅଦାଲତ ଏହାକୁ ମଞ୍ଜୁର କରିଛନ୍ତି। ଆସନ୍ତା ଅଗଷ୍ଟ ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ଅଭିନେତା ତଥା ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତିଙ୍କ ବିରୋଧରେ ବର୍ଷା ପୁରୀଘାଟ ଥାନାରେ ୨୦୨୦ରେ ଏକ ନିର୍ଯାତନା ମାମଲା ରୁଜୁ କରିଥିଲେ। ଅନୁଭବ ତାଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁ ମଧ୍ୟ ବର୍ଷାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଇଥିଲେ। ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ୍ ଦାଏର କରିଥିଲେ। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ ପାଇଁ ଯୁକ୍ତି ରଖାଯାଇଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବ କରିଥିବା ଆବେଦନକୁ ଗତ ମେ' ୮ରେ ଖାରଜ କରିଦେଇଥିଲେ। ଏଥିସହ ମେ' ୧୦ରେ ଚାର୍ଜଫ୍ରେମ ତଥା ସେହିଦିନ ଅନୁଭବଙ୍କୁ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅନୁଭବ କୋର୍ଟରେ ହାଜର ନ ହୋଇ ସମୟ ଗଡ଼ାଇବାରୁ ତାଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ଜାରି ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଆବେଦନର ଶୁଣାଣି କରି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ଅନୁଭବଙ୍କୁ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହେବା ପାଇଁ ହାଇକୋର୍ଟ ଆଦେଶ ଦେଇଥିଲେ। ଏନ୍‌ବିଡବ୍ଲ୍ୟୁ ମାମଲାରେ ଅନୁଭବ ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଥିଲେ। ଅନୁଭବ ହାଜର ହେବା ପରେ ତାଙ୍କ ନାମରେ ଓ ତାଙ୍କ ଦୁଇ ସହଯୋଗୀଙ୍କ ନାମରେ ଚାର୍ଜଫ୍ରେମ ହୋଇଥିଲା। ଗତ ୧୯ ତାରିଖରେ ମାମଲାର ସାକ୍ଷ୍ୟ ଗ୍ରହଣ ପ୍ରଥମ କରି ଆରମ୍ଭ ହୋଇଥିଲା। ପ୍ରଥମ ସାକ୍ଷୀ ଭାବେ ବନାନୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମାତ୍ର ସମୟ ଅଭାବରୁ ତାଙ୍କୁ ଜେରା କରାଯାଇପାରି ନ ଥିଲା। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଅଫ୍‌ଜ ଅହମଦ ମାମଲା ପରିଚାଳନା କରୁଛନ୍ତି।

# ଭିଜିଲାନ୍ସ ଜାଲରେ ସୁସୁବା ସରପଞ୍ଚ, ତାଙ୍କ ସ୍ୱାମୀ



କଣିହାଁ, ୨୩।୭ (ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ସୁସୁବା ପଞ୍ଚାୟତର ସରପଞ୍ଚ ମାମାଲି ସାମଲ ଓ ତାଙ୍କ ସ୍ୱାମୀ ଶିଶିର ସାମଲ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଜଣେ ହିତାଧିକାରୀଙ୍କ ଲକ୍ଷାଧିକ ଟଙ୍କାର ବିଲ୍ ପାସ୍ କରାଇଦେବାକୁ ସରପଞ୍ଚ ଓ ତାଙ୍କ ସ୍ୱାମୀ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କଟକ ଓ ଅନୁଗୋଳ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି।

ସୂଚନା ଅନୁଯାୟୀ, ସୁସୁବା ପଞ୍ଚାୟତ ଗେଙ୍ଗୁଟିଆ ଗ୍ରାମର ପଦ୍ମଚରଣ ପ୍ରଧାନ କୃଷିଭିତ୍ତିକ ଯୋଜନାରେ ଏକ ପୋଖରୀ ଖୋଳିଥିଲେ। ସେ ପ୍ରଥମେ ୬୦ ହଜାର ଟଙ୍କା ପାଇସାରିଥିଲେ। ଅବଶିଷ୍ଟ ୧ ଲକ୍ଷ ୧୮ ହଜାର ଟଙ୍କାର ବିଲ୍ ପାଇବାକୁ ଥିବାବେଳେ ସରପଞ୍ଚ ଏଥିପାଇଁ ତାଙ୍କୁ ୫୦ ହଜାର ଟଙ୍କାର ଲାଞ୍ଚ ମାଗିଥିଲେ। ତେବେ ୨୦ ହଜାର ଟଙ୍କା ଦେବାକୁ ହିତାଧିକାରୀ ପ୍ରଧାନ ରାଜି ହେବା ସହ ଏ ନେଇ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସରପଞ୍ଚ ଓ ତାଙ୍କ ସ୍ୱାମୀ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀ ପ୍ରଧାନଙ୍କ ଠାରୁ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଉଭୟଙ୍କୁ ଧରିବା ସହ ତାଙ୍କ ଠାରୁ ଟଙ୍କା ଜବତ କରିଥିଲେ। ଏଥିସହ ପଞ୍ଚାୟତ ଅଫିସ ଓ ସରପଞ୍ଚଙ୍କ ବାସଭବନରେ ଚଢ଼ାଉ କରିଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ ନଂ. ୧୮/୨୪ ୟୁ /ଏସ ୦୭/୧୨ ସଂଶୋଧନ ଅଧିନିୟମ ଅନୁଯାୟୀ ମାମଲା ରୁଜୁ କରାଯାଇ ସରପଞ୍ଚ ମାମାଲି ଓ ତାଙ୍କ ସ୍ୱାମୀ ଶିଶିରଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।



"ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। -ଶ୍ରୀଅରବିନ୍ଦ

# ବଜେଟ ୨୦୨୪

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ କରିଛନ୍ତି। ଏହା ତାଙ୍କର ସପ୍ତମ ବଜେଟ। ଏହି ବଜେଟରେ କୃଷି, ଶିଳ୍ପ ଓ ରୋଜଗାର ଦକ୍ଷତା ବିକାଶ ଉପରେ ବିଶେଷ ଧ୍ୟାନ ଦିଆଯାଇଥିବା ଅର୍ଥମନ୍ତ୍ରୀ ସୀତାରାମନ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହଛନ୍ତି ଯେ, ଏହି ବଜେଟ ବିକାଶକୁ ନୂତନ ସ୍ତରକୁ ନେଇଯିବ। ଯୁବକମାନେ ଅନେକ ସୁଯୋଗ ପାଇବେ। ଦେଖିବାକୁ ଗଲେ ୨୦୨୪-୨୫ ବଜେଟ ମୋଦିଙ୍କର ଏକାଦଶ ବଜେଟ। ଅବଶ୍ୟ ଏହା ପୂର୍ବର ୧୦ଟି ବଜେଟ ଥିଲା ମୋଦିଙ୍କ ନେତୃତ୍ୱାଧୀନ କେବଳ ଭାଜପାର ନିଜସ୍ୱ ବଜେଟ। ଏକ ଦଶନ୍ଧି ବ୍ୟାପୀ ଜଣେ ବ୍ୟକ୍ତିଙ୍କ ମନଇଚ୍ଛାରେ ଅର୍ଥନୀତି ଚାଲିବା ପରେ ଯେଉଁ ବିଫଳତା ୨୦୨୪ ନିର୍ବାଚନରେ ଭୋଗିବାକୁ ପଡ଼ିଲା, ତାହା ଭାଜପାର ବୁଦ୍ଧି ହଜାଇ ଦେଇଥିବା ଭଳି ମନେହେଉଛି। ଯାହାଫଳରେ ମୋଦି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବା ସତ୍ତ୍ୱେ ଏହି ୨୦୨୪ ବଜେଟ ସ୍ପଷ୍ଟ ଜଣାଇଦେଉଛି ଯେ, ଏଥର ମୋଦିଙ୍କ ପରିବର୍ତ୍ତେ ଏକ ମିଳିତ ସରକାରର ବଜେଟ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଇଚ୍ଛା ପରିବର୍ତ୍ତେ ଏହି ବଜେଟରେ ଆନ୍ଧ୍ରର ଚନ୍ଦ୍ରବାବୁ ନାଇଡୁ ଏବଂ ବିହାରର ନୀତୀଶ କୁମାରଙ୍କ ରାଜନୈତିକ ଇଚ୍ଛାର ପ୍ରତିଫଳନ ଘଟିଛି। ବଜେଟ ପଠନର ପ୍ରଥମ ପ୍ରାୟ ୨୫ ମିନିଟ୍ ପର୍ଯ୍ୟନ୍ତ ଅର୍ଥମନ୍ତ୍ରୀ ସୀତାରାମନ କେବଳ ଆନ୍ଧ୍ର ଏବଂ ବିହାର ସମ୍ପର୍କରେ କହିଚାଲିଲେ। ଏହା ଉଲ୍ଲେଖ କରିବା ଅନିବାର୍ଯ୍ୟ ଯେ ସିଧାସଳଖ ଏହି ଦୁଇ ରାଜ୍ୟକୁ ଯଚାଯାଇଥିବା ଅନେକ ଲକ୍ଷ କୋଟି ସାହାଯ୍ୟ ବ୍ୟତୀତ ଲୁକ୍କାୟିତ ଭାବେ ମଧ୍ୟ ବିପୁଳ ଅର୍ଥ ଖର୍ଚ୍ଚ କରାଯିବାର ବ୍ୟବସ୍ଥା କରାଯାଇଛି। ଉଦାହରଣ ସ୍ୱରୂପ, ଆନ୍ଧ୍ର ଏବଂ ଓଡ଼ିଶା ସୀମାନ୍ତରେ ଥିବା ପୋଲାଭରମ୍ ଜଳସେଚନ ପ୍ରକଳ୍ପକୁ ପୁନର୍ଜୀବିତ କରିବାର ପ୍ରତିଶ୍ରୁତି ଦିଆଯାଇଛି। ଏଥିପାଇଁ ପୂର୍ବରୁ ଚନ୍ଦ୍ରବାବୁ ନାଇଡୁ ସ୍ପଷ୍ଟ ଭାବେ ୧୨,୦୦୦ କୋଟି ଟଙ୍କା ମାଗିଥିଲେ। ସେହି ଅଙ୍କକୁ ଉଲ୍ଲେଖ କରି ସମ୍ପୂର୍ଣ୍ଣ ପ୍ରକଳ୍ପକୁ ପୁନର୍ଜୀବିତ କରିବା ଅର୍ଥ ହେଉଛି ସେଥିରେ ଦାବି କରାଯାଇଥିବା ଅର୍ଥଠାରୁ ଯଥେଷ୍ଟ ଅଧିକ ଖର୍ଚ୍ଚ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ଉଭୟ ରାଜ୍ୟ ଆନ୍ଧ୍ର ଓ ବିହାରର ଜନସଂଖ୍ୟାକୁ ମିଶାଇଲେ ଦେଶର ପ୍ରାୟ ୧୫ ପ୍ରତିଶତ ହେବ। କିନ୍ତୁ ତାଙ୍କୁ ଦିଆଯାଇଥିବା ବଜେଟ ପ୍ରସ୍ତାବରେ ଅର୍ଥ ସମ୍ପୂର୍ଣ୍ଣ ଭାବେ ଏକ ଭିନ୍ନ ଚିତ୍ର ଦର୍ଶାଉଛି। ସେଥିରୁ ବୁଝାପଡୁଛି ଯେ ଏହା ଏକ ରାଜନୈତିକ ବଜେଟ, ଯାହାର ଉଦ୍ଦେଶ୍ୟ ସୀମିତ ହେଉଛି କେବଳ ମୋଦି ସରକାରକୁ ବଞ୍ଚାଇ ରଖିବା।

> **ସରକାରୀ ସ୍ତରରେ ଘୋଷଣା କରାଯାଇଛି ଯେ ଲକ୍ଷାଧିକ ସଂଖ୍ୟାରେ ଯୁବପିଢ଼ିଙ୍କୁ ଆସନ୍ତା ୫ ବର୍ଷ ମଧ୍ୟରେ ବିଭିନ୍ନ ଘରୋଇ କମ୍ପାନୀ ଦ୍ୱାରା ପ୍ରଶିକ୍ଷିତ କରାଯିବ। ସେଥିପାଇଁ ଭବିଷ୍ୟନିଧି ଅର୍ଥକୁ ପ୍ରାରମ୍ଭିକ ସ୍ତରରେ ସରକାର ବହନ କରିବେ ବୋଲି ଘୋଷଣା କରିଛନ୍ତି। ଏଭଳି ଅର୍ଥ କେଉଁ ଭାବେ ଯୁବକମାନଙ୍କ ପାଖରେ ପହଞ୍ଚିବ ତାହା ଅସ୍ପଷ୍ଟ ରହିଛି। ଏହା ବ୍ୟତୀତ ସ୍ଥାୟୀ ଚାକିରି ପାଇବା ପୂର୍ବରୁ ଭବିଷ୍ୟନିଧି କାହିଁକି ଦିଆଯିବ ତାହା ମଧ୍ୟ ଅଜଣା।**

ନିର୍ବାଚନ ଫଳାଫଳ ଭାଜପାକୁ ଦର୍ଶାଇଲା ଭଳି ମନେହେଉଛି ଯେ, ଭାରତର ଯୁବପିଢ଼ି ସରକାରର ନୀତି ସହିତ ସନ୍ତୁଷ୍ଟ ନୁହେଁ। ବେକାରି ପରିସ୍ଥିତି ଭୟାବହ ହୋଇ ପଡ଼ିଥିବାରୁ ଯୁବପିଢ଼ି ସମ୍ପୂର୍ଣ୍ଣ ଭାବେ ଭାଜପାଠାରୁ ଦୂରେଇଯାଇଛି। ସେଥିପାଇଁ କୌଣସି ଧାର୍ମିକ ଧ୍ୱନି ନିର୍ବାଚନରେ ସଫଳତା ଦେଇପାରିଲା ନାହିଁ। ତେଣୁ ସରକାରୀ ସ୍ତରରେ ଘୋଷଣା କରାଯାଇଛି ଯେ ଲକ୍ଷାଧିକ ସଂଖ୍ୟାରେ ଯୁବପିଢ଼ିଙ୍କୁ ଆସନ୍ତା ୫ ବର୍ଷ ମଧ୍ୟରେ ବିଭିନ୍ନ ଘରୋଇ କମ୍ପାନୀ ଦ୍ୱାରା ପ୍ରଶିକ୍ଷିତ କରାଯିବ। ସେଥିପାଇଁ ଭବିଷ୍ୟନିଧି ଅର୍ଥକୁ ପ୍ରାରମ୍ଭିକ ସ୍ତରରେ ସରକାର ବହନ କରିବେ ବୋଲି ଘୋଷଣା କରିଛନ୍ତି। ଏଭଳି ଅର୍ଥ କେଉଁ ଭାବେ ଯୁବକମାନଙ୍କ ପାଖରେ ପହଞ୍ଚିବ ତାହା ଅସ୍ପଷ୍ଟ ରହିଛି। ଏହା ବ୍ୟତୀତ ସ୍ଥାୟୀ ଚାକିରି ପାଇବା ପୂର୍ବରୁ ଭବିଷ୍ୟନିଧି କାହିଁକି ଦିଆଯିବ ମଧ୍ୟ ଅଜଣା। ଏହା ଅନ୍ୟ ରୂପରେ ଅଗ୍ନିବୀର ଭଳି ବିଫଳ କାର୍ଯ୍ୟକ୍ରମ ଭାବେ ପ୍ରତିଫଳିତ ହୋଇପାରେ। ଅନ୍ୟପଟେ ସରକାରୀ ସମର୍ଥନ ବିନା ଘରୋଇ କମ୍ପାନୀଗୁଡ଼ିକ କେତେ ଯୁବକଙ୍କୁ କୁଶଳୀ କରିପାରିବେ ତାହା ମଧ୍ୟ କୌଣସି ଜାଗାରେ ସ୍ପଷ୍ଟ କରାଯାଇନାହିଁ।

ଗ୍ରାମାଞ୍ଚଳରେ ହେଉଥିବା ମନରେଗା କାର୍ଯ୍ୟକ୍ରମ ସମ୍ପର୍କରେ ଅର୍ଥମନ୍ତ୍ରୀ ସୀତାରାମନ ତାଙ୍କ ଭାଷଣରେ ଆଦୌ ଉଲ୍ଲେଖ କରିନାହାନ୍ତି। କୃଷି ପାଇଁ ମଧ୍ୟ କୌଣସି ଉଲ୍ଲେଖନୀୟ ଯୋଜନାର ଘୋଷଣା କରାଯାଇନାହିଁ। ଏହିସବୁ ପ୍ରତିଶ୍ରୁତି ଏବଂ ସଂଖ୍ୟା ମଧ୍ୟରେ ଓଡ଼ିଶାର ସ୍ଥାନ ଜଣାପଡ଼ିନାହିଁ। କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପର ଉନ୍ନତି ସହ ଓଡ଼ିଶାର ଭିତ୍ତିଭୂମି ପ୍ରଗତି ପାଇଁ ୨୦୨୪ ବଜେଟରେ କୌଣସି ବିଶେଷ ଉଲ୍ଲେଖ ନାହିଁ। ଆସନ୍ତା ୫ ବର୍ଷ ଯଦି ଏହିଭଳି ପରିସ୍ଥିତି ଲାଗିରହେ, ତେବେ ବିପୁଳ ସମର୍ଥନ ଦେଇ ଭାଜପାକୁ ଜିତାଇଥିବା ଓଡ଼ିଆ ଭୋଟର ନିରାଶ ହେବାର ସମ୍ଭାବନା ଏବେ ଦେଖାଯାଉଛି।

# ନିର୍ବାଚନ ପରେ ଦରବୃଦ୍ଧି



କିଶୋର ଜେନା

ପୂର୍ବରୁ ଜିନିଷପତ୍ରର ଆକାଶଛୁଆଁ ମୂଲ୍ୟବୃଦ୍ଧିରେ ସାଧାରଣ ଜନତା ହନ୍ତସନ୍ତ ହୋଇପଡ଼ିଥିଲେ। କିନ୍ତୁ ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ପରେ ତୃତୀୟ ଏନ୍‌ଡିଏ ସରକାର ଆସିବା ପରଠାରୁ ନିତ୍ୟ ପ୍ରୟୋଜନୀୟ ଦ୍ରବ୍ୟ, ବିଶେଷକରି ଖାଦ୍ୟଦ୍ରବ୍ୟର ଦରଦାମ ବଢ଼ିଚାଲିଛି। ଚାଉଳ, ଅଟା, ଡାଲି, ପନିପରିବା, ଏପରିକି ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ମୂଲ୍ୟ ମଧ୍ୟ ବଢ଼ିଗଲା। ନିର୍ବାଚନ ସହ ଦରବୃଦ୍ଧିର ସିଧାସଳଖ ଯୋଗାଯୋଗ ନ ଥିଲେ ମଧ୍ୟ ନିର୍ବାଚନର ପ୍ରାକ୍‌କାଳରେ ମୂଲ୍ୟ ବୃଦ୍ଧି ନେଇ ଲୋକଙ୍କ ମନରେ ପ୍ରଶ୍ନ ଥିଲା ଏବଂ ଦେଶବାସୀ ଏଥିରୁ ନିସ୍ତାର ପାଇବାକୁ ଚାହିଁଥିଲେ। ଭାଜପାର ଯାତ୍ରା ପ୍ରତିହତ ହେବାର ବିଭିନ୍ନ କାରଣ ମଧ୍ୟରୁ ଏହା ମଧ୍ୟ ଏକ ବଡ଼ କାରଣ। ଆମ ଦେଶରେ ବର୍ତ୍ତମାନ ଦରବୃଦ୍ଧି ବିଶେଷକରି ଖାଦ୍ୟର ମୂଲ୍ୟ ଅସହଣୀୟ। ଭୁଲିଗଲେ ଚଳିବ ନାହିଁ, ବର୍ଷ ପରେ ବର୍ଷ ଆମ ଦେଶ ବିଶ୍ୱ କ୍ଷୁଧା ସୂଚକାଙ୍କରେ ପଛକୁ ପଛ ଯିବାରେ ଲାଗିଛି ଯାହା ଏବେ ୧୨୬ରେ। ଏ ସମ୍ପର୍କରେ କୌଣସି ଦିନ କେନ୍ଦ୍ର ସରକାରଙ୍କ ଚିନ୍ତା ନାହିଁ। ସବୁ ସମୟରେ ଦେଖାଯାଇଛି ପାଇକାରୀ ମୂଲ୍ୟ ସୂଚକାଙ୍କଠାରୁ ଖୁଚୁରା ମୂଲ୍ୟ ସୂଚକାଙ୍କ ଅନେକ ବେଶି ରହିଥାଏ। ଏଥର ମଧ୍ୟ ତାହା ହିଁ ହୋଇଛି। ଦେଶର ଲୋକଙ୍କ ବ୍ୟବହାରର ଦ୍ରବ୍ୟ କିଣିବାକୁ ପ୍ରୟୋଜନ ଖୁଚୁରା ମୂଲ୍ୟ ସୂଚକ। ଏକ ଥାଳି ଭାତ, ଡାଲି ଓ ପରିବା, ମାଛ ବା ଅଣ୍ଡା କିଣିବା କଠିନ ହୋଇପଡ଼ିଛି ଏବେ ସାଧାରଣ ଲୋକଙ୍କ ପାଇଁ।

ନିର୍ବାଚନ ସହ ସମ୍ପର୍କ ଗୋଟିଏ ସମ୍ଭବ। ତାହାହେଲା ଭୋଟ ପୂର୍ବରୁ ଶାସକ ଦଳଗୁଡ଼ିକର କିଛି ନିଷେଧାଜ୍ଞା ଥିଲା ଏହି ଖାଦ୍ୟଦ୍ରବ୍ୟର ମୂଲ୍ୟ ବୃଦ୍ଧି ଉପରେ। ନିର୍ବାଚନ ଫଳ ବାହାରିବା ପରେ ପ୍ରାୟ ଲଗାମଛଡ଼ା ହୋଇପଡ଼ିଛନ୍ତି ଅସାଧୁ ବ୍ୟବସାୟୀମାନେ, ବିଶେଷକରି ଚାଉଳ, ଅଟା, ଖାଇବା ତେଲ ଇତ୍ୟାଦିର ଏକଚାଟିଆ ବ୍ୟବସାୟ କରୁଥିବା ଆଦାନୀ, ଅମ୍ବାନୀ ପ୍ରମୁଖ କର୍ପୋରେଟ ଗୋଷ୍ଠୀ। ଆଉ ମଧ୍ୟ ଦେଶର ଗଣ ବଣ୍ଟନ ବ୍ୟବସ୍ଥା ଏବଂ କୃଷକଙ୍କଠାରୁ ପଣ୍ୟ ସଂଗ୍ରହ ବ୍ୟବସ୍ଥା ପ୍ରାୟ ଭାଙ୍ଗିପଡ଼ିଛି ଗତ ୧୦ ବର୍ଷରେ। ଦେଶରେ ବେସରକାରୀ ବିନିଯୋଗ ଓ କର୍ମସଂସ୍ଥାନ କମିଛି। ପାରିବାରିକ ଆୟ ଓ ସଞ୍ଚୟ କମିଛି। ଲୋକଙ୍କ ହାତରେ ଟଙ୍କା ନାହିଁ। ସେହି ଅଭାବ ସିଧାସଳଖ ବ୍ୟାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପକୁ ଟଙ୍କା ପଠାଇ ପୂରଣ କରାଯାଇ ପାରେନାହିଁ। ଖୋଲା ବଜାରରେ ଗହମ ମୂଲ୍ୟ ୭ ପ୍ରତିଶତ ହାରରେ ଓ ଚାଉଳ ମୂଲ୍ୟ ୧୧ ପ୍ରତିଶତ ହାରରେ ବଢ଼ିଛି। ଡାଲି ମୂଲ୍ୟ ୩୦ ପ୍ରତିଶତ ଓ ଖାଇବା ତେଲର ମୂଲ୍ୟ ୨୦ ପ୍ରତିଶତ ବଢ଼ିଛି ଏବଂ ଆହୁରି ବଢ଼ିବ ବୋଲି ଶୁଣାଯାଉଛି। କୃଷିରୁ ସଂଗ୍ରହ କମାଇ ଦେଇଛି ସରକାର। ଏହାଫଳରେ ଖାଦ୍ୟ ନିଗମରେ ଖାଦ୍ୟଦ୍ରବ୍ୟର ସଞ୍ଚୟ କମିଛି।



ଫଳରେ ଖାଦ୍ୟଦ୍ରବ୍ୟର ମୂଲ୍ୟ ବଢ଼ିଛି। ଏଣୁ ଏକ ଧାରାବାହିକ ପ୍ରକ୍ରିୟାରେ ଖାଦ୍ୟଦ୍ରବ୍ୟର ମୂଲ୍ୟ ବଢ଼ିବାରେ ଲାଗିଛି। ଏହା ଆମର ଅର୍ଥନୀତିକୁ ତ ମଜଭୁତ କରି ନାହିଁ, ଓଲଟି ଭାଙ୍ଗିଦେଇଛି। ଏହି ନୀତି ସହ ଖାଦ୍ୟଦ୍ରବ୍ୟର ଖୁଚୁରା ବିକ୍ରି ଏବଂ ବଣ୍ଟନ ଧୀରେ ଧୀରେ ଚାଲିଯାଇଛି ମୁଷ୍ଟିମେୟ କର୍ପୋରେଟ ପୁଞ୍ଜିପତି ଅର୍ଥାତ୍ ଅମ୍ବାନୀ, ଆଦାନୀ ଓ ଅନ୍ୟ ବଡ଼ ବଡ଼ ପୁଞ୍ଜିପତିମାନଙ୍କ ହାତକୁ ବିଭିନ୍ନ ରିଟେଲ ଚେନ୍ ମାଧ୍ୟମରେ। ପ୍ରଚଣ୍ଡ ଗରମ ବା ଏଲ୍ ନିନୋ ପ୍ରଭାବରେ ଫସଲ ଅମଳ ଆକ୍ରାନ୍ତ ହୋଇଛି। କିନ୍ତୁ ପ୍ରଚଣ୍ଡ ଗରମ ହେବା ପୂର୍ବରୁ ଆମ ଦେଶରେ ଫସଲ ଅମଳ ବେଶ୍ ଭଲ ହୋଇଥିଲା। ଡାଲିର ଉତ୍ପାଦନ ଅନ୍ୟ ବର୍ଷ ତୁଳନାରେ ବେଶି ହୋଇଥିଲା। ସରକାର କୃଷକଙ୍କର ସର୍ବନିମ୍ନ ସହାୟକ ମୂଲ୍ୟରେ ଉତ୍ପାଦିତ ଫସଲ କିଣିନାହାନ୍ତି କୃଷକଙ୍କ ପାଖରୁ। ଖରିଫ ଶସ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ଚାଲୁହେବା କେବଳ ଭାଷଣ ମଧ୍ୟରେ ରହିଛି। ପ୍ରତ୍ୟେକ ଶସ୍ୟର ଉତ୍ପାଦନ କ୍ଷେତ୍ରରେ ଚାଷୀ କ୍ଷତି ସହୁଛି। ପ୍ରତି କୁଇଣ୍ଟାଲ ଧାନରେ କ୍ଷତିର ପରିମାଣ ୭୨୧ଟଙ୍କା, ଜୁଆରରେ ୨୦୬୬, ବାଜରାରେ ୨୭୯ ଟଙ୍କା, ସୋୟାବିନ୍‌ରେ ୧୬୧୧ ଟଙ୍କା। ଏହି ତଥ୍ୟ ଦେବାର କାରଣ ଏହା ଯେ, ସରକାର ଚାଷୀଙ୍କୁ ଅଭାବୀ ବିକ୍ରି କରିବାକୁ ବାଧ୍ୟ କରୁଛି। କମ୍ ମୂଲ୍ୟରେ ଫସଲ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି କୃଷକମାନେ। ବିକ୍ରି ନ ହେଲେ ପନିପରିବା ରାସ୍ତାରେ ଫୋପାଡ଼ି ଦେବାର ଅନେକ ଉଦାହରଣ ଆମ ରାଜ୍ୟରେ ଏବେ ଅଛି।

ତା'ହେଲେ ଫସଲର ଯୋଗାଣ ସମସ୍ୟା ନାହିଁ, କୃଷକ ମୂଲ୍ୟ ପାଉନାହିଁ। ଗାଁ ସହରରେ ଯିଏ ଖାଦ୍ୟଶସ୍ୟ କିଣୁଛି, ଚଢ଼ାଦରରେ କିଣୁଛି। କ୍ରେତା ବିକ୍ରେତା କେହି ମୂଲ୍ୟ ପାଉନାହାନ୍ତି। ଖାଦ୍ୟଦ୍ରବ୍ୟର ମୂଲ୍ୟବୃଦ୍ଧି ସବୁଦିନ ହେଉଛି। ଏହି ବ୍ୟବସ୍ଥା କ'ଣ ସରକାରଙ୍କ ନୀତି ଯୋଗୁ। କୃତ୍ରିମ ଭାବେ ଅଭାବ ହେଉ ନାହିଁ? ଦେଖାଯାଉଛି ଏହି ମୂଲ୍ୟବୃଦ୍ଧି ଗ୍ରାମାଞ୍ଚଳରେ ସହରଠାରୁ ଅଧିକ। ଗ୍ରାମର କୃଷକ ସହରର ଲୋକଙ୍କଠାରୁ ଆହୁରି ବେଶି ମୂଲ୍ୟରେ କିଣୁଛି। ଭୋଗ୍ୟପଣ୍ୟର ମୂଲ୍ୟ ସୂଚକାଙ୍କରେ ଗ୍ରାମ ଓ ସହର ମଧ୍ୟରେ ପାର୍ଥକ୍ୟ ବଢ଼ିଛି। ଏହି ପାର୍ଥକ୍ୟର ପରିମାଣ ୧.୧୦ ପ୍ରତିଶତ ଥିଲା ଗତ ମେ ମାସରେ। ଏହାର ଅର୍ଥ ନୁହେଁ ସହରର ଲୋକେ ମୂଲ୍ୟବୃଦ୍ଧିର ପ୍ରକୋପ ମୁଖରେ ପଡୁନାହାନ୍ତି। ମୂଲ୍ୟବୃଦ୍ଧିର ପ୍ରକୋପରୁ କାହାରି ବଞ୍ଚିବାର ପଥ ନାହିଁ। ୫୦୦ ଟଙ୍କାରେ ସପ୍ତାହର ଆରମ୍ଭରେ ଯେଉଁ ଖାଦ୍ୟ କିଣୁଥିଲେ, ପର ସପ୍ତାହରେ ସେହି ପରିମାଣର ଖାଦ୍ୟ ଏହି ଟଙ୍କାରେ କିଣାଯାଇ ପାରୁନାହିଁ।

ପାଇକାରୀ ଏବଂ ଖୁଚୁରା ମୂଲ୍ୟବୃଦ୍ଧି ହାରରେ ତଫାତ୍ ରହୁଛି, କିନ୍ତୁ ପାଇକାରୀ ମୂଲ୍ୟବୃଦ୍ଧିର ହାର ଗତ ମେ ମାସରେ ଥିଲା ତାହାର ପୂର୍ବର ୧୦ ମାସରେ ସର୍ବୋଚ୍ଚ। ଖାଦ୍ୟଶସ୍ୟର ପାଇକାରୀ ମୂଲ୍ୟବୃଦ୍ଧିର ହାର ୩୨.୪୨%। ପିଆଜ କ୍ଷେତ୍ରରେ ଏହି ହାର ୫୮%, ଆଳୁ କ୍ଷେତ୍ରରେ ୬୪%। ଖୁଚୁରା ମୂଲ୍ୟବୃଦ୍ଧି ତ ଆହୁରି ବେଶି ହାରରେ ବଢ଼ିଛି। ମହାରାଷ୍ଟ୍ରରେ ଏକ ସମୀକ୍ଷା ଦେଖାଇଛି ଯେ, ଗତ ୫ ବର୍ଷରେ ଏକ ନିରାମିଷ ଭୋଜନ ଥାଳିର ମୂଲ୍ୟ ବଢ଼ିଛି ୭୧ ପ୍ରତିଶତ। ଅଥଚ ଶ୍ରମଜୀବୀ ଲୋକଙ୍କ ମଜୁରି ତ ଏହି ହାରରେ ବଢ଼ିନାହିଁ। କିଭଳି ଅପପୁଷ୍ଟି, ଖାଦ୍ୟାଭାବରୁ ବଞ୍ଚିତ ଏହି ଦେଶ? ଏହା ପରେ ପରେ ଅମୁଲ, ମଦର ଡାଇରି ଇତ୍ୟାଦି ଦୁଧର ମୂଲ୍ୟ ବଢ଼େଇ ଦେଇଛନ୍ତି ନିର୍ବାଚନ ପରେ। ସମ୍ପ୍ରତି ମୋବାଇଲ ଫୋନ ଦେଶର ଅର୍ଦ୍ଧାଧିକ ଲୋକ ବ୍ୟବହାର କରୁଛନ୍ତି। ମୋବାଇଲ ଫୋନର ରିଚାର୍ଜ ମୂଲ୍ୟ ଜିଓ ଏବଂ ଭାରତୀ ଏୟାରଟେଲ ଯଥାକ୍ରମେ ୨୨% ଓ ୨୦% ବଢ଼ାଇ ଦେଇଛନ୍ତି। ଏହା ମଧ୍ୟ ଖାଉଟିଙ୍କ ଉପରେ ଆଉ ଏକ ମାଡ଼।

ଦେଶରେ ନିତ୍ୟ ପ୍ରୟୋଜନୀୟ ଦ୍ରବ୍ୟର ମୂଲ୍ୟ ବଢୁଛି କାହିଁକି, ଏହି ପ୍ରଶ୍ନର ଉତ୍ତର ଖୋଜିବାକୁ ଗଲେ ସିଧାସଳଖ ଦେଶର ଆର୍ଥିକ ନୀତିର ଦିଗକୁ ଦେଖିବାକୁ ହେବ। କାହାର ମୁନାଫା ପାଇଁ ସରକାର ଦାୟବଦ୍ଧ। ଘରୋଇ କମ୍ପାନୀର ରିଟେଲ ଚେନ୍‌ର ବ୍ୟବସାୟ ନା ଦେଶର କୃଷକ ଓ ଶ୍ରମିକଙ୍କ ସହ ସାଧାରଣ ଜନତାଙ୍କ ଜୀବନ ଜୀବିକା କେଉଁଟା ସରକାରଙ୍କ ଅଗ୍ରାଧିକାର? ଦେଶରେ ଉତ୍ପାଦନ ହେବା ସତ୍ତ୍ୱେ କାହିଁକି ଦରଦାମ୍‌ର କ୍ରମାଗତ ବଢ଼ିବାକୁ ସହ୍ୟ କରିବେ ଜନତା? ରିଜର୍ଭ ବ୍ୟାଙ୍କ ମତରେ ଦରବୃଦ୍ଧିର ଏକ ସହଣୀୟ ମାତ୍ରା ଅଛି, ତାହା ୪%। କିନ୍ତୁ ଆମ ଦେଶରେ ସବୁ ସମୟରେ ଏହା ୪%ରୁ ଅଧିକ ରହୁଛି। ଏହି ସହଣୀୟ ପରିମାଣର ଅର୍ଥ ଯେ ଖୁବ୍ ବେଶି ଦରଦାମ୍ ସ୍ତର ଆପାତକାଳୀନ କିଛି ବ୍ୟବସାୟୀଙ୍କୁ ଲାଭ ଦେଇପାରେ, କିନ୍ତୁ କୌଣସି ଅବସ୍ଥାରେ ଏହି ପରିମାଣ ଦୀର୍ଘସ୍ଥାୟୀ ହେଲେ ଦେଶର ଅର୍ଥନୀତି ହାମୁଡ଼େଇ ପଡ଼ିବ। ଦେଶର ଅର୍ଥନୀତି କୌଣସିଦିନ ଦେଶର ଜନତାଙ୍କୁ ବାଦ୍ ଦେଇ କତିପୟ ବ୍ୟବସାୟୀଙ୍କୁ ନେଇ ଗଢ଼ି ଉଠିପାରେନା। ଏହାଛଡ଼ା ସରକାରୀ ବଣ୍ଟନ ବ୍ୟବସ୍ଥା (ରେଶନ) ଭାଙ୍ଗି ବେସରକାରୀ ବଣ୍ଟନ, ଖୋଲା ବଜାର ଉପରେ ଦରଦାମ୍‌କୁ ଛାଡ଼ିଦେଲେ ଦେଶର ଜନସାଧାରଣ ବଞ୍ଚିବେ କିପରି? କିଏ ଆଗାମୀ ଦିନର ଉତ୍ପାଦନ ବ୍ୟବସ୍ଥାକୁ ଗଢ଼ିତୋଳିବ?

ଭାରତର ନୂତନ ସଂସଦ ଓ ସରକାର ଦରଦାମ୍ ବୃଦ୍ଧି ପରି ଏକ କ୍ରମାଗତ ଉତ୍କଟ ସମସ୍ୟା ପ୍ରତି ଦୃଷ୍ଟି ଦେବା ବାଞ୍ଛନୀୟ। ଦେଶବାସୀଙ୍କୁ ବଜାରର ନିଆଁରୁ ରକ୍ଷା କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ପାଖରେ ବର୍ତ୍ତମାନ ସବୁଠାରୁ ବଡ଼ ଆହ୍ୱାନ।

ମୋ: ୯୪୩୭୩୮୪୮୬୭

# ତୋର ମୋର ଭାବ



ଡ. ଦ୍ୱିତୀଚନ୍ଦ୍ର ସାହୁ

ପାଠପଢୁଥିବା ୨ ଜଣ କିଶୋରୀ ହଠାତ୍ ଉଭାନ ହୋଇଗଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ବହୁ ଖୋଜାଖୋଜି କଲେ। ସେମାନଙ୍କ ସନ୍ଧାନ ମିଳିଲାନାହିଁ। ଥାନାରେ ଏତଲା ଦିଆଗଲା। ୨ ଦିନ ପରେ ଏକ ରେଳଷ୍ଟେଶନରେ ସନ୍ଦେହଜନକଭାବେ ପୋଲିସ ସେମାନଙ୍କୁ ଠାବକଲା। ସେମାନଙ୍କୁ ଫେରାଇଆଣିବା ପରେ ଯାହା ତଥ୍ୟ ମିଳିଲା ବିଦ୍ୟାଳୟ କର୍ତ୍ତୃପକ୍ଷ କାହିଁକି ସମସ୍ତଙ୍କୁ ଚକିତକଲା। ସମଲିଙ୍ଗୀ ଆକର୍ଷଣ ହେତୁ ପରସ୍ପରକୁ ଗଭୀର ଭଲ ପାଉଛନ୍ତି ଦୁହେଁ ଦୁହିଁଙ୍କୁ। ଆଉ ସମାଜ ଏହି ସମ୍ପର୍କକୁ ସ୍ୱୀକୃତି ଦେବ ନାହିଁ ବୋଲି ଆବାସିକ ପରିବେଶଠାରୁ ଦୂରେଇଯାଇ ନୂଆ ଏକ ପରିବେଶରେ ବଞ୍ଚିବାକୁ ସେମାନେ ଏଭଳି ଉଦ୍ୟମ କରିଛନ୍ତି। ସେହିପରି ଆଉ ଏକ ଆବାସିକ ବିଦ୍ୟାଳୟର ଘଟଣା। ଜଣେ କିଶୋରୀ ନିଜର ହାତର କଚଟି ପାଖ କାଟିଦେଲେ। ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଗଲା। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସନ୍ଦେହ ଗଲା ପ୍ରେମସମ୍ପର୍କ ଆଡ଼କୁ। ସେ କିନ୍ତୁ କିଛି କହୁ ନ ଥାନ୍ତି। ତାଙ୍କ ସହପାଠିନୀଗଣଙ୍କୁ ପଚରାଉଚୁରା ପରେ ଜଣାପଡ଼ିଲା ସେ ଆଉ ଜଣେ ଝିଅକୁ ଭଲ ପାଉଛନ୍ତି ଗାଁରେ। ତାଙ୍କ ସହ ଦେଖାହେବା ସମ୍ଭବ ହୋଇପାରୁନାହିଁ। ଏହି କାରଣରୁ ମାନସିକ ଅଶାନ୍ତି ହୋଇ ସେ ନିଜ କଚଟିକୁ କାଟି ଦେଇଛନ୍ତି। ଏସବୁ ଘଟଣା ବର୍ତ୍ତମାନ ବଦଳୁଥିବା ପରିସ୍ଥିତିର ଏକ ନମୁନା। କିଶୋର ଅବସ୍ଥାରେ ବିପରୀତ ଲିଙ୍ଗ ପ୍ରତି ଆକର୍ଷଣ ରହିବା ସ୍ୱାଭାବିକ କଥା। ନିଜ ମନରେ ଉଠୁଥିବା କୌତୂହଳକୁ ନେଇ ବିପଥଗାମୀହେବାର ସମ୍ଭାବନା ଅଧିକ। ଯୌନ ଆକର୍ଷଣ ରହିବ। ଏଇ ସମୟରେ ପୁଅ ଓ ଝିଅଙ୍କ ଭିତରେ ପ୍ରେମସମ୍ପର୍କ ଗଢ଼ିଉଠେ। କିଶୋର ବୟସର ପ୍ରେମ ଅନେକ ସମୟରେ ବାଟବଣାକରେ। ଅଧ୍ୟୟନରେ ବ୍ୟାଘାତ ସୃଷ୍ଟିକରେ। କିନ୍ତୁ ଜଳବାୟୁ ପରିବର୍ତ୍ତନ ହେତୁ ଏହାର ପ୍ରଭାବ ସମାଜରେ ଅନୁଭୂତ ହେଲାଣି। ଖାଦ୍ୟରୁଚିରେ ପରିବର୍ତ୍ତନ , ଜଳବାୟୁର ପ୍ରଭାବ ଓ ବଦଳୁଥିବା ପରିବେଶ ଓ ପରିସ୍ଥାନ ହେତୁ କିଶୋର ଓ କିଶୋରୀଙ୍କ ଶାରୀରିକ ଓ ମାନସିକ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ୧୦/୧୧ବର୍ଷର ଝିଅ ରଜସ୍ୱଳା ହେଉଛନ୍ତି। ତଜ୍ଜନିତ ବ୍ୟବହାର, ଚାଲିଚଳଣରେ ବି ପରିବର୍ତ୍ତନ ହେଉଛି। ସମୟର ଢେର ପୂର୍ବରୁ ଯୌବନ ପ୍ରାପ୍ତି ଅହେତୁକ ଆହ୍ୱାନର ସାମ୍ନାକରିବାକୁ ପଡୁଛି ଆଜିର କୋମଳମତି ବାଳିକାମାନଙ୍କୁ।

ଘରେ ଓ ବାହାରେ ସେମାନଙ୍କ ପ୍ରତି ଭିନ୍ନ ଆଚରଣ ମନରେ ଅନେକ ଭାବାନ୍ତର ସୃଷ୍ଟିକରୁଛି। ସେହିପରି ବୈଷୟିକ ବିପ୍ଳବ ଏବଂ ସହଜ ସୁଲଭଭାବେ ମିଳୁଥିବା ଇଣ୍ଟରନେଟ୍ କିଶୋର ମନକୁ ଚହଲାଇଦେଉଛି। ଅନ୍‌ଲାଇନ କ୍ଲାସ୍ ନାମରେ ହାତରେ ମୋବାଇଲ। ବିଳମ୍ବିତ ରାତିଯାଏ ଚାଟିଂରେ ବ୍ୟସ୍ତ। ଅନେକ ଗ୍ରୁପ୍‌ର ସଦସ୍ୟ। ୟୁଟ୍ୟୁବରୁ ଯାବତୀୟ ଭିଡିଓ ବ୍ରାଉଜିଂ। ବିଦ୍ୟାଳୟରେ ସେସବୁ ନେଇ ଚର୍ଚ୍ଚା। ଛୋଟ ଛୋଟ ଗ୍ରୁପ୍ ହୋଇ ଅନାଲୋଚିତ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ଏବଂ ସହପାଠୀ/ସହପାଠିନୀମାନଙ୍କୁ ଟୀର୍ଯ୍ୟକ ଭାଷା ପ୍ରୟୋଗ। ଶିଶୁମାନେ ଯାହା ଜାଣିବା



ଅନୁଚିତ ସେସବୁ ସେମାନେ ବୟସର ଢେର ପୂର୍ବରୁ ଜ୍ଞାନ ହାସଲକରୁଛନ୍ତି। ତା'ପରେ ସେମାନଙ୍କ ସନ୍ଦେହ ଚକ୍ଷୁ ଆନମନା ହେଉଛି। ଖସଡ଼ାବାଟରେ ଚାଲିବା ହେତୁ ଗୋଡ଼ଖସିବା ଯଥେଷ୍ଟ ସମ୍ଭାବନା ରହୁଛି।

ପିତାମାତାମାନେ ନିଜ ବୃତ୍ତିପ୍ରବୃତ୍ତି ଭିତରେ ବ୍ୟସ୍ତ। ସେମାନେ ନିଜ ରୋଜଗାର ଅପେକ୍ଷା ନିଜ ସନ୍ତାନସନ୍ତତିକୁ ନେଇ ବହୁ ଚିନ୍ତିତ। ପିଲାଟି ପାଠଶାଠ ପଢ଼ି ଚାକିରିବାକିରି କରିବ କେମିତି ବୋଲି ଯେତିକି ଚିନ୍ତା ନାହିଁ ବଡ଼ହୋଇ ଠିକ୍‌ମାର୍ଗରେ କେମିତି ଚାଲିବ ସେଥିନେଇ ବେଶି ଚିନ୍ତା। ଆଜିର ଅଧିକାଂଶ ଛୁଆ ଭଲ ପଢୁଛନ୍ତି। ପ୍ରତିଯୋଗିତାମୟ ଦୁନିଆରେ ନିଜକୁ ସାମିଲକରୁଛନ୍ତି। ବହୁ ଉତ୍କର୍ଷ ଫଳାଫଳ ରଖୁଛନ୍ତି। ଗୋଟିଏ ବୋଲି ସନ୍ତାନ ପ୍ରତି ଅଧିକ ଦୃଷ୍ଟିରହୁଛି ପିତାମାତଙ୍କର। ବଡ ହେଲେ ଚାକିରି ନ ପାଇଲେ ବି ଯେମିତି ହେଉ ରୋଜଗାର କରିପାରିବେ ବୋଲି ପିତାମାତାଙ୍କ ମନରେ ଦମ୍ଭପଣ ରହିଛି। ନଚେତ୍ ବାପାମାଆ ସାଇତି ରଖିଥିବା ସମ୍ପତ୍ତିକୁ ନେଇ ଚଳିଯିବ ବୋଲି ଗୋଟେ ଧାରଣା ରହିଛି ଅଧିକାଂଶ ପିତାମାତାଙ୍କର। କିନ୍ତୁ ପିଲାଟି ଭଲ ମଣିଷ ହେବ କି ନାହିଁ ସେଥିନେଇ ମନରେ ସବୁବେଳେ ଦ୍ୱନ୍ଦ୍ୱ ରହୁଛି। ଜୀବନପଥରେ ପଥଭ୍ରଷ୍ଟ ହୋଇଯିବ, ନିଶାଖୋର ହୋଇଯିବ, ପିତାମାତାଠାରୁ ଦୂରେଇଯିବ, ପରିଣତ ବୟସର ବାପାମାଆଙ୍କୁ ହତାଦର କରିବା ଭଳି ଅନେକ ଆଶଙ୍କା ଭିତରେ ପିତାମାତା ଜୀବନକାଳ ଅତିବାହିତ କରିବାକୁ ବାଧ୍ୟ ହେଉଛନ୍ତି। ଛୋଟବେଳୁ ପିତାମାତାଙ୍କ ପ୍ରତି ଅରୁଚିକର ବ୍ୟବହାରରେ ସନ୍ତୁଳିହେଉଛନ୍ତି ବହୁ ପିତାମାତା। ଭାବରେ ପରିବର୍ତ୍ତନ ଆସିଛି। ଗୁରୁଜନ ଓ ଲଘୁଜନ ପ୍ରତି ଯେମିତି ସମ୍ମାନବୋଧ ରହିବା କଥା ସେସବୁ ଆଉ ଦେଖିବାକୁ ମିଳୁନାହିଁ। ସୌଜନ୍ୟତା ପ୍ରକଟକରିବା ଗୁଣ ପିଲାଙ୍କ ଭିତରେ ସରିସରି ଆସୁଛି। ଅପରନ୍ତୁ ଅନ୍ୟ ସମ୍ପର୍କର ମୋହରେ ତୋର ମୋର ଭାବରେ ସେମାନେ ବ୍ୟସ୍ତ ରହୁଛନ୍ତି। ଏହି କାରଣରୁ ସ୍ୱଳ୍ପ ବୟସରୁ ପିଲାଙ୍କ ଭିତରେ ପୁଅ ଓ ଝିଅ ସାଙ୍ଗ ବଢୁଛି। ନିଜ ନିଜ ଭିତରେ ସେମାନଙ୍କ ମଧ୍ୟରେ ଗୋଟେ ଆକର୍ଷଣ ବଢୁଛି। ସେହି ଆକର୍ଷଣ ପରବର୍ତ୍ତୀ ସମୟରେ ପ୍ରେମସମ୍ପର୍କରେ ପରିଣତ ହେଉଛି। କିଶୋର ବୟସ୍କଙ୍କ ସେ କେବେ ପୁଣି ସମଲିଙ୍ଗୀ ହୋଇଯାଉଛି ତାହା ସେମାନେ ଆକଳନ କରିପାରୁ ନାହାନ୍ତି। ପୋଷାକ ପରିଚ୍ଛଦ, ଚାଲିଚଳଣ, କେଶକଟା ଷ୍ଟାଇଲ, କଥାଭାଷାରେ ବି ବ୍ୟାପକ ପରିବର୍ତ୍ତନ ହୋଇଛି। ଗୋଟେ ଜଟିଳ ପରିସ୍ଥିତି ଦେଇ ସମାଜ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ଗତିକରୁଛନ୍ତି। ଗୁରୁଜୀଗୁରୁମା'ମାନେ ଆକଟକଲେ ଚତୁରତାର ସହ ସେମାନଙ୍କ ବିରୋଧରେ ଭିନ୍ନ ଅଭିଯୋଗ ଆଣୁଛନ୍ତି ପିଲାମାନେ। ସେସବୁକୁ ନେଇ ଇସ୍ୟୁ କରାଯାଉଛି। ବିଚରା ଶିକ୍ଷକଶିକ୍ଷିକାଙ୍କ ଚାକିରି ଉପରେ ପ୍ରଶ୍ନବାଚୀ ସୃଷ୍ଟିହେଉଛି। ଏହି କାରଣରୁ ଅନେକ ଶିକ୍ଷକଶିକ୍ଷୟିତ୍ରୀ ନିଜ ସୀମା ଭିତରେ ରହିବାକୁ ପସନ୍ଦ କରୁଛନ୍ତି। ନିଜର ବୃତ୍ତିଗତ ବ୍ୟସ୍ତତା ସତ୍ତ୍ୱେ ପିତାମାତାମାନେ ପିଲାଙ୍କ ଉପରେ ନଜର ରଖିବା ଆବଶ୍ୟକ।

ଇନ୍ଦିରାନଗର, ରାୟଗଡ଼ା
ମୋ:୯୪୩୭୯୦୯୬୭୧

## ଏଇ ଭାରତରେ

ଏମିତି ଘର, ଯେଉଁଠି ମଣିଷ ଓ ପକ୍ଷୀ ଉଭୟ ରହୁଛନ୍ତି। ଏମିତିକା ଘରଟିଏ ଦେଖିବାକୁ ମିଳେ ନୋଏଡାରେ। ଉକ୍ତ ଘର ଏକ ଅଶ୍ୱତ୍ଥ ଗଛ ନିକଟରେ ନିର୍ମାଣ କରାଯାଇଛି। ୭୦୦୦ ବର୍ଗଫୁଟର ଏହି ଘରର ନାଁ ବି ରଖାଯାଇଛି ଅଶ୍ୱତ୍ଥ। ଦିଲ୍ଲୀର ଆର୍କିଟେକ୍ କମ୍ପାନୀ ଆର୍କିଓପେଟ୍ରିକ୍ସ ଏହାକୁ ନିର୍ମାଣ କରିଛି। ଉକ୍ତ ପରିବେଶ ଉପଯୋଗୀ ଘରେ ପକ୍ଷୀମାନେ ବିନା ବାଧାରେ ଆତଯାତ ହୁଅନ୍ତି। ଏଠାକୁ ଦିନରାତି ଅନେକ ହଜାର ପକ୍ଷୀ ଆସନ୍ତି। ସେଥିପାଇଁ ସେମାନଙ୍କ ଲାଗି ଘର ଛାତ ଉପରେ ବସିବା ଲାଗି ଜାଗା, ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରାଯାଇଛି। 'ଅଶ୍ୱତ୍ଥ' ପାରମ୍ପରିକ ଟେକ୍‌ନିକରେ ନିର୍ମାଣ କରାଯାଇଛି। ଏହି ଘରେ ବର୍ଷାପାଣି ସଂଗ୍ରହ କରାଯାଇ ଗଚ୍ଛିତ ରଖାଯାଉଛି ଓ ତାହା ବିଭିନ୍ନ କାର୍ଯ୍ୟରେ ବ୍ୟବହାର ହେଉଛି। ଏହାକୁ ନିର୍ମାଣ କରାଯିବାରେ କଂକ୍ରିଟ ଷ୍ଟିଲ୍ ବଦଳରେ ପଥର ଓ ମାଟି ବ୍ୟବହାର କରାଯାଇଛି। ଏଣୁ ଏଠାରେ ସବୁ ଋତୁରେ ତାପମାତ୍ରା ସନ୍ତୁଳିତ ରହୁଛି। ଘର ବାଲ୍‌କୋନିକୁ ରିସାଇକେଲ ପ୍ଲାଷ୍ଟିକ ଓ କାଠରେ ନିର୍ମାଣ କରାଯାଇଛି। ଘର ଭିତରକୁ ସୂର୍ଯ୍ୟାଲୋକ ପ୍ରବେଶ ଓ ଉଦ୍ୟାନରେ ଜଳସେଚନ ସିଞ୍ଚନ ବ୍ୟବସ୍ଥା ରହିଛି। ଏହିସବୁ ବ୍ୟବସ୍ଥା ପାଇଁ ପକ୍ଷୀମାନେ ଏହି ଘରେ ରହିବାକୁ ପସନ୍ଦ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ଜୁଲାଇ ୧୯୭୫

- ମଣିପୁରରେ ରାଜକୁମାର ଦୋରେନ୍ଦ୍ର ସିଂହଙ୍କ ମୁଖ୍ୟମନ୍ତ୍ରିତ୍ୱରେ ଏକ ପାଞ୍ଚଜଣିଆ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠିତ।
- ପାର୍ଲାମେଣ୍ଟର ଉଭୟ ଗୃହରେ ଜରୁରୀ ପରିସ୍ଥିତି ପ୍ରତି ଅନୁମୋଦନ ଦାନ ସଂକ୍ରାନ୍ତ ପ୍ରସ୍ତାବ ବିପୁଳ ଭୋଟାଧିକାର ଗୃହୀତ।
- ଭାରତ ଓ ଆମେରିକା ମଧ୍ୟରେ ବୈଜ୍ଞାନିକ ବିନିମୟ ଓ ସାଂସ୍କୃତିକ ସହଯୋଗ ନିମନ୍ତେ ଏକ ଚୁକ୍ତି ସ୍ୱାକ୍ଷରିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 2 | 9 | | | | 8 | 7 |
| | | | | | | | | |
| 4 | 7 | | | | | | | |
| 3 | 5 | | | | | | | |
| | | | | | 1 | | | 9 |
| | 1 | 7 | 5 | | 8 | | 2 | 6 |
| | | | | 8 | 6 | 4 | | |
| | | 8 | 1 | | | | 6 | |
| | | 9 | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 6 | 2 | 1 | 9 | 4 | 8 | 3 |
| 4 | 2 | 1 | 8 | 3 | 5 | 9 | 6 | 7 |
| 8 | 3 | 9 | 6 | 7 | 4 | 5 | 2 | 1 |
| 6 | 9 | 4 | 1 | 8 | 2 | 7 | 3 | 5 |
| 3 | 1 | 2 | 5 | 6 | 7 | 8 | 9 | 4 |
| 5 | 8 | 7 | 9 | 4 | 3 | 2 | 1 | 6 |
| 2 | 6 | 5 | 7 | 9 | 1 | 3 | 4 | 8 |
| 9 | 4 | 8 | 3 | 5 | 6 | 1 | 7 | 2 |
| 1 | 7 | 3 | 4 | 2 | 8 | 6 | 5 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ନୀତିକୁ ଶୃଙ୍ଖଳିତ କରାଯାଉ

ମହାଶୟ,
ଶ୍ରୀମନ୍ଦିର ପ୍ରଶାସକଙ୍କ ଖାମଖିଆଲ ନୀତି ଯୋଗୁ ମହାପ୍ରସାଦ ବାହାରିବାରେ ବିଳମ୍ବ ହେଉଥିବା ଯୋଗୁ ବାରମ୍ବାର ମହାପ୍ରସାଦ ଫିଙ୍ଗା ଘଟଣା ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦିଏ। ଏପରିକି ଏଥିପାଇଁ ଭକ୍ତମାନେ ଲଗାତର ବରାଦି ମହାପ୍ରସାଦ ପାଇବାରୁ ବଞ୍ଚିତ ହୁଅନ୍ତି। ବିଶେଷକରି ଶ୍ରୀଜୀଉଙ୍କ ପହୁଡ଼, ମଙ୍ଗଳ ଆଳତି ସମେତ ଅନ୍ୟାନ୍ୟ ନୀତି ବିଳମ୍ବ ଯୋଗୁ ମହାପ୍ରସାଦ ବାହାରିବାରେ ବିଳମ୍ବ ହେଉଥିବାରୁ ଭକ୍ତମାନେ ମହାପ୍ରସାଦ ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ବିଳମ୍ବରେ ବାହାରିଥିବା ମହାପ୍ରସାଦକୁ ଫିଙ୍ଗାଯାଉଛି। ରାଜ୍ୟରେ ଅନାହାର, ଅର୍ଦ୍ଧାହାର ବୃଦ୍ଧି ପାଉଥିବା ବେଳେ ମହାପ୍ରସାଦ ଫିଙ୍ଗା ଘଟଣା ଘୋର ପରିତାପର ବିଷୟ। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ଶ୍ରୀମନ୍ଦିର ନୀତିକୁ ଶୃଙ୍ଖଳିତ କରିବାରେ ଶ୍ରୀମନ୍ଦିର ପ୍ରଶାସନ ବିଫଳ ହେବା ଘଟଣା ସମସ୍ତଙ୍କୁ ଚକିତ କରୁଛି। କେବଳ ସେତିକି ନୁହେଁ , ମହାପ୍ରଭୁଙ୍କ ସେବା ପୂଜାରେ ବିଶୃଙ୍ଖଳାର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଶ୍ରୀଜୀଉଙ୍କ ସମୟାନୁବର୍ତ୍ତୀ ଓ ଶୃଙ୍ଖଳିତ ନୀତିକାନ୍ତି ପାଳନକୁ ପ୍ରାଥମିକତା ଦିଆଯାଉନାହିଁ, ଯଦ୍ଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପରିବର୍ତ୍ତେ ଅପପ୍ରଚାର ବଢ଼ି ବଢ଼ି ଚାଲିଛି। ଏଣୁ ଶ୍ରୀମନ୍ଦିର ନୀତିକୁ ଶୀଘ୍ର ଶୃଙ୍ଖଳିତ କରାଯାଉ।

-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପୀରତି ବ୍ୟଥାରେ ଅଙ୍ଗ ଅବଶ
ନିବିଡ଼ ଧିଆନେ ଆଖି ମଦାଳସ
ଚନ୍ଦନସମ ଗନ୍ଧ ବିତରି ଯାଅ ପୁଣି ଅପସରି
ଚମ୍ପକ ଚାରୁ ହାସ ହସିଦିଅ
ଆଗୋ ଗୋରଚନା-ଗୋରି!
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଲିକୁନ୍


@ ଶୁଭ୍ରାଂଶୁ ରଞ୍ଜନ


@ ଶୁଭ୍ରାଂଶୁ ସାହୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଜେଟରେ ସ୍ଥାନ ପାଇଲା ନାହିଁ ଯାଜପୁର ରୋଡ୍-ଧାମରା ରେଳ ପ୍ରକଳ୍ପ

■ ୪ ବର୍ଷରେ ଖର୍ଚ୍ଚ ହେବ ୨୯୯୬.୮୧ କୋଟି

■ ୧୬୯୩.୪୬ ଏକର ଜମିର ଆବଶ୍ୟକତା ପଡିବ

ଯାଜପୁର,୨୩।୭(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ରୋଡ ରେଳଷ୍ଟେଶନଠାରୁ ଧାମରା ବନ୍ଦର ଭାୟା ଯାଜପୁର ଟାଉନ ଓ ଆରଡି ୯୬ କି.ମି. ବିଶିଷ୍ଟ ପ୍ରସ୍ତାବିତ ନୂତନ ରେଳପଥ ନିର୍ମାଣ ପାଇଁ ୨୯୯୬ କୋଟି ୮୧ ଲକ୍ଷ ୪୫ ହଜାର ୧୨୩ ଟଙ୍କା ଅଟକଳ କରାଯାଇଛି। ଏନେଇ ପୂର୍ବତଟ ରେଳପଥ ପକ୍ଷରୁ ଡିପିଆର(ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ମଞ୍ଜୁର କରିବା ପାଇଁ ରେଲୱେ ବୋର୍ଡ ନିକଟରେ ଦାଖଲ ହୋଇ ସାରିଛି। ଏଥିପାଇଁ ୧୬୯୩.୪୬ ଏକର ଜମିର ଆବଶ୍ୟକତା ପଡିବ। ଏଥିରେ ବେସରକାରୀ ଜମି ୧୩୧୬.୪୫୧ ଏକର, ସରକାରୀ ଜମି ୨୯୪.୩୭୯ ଏକର ଓ ଜଙ୍ଗଲ ଜମି ୧୨.୭୭୫ ଏକର ଅଧିଗ୍ରହଣ କରିବାକୁ ଯୋଜନା ହୋଇଛି। ତେବେ ଚଳିତ ବଜେଟ୍‌ରେ ଏହି ପ୍ରକଳ୍ପକୁ ସ୍ଥାନ ମିଳି ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅଧିକାର ଆଇନ(ଆରଟିଆଇ) ବଳରେ ମିଳିଥିବା ତଥ୍ୟ ଅନୁସାରେ ଏହି ପ୍ରକଳ୍ପ ପାଇଁ ଚୂଡ଼ାନ୍ତ ଲୋକେଶନ ସର୍ଭେ ଏବଂ ଡିପିଆର ପ୍ରସ୍ତୁତ ପାଇଁ ୨୭।୧୦।୨୦୨୩ରେ ଏସ୍ଏମ୍ କନ୍‌ସଲ୍‌ଟାଣ୍ଟସ୍‌କୁ କାର୍ଯ୍ୟଦେଶ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟଦେଶରେ ଜିଓ ଟେକ୍ନିକାଲ ଇନଭେସଷ୍ଟିଗେଶନ, ସିଗ୍ନାଲିଂ ୱାର୍କ, ଇଲେକ୍ଟ୍ରିକାଲ ଓ ଅପରେଟିଂ ୱାର୍କ, ସିଭିଲ ଇଞ୍ଜିନିୟରିଂ ଇତ୍ୟାଦି ସର୍ଭେ କାର୍ଯ୍ୟ ରହିଥିଲା। ଏଥିପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ୨ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କାର୍ଯ୍ୟାଦେଶ ପାଇବାର ୪ ମାସ ମଧ୍ୟରେ ଚୂଡ଼ାନ୍ତ ଲୋକେଶନ ସର୍ଭେ, ଡିପିଆର ଆଦି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିଲା। ହେଲେ ନିର୍ଦ୍ଧାରିତ ସମୟରେ ଡିପିଆର ଦାଖଲ ନ ହୋଇ ୯ ମାସରେ ତାକୁ ଦାଖଲ କରାଯାଇଥିଲା। ଏଭଳି ଅବହେଳାକୁ ନେଇ ସଂଗ୍ରାମ ସମିତି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଥିଲା। ତେବେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାସେଞ୍ଜର ଟ୍ରେନ ଘଣ୍ଟା ପ୍ରତି ୧୬୦ କିମି ବେଗରେ ଏବଂ ଗୁଡ୍ସ ଟ୍ରେନ ଘଣ୍ଟାପ୍ରତି ୬୫ କି.ମି.ବେଗରେ ଗତି କରି ପାରିବ। ଏହି ପ୍ରକଳ୍ପରେ ୩୦ଟି ବଡ଼ ବ୍ରିଜ, ୮୮ଟି କ୍ଷୁଦ୍ର ବ୍ରିଜ୍ ନିର୍ମାଣ ହେବ। ସେହିପରି ଯାଜପୁର ଜିଲାରେ ୮ଟି ଓ ଭଦ୍ରକ ଜିଲାରେ ୩ଟି ସମେତ ଯାଜପୁର ରୋଡ ଷ୍ଟେଶନକୁ ମିଶାଇ ୧୨ଟି ଷ୍ଟେଶନ ରହିବ। ଏଥିରେ ଯାଜପୁର ରୋଡ ଷ୍ଟେଶନକୁ ଜଙ୍କ୍ଶନ ଭାବେ ନେଇ ଛୋଟରାୟପୁର, ରାମପୁର ସେଗଡି, ବାହାବଲପୁର, ଯାଜପୁର, ଜଳେଶ୍ୱର, ଶ୍ରୀପୁରା, ମଙ୍ଗଳପୁର, ଆରଡି, ଚାନ୍ଦବାଲି, ଭିତରକନିକା ଓ ଧାମରା ଷ୍ଟେଶନ ହେବ। ପ୍ରକଳ୍ପ ନିର୍ମାଣ ସମୟରେ ପ୍ରଥମ ବର୍ଷ ୨୯୯.୬୮ କୋଟି, ଦ୍ୱିତୀୟ ବର୍ଷ ୪୪୯.୫୨ କୋଟି, ତୃତୀୟ ବର୍ଷ ୧୦୪୮.୮୯ କୋଟି ଓ ୪ର୍ଥ ବର୍ଷ ୧୧୯୮.୭୩ କୋଟି ଟଙ୍କା ଖର୍ଚ୍ଚ ହେବ। ତେବେ ଏହାର ପରିମାଣ ବୃଦ୍ଧି ଘଟି ସମୁଦାୟ ୩୩୧୫.୭୬ କୋଟି ଟଙ୍କା ହୋଇପାରେ ବୋଲି ଡିପିଆରରେ ଉଲ୍ଲେଖ ରହିଛି। ଏହି ରେଳ ପ୍ରକଳ୍ପରେ କଳିଙ୍ଗନଗର ଜିନ୍ଦଲ ଷ୍ଟେନଲେସ ଷ୍ଟିଲ, ଟାଟା ଷ୍ଟିଲ, ଧାମରା ବନ୍ଦର, ଇନର କୋଲ କରିଡର-୧ ଓ ୨, ବେଦାନ୍ତ ଆଲୁମିନିୟମ, ବେଦାନ୍ତ ପାୱାର, ଭୂଷଣ ପାୱାର ଏଣ୍ଡ ଷ୍ଟିଲ, ଆର୍ଯ୍ୟନ ଇସ୍ପାତ୍, ହିଣ୍ଡାଲକୋ ଏଲପିଜି, ଶ୍ୟାମ ମେଟାଲିକ୍ସ, ବେଦାନ୍ତ ଆଲୁମିନା, ଏସିସି ଲିଃ, ସମ୍ବଲପୁର ହିଣ୍ଡାଲକୋ, ବାଲି ପର୍ବତ ଆଇରନ ଓର ମାଇନ୍ସ, ନାଲକୋ, ନିଳାଚଳ ଇସ୍ପାତ, ଜେଏସଡବ୍ଲୁ ଓ ଏସଇରଠାରୁ ଇସିଓଆର ପର୍ଯ୍ୟନ୍ତ ଆଇରନ ଓର କମ୍ପାନୀଗୁଡିକ ଉପକୃତ ହୋଇ ପାରିବେ। ୨୦୨୯ରେ ଉକ୍ତ ରେଳପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସେଥିରେ ପ୍ରଥମ ବର୍ଷ ୧୬,୮୪,୮୪୦ ପାସେଞ୍ଜର ଯାତ୍ରା କରିବେ ବୋଲି ଆକଳନ ହୋଇଛି। ଏହାବାଦ ଡିପିଆରରେ ଯଦି ଏହି ପ୍ରକଳ୍ପ ନିର୍ମାଣ ନହୁଏ ତେବେ ଧାମରା ବନ୍ଦରକୁ ବ୍ୟାପକ ଟ୍ରାଫିକ ସମସ୍ୟା ବୃଦ୍ଧି ଘଟିବ। ସେହିପରି ପ୍ରକଳ୍ପ ନିର୍ମାଣରେ ଯଦି ବିଳମ୍ବ ହୁଏ ତେବେ ଅଟକଳ ପରିମାଣ ବୃଦ୍ଧି ହେବା ସହ ପାରାଦୀପ ବନ୍ଦର ଉପରେ ଚାପ ବଢ଼ିଯିବ। ତେବେ ୪ ବର୍ଷରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଆଶା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ଭରସା କରିବ ବୋଲି ମତପ୍ରକାଶ ପାଇଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ରାଜ୍ୟରେ ୧୭ଟି ପ୍ରକଳ୍ପ ସର୍ଭେ ପ୍ରକ୍ରିୟାରେ ଲଟକିଛି। ତେବେ ସର୍ଭେ କେବେ ସରିବ, ଚୂଡ଼ାନ୍ତ ରିପୋର୍ଟକୁ ଅନୁମୋଦନ କେବେ ମିଳିବ ଏବଂ ରେଳ କାର୍ଯ୍ୟ ଆରମ୍ଭ ହେବା ନେଇ ସଂପୃକ୍ତ ଅଞ୍ଚଳବାସୀ ଚାହିଁ ରହିଛନ୍ତି। ଏଥିରେ ପୁଣି ଜମି ଅଧିଗ୍ରହଣ, ଜଙ୍ଗଲ ଜମି କିସମ ପରିବର୍ତ୍ତନ, କ୍ଷତିପୂରଣ ଆଦି ରହିଛି। ଏହି କ୍ରମରେ ଗତ ୨୯ ବର୍ଷ ହେବ ଖୋର୍ଦ୍ଧାରୋଡ-ବଲାଙ୍ଗୀର ନୂତନ ରେଳପ୍ରକଳ୍ପ ପୂର୍ଣ୍ଣତା ଲାଭ କରି ପାରିନାହିଁ। ସେହିପରି ୭ଟି ନୂତନ ରେଳ ଲାଇନ ପ୍ରକଳ୍ପ ମଞ୍ଜୁର ଲାଭ କରି ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ରିପୋର୍ଟ ମିଳିଛି। ଏହିକ୍ରମରେ ଯାଜପୁର ରୋଡ-ଧାମରା ରେଳ ପ୍ରକଳ୍ପ ସାମିଲ ହୋଇ କେବେ ସରିବ ତାହା ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।


ଯାଜପୁର ରୋଡ଼-ଧାମରା ରେଳ ପ୍ରକଳ୍ପର ଲୋକେଶନ ମ୍ୟାପ୍।

# ଝାଡ଼ାବାନ୍ତିରେ ବାଳକ ମୃତ, ୧୨ ଆକ୍ରାନ୍ତ

ବଡ଼ଚଣା,୨୩।୭(ଦିଲୀପକୁମାରମହାନ୍ତି):

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଚଣ୍ଡିତଲ ଗ୍ରାମ ପଞ୍ଚାୟତ ଅଧୀନ ତେଲିଗଡ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୁଛି । ମଙ୍ଗଳବାର ଜଣେ ନାବାଳକଙ୍କର ମୃତ୍ୟୁ ଘଟିଥିବା ବେଳେ ବହୁଲୋକ ଆକ୍ରାନ୍ତ ହୋଇ ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି ହେଇଛନ୍ତି । ଚିକିତ୍ସାଧୀନ ଅବସ୍ଥାରେ ବାଳକ ରାଜେଶ ସୁଣ୍ଡି (୮)ଙ୍କ ମୃତ୍ୟୁ ଘଟିଛି । ଗୁରୁତର ଥିବା ୩ଜଣଙ୍କୁ କଟକ ବଡ଼ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରଯାଇଛି । ମଙ୍ଗଳବାର ସକାଳେ ତେଲିଗଡ଼ ଗ୍ରାମର ସୁଦାମ ସୁଣ୍ଡି, ସାଗର ସୁଣ୍ଡି, ରିତିକ ମଲିକ, ସୁବାସ ସୁଣ୍ଡି ଓଲର ଗ୍ରାମର ମଳୟ ବେହେରା, ବାଲିକୁଦା ଗ୍ରାମର ବସନ୍ତ ଦାସଙ୍କ ସମେତ ୧୨ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ଆକ୍ରାନ୍ତଙ୍କରେ ୫ଶିଶୁ ଥିବା ଡ଼ାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି। ତେଲିଗଡଗ୍ରାମକୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏକ ଡ଼ାକ୍ତରୀ ଦଳ ଯାଇଛନ୍ତି। ଗ୍ରାମରେ ବ୍ଲିଚିଂ ପାଉଡର ପକାଇବା ସହିତ ଲୋକମାନଙ୍କୁ ସଚେତନ କରାଯାଇଛି । କେଉଁ କାରଣରୁ ଝାଡ଼ାବାନ୍ତି ରୋଗ ବ୍ୟାପୁଛି ସେ ସଂକ୍ରାନ୍ତରେ ଅନୁଧ୍ୟାନ କରାଯାଉଛି ।

PARADIP PORT AUTHORITY
HARBOUR WORKS DIVISION No.I,
e-TENDER CALL NOTICE
e-TCN No.CE/HWDI/ACCTS-15/23/231, dtd.17.07.2024.
Name of the Work: "Supply & installation of Ladders & Bollards along with installation of Cell & Super-M Fenders in various Berths of Paradip Port for two years". Put to tender value: Rs.1,16,88,795.32 plus GST as applicable. Last date & time of submission of tender through online bidding is 08.07.2024 up to 17:15 Hrs. For details, please log on to the Website: https://eprocure.gov.in/eprocure/app.
Sd/-Executive Engineer,
Harbour Works Division No.-I
Paradip Port Authority
PPA/PR/24/2024-25 dtd.22.07.2024

# ନଦୀବନ୍ଧ ଉନ୍ନତିମୂଳକ କାମ ଶେଷ

ବ୍ରହ୍ମବରଦା,୨୩।୭ (ଯଯାତି କେଶରୀ ବେହେରା):

ଜାରକା ଜଳସମ୍ପଦ ବିଭାଜନ ଅନ୍ତର୍ଗତ ବନ୍ଧଡିହ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ବ୍ରହ୍ମଣୀ ନଦୀର ଘେରୀବନ୍ଧକୁ ସୁଦୃଢୀକରଣ କରାଯାଉଛି। ବ୍ରାହ୍ମଣୀ ନଦୀରେ ବନ୍ୟା ଆସିଲେ ଯେପରି ଘାଇ ସୃଷ୍ଟି ନ ହୁଏ ସେଥିପାଇଁ ସରକାରଙ୍କ ପକ୍ଷରୁ ବନ୍ୟା ଚୁକ୍ତିନାମା ସଂଖ୍ୟା ୩୨୧୧/୨୩.୨୪ ଅନୁଯାୟୀ ଉକ୍ତ ନଦୀବନ୍ଧରେ ୨୩୩୨ ଘନମିଟର ମାଟି ପଡିବା ସହିତ ୫୪୫ ଘନ ମିଟର ପଥର ପ୍ୟାକିଂ କରାଯାଇଛି । ୨୪ଲକ୍ଷ ୧୧ହଜାର ୪୫୯ ଟଙ୍କା ବ୍ୟୟବରାଦରେ ଉକ୍ତ କାମ ୨୭।୨।୨୦୨୪ରୁ ଆରମ୍ଭ ହୋଇ ତା୨୬।୫।୨୦୨୪ରେ ଶେଷ ହେବ ବୋଲି ଚୁକ୍ତି କରାଯାଇଥିଲା। ସେହି ଅନୁଯାୟୀ କାମ ଶେଷ ହୋଇଛି। ସୂଚନା ଅନୁଯାୟୀ, ୨୦୨୦ ବ୍ରହ୍ମଣୀ ବନ୍ୟାରେ ବନ୍ଧଡିହସ୍ଥିତ କାଣ୍ଡିଆ ସାହିଠାରେ ୨୦୦ଫୁଟରେ ଘାଇ ସୃଷ୍ଟି ହୋଇ ଦୁଇ ମହଲା ବିଶିଷ୍ଟ କୋଠା ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା । ଏଥି ସହିତ ଅନେକ କଚ୍ଚା ଘର ଭାଙ୍ଗି ଯାଇଥିଲା। ଫଳରେ ଏକାଧିକ ପରିବାର ନଦୀ ବନ୍ଧ ଉପରେ ଜରିପାଲ ତଳେ ବହୁ ଦିନ କାଟିଥିଲେ।


ପଥର ପ୍ୟାକିଂ ହୋଇଥିବା ନଦୀବନ୍ଧ।

# ଅଚିହ୍ନା ଗଳିତ ମୃତଦେହ ଜବତ

କୁଜଙ୍ଗ,୨୩।୭(ମନୋଜ ପ୍ରଧାନ):

କୁଜଙ୍ଗ ବ୍ଲକ ତିର୍ତ୍ତୋଲ ଥାନା ଅନ୍ତର୍ଗତ ପୋତାନଇ ଗହୀରରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ ହୋଇଛି। ତାଙ୍କ ପରିଚୟ ମିଳିପାରନାହିଁ। ମୃତଦେହ ସମ୍ପୂର୍ଣ୍ଣ ପଚି ଯାଇଥିବାରୁ ମାଂସ ଝଡ଼ିବା ଆରମ୍ଭ ହୋଇଛି। ଏପରିକି ମୁଣ୍ଡର ଖପୁରୀ ଦେଖାଯାଉଛି। ସମ୍ପୃକ୍ତ ବ୍ୟକ୍ତିଙ୍କର ୧୫ ଦିନ ପୂର୍ବରୁ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜଙ୍କଠାରୁ ତିର୍ତ୍ତୋଲ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୨୬/୨୪) ରୁଜୁ ହୋଇଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଏସସିବି ମେଡିକାଲ କଲେଜର ଏଫଏମ୍‌ଟି ବିଭାଗକୁ ପଠାଯାଇଛି। । ଲୋକଟିର ବୟସ ପାଖାପାଖି ୪୦ ବର୍ଷ ହୋଇଥାଇପାରେ ବୋଲି ତିର୍ତ୍ତୋଲ ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି । ମୃତଦେହ ପଡ଼ିଥିବା ସ୍ଥାନଠାରୁ କିଛି ଦୂରରେ ଚଡ଼ି, ଗଞ୍ଜି ପଡ଼ିଥିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଶୌଚ ହେବାକୁଯାଇଥିବା ବେଳେ ତାଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ମୃତଦେହ ଚିହ୍ନଟ ହୋଇ ନ ଥିବାରୁ ତାଙ୍କ ଡିଏନ୍ଏ ଟେଷ୍ଟ ପାଇଁ ରଖାଯିବ ବୋଲି ପୋଲିସ କହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେମୃତକଙ୍କ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ଥାନା ଅଧିକାରୀ ନାୟକ କହିଛନ୍ତି। ମଙ୍ଗଳବାର ସକାଳ ପ୍ରାୟ ୯ଟା ବେଳେ ପୋତାନଇ ଅଞ୍ଚଳର ଜଣେ ବ୍ୟକ୍ତି ଗହୀରକୁ ଘୁଷୁରୀ ଚରାଇବାକୁ ଯାଇଥିବାବେଳେ ଏହି ଗଳିତ ମୃତଦେହ ଦେଖି ଗାଁ ଲୋକଙ୍କୁ ଜଣାଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ସ୍ବଟ୍ ସାମ୍ବାଦିକ ନିଯୁକ୍ତି କର୍ମଶାଳା
"ଓଡ଼ିଶା ମିରର୍" ସମ୍ବାଦପତ୍ର ଓ ଡିଜିଟାଲ ଟିଭି ପାଇଁ ଜିଲ୍ଲା ପ୍ରତିନିଧି, ବ୍ଲକ୍ ପ୍ରତିନିଧି, ପୌରାଞ୍ଚଳ ପ୍ରତିନିଧି, ବ୍ୟୁରୋ ଚିଫ୍ ଆବଶ୍ୟକ। କର୍ମଶାଳାରେ ଯୋଗଦେବା ପାଇଁ ନିମ୍ନଲିଖିତ ଇମେଲ କିମ୍ବା ହ୍ୱାଟ୍ସଆପ ନମ୍ବରରେ ସବିଶେଷ ତଥ୍ୟ ପଠାନ୍ତୁ।
odishamirror@gmail.com
or 8458099707 (whatsapp)

WANTED
ଭୁବନେଶ୍ୱରରେ ଘରୋଇ Car ଚଳାଇବା ପାଇଁ ଶୃଙ୍ଖଳିତ ଡ୍ରାଇଭର ଏବଂ ମାଳି କାମ ପାଇଁ ଅଭିଜ୍ଞ ଲୋକ ଆବଶ୍ୟକ।
Contact - 9861326975

Engineer ଆବଶ୍ୟକ
କଟକ, ଭୁବନେଶ୍ୱର, ପୁରୀ ଓ ଜଗତସିଂହପୁରରେ (Well and Pile) ବ୍ରିଜ୍ କାର୍ଯ୍ୟ ପାଇଁ Experience/Fresher Civil Engineer, Supervisor, Estimation କାର୍ଯ୍ୟ ଜାଣିଥିବା Engineer ଓ Other Staff ଆବଶ୍ୟକ ।
ରହିବା, ଖାଇବା ସୁବିଧା ଉପଲବ୍ଧ
Whatsapp:8917676698

Requirement for Gas Plants Male/Female, 8th to Graduate, ITI. Diploma, Accountant, Supervisor, Fireman, Junior Technician, Diesel Planning Officer, Data-entry, Electrician, Wireman, Fitter, Welder, Plumber, Driver, Guard. Salary 27k to 74k + all facility send c.v :- requermentongc11@gmail.com
9821890984 / 9654766802 (Whats app)

WE ARE HIRING!
Open Positions : (1 Year of Expertise)
▶ ASP VB.Net ▶ js node and mongodb
▶ ASP C#.Net ▶ Network Engineer
▶ Web API ▶ Desktop support Engineer
▶ MVC Architecture ▶ Server Engineer
▶ php ci3.4
SEND YOUR CV TO
Email : ebusiness@netscore.co.in / stechnotools@gmail.com
CALL US : SANJAY SAHA
91-7908158491 / 91-8895011111

ଭୁବନେଶ୍ୱରରେ ଘର କାମ ଓ ରୋଷେଇ ଜାଣିଥିବା ମହିଳା ସହାୟିକା ଆବଶ୍ୟକ।
ଯୋଗାଯୋଗ - 9078563251

See Career Appointment on every Wednesday & Saturday

REQUIREMENT
Graduate & well behaved candidate required for a construction firm with good communication skill
Mob. : 8338905555
sitekhorda@gmail.com

JAWAHARLAL NEHRU HIGHER SECONDARY SCHOOL
BALIANTA, KHORDHA
E-mail - jawaharlal193384@gmail.com, Ph. No - 7008428656
WALK-IN-INTERVIEW
Candidates having minimum 55% Mark in PG can walk-in-interview for Lecturer in Education (One Post) on Dt. 03.08.2024 Saturday from 11.30 A.M onwards.
Sd./- Principal

NIMAPARA AUTONOMOUS COLLEGE, NIMAPARA
Walk-in-Interview
Walk-in-interview for the engagement of Guest Faculty in the UG departments of Botany, Chemistry, Physics, English & Sanskrit with minimum qualification of 55% in PG., Lab Assistant for UG departments of Chemistry, Geology, Psychology with Hons. in subjects and Lab Assistant for PG dept. Chemistry with MSc. qualification. Candidates are to face the interview on 30.07.2024 at 10.00 am in the office of the undersigned. They are required to bring Xerox copy of testimonials with original certificates. No TA/DA shall be paid for attending the interview.
Sd./- Principal

# ୨ ବର୍ଷର ଲୋକାର୍ପିତ କେନାଲକୁ ପାଣି ଆସିନି

**ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଜଳସେଚନ ପ୍ରକଳ୍ପ**

■ ୬,୪୦୪ ହେକ୍ଟର ଖରିଫ ଚାଷକୁ ବର୍ଷା ଭରସା

କେନ୍ଦ୍ରାପଡ଼ା, ୨୩।୭ (ଜଗନ୍ନାଥ ଧଳ)

ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଜଳସେଚନ ପ୍ରକଳ୍ପର କେନାଲ ୨୦୨୨ ମେ ୧୮ ରେ ଲୋକାର୍ପିତ ହୋଇଥିଲା। କେନ୍ଦ୍ରାପଡ଼ା ଗରଦପୁର ବ୍ଲକ କଳାବୋଦାଠାରେ ଆୟୋଜିତ ଉତ୍ସବରେ ତତ୍କାଳୀନ ରାଜ୍ୟ ଜଳସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଏହି କେନାଲରେ ଖରିଫ ଚାଷ ପାଇଁ ପାଣି ଯୋଗାଇ ଦେବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ତତ୍କାଳୀନ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ଉପସ୍ଥିତିରେ ଏହି ଉଦ୍‌ଘାଟନ ଉତ୍ସବ ହୋଇଥିବାବେଳେ ଚାଷ ପାଇଁ ଜଳସେଚନ ସମସ୍ୟା ତୁଟିଥିବାରୁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ସ୍ଥାନୀୟ ଚାଷୀ ପ୍ରଶଂସା କରିଥିଲେ। ତେବେ ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଏହି କେନାଲକୁ ପାଣି ଟୋପାଏ ଆସିନାହିଁ। ସ୍ଥାନୀୟ ଅଞ୍ଚଳର ୬,୪୦୪ ହେକ୍ଟର ଚାଷୀ ଜମି ପାଇଁ ବର୍ଷା ଏକମାତ୍ର ଭରସା ହୋଇଛି।

ଏ ସମ୍ପର୍କରେ କୃଷକ ନେତା ବିଧୁ ଭୂଷଣ ମହାପାତ୍ର, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଚାଷୀ ରଞ୍ଜନ ରାଉତ, ସୁବାସ ରାଉତ, ଅମ୍ବିକା କାନୁନ୍‌ଗୋ, ସୁଶୀଲ ସାହୁ ପ୍ରମୁଖ କହିଛନ୍ତି, ଚଳିତବର୍ଷ ଖରିଫ ଚାଷ ପାଇଁ ୧୫ ତାରିଖରୁ ଜିଲାର ସମସ୍ତ କେନାଲରେ ପାଣି ଛଡାଯାଇଛି। ତେବେ ଏହି ଜଳସେଚନ ପ୍ରକଳ୍ପର କେନାଲରେ ୨ ବର୍ଷ ଧରି ପାଣି ଆସିନାହିଁ। ଫଳରେ ପାଣି ପାଇଁ ଚାହିଁଥିବା ଚାଷୀ ବର୍ଷା ଅପେକ୍ଷାରେ ରହିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବାକୁ ଥିବା ଦ୍ୱୀପାଞ୍ଚଳର ୧୫,୩୪୨ହେକ୍ଟର ଚାଷ ଜମି ମଧ୍ୟରୁ ୨୦୦୪ ସୁଦ୍ଧା କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକ ଓ ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ବ୍ଲକର ୮,୯୩୭ ହେକ୍ଟର ଜମିକୁ କେନାଲ ମାଧ୍ୟମରେ ଜଳ ଯୋଗାଇ ଦିଆଯାଇଛି। ୨ ବର୍ଷ ପୂର୍ବେ ଖୋଲାଯାଇଥିବା ୧୨କିମି ଲମ୍ବର ଚିତ୍ରୋତ୍ପଳା ନଦୀର ଦକ୍ଷିଣ ଓ ୧୦ କିମି ଦୀର୍ଘ ପାଇକା ନଦୀ ବାମପାର୍ଶ୍ୱ ଏହି କେନାଲ ସହିତ ପ୍ରାୟ ୫୦କିମିର ୪୫ଟି ମାଇନର ଓ ସବ୍‌ମାଇନର କେନାଲ ଖୋଲାଯିବା ପାଇଁ ଡିପିଆର ହୋଇଥିଲା। ଏହାଦ୍ୱାରା କେନ୍ଦ୍ରାପଡ଼ା ଜିଲାର ଗରଦପୁର ଓ ମାର୍ଶାଘାଇ ବ୍ଲକର ଅବଶିଷ୍ଟ ୬,୪୦୪ହେକ୍ଟର ଜମି ଚଳିତ ଖରିଫ ଋତୁଠାରୁ ଜଳସେଚିତ ହୋଇପାରିବ ବୋଲି ଆକଳନ କରାଯାଇଥିଲା। ମାତ୍ର ତତ୍କାଳୀନ ସମୟରେ କେନାଲ ଖୋଳା ଅଧାପନ୍ତରିଆ ହୋଇ ପଡ଼ିଥିବାବେଳେ ମନ୍ତ୍ରୀଙ୍କ ଲୋକାର୍ପଣ ଓ ଚଳିତ ଖରଫ ଋତୁରେ ଜଳ ଯୋଗାଣ ଦମ୍ଭୋକ୍ତି ଏହି ସମାରୋହରେ ଗୁଞ୍ଜରଣ ସୃଷ୍ଟି କରିଥିଲା। ଅଦ୍ୟାବଧି ଏହି କେନାଲରେ ପାଣି ନ ଆସିବାରୁ ମନ୍ତ୍ରୀଙ୍କ ତରବରିଆ ଉଦ୍‌ଘାଟନର କାରଣ ଖୋଜା ଚାଲିଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳର ୧୯,୫୪୨ ହେକ୍ଟର ଚାଷ ଜମି ଜଳସେଚିତ ହେବ। ଏହି ଦ୍ୱୀପାଞ୍ଚଳର କୃଷି ଓ କୃଷକଙ୍କୁ ସମୃଦ୍ଧ କରିବ। ଏପରି ସ୍ୱପ୍ନ ନେଇ ୨୩ ବର୍ଷ ପୂର୍ବେ ଜିଲାର ଗରଦପୁର, ମାର୍ଶାଘାଇ ଓ ମହାକାଳପଡା ବ୍ଲକ ସମେତ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକର ୩ ଶହରୁ ଊର୍ଦ୍ଧ୍ୱ ଗ୍ରାମର ଚାଷୀଙ୍କ ପାଇଁ ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଜଳସେଚନ ପ୍ରକଳ୍ପ ରାଜ୍ୟ ସରକାର ଆରମ୍ଭ କରିଥିଲେ। ଏଥିପାଇଁ ପ୍ରକଳ୍ପର ବ୍ୟୟ ବରାଦ ୧୯୮୯ରେ ମାତ୍ର ୩୯.୯୪ କୋଟି ଟଙ୍କା ହୋଇଥିବା ବେଳେ ୨୦୧୨ରେ ୩୯୫.୪୬ କୋଟି ଟଙ୍କାରେ ପହଞ୍ଚିଥିଲା। ଲୋକଙ୍କ ଦାବି ଅନୁଯାୟୀ, ଏଡିବି ସହାୟତାରେ ଏହି ପ୍ରକଳ୍ପ କାର୍ଯ୍ୟ ୨୦୧୬-୧୭ ଆର୍ଥିକ ବର୍ଷରେ ପୁଣି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପାଇକା ନଦୀର ବାମପାର୍ଶ୍ୱରେ ଥିବା ଯଦୁପୁର ପର୍ଯ୍ୟନ୍ତ ହେବାକୁ ଥିବା ଏହି ମୁଖ୍ୟ କେନାଲ ଏବେ ବଟିରା ପାଖରେ ଅଟକି ରହିଛି। ସେହିପରି ଚିତ୍ରୋତ୍ପଳା ନଦୀର ଦକ୍ଷିଣପାର୍ଶ୍ୱରେ ଆସିଥିବା ମୁଖ୍ୟ କେନାଲ ଗରଜଙ୍ଗା ପର୍ଯ୍ୟନ୍ତ ଯିବାକୁ ଥିବା ବେଳେ ଉଦ୍‌ଘାଟନ ପୂର୍ବରୁ ନଇନ୍ଦିପୁର ପାଖରେ ଅଟକି ରହିଛି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ କୁମାର ସେଠୀଙ୍କୁ ପଚାରିବାରେ ଜିଲାର ସମସ୍ତ କେନାଲରେ ପାଣି ଛଡାଯିବା ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସେ କହିଛନ୍ତି।


କେନାଲ ଶୁଖିଲା ପଡିଛି।


ପାଣି ଅଭାବରୁ ଚାଷଜମି ଫାଟି ଆଁ କରିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଲିକୁନ୍



@ ଶୁଭ୍ରାଂଶୁ ରଞ୍ଜନ



@ ଶୁଭ୍ରାଂଶୁ ସାହୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଟିରେ ମିଶିବ ବରଗଣ୍ଡ ପାହାଡ଼



ବରଗଣ୍ଡ ପାହାଡ଼କୁ ଖନନ କରାଯାଉଛି।



ବିନା ଅନୁମତିରେ ପାହାଡ଼ ପାଖରେ କ୍ରଶର ଚାଲିଛି

- ପରିବେଶ ମଞ୍ଜୁରୀ ନ ଥାଇ ଚାଲିଛି ଖଣି, କ୍ରଶର
- ତହସିଲ, ଖଣି ବିଭାଗ ପକ୍ଷରୁ ଚଢ଼ାଉ ନାହିଁ
- ନୂଆସାହିର ୧୫ରୁ ଊର୍ଦ୍ଧ୍ୱ ପରିବାର ଗାଁ ଛାଡ଼ିଲେଣି

**ନୟାଗଡ଼,୨୩।୭(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଖଣ୍ଡପଡ଼ା ତହସିଲ ସିଂଘାପଡ଼ା ଆର୍‌ଆଇ ଅଫିସ ଅନ୍ତର୍ଗତ ବରଗଣ୍ଡ ପାହାଡ଼ରେ ପରିବେଶ ମଞ୍ଜୁରୀ ନ ଥାଇ ବେଆଇନ ଭାବେ ଖଣି ଚାଲୁଥିବା ଅଭିଯୋଗ ହେଉଛି। ସେହିପରି ବେଆଇନ ଭାବେ କ୍ରଶର ଚାଲୁଛି। ତହସିଲ ଓ ଖଣି କାର୍ଯ୍ୟାଳୟର ଅନୁକମ୍ପା ବରଗଣ୍ଡ ପାହାଡ଼ ମାଟିରେ ମିଶିବାକୁ ଯାଉଛି। ବେଆଇନ ଖଣି ଓ କ୍ରଶର ଯୋଗୁ ଗାଁ ପରିବେଶ ପ୍ରଦୂଷିତ ହେଉଥିବାରୁ ବରଗଣ୍ଡ ନୂଆସାହିର ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ପରିବାର ଗାଁ ଛାଡ଼ିଲେଣି। ଯେଉଁମାନେ ଅଛନ୍ତି ସେମାନେ ହଇରାଣ ହେଉଛନ୍ତି।

ଅଭିଯୋଗ ଅନୁସାରେ, ବରଗଣ୍ଡ ପାହାଡ଼ରେ ପ୍ରତ୍ୟହ ବ୍ଲାଷ୍ଟିଂ ହେଉଛି। ବ୍ଲାଷ୍ଟିଂ ଯୋଗୁ ଘରେ ଫାଟ ସୃଷ୍ଟି ହେଲାଣି। ପୁଣି ବ୍ଲାଷ୍ଟିଂ ସମୟରେ ମୃଦୁ ଭୂମିକମ୍ପ ହେବା ପରି ଲାଗୁଛି। ବ୍ଲାଷ୍ଟିଂ ସମୟରେ ପଥର ଖଣ୍ଡ ଚାଷଜମି ଓ ଘର ଉପରେ ପଡୁଛି। ଘର ଭାଙ୍ଗୁଛି ଓ ଫସଲ ନଷ୍ଟ ହେଉଛି। ପୁଣି କ୍ରଶର ଗୁଣ୍ଡ ଯୋଗୁ ଘର, ଗଛଲତା ଉପରେ ଆବରଣ ସୃଷ୍ଟି ହେଲାଣି। ଗାଁ ଲୋକ କବାଟ ଖୋଲିବାକୁ ଡରୁଛନ୍ତି। ଖାଦ୍ୟ ଖାଇଲା ବେଳେ ପଥର ଗୁଣ୍ଡ ପଡୁଛି। ଲୋକଙ୍କର ନିଃଶ୍ୱାସପ୍ରଶ୍ୱାସ ନେବା କାଠିକର ପାଠ ହୋଇପଡିଲାଣି। ବେଆଇନ ଖଣି ଓ କ୍ରଶରକୁ ବନ୍ଦ କରିବାକୁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଛନ୍ତି। ହେଲେ ସେମାନଙ୍କର ଅଭିଯୋଗ ଶୀତଳଭଣ୍ଡାରକୁ ଚାଲିଯାଉଛି। ଚଢ଼ାଉ ବଦଳରେ ଅନୁକମ୍ପା ଦେଖାଯାଉଥିବାରୁ ଗ୍ରାମବାସୀ ଅପଦସ୍ଥ ହେଉଛନ୍ତି। ଏପରିକି ଅଭିଯୋଗ କରୁଥିବା ଲୋକଙ୍କୁ ଧମକ ଚମକ ଓ ମାରପିଟ୍ କରି ଅଭିଯୋଗକୁ ଚାପି ଦିଆଯାଉଛି। ଏଭଳିସ୍ଥଳେ କିଛି ଲୋକ ଗାଁ ଛାଡୁଛନ୍ତି। ୩୬ ପରିବାର ବିଶିଷ୍ଟ ଗାଁରୁ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ପରିବାର ଘର ଛାଡି ସାରିଲେଣି। ଏ ନେଇ ଜଣେ ଗ୍ରାମବାସୀ ନିଜ ନାଁ ଗୋପନ ରଖି କହିଛନ୍ତି, ସରକାର ବଦଳିଥିଲେ ମଧ୍ୟ ଆମ ଦୁଃଖ କେହି ବୁଝୁନାହାନ୍ତି। ଗାଁରେ ବେଆଇନ ଖଣି ଓ କ୍ରଶର ଚାଲିଥିଲେ ମଧ୍ୟ ଲଗାମ ନାହିଁ। ପ୍ରଶ୍ନ ଉଠୁଛି ଅନୁମତି ନ ଥାଇ ଗାଁ ପାଖରେ ଖଣି ଓ କ୍ରଶର ଚାଲୁଛି କିପରି। କାହିଁକି ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଉନାହିଁ। ପ୍ରତିଦିନ ଗାଁରେ ଭାରିଯାନ ଯାଉଛି। ଗାଁ ପରିବେଶ ବଦଳି ଯାଇଛି। ପ୍ରଦୂଷିତ ପରିବେଶରେ ଲୋକମାନେ ବସବାସ କରିବା ସମ୍ଭବ ହେଉନାହିଁ। ସିଂଘାପଡ଼ା ଆରଆଇ କାଜଲ ପଟ୍ଟନାୟକ କୁହନ୍ତି, ବରଗଣ୍ଡ ଖଣି ଓ କ୍ରଶର ପରିବେଶ ମଞ୍ଜୁରୀ ପାଇଛି କି ନା ଜଣାପଡୁନି। ଆମ ପାଖରେ ସେନେଇ କିଛି ସୂଚନା ନାହିଁ। ତହସିଲଦାର ଓ ଖଣି ବିଭାଗ ଏ ନେଇ କହିପାରିବେ ବୋଲି ସେ କହିଥିଲେ। ଖଣି ଅଧିକାରୀ ଈଶ୍ୱର ପ୍ରଧାନଙ୍କ ମୋବାଇଲ ନମ୍ବର ୯୫୫୬୦୪୦୧୩୫କୁ ଯୋଗାଯୋଗ କଲେ ସେ ଉଠାଉ ନାହାନ୍ତି।

**PARADIP PORT AUTHORITY**
**HARBOUR WORKS DIVISION No.I,**
**e-TENDER CALL NOTICE**
e-TCN No.CE/HWDI/ACCTS-15/23/231, dtd.17.07.2024.
**Name of the Work:** "Supply & installation of Ladders & Bollards along with installation of Cell & Super-M Fenders in various Berths of Paradip Port for two years". Put to tender value: Rs.1,16,88,795.32 plus GST as applicable. Last date & time of submission of tender through online bidding is 08.07.2024 up to 17:15 Hrs. For details, please log on to the Website: https://eprocure.gov.in/eprocure/app.
Sd/-Executive Engineer,
Harbour Works Division No.-I
Paradip Port Authority
PPA/PR/24/2024-25 dtd.22.07.2024

# ଆମ୍ବଗଛ ପଡ଼ି ରାସ୍ତା ଅବରୋଧ



ଅଗ୍ନିଶମ କର୍ମଚାରୀମାନେ ଗଛକୁ କାଟୁଛନ୍ତି।

**ଦଶପଲ୍ଲା, ୨୩।୭( ପ୍ରକାଶ କୁମାର ପାଣି)**

ଦଶପଲ୍ଲା ବ୍ଲକ୍ ବୁଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଏକ ବିରାଟ ଆମ୍ବଗଛ ଲଗାଣ ବର୍ଷା ଫଳରେ ମଙ୍ଗଳବାର ଅପରାହ୍ନ ୨ଟାରେ ଉପୁଡି ପଡିଛି। ଫଳରେ ବୁଗୁଡା ବାଙ୍କତଇଲା ରାସ୍ତା ଅବରୋଧ ହୋଇଛି। ଏଥିସହ ମାନସ କୁମାର ସାହୁଙ୍କ ବାସଗୃହ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଗଛ ପଡିବା ଯୋଗୁଁ ବିଦ୍ୟାଳୟର ପାଚେରି ଭାଙ୍ଗିଯିବା ସହିତ ବୁଗୁଡା, ବାଙ୍କତଇଲା, ଶିମିଳିସାହି, ଘାଟିଆମୁଣ୍ଡା, ମୁଣ୍ଡୁଳି, ମଞ୍ଜାରୀ ପ୍ରଭୃତି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଗ୍ରାମବାସୀଙ୍କଠାରୁ ଖବରପାଇ ଦଶପଲ୍ଲା ଅଗ୍ନିଶମ ବାହିନୀ ଗଛ କାଟି ରାସ୍ତା ସଫା କରିଥିଲେ।

# ରକ୍ଷଣାବେକ୍ଷଣ ଅଭାବରୁ ସରକାରୀ ବାସଗୃହ ଛାତରେ ଧାନଗଛ

**ଖଣ୍ଡପଡ଼ା,୨୩।୭(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦୀର୍ଘବର୍ଷ ଧରି ରହୁଥିବା କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ସମୟାନୁକ୍ରମେ ସରକାରୀ କ୍ୱାର୍ଟର୍ସଗୁଡିକ ନଷ୍ଟ ହୋଇ ଭୁଶୁଡି ପଡିବାର ଆଶଙ୍କା ପ୍ରକାଶ ପାଇଛି। ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ କର୍ମଚାରୀମାନେ ରହୁଥିବା କ୍ୱାର୍ଟର୍ସ ଛାତ ଉପରେ ଖରାଦିନେ ନଡାବିଡା ବିଛାଇଥିଲେ। ଖରାଦିନ ଯାଇ ଏବେ ବର୍ଷାଋତୁ ଚାଲିଥିଲେ ମଧ୍ୟ କ୍ୱାର୍ଟର୍ସ ଛାତ ଉପରେ ବିଛା ଯାଇଥିବା ନଡାବିଡାଗୁଡିକ ଉଠାଯାଇ ନ ଥିବାରୁ ବର୍ଷାରେ ସେଥିରୁ ଧାନଗଛ ଉଠି ଧାନକ୍ଷେତର ଭ୍ରମ ସୃଷ୍ଟି କରୁଛି। ପାଣି ଜମି ରହି ବାସଗୃହ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ପ୍ରକାଶ ଥାଉ କି ପ୍ରତିବର୍ଷ ସରକାରୀ କ୍ୱାର୍ଟର୍ସଗୁଡିକର ଆବଶ୍ୟକ ରକ୍ଷଣାବେକ୍ଷଣ, ମରାମତି ଓ ରଙ୍ଗ କରିବା ବାବଦରେ ପୂର୍ତ୍ତ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ହେଉଛି। ମାତ୍ର କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏପରି ଅବସ୍ଥା ହେଉଥିବା ଜଣାଯାଇଛି। ଦାୟିତ୍ୱହୀନ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ କାର୍ଯ୍ୟକଳାପ ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। କ୍ୱାର୍ଟର୍ସଗୁଡିକ ଛାତ ଉପରୁ ନଡାବିଡାଗୁଡିକ ହଟାଇ ଦେବାକୁ ସାଧାରଣରେ ଦାବି ହେଉଛି।



ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କ୍ୱାର୍ଟର୍ସଗୁଡିକ ଛାତ ଉପରେ ଧାନ ଗଛ ଉଠିଛି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ସ୍ୱତ୍ ସାମ୍ବାଦିକ ନିଯୁକ୍ତି କର୍ମଶାଳା**
"ଓଡ଼ିଶା ମିରର୍" ସମ୍ବାଦପତ୍ର ଓ ଡିଜିଟାଲ ଟିଭି ପାଇଁ ଜିଲ୍ଲା ପ୍ରତିନିଧି, ବ୍ଲକ୍ ପ୍ରତିନିଧି, ପୌରାଞ୍ଚଳ ପ୍ରତିନିଧି, ବ୍ୟୁରୋ ଚିଫ୍ ଆବଶ୍ୟକ। କର୍ମଶାଳାରେ ଯୋଗଦେବା ପାଇଁ ନିମ୍ନଲିଖିତ ଇମେଲ କିମ୍ବା ହ୍ୱାଟ୍ସଆପ ନମ୍ବରରେ ସବିଶେଷ ତଥ୍ୟ ପଠାନ୍ତୁ।
odishamirror@gmail.com
or 8458099707 (whatsapp)

**WANTED**
ଭୁବନେଶ୍ୱରରେ ଘରୋଇ Car ଚଳାଇବା ପାଇଁ ଶୃଙ୍ଖଳିତ ଡ୍ରାଇଭର ଏବଂ ମାଳି କାମ ପାଇଁ ଅଭିଜ୍ଞ ଲୋକ ଆବଶ୍ୟକ।
Contact - 9861326975

**Engineer ଆବଶ୍ୟକ**
କଟକ, ଭୁବନେଶ୍ୱର, ପୁରୀ ଓ ଜଗତସିଂହପୁରରେ (Well and Pile) ବ୍ରିଜ୍ କାର୍ଯ୍ୟ ପାଇଁ Experience/Fresher Civil Engineer, Supervisor, Estimation କାର୍ଯ୍ୟ ଜାଣିଥିବା Engineer ଓ Other Staff ଆବଶ୍ୟକ।
ରହିବା, ଖାଇବା ସୁବିଧା ଉପଲବ୍ଧ
Whatsapp:8917676698

Requirement for Gas Plants Male/Female, 8th to Graduate, ITI. Diploma, Accountant, Supervisor, Fireman, Junior Technician, Diesel Planning Officer, Data-entry, Electrician, Wireman, Fitter, Welder, Plumber, Driver, Guard. Salary 27k to 74k + all facility send c.v :- requermentongc11@gmail.com
9821890984 / 9654766802 (Whats app)

**WE ARE HIRING!**
Open Positions : (1 Year of Expertise)
- ASP VB.Net
- ASP C#.Net
- Web API
- MVC Architecture
- php ci3.4
- js node and mongodb
- Network Engineer
- Desktop support Engineer
- Server Engineer

SEND YOUR CV TO
Email : ebusiness@netscore.co.in / stechnotools@gmail.com
CALL US : SANJAY SAHA
91-7908158491 / 91-8895011111

ଭୁବନେଶ୍ୱରରେ ଘର କାମ ଓ ରୋଷେଇ ଜାଣିଥିବା ମହିଳା ସହାୟିକା ଆବଶ୍ୟକ।
ଯୋଗାଯୋଗ - 9078563251

# ରାସ୍ତା କାମ ଅବଧି ସରିଲା, ଶେଷ ହେଲାନି



କୁଆଁରିଆ ନଦୀ ଉପରେ ନିର୍ମାଣାଧୀନ ସେତୁ କାର୍ଯ୍ୟ ଅଧା ହୋଇପଡିଛି।



ରାସ୍ତା କାମ ପାଖରେ ଲାଗିଥିବା ସୂଚନା ଫଳକ।

## ମରେଇକଣ-ଦହିଖାଇ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା

- ଜମି ଅଧିଗ୍ରହଣ ବିଳମ୍ବ କାର୍ଯ୍ୟ ତ୍ୱରାନ୍ୱିତରେ ବାଧକ ସାଜିଛି
- କୁଆଁରିଆ ସେତୁ ନିର୍ମାଣରେ ବିଳମ୍ବକୁ ନେଇ ଜନ ଅସନ୍ତୋଷ

**ଖଣ୍ଡପଡ଼ା ୨୩।୭(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡ଼ା ପଞ୍ଚାୟତର ଦହିଖାଇ ଛକଠାରୁ ବରକୋଳି, ତେନ୍ତୁଳିଆପଲ୍ଲୀ ଗ୍ରାମ ଦେଇ କଣ୍ଟିଲୋ ପଞ୍ଚାୟତର ମରେଇକଣକୁ ସଂଯୋଗୀକରଣ ଲାଗି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ହେଲେ ଅବଧି ସରି ଯାଇଥିଲେ ହେଁ କାମ ଶେଷ ହୋଇପାରିନାହିଁ। ଅନୁଦାନ ଅର୍ଥରେ ରାସ୍ତାର କିଛି ଅଂଶ ସିମେଣ୍ଟ କଂକ୍ରିଟ୍‌କରଣ କାର୍ଯ୍ୟ ଶେଷ ହୋଇଛି। ସେହିପରି ଉକ୍ତ ରାସ୍ତାରେ ପଡୁଥିବା କୁଆଁରିଆ ନଦୀ ଉପରେ ୧୮୦ ମିଟର ଲମ୍ବର ସେତୁ ମଧ୍ୟରୁ ପ୍ରାୟ ୧୨୦ମିଟର ସେତୁର ଛାତ କାର୍ଯ୍ୟ ସମ୍ପନ୍ନ ହୋଇସାରିଛି। ତେବେ ଅବଶିଷ୍ଟ ୬୦ ମିଟର ବିଶିଷ୍ଟ ସେତୁ କାର୍ଯ୍ୟ କରିବାରେ କେତେକ ବ୍ୟକ୍ତିଙ୍କର ଜମି ଅଧିଗ୍ରହଣ କରିବାରେ ବିଳମ୍ବ ଘଟୁଥିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବା ଜଣାଯାଇଛି। ଏହି ସେତୁର ୬ଟି ସ୍ପାନ କାର୍ଯ୍ୟ ମଧ୍ୟରୁ ୪ଟିର ଶେଷ ହୋଇଛି। ଏହି ସେତୁ ପରିସୀମା ମଧ୍ୟରେ ୫ଜଣ ବ୍ୟକ୍ତିଙ୍କ ଜମି ରହିଥିବାବେଳେ ୨ଜଣ ବ୍ୟକ୍ତିଙ୍କ ଜମି ଅଧିଗ୍ରହଣ ହୋଇ ସାରିଛି। ଅନ୍ୟ ୩ ଜଣ ବ୍ୟକ୍ତିଙ୍କ ଜମି ଅଧିଗ୍ରହଣ କାର୍ଯ୍ୟ ପ୍ରଶାସନିକ ସ୍ତରରେ ଚାଲିଥିବା ବେଳେ ଖୁବ୍‌ଶୀଘ୍ର ଉକ୍ତ କାର୍ଯ୍ୟ ଶେଷ ହୋଇଗଲେ ସେତୁ କାର୍ଯ୍ୟ ସମ୍ପନ୍ନ ହୋଇଯିବ ବୋଲି ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ରାଜକିଶୋର ନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୨ ସେପ୍ଟେମ୍ବରରୁ କୁଆଁରିଆ ସେତୁ ଓ ସଂଲଗ୍ନ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ୨୦୨୪ ମାର୍ଚ୍ଚ ୧୧ ତାରିଖରେ ଉକ୍ତ ସେତୁ ଓ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ସ୍ଥାନରେ ଲଗାଯାଇଥିବା ସୂଚନା ଫଳକରୁ ଜଣାପଡ଼ିଛି। ତେବେ ଆସନ୍ତା ପୂଜାଛୁଟି ମଧ୍ୟରେ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବ ବୋଲି ବରିଷ୍ଠ ଯନ୍ତ୍ରୀ ନାୟକ ସୂଚନା ଦେଇଛନ୍ତି। ସେହିପରି ମରେଇକଣ ପାର୍ଶ୍ୱରୁ ସେତୁକୁ ସଂଯୋଗ କରୁଥିବା ରାସ୍ତାର କିଛିଅଂଶ ଜମି ଅଧିଗ୍ରହଣ ହୋଇ ନ ପାରିଥିବା ଯୋଗୁ ଅଧାରେ ଅଟକି ଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ୮.୬୪ କୋଟି ଟଙ୍କା ବ୍ୟୟରେ କୁଆଁରିଆ ନଦୀ ଉପରେ ୬ ସ୍ପାନ୍ ବିଶିଷ୍ଟ ନୂତନ ସେତୁ ନିର୍ମାଣ ହେଲେ ଆଖପାଖ ପଥରଦ୍ୱାର, ମୁରାରୀପୁର, ତେନ୍ତୁଳିଆପଲ୍ଲୀ, ବରକୋଳି, ବେଣାଗାଡ଼ିଆ, ଦହିଖାଇ, କୁଟୁକୁଣୀ, ସିଂଘାପଡ଼ା, ବରଗଣ୍ଡ, ରୁପାପଲ୍ଲୀ, ଗଡ଼ିଆସାହି, ସାଧୁଆପଲ୍ଲୀ, ମାଧବେରେଣୀ ସମେତ ଆଖପାଖ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହେବା ସହ ଖଳିସାହିରୁ କୋସ୍କାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ସହ ସଡ଼କପଥରେ ପ୍ରଭୁ ଶ୍ରୀନୀଳମଧାବ କ୍ଷେତ୍ର କଣ୍ଟିଲୋକୁ ଯାତାୟାତ ନିମନ୍ତେ ସୁଯୋଗ ସୃଷ୍ଟି ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାରେ କୁଆଁରିଆ ସେତୁ ଓ ସଂଯୋଗୀକରଣ ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ନିମନ୍ତେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯିବା ସହ ଏଥି ନିମନ୍ତେ ସମ୍ପୃକ୍ତ ଠିକାଦାରଙ୍କୁ ବାରମ୍ବାର ତାଗିଦା କରାଯାଉଥିବା ଯନ୍ତ୍ରୀ ରାଜକିଶୋର ନାୟକ ସୂଚନା ଦେଇଛନ୍ତି। ସେହିପରି ଜମି ଅଧିଗ୍ରହଣ ନେଇ ଯେଉଁ ସମସ୍ୟା ରହିଛି, ତହସିଲ ପ୍ରଶାସନ ସହଯୋଗରେ ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି ସେ କହିଛନ୍ତି।

See Career Appointment on every Wednesday & Saturday

**REQUIREMENT**
Graduate & well behaved candidate required for a construction firm with good communication skill
Mob. : 8338905555
sitekhorda@gmail.com

**JAWAHARLAL NEHRU HIGHER SECONDARY SCHOOL BALIANTA, KHORDHA**
E-mail - jawaharlal193384@gmail.com, Ph. No - 7008428656
**WALK-IN-INTERVIEW**
Candidates having minimum 55% Mark in PG can walk-in-interview for Lecturer in Education (One Post) on Dt. 03.08.2024 Saturday from 11.30 A.M onwards.
Sd./- Principal

**NIMAPARA AUTONOMOUS COLLEGE, NIMAPARA**
**Walk-in-Interview**
Walk-in-interview for the engagement of Guest Faculty in the UG departments of Botany, Chemistry, Physics, English & Sanskrit with minimum qualification of 55% in PG., Lab Assistant for UG departments of Chemistry, Geology, Psychology with Hons. in subjects and Lab Assistant for PG dept. Chemistry with MSc. qualification. Candidates are to face the interview on 30.07.2024 at 10.00 am in the office of the undersigned. They are required to bring Xerox copy of testimonials with original certificates. No TA/DA shall be paid for attending the interview.
Sd./- Principal

## ସଂକ୍ଷେପରେ

### ବଡ଼ଚଣା ବ୍ଲକ କାର୍ଯ୍ୟାଳୟରେ ଗଣ୍ଡଗୋଳ

**ଚଣ୍ଡୀଖୋଲ,୨୩।୭(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଗଣ୍ଡଗୋଳ ହୋଇଥିବା ନେଇ ବଡ଼ଚଣା ଥାନାରେ ଦୁଇଟି ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଖଇରା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ମହେଶ୍ୱର ମଲିକ ଜଣେ ବ୍ଲକ କର୍ମଚାରୀଙ୍କୁ ମୋଟର ସାଇକେଲରେ ବସାଇ ବ୍ଲକ କାର୍ଯ୍ୟାଳୟକୁ ଯାଇଥିବା ବେଳେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା କେତେଜଣ ବ୍ୟକ୍ତି ତାଙ୍କୁ ଗାଳି ଗୁଲଜ କରିଥିଲେ। ଏପରିକି ଜାତିଆଣ ଆକ୍ଷେପ କରିଥିଲେ। ସେହିଭଳି ଚଣ୍ଡୀତଳ ପଞ୍ଚାୟତ ତେଲିଗଡ ଗ୍ରାମର ଜଗବନ୍ଧୁ ଶୁକ୍ଳ ନିଜର ବ୍ୟକ୍ତିଗତ କାର୍ଯ୍ୟରେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିବା ବେଳେ ବ୍ଲକ ପରିସରରେ ଥିବା କେତେଜଣ ବ୍ୟକ୍ତି ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ତାଙ୍କ ମୋଟର ସାଇକେଲକୁ ତଳେ ପକାଇ ଦେବା ସହ ଗାଳି ଗୁଲଜ କରିଥିଲେ।ବଡ଼ଚଣା ପୋଲିସ ଦୁଇଟି ଅଭିଯୋଗ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି।

### ଧର୍ମଶାଳା ମୁନି ସମାଜର ଯୋଗ ବୈଠକ

**ଧର୍ମଶାଳା,୨୩।୭(ବଟକୃଷ୍ଣ ପରିଡ଼ା) :**

ମୁନି ସମାଜ ଧର୍ମଶାଳା ଶାଖାର ଯୋଗ ବୈଠକ ଯାଜପୁର ପ୍ରଚାର ସଙ୍ଗଠକ ମୁନି ରତ୍ନ ଯୋଗୀ ନାରାୟଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଦୁବଗାଡିଆଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ପ୍ରାନ୍ତ ମୁନି ସମାଜ ଯୋଗାଚାର୍ଯ୍ୟ ଧ୍ରୁବ ଚରଣ ପ୍ରଧାନ, ଉପସଭାପତି ଯୋଗୀ ବନମାଳୀ ରାଉତ, କୋଷାଧ୍ୟକ୍ଷ ଯୋଗୀ ରମେଶ ବେହେରା, ମୁନି ଲିଟୁ ବେହେରା, ରଥିଆ ଯୋଗାଶ୍ରମର ସଭାପତି ମୁନି ରଘୁନାଥ ଦାସ, ଧର୍ମଶାଳା ମୁନି ସମାଜର ଉପଦେଷ୍ଟା ମୁନିରାଜ ପୁରୁଷୋତ୍ତମ ମହାନ୍ତି, ଯୋଦୀ ପ୍ରଶାନ୍ତ ନାୟକ, ମୁନିରାଜ ଦାଶରଥୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ । ମୁନି ସମାଜର ଲକ୍ଷଣ, ନିୟମ, ନାମଗୁଡ଼ିକୁ କଡାକଡି ଭାବେ ପାଳନ କରିବା ଓ ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଆସନ୍ତା ନଭେମ୍ବର ୩୦ ଓ ଡିସେମ୍ବର ୧ ତାରିଖ ୨ ଦିନ ଓଡ଼ିଶା ପ୍ରାନ୍ତ ମୁନି ସମାଜର ମହାଅଧିବେଶନ ଜାରକାଠାରେ କରିବାକୁ ସ୍ଥିର କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମୁନିରାଜ ଭିକାରୀ ମଲିକ,ମାଧବାନନ୍ଦ ମଲିକ, ଅମିତ ମୁନି, ଯୋଗ ପ୍ରଶିକ୍ଷିକା ସତ୍ୟଭାମା ଦାସ ପ୍ରମୁଖ ଯୋଗଦେଇଥିଲେ ।

### ଡାଳ ପଡ଼ି ଯୁବକଙ୍କ ମୃତ୍ୟୁ

**ହାଟଡିହୀ,(ଶୁଭକାନ୍ତ ନାୟକ):**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ତରଭା ଗାଁ ମନ୍ଦିର ନିକଟରେ ଗଛଡାଳ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ପ୍ରକାଶ ସେଠୀ(୨୨)। ସେ ମନ୍ଦିର ନିକଟରେ ଥିବା ଏକ ଗଛ ମୂଳରେ ଛିଡ଼ା ହୋଇଥିଲେ। ସେହି ସମୟରେ ଗଛରେ ଭାଙ୍ଗି ଅଧା ଲଟକି ରହିଥିବା ଏକ ଡାଳ ତାଙ୍କ ଉପରେ ଖସିପଡ଼ିଥିଲା। ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଭୂତକୋଠି ପାଲଟିଛି ଗୋପାଳନ କେନ୍ଦ୍ର

**ଯାଜପୁର,୨୩।୭(ହର୍ଷବର୍ଦ୍ଧନ ବେହେରା)**

ଗୋପାଳନ ପାଇଁ ତିଆରି ହୋଇଛି କୋଟିଏ ଟଙ୍କାର ଗୁହାଳ। କିନ୍ତୁ ଗୁହାଳ ସଂପୂର୍ଣ୍ଣ ହୋଇ ନ ଥିବାରୁ ଉକ୍ତ ସ୍ଥାନ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି। ମିଶନ ଶକ୍ତି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାର ଯେଉଁ ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ନିର୍ମାଣ ହୋଇଥିଲା ତାହା ପରାହତ ହୋଇଛି। ସେହିପରି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇ ଅନୁଦାନର ସିଂହଭାଗ ଅର୍ଥ ହେରଫେର ଅଭିଯୋଗ ହୋଇଥିବାରୁ ଉକ୍ତ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାଜପୁର ସଦର ବ୍ଲକର ମାଳଆନନ୍ଦପୁର ପଞ୍ଚାୟତରେ ଏପରି ଏକ ଦୁର୍ନୀତି ଅଭିଯୋଗ ସାମ୍ନାକୁ ଆସିଛି। ଏହି ପଞ୍ଚାୟତରେ ଗତ ୪ ବର୍ଷରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବିପୁଳ ଟଙ୍କା ବ୍ୟୟ ହୋଇଛି। ଏହି ଅନୁଦାନରେ ନିର୍ମିତ ଗୋପାଳନ କେନ୍ଦ୍ର, କୁକୁଡା ଫାର୍ମ ଓ ଛେଳି



କାମରେ ଲାଗୁନି ଗୋପାଳନ କେନ୍ଦ୍ର।

ଫାର୍ମ ଏବେ ଭୂତକୋଠି ପାଲଟିଛି। ଏହାକୁ ନେଇ ଅଞ୍ଚଳବାସୀ ତଦନ୍ତ ଦାବି କରିଛନ୍ତି।

ଗୁହାଳ ନିର୍ମାଣ କରି ଠିକାଦାର ମାଲାମାଲ ହୋଇଥିବା ବେଳେ ମିଶନ ଶକ୍ତି ମହିଳାଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଏବଂ ଗୋପାଳନ ଆଦି ବାଟବଣା ହୋଇଛି। ଉପଯୁକ୍ତ ବ୍ୟବହାର ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ଗୁହାଳ ଯୋଜନା ମୁତାବକ କାର୍ଯ୍ୟରେ ଲାଗିପାରିନାହିଁ। ସେହିପରି ଛେଳି ଫାର୍ମ ନୂଆ ଭାବେ ନିର୍ମାଣ ହୋଇଥିବା ବେଳେ ସେଠାରେ ଲୋକେ ନିଜର ରୋଷେଇ ପାଇଁ ଜାଳ ସଂଗ୍ରହ କରି ରଖିଥିବା ଦେଖିବାକୁ ମିଳିଛି। କୁକୁଡା ଫାର୍ମରେ କୁକୁଡା ରଖାଯାଇ ଉଦ୍‌ଘାଟନ କରାଯିବା ପରେ କୁକୁଡା କୁଆଡ଼େ ଗଲେ, ତାହା କାହାକୁ ଜଣାନାହିଁ। ଆଉ ସେ ଜାଗାରେ ଏବେ ଗାଁର ଛେଳି ରହୁଥିବା ଦେଖିବାକୁ ମିଳିଛି । ତେବେ ବିପୁଳ ଟଙ୍କା ଖର୍ଚ୍ଚ କରି କରାଯାଇଥିବା ଏହି ଫାର୍ମ କାହା ସ୍ୱାର୍ଥ ପାଇଁ ବୋଲି ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଲୋକେ। ସୂଚନାଯୋଗ୍ୟ ମାଳଆନନ୍ଦପୁର ପଞ୍ଚାୟତ ବଜରପଡ଼ାଠାରେ ମିଶନ ଶକ୍ତି ମହିଳାଙ୍କୁ ରୋଜଗାରକ୍ଷମ କରିବାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗୋ-ଗୁହାଳ, କୁକୁଡା ଫାର୍ମ ଏବଂ ଛେଳି ଫାର୍ମ ନିର୍ମାଣ କରାଯାଇଥିଲା। ଗୋଚର ଜମିରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିବାବେଳେ କେତେଜଣ ନେତା ଓ ଠିକାଦାର ଏହାର ଲାଭ ନେଇ ମାଲାମାଲ ହୋଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। କିନ୍ତୁ ଅଞ୍ଚଳବାସୀ ପ୍ରକଳ୍ପର ଏପରି ଅପବ୍ୟବହାରକୁ ଦେଖି ଅସନ୍ତୋଷ ପ୍ରକାଶ କରିଛନ୍ତି। କୁକୁଡ଼ା ଫାର୍ମରେ ରହିଥିବା କୁକୁଡ଼ା ଖାଦ୍ୟାଭାବରୁ ମରି ଯାଇଥିବା କୁହାଯାଉଛି।

# ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ପାଇଁ ୫ ଖେଳାଳି ମନୋନୀତ




ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାକୁ ମନୋନୀତ ହୋଇଥିବା ୫ ପ୍ରତିଯୋଗୀ।

**କାଏମା/ଧର୍ମଶାଳା,୨୩।୭ (ଶିବପ୍ରସାଦ ମହାନ୍ତି/ବଟକୃଷ୍ଣ ପରିଡ଼ା):**

ଚଳିତ ମାସ ୨୧ ତାରିଖରେ ଯାଜପୁର ଟାଉନସ୍ଥିତ ମା'ବିରଜା କଲ୍ୟାଣ ମଣ୍ଡପଠାରେ ତୃତୀୟ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜାରକାସ୍ଥିତ(ପଣ୍ଡୁଆ) ଡ୍ରିମ୍‌ଲ୍ୟାଣ୍ଡ ସ୍କୁଲର ଛାତ୍ରୀଛାତ୍ର ଏଥିରେ ସଫଳତା ଅର୍ଜନ କରିଛନ୍ତି । ବାଳକ କ୍ୟୁରୋଗି ସୁପର ସବ୍‌ଜୁନିୟର ବିଭାଗରେ ସାଇକ୍ରିଷ୍ଣା ନାୟକ(୧୦ କେଜି) ସ୍ୱର୍ଣ୍ଣ , ଶ୍ରୀବାସ ଜେନା ସାମନ୍ତ(୨୨କେଜି)ସ୍ୱର୍ଣ୍ଣ, ଦିବେଶ ପାତ୍ର(୨୨କେଜି) କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ବାଳିକା ସୁପର ସବ୍‌ଜୁନିୟର ବିଭାଗରେ ଅନ୍ୱରା ରାଉତରାୟ(୩୨ କେଜି)ସ୍ୱର୍ଣ୍ଣ,ଶ୍ରେୟସ୍ମିତା ପାଳ(୧୬ କେଜି) ରୌପ୍ୟ ପଦକ ହାସଲ କରି ନିଜ ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ସ୍କୁଲର ଅଧକ୍ଷା ଦେବାଶ୍ରିତା ନାୟକ, ଶିକ୍ଷୟିତ୍ରୀ ସ୍ମରଣିକା ସାମଲ,କ୍ରୀଡା ଶିକ୍ଷୟିତ୍ରୀ ନିହାରିକା ପଣ୍ଡାଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଅଗଷ୍ଟ ମାସରେ କଟକ ରାଜୀବ ଗାନ୍ଧୀ ଇଣ୍ଡୋର୍ ହଲରେ ହେବାକୁ ଥିବା ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଏହି ୫ ଜଣ ଖେଳାଳୀଙ୍କୁ ମନୋନୀତ କରାଯାଇଛି ।

# ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳିତ



ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ।

**ବରୀ,୨୩।୭(ମହେନ୍ଦ୍ର ସ୍ୱାଇଁ):**

ବରୀ ଶିକ୍ଷାମଣ୍ଡଳ ଅଧୀନ ବରୀ ଉର୍ଦ୍ଦୁ ୟୁଜିଏମ୍‌ଇ ସ୍କୁଲ ପରିସରରେ ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଯାଜପୁର ଏବଂ ଡୋଳିପୁରର ବରିଷ୍ଠ ପ୍ରଶିକ୍ଷକ ଡ.ସୁଶାନ୍ତ କୁମାର ନାୟକ ଯୋଗଦେଇ ଜାତୀୟ ଶିକ୍ଷା ନୀତି-୨୦୨୦ର ୪ର୍ଥ ବାର୍ଷିକ ପୂର୍ତ୍ତି ଅବସରରେ ମୌଳିକ ସାକ୍ଷରତା,ସଂଖ୍ୟା ଜ୍ଞାନ, ଶିକ୍ଷାଦାନ, ଶ୍ରେଣୀକକ୍ଷରେ ଶିକ୍ଷଣ ସାମଗ୍ରୀର ସଫଳ ବିନିଯୋଗ କରାଗଲେ ଶିକ୍ଷାଦାନ ସଫଳ ହୋଇପାରବ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରୀ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସହ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜଳଧର ଖଟୁଆ ଓ ସଂଯୁକ୍ତା ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରୀ କ୍ଲଷ୍ଟର ସିଆର୍‌ସିସି ପ୍ରଶନ୍ନ କୁମାର ଷଡଙ୍ଗୀ,ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱୟଂପ୍ରଭା ଖୁଣ୍ଟିଆ, ସହକାରୀ ଶିକ୍ଷକ ଶ୍ରୀକାନ୍ତ ମଲିକ, ଭଗବାନ ଦାସ, ତକମିଲ ଜମାଲ ପରଭେଜ, ମିନତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମ ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ବରୀ ଶିକ୍ଷା ମଣ୍ଡଳ ଅଧୀନ ବିଭିନ୍ନ ବିଦ୍ୟାଳୟ ପାଳନ କରାଯିବ ବୋଲି ଜିଲା ଶିକ୍ଷା ବିଭାଗ ତରଫରୁ ସୂଚନା ମିଳିଛି। ଏଫ୍‌ଏଲ୍‌ଏନ୍ ଶିକ୍ଷୟିତ୍ରୀ ମୁକ୍ତିପ୍ରଭା ନାଥଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଏହାର ସୂଚାର ରୂପେ ସମ୍ପାଦିତ ହୋଇଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଖବରଦାତାଙ୍କଠାରୁ ଲୁଟ୍ ଉଦ୍ୟମ

**କାଏମା,୨୩।୭(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଥାନା ଜାରକା ଶଙ୍ଖାରିଡିଆ ନିକଟରେ ଜଣେ ଖବରଦାତାଙ୍କଠାରୁ ୨ ଜଣ ଲୁଟେରା ମୋବାଇଲ ଛଡେଇ ନେବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି । ଏହିଥାନା ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁର ଗ୍ରାମର ଖବରଦାତା ସୁଶାନ୍ତ କୁମାର ସାହୁ ସୋମବାର ରାତି ପ୍ରାୟ ୮ଟା ସମୟରେ ଜାରକାରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିଲେ । ଏହି ସମୟରେ ଶଙ୍ଖାରିଡିଆ ଛକ ନିକଟରେ ୨ ଲୁଟେରା ଏକ ବାଇକ୍‌ରେ ଆସି ତାଙ୍କ ଶାର୍ଟ ପକେଟ୍‌ରେ ଥିବା ମୋବାଇଲକୁ ନେଇ ଯିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସୁଶାନ୍ତଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ଲୁଟେରାମାନେ ବିଫଳ ହୋଇ ବାଇକ୍ ନେଇ ଦ୍ରୁତଗତିରେ ଫେରାର ହୋଇଯାଇଥିଲେ ।

### ନାବାଳକଙ୍କୁ ଛୁରାମାଡ଼

**ବଡ଼ବିଲ,୨୩।୭ (ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ବଜାର ନିକଟସ୍ଥ ନୋଡାଲ ସ୍କୁଲ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ନାବାଳକଙ୍କୁ ଅନ୍ୟ ଜଣେ ନାବାଳକ ଛୁରା ମାଡ କରି ଫେରାର ହୋଇଯାଇଛନ୍ତି। ଛୁରାମାଡ଼ରେ ନାବାଳକଙ୍କ ଛାତି ଓ ହାତରେ ଗଭୀର କ୍ଷତ ହୋଇଛି। ଗୁରୁତର ଅବସ୍ଥାରେ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଉଭୟ ନାବାଳକ ବଡବିଲ ଶ୍ରୀରାମ ନଗର ଅଞ୍ଚଳର। ଅଭିଯୁକ୍ତ ଜଣକ ୧୨ ବର୍ଷୀୟ ନାବାଳକ ବୋଲି ଜଣାପଡ଼ିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ବଡବିଲ ଥାନା ଆଇଆଇସି ରମାକାନ୍ତ ମୁଦୁଲି କହିଛନ୍ତି। ସୂଚନାଥାଉକି, ବଡବିଲ ଅଞ୍ଚଳରେ ଦିନକୁ ଦିନ ବାଳ ଅପରାଧୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏକାଧିକ ବାଳ ଅପରାଧୀଙ୍କୁ ସୁଧାର ଗୃହକୁ ପଠା ଯାଉଛି। ବାଳ ଅପରାଧୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପୋଲିସର ମୁଣ୍ଡ ବ୍ୟଥାର କାରଣ ହୋଇଛି।

# ଚାରାରୋପଣ କଲେ ବରିଷ୍ଠ ନାଗରିକ




ଚାରା ରୋପଣ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘର ସଦସ୍ୟ ।

**ବିଞ୍ଝାରପୁର,୨୨।୭(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ବାଳମୁକୁଳିସ୍ଥିତ ମା' ବରୁଣେଇଁ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଭାପତି ବଟକୃଷ୍ଣ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସୋମବାର 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବହୁ ସଦସ୍ୟ ଯୋଗଦେଇ ବାଳମୁକୁଳି ଶିଶିରଣା ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଆମ୍ବ, ନିମ୍ବ, ବର, ଅଶ୍ୱତ୍ଥ ଓ ତାଳ ଆଦି ଚାରାରୋପଣ କରିଛନ୍ତି। ପରିଣତ ବୟସରେ ବରିଷ୍ଠ ନାଗରିକମାନେ ସଂଘବଦ୍ଧ ଭାବେ ଚାରାରୋପଣ କରି ସମାଜକୁ ଯେଉଁ ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି, ତାହା ଯୁବ ଓ ଛାତ୍ରମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ସଂଘ ସମ୍ପାଦକ ନିରନ ପାତ୍ର ମତପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମା' ବରୁଣେଇଁ ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ଶ୍ରୀଧର ସାହୁ, ସର୍ବେଶ୍ୱର ଧଳ, ରାଧାକାନ୍ତ ସାହୁ, ସଚ୍ଚିଦାନନ୍ଦ ଗୁରୁ, ସୁବାସ ଚନ୍ଦ୍ର ସ୍ୱାଇଁ, ବନମାଳୀ ପତି, ସୁରେନ୍ଦ୍ର ପତି, ସୁଧୀର ଆଚାର୍ଯ୍ୟ, ବିଷ୍ଣୁ ସାମଲ, ବ୍ରଜ ପରିଡ଼ା, ରବୀନ୍ଦ୍ର ସାହୁ, କୀର୍ତ୍ତନ ସାହୁ, ସହଦେବ ସେଠୀ, ଅର୍ଜ୍ଜୁନ ଚରଣ ରାଉତ, ଶରତ ଚନ୍ଦ୍ର ମଲ୍ଲିକ, ଡ. ଦେବ ପ୍ରସାଦ ସାମଲ ଓ ସାମାଜିକ କର୍ମୀ ରାଜେନ୍ଦ୍ର ସାମଲ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନାଗରିକ ସାମିଲ ହୋଇ ଚାରାରୋପଣ କରିଥିଲେ।

# ପୂର୍ବ ଶତ୍ରୁତାରୁ ଆକ୍ରମଣ, ଜଣେ ଗୁରୁତର

**ବରୀ,୨୩।୭(ମହେନ୍ଦ୍ର ସ୍ୱାଇଁ):**

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରତଳାଙ୍ଗ ପଞ୍ଚାୟତ ଖଜୁରୀ ପୋଖରୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ଯୋଗୁ ଜଣେ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ, ଖଜୁରୀ ପୋଖରୀ ଗ୍ରାମର ସହଦେ ଜେନା ବରୀ ମାଉଣ୍ଡରୁ ହାଟ ସଉଦା ସାରି ଘରକୁ ଫେରୁଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସେହି ଗ୍ରାମର ଅଶୋକ ଜେନା, ଚନ୍ଦନ ଜେନା,ଚଣ୍ଡୁ ଜେନା, ସୁରେନ୍ଦ୍ର ଜେନା, ଭାଉଆ ଜେନା, ବାବୁଲି ଜେନା, ରାଜକିଶୋର ଜେନା, ନୀର ଜେନା ଓ କାହ୍ନୁ ଜେନାଙ୍କ ସମେତ ତାଙ୍କ ପରିବାରର ସଦସ୍ୟମାନେ ମିଳିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ । ସହଦେଙ୍କୁ ସ୍ଥାନୀୟ ଲୋକମାନେ ଗୁରୁତର ଅବସ୍ଥାରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ବରୀ ପୋଲିସ ପକ୍ଷରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ରାମଚନ୍ଦ୍ରପୁର ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ରମାକାନ୍ତ ନାୟକ କୁହନ୍ତି, ଘଟଣା ନିୟନ୍ତ୍ରଣାଧୀନ ଅଛି। ବରୀ ରାମଚନ୍ଦ୍ରପୁର ଥାନାରେ ସହଦେଙ୍କ ସ୍ତ୍ରୀ ପ୍ରତିମା ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ କ୍ରମେ ବରୀ ପୋଲିସ ଏକ ମାମଲା(ନଂ.୪୩୩/୨୪)ରୁଜୁ କରି ତଦନ୍ତ ଚଳାଇଛି । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରି ନାହିଁ।

# ଈଶ୍ୱର ହେଉଛନ୍ତି ଜୀବନର ପ୍ରକୃତ ଗୁରୁ

**ଚଣ୍ଡିଖୋଲ,୨୩।୭ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ଗ୍ରାମରେ ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ସାଇ ଆଶ୍ରିତ ସୁରେନ୍ଦ୍ର ନାଥ ଭୂୟାଁଙ୍କ ୯୦ ତମ ଜନ୍ମତିଥି ପାଳନ ପୂର୍ବକ ବୟସ୍କ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଇ ଆଶ୍ରିତ ଇଂ.ସଚ୍ଚିଦାନନ୍ଦ ନାୟକ, ଡ.ଅଶୋକ କୁମାର ହୋତା, ଯାଜପୁର ସହକାରୀ ଜିଲାପାଳ କୁଳମଣୀ ନାୟକ, ଇଂ.ସଚ୍ଚିଦାନନ୍ଦ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଗୁରୁ ଭାବେ ୧୧ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେମାନେ କହିଥିଲେ ଭାରତୀୟ ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରା ଅତି ପ୍ରାଚୀନ। ଜଣେ ଶିଷ୍ୟର ଆଧ୍ୟାତ୍ମିକ ଜୀବନ ଗଢିବାରେ ଗୁରୁଙ୍କ ଅବଦାନ ଅତୁଳନୀୟ। ଜୀବନର ପ୍ରକୃତ ଗୁରୁ ହେଉଛନ୍ତି ଈଶ୍ୱର। ସତ୍ୟସାଇ ସେବା ସଙ୍ଗଠନର ପୂର୍ବତନ ରାଜ୍ୟ ସଭାପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ପ୍ରାକ୍ତନ ପ୍ରଫେସର ହରେକୃଷ୍ଣ ଦାସ, ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ, ଐତିହାସିକ ଡ.ହରିଶ ଚନ୍ଦ୍ର ପୃଷ୍ଟି, ଅବସରପ୍ରାପ୍ତ ଅଧକ୍ଷ ରବୀନ୍ଦ୍ର କୁମାର ସାମଲ, ଶିକ୍ଷାବିତ୍ ଉମାକାନ୍ତ ବଳ, କୈଳାସ ଚନ୍ଦ୍ର ବେହେରା , ପଣ୍ଡିତ ଜ୍ଞାନେନ୍ଦ୍ର ତ୍ରିପାଠୀ, ପଣ୍ଡିତ କେଶବ ଚରଣ ମିଶ୍ର, ସତ୍ୟାନନ୍ଦ ଜେନା ଓ ନଟବର ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ମହେଶ୍ୱର ବଳ, କବି ନିରଞ୍ଜନ ଜେନା, ରାଧାକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ପଲେଇ ସାଇ ସମିତିର ପୂର୍ବତନ ଆବାହକ ପ୍ରଶାନ୍ତ କୁମାର ସାମଲ, ଦାମୋଦର ବାସୁଲାଇ, ପରେଶ ସାମଲ, ଶୁଭେନ୍ଦୁ ଭୂୟାଁ, ସୁମନ୍ତ କୁମାର ଭୂୟାଁ ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ।



ଗୁରୁ ପୂର୍ଣ୍ଣମା ଉତ୍ସବରେ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଗାଁ ମଝିରେ ଲହଡ଼ି ମାରୁଛି ବର୍ଷାପାଣି

### ବର୍ଷାଜଳ ଅବରୋଧକୁ ନେଇ ଥାନାରେ ଅଭିଯୋଗ

**କାଏମା,୨୩।୭(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ନାଉପାଳ ଗାଁରେ ବର୍ଷା ପାଣିକୁ ବନ୍ଧ ଦେଇ ଅବରୋଧ କରାଯାଇଛି । ଫଳରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହିଛି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। କେବଳ ଏତିକି ନୁହେଁ ଏ ସଂକ୍ରାନ୍ତରେ ଧର୍ମଶାଳା ଥାନାରେ ରବିବାର ଅଭିଯୋଗ ହୋଇଛି।



ରାସ୍ତାରେ ଜମି ରହିଥିବା ବର୍ଷା ଜଳ।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ମଧ ଭାଗରେ ଦୀର୍ଘ ୧୫ ବର୍ଷ ହେବ ସରକାରୀ କଙ୍କ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ସେହି ସମୟରେ ରାସ୍ତା ପାର୍ଶ୍ୱରେ ଖାଲିସ୍ଥାନ ଥିଲା । ଫଳରେ ବର୍ଷା ପାଣି ନିଷ୍କାସନ ହୋଇଯାଉଥିଲା। କିନ୍ତୁ ସମୟ କ୍ରମେ ସେହି ସ୍ଥାନରେ ଘର ନିର୍ମାଣ ହେବା ପରେ ବର୍ଷା ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଥିଲା । ଗ୍ରାମରେ କେତେଜଣ ବ୍ୟକ୍ତି ରାସ୍ତା ପାର୍ଶ୍ୱରେ ଛୋଟ ଛୋଟ ବନ୍ଧ ନିର୍ମାଣ କରିବା ଯୋଗୁ ଏହି ସମସ୍ୟା ଦ୍ୱିଗୁଣିତ ହୋଇଛି । ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଲହଡ଼ି ମାରୁଛି। ଫଳରେ ରାସ୍ତାରେ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଛାତ୍ରୀଛାତ୍ରମାନେ ସ୍କୁଲ ଓ କଲେଜ ଯିବାକୁ ହଇରାଣ ହେଉଛନ୍ତି। ପାଣି ଜମି ରହିବା ଫଳରେ ମଶା ମାଛିଙ୍କ ଉପଦ୍ରବ୍ୟ ବଢିଛି। ପ୍ରଦୂଷିତ ଜଳ ଯୋଗୁ ନାନା ରୋଗ ବ୍ୟାପିବାରେ ଲାଗିଛି । ଏଭଳି ସ୍ଥିତିକୁ ନେଇ ଗ୍ରାମରେ ଅସନ୍ତୋଷ ସୃଷ୍ଟି ହେବା ଯୋଗୁ ସ୍ଥାନୀୟ ସରପଞ୍ଚ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବାକୁ କହିଥିଲେ । ଫଳରେ ଉକ୍ତ ଗ୍ରାମର ହେମନ୍ତ କୁମାର ମଲିକ, ନିମାଇଁ ମଲିକ, ଗୁରୁଚରଣ ମଲିକ, ଗୋବିନ୍ଦ ଚନ୍ଦ୍ର ମଲିକ, ସୁଶାନ୍ତ କୁମାର ମଲିକ, ଯୋର୍ତିମୟୀ ସାହୁ, ଗନ୍ଧର୍ବ ମଲିକ, ଚନ୍ଦ୍ରମଣି ମଲିକ, ସୁଚିତ୍ରା ମଲିକ, ପୁଷ୍ପାଞ୍ଜଳି ଦାସ , ଓମ୍ ପ୍ରକାଶ ଦାସ, ସୁରେନ୍ଦ୍ର ମଲିକ ପ୍ରମୁଖ ନାଉପାଳ ଗ୍ରାମବାସୀ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ରବିବାର ରାତିରେ ଧର୍ମଶାଳା ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା କୌଣସି ସମସ୍ୟାର ସମାଧାନ ହୋଇନାହିଁ ବୋଲି ହେମନ୍ତ କୁମାର ମଲିକ କହିଛନ୍ତି।

# ୨୧ ଡାକ୍ତର ଜାଗାରେ ୫ ଜଣରେ ସ୍ୱାସ୍ଥ୍ୟସେବା




ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।



ଚିକିତ୍ସା ଲାଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ରୋଗୀଙ୍କ ଲମ୍ବା ଧାଡି।

- ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀସେବା ବିପର୍ଯ୍ୟସ୍ତ
- ୫ ବିଶେଷଜ୍ଞ ପଦବୀ ଖାଲି
- ୪ ଏମ୍‌ବିବିଏସ୍, ଜଣ ଆୟୁଷ ଡାକ୍ତର ଚଳାଇଉଛନ୍ତି

**ରାଜକନିକା, ୨୩।୭ (ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିକଟରେ ୫-ଟି ଅଧୀନରେ ରୂପାନ୍ତୀକରଣ କାର୍ଯ୍ୟ କରାଯାଇଥିଲା। ନୂଆ ଘର, ରୋଗୀଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ, ୱେଏଣ୍ଟି ହଲ, ନିରାମୟ ଔଷଧ ଆଦି ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା। ହେଲେ ଡାକ୍ତର ଓ ବିଶେଷଜ୍ଞ ପଦବୀ ପୂରଣ ନ ହେବାରୁ ଉତ୍ତମ ରୋଗୀ ସେବା ଠିକ୍ ଭାବେ ମିଳିପାରିବନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାଟଣା, କୋଇଲିପୁର, କଣ୍ଡିଆ, ଓଳାଭରଠାରେ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ବି ଉତ୍ତମ ରୋଗୀସେବା ମିଳୁନାହିଁ। ଫଳରେ ରୋଗୀ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ରାଜକନିକା ବ୍ଲକର ୨୯ ପଞ୍ଚାୟତବାସୀଙ୍କ ପାଇଁ ଡାକ୍ତର ଅଭାବ ଯୋଗୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏଠାରେ ଶିଶୁ ବିଶେଷଜ୍ଞ ଡାକ୍ତର, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର, ଭେଷଜ ବିଶେଷଜ୍ଞ ଡାକ୍ତର, ଚକ୍ଷୁ ବିଶେଷଜ୍ଞ ଡାକ୍ତରଙ୍କୁ ମିଶାଇ ୨୧ଜଣ ଡାକ୍ତର ପଦବୀ ରହିଛି। ହେଲେ କେବଳ ୪ଜଣ ଏମବିବିଏସ ଓ ଜଣେ ଆୟୁଷ ଡାକ୍ତରଙ୍କୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି।

ଏମ୍‌ବିବିଏସ୍ ଡାକ୍ତରମାନେ ରୋଗୀଙ୍କୁ ସେବା ଯୋଗାଉଥିବା ବେଳେ, ଆୟୁଷ ଡାକ୍ତର ଏଲୋପାଥିକ୍ ଔଷଧ ଲେଖୁଥିବା ଅଭିଯୋଗ ହେଉଛି। ଡାକ୍ତର ଅଭାବ ଥିବାବେଳେ ରୋଗୀଙ୍କ ଭିଡ଼ ବେଶ୍ ପରିଲକ୍ଷିତ ହେଉଛି। ପୁରୁଷ, ମହିଳା, ବୃଦ୍ଧା, ବୃଦ୍ଧ, ଭିନ୍ନକ୍ଷମ ସମସ୍ତେ ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡା ହେବାକୁ ବାଧ ହେଉଛନ୍ତି। ଏହାର ସୁଯୋଗ ନେଇ ଦାୟିତ୍ୱରେ ଥିବା ସିକ୍ୟୁରିଟି ସମ୍ପର୍କୀୟମାନଙ୍କୁ ଆଗେ ଛାଡି ଦେଉଥିବା ନେଇ ଅଭିଯୋଗ ମଧ ହେଉଛି। ଏଠାରେ ଚିକିତ୍ସା ପାଇଁ ଆସୁଥିବା ସାପ କାମୁଡା, ଥଣ୍ଡା ଜ୍ୱର ରୋଗୀଙ୍କୁ ମଧ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଓ ବିପିଏଚ୍ ପୋଷ୍ଟ ଖାଲି ପଡିଛି। ଚକ୍ଷୁ ବିଭାଗ ଥିବାବେଳେ, ଚକ୍ଷୁ ପରୀକ୍ଷା ପାଇଁ ସପ୍ତାହରେ ୨ଦିନ ଖୋଲାଯାଉଛି। ସେ ପୁଣି ଡାକ୍ତର ନୁହନ୍ତି ଜଣେ ଟେକ୍‌ନିସିଆନ ଚକ୍ଷୁ ପରୀକ୍ଷା କରୁଥିବା ଅଭିଯୋଗ ହେଉଛି। ୪ଜଣ ଲାବରେଟୋରି ଟେକ୍‌ନିସିଆନ ପୋଷ୍ଟ ଥିବାବେଳେ, ୨ଜଣରେ କାମ ଚାଲିଛି। ସାଧାରଣ ଔଷଧ ବ୍ୟତୀତ ଅନ୍ୟ ଔଷଧ, ଇଞ୍ଜେକସନ, ସିରିଞ୍ଜ ଓ ଅନ୍ୟ ଲଜିଷ୍ଟିକ୍ ମାଟେରିଆଲ୍ସଗୁଡିକ ବାହାରେ ବିକ୍ରି ହୋଇଯାଉଥିବା ବିଶେଷ ସୂତ୍ରରୁ ଜଣାପଡିଛି। ୫-ଟି ଅଧୀନରେ ରୂପାନ୍ତୀକରଣ କାର୍ଯ୍ୟ କରାଯାଉଥିବା ସମୟରେ ଭଙ୍ଗା ଯାଇଥିବା ପୁରୁଣା ଗୃହର ଇଟା, ଶାଳ କାଠ, ଛାତ ରଡ, ପୁରୁଣା ଗ୍ରୀଲ ଓ ଆଲମିରା ଇତ୍ୟାଦି ନିଲାମ କରା ନ ଯାଇ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ରାଜ୍ୟ ସରକାର ଦୃଷ୍ଟି ଦେଇ ଡାକ୍ତର ପଦବୀ ପୂରଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଏଡିଏମ୍‌ଓ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ଜିଲାର ବହୁ ଚିକିତ୍ସାଳୟରେ ଡାକ୍ତର ଓ କର୍ମଚାରୀଙ୍କ ସଂଖ୍ୟା କମ୍ ରହିଛି। ଏବେ ନୂଆ ଡାକ୍ତରଙ୍କ ନିଯୁକ୍ତି ଚାଲିଛି। ପ୍ରତି ଚିକିତ୍ସାଳୟ ଖାଲିଥିବା ପଦବୀ ସବୁ ପୂରଣ କରାଯିବ ବୋଲି ସେ କହିଛନ୍ତି।

# ସଂକ୍ଷିପ୍ତ ଭିନ୍ନକ୍ଷମ ପୂର୍ଣ୍ଣ ଥଇଥାନ ଅଧିନିୟମ ଲୋକାର୍ପିତ




ଅତିଥିମାନେ ପୁସ୍ତକକୁ ଲୋକାର୍ପଣ କରୁଛନ୍ତି।

**କେନ୍ଦ୍ରାପଡ଼ା, ୨୩।୭ (ଜଗନ୍ନାଥ ଧଳ)**

କଥାକାର ଡ. ବିରଜା ରାଉତରାୟଙ୍କ ଭିନ୍ନକ୍ଷମ ପୂର୍ଣ୍ଣ ଥଇଥାନ ଅଧିନିୟମ ୨୦୧୬ର ଓଡ଼ିଆ ସଂକ୍ଷିପ୍ତ ସାର ମଙ୍ଗଳବାର ଲୋକାର୍ପିତ ହୋଇଯାଇଛି। କେନ୍ଦ୍ରାପଡ଼ା ସହର ଗଣାମାହାଲସ୍ଥିତ ଏକ କଲ୍ୟାଣ ମଣ୍ଡପରେ ସାମାଜିକ ଅନୁଷ୍ଠାନ ପୁନର୍ବାସ ପ୍ରତିଷ୍ଠାତା ତଥା ଉପଦେଷ୍ଟା ଡ. ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏଡିଏମ୍ ନିଲୁ ମହାପାତ୍ର, ଶିକ୍ଷାବିତ୍ ନନ୍ଦକିଶୋର ପରିଡ଼ା, ଡିଏସ୍‌ଏସ୍‌ଓ ରୂପାଲି ପ୍ରିୟଦର୍ଶିନୀ, ପୂର୍ବତନ ଡିଏସ୍‌ଏସ୍‌ଓ ପ୍ରଭାସ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ଈଶ୍ୱରଙ୍କ ସୃଷ୍ଟି ସର୍ବଦା ସୁନ୍ଦର। ପ୍ରତ୍ୟେକ ସର୍ଜନା ସୁସ୍ଥ ସମାଜ ଗଠନରେ ଅଗ୍ରଣୀ ଭୂମିକା ନେଇଥାନ୍ତି। କାହାକୁ ଅକ୍ଷମ ଭାବେ ଗଢ଼ି ନ ଥା'ନ୍ତି। ଭିନ୍ନକ୍ଷମ ଭାବେ ନିଜକୁ ଉପସ୍ଥାପିତ କରିବାକୁ ସର୍ବଦା ସୁଯୋଗ ଦେଇଥାନ୍ତି। ତେବେ ସ୍ଥାନ, କାଳ ଓ ପାତ୍ରକୁ ନେଇ ଜୀବନଚକ୍ର ବଦଳିଥାଏ। କେତେକ କ୍ଷେତ୍ରରେ ସୁଯୋଗ ନ ମିଳିବାରୁ ଭିନ୍ନକ୍ଷମମାନେ ସମାଜରେ ଅବହେଳିତ ହୋଇଯାଆନ୍ତି। ଏହାକୁ ଦୃଷ୍ଟିରେ ରଖି ଭିନ୍ନକ୍ଷମଙ୍କ ପାଇଁ ବିଭିନ୍ନ ଯୋଜନା ଓ ଅଧିନିୟମ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ୨୦୧୬ରେ ଭିନ୍ନକ୍ଷମ ପୂର୍ଣ୍ଣ ଥଇଥାନ ପାଇଁ ଅଧିନିୟମ ଲାଗୁ ହୋଇଥିଲେ ମଧ ସଚେତନତା ଅଭାବରୁ ଏହା ତୃଣମୂଳସ୍ତରରେ ପହଞ୍ଚି ପାରିନାହିଁ। କଥାକାର ଡ. ରାଉତରାୟ ଏହାର ଓଡ଼ିଆ ଅନୁବାଦ ସହ ସଂକ୍ଷିପ୍ତ ଭାବେ ଭିନ୍ନକ୍ଷମଙ୍କ ଅଧିକାର ସମ୍ପର୍କରେ ଏହି ପୁସ୍ତକରେ ଉଲ୍ଲେଖ କରିଛନ୍ତି। ଫଳରେ ସହଜ ଓ ସୁବିଧାରେ ଏହି ପୁସ୍ତିକା ଭିନ୍ନକ୍ଷମଙ୍କ ନିକଟରେ ପହଞ୍ଚିଯିବ। ଏହାଦ୍ୱାରା ସରକାରଙ୍କ ପକ୍ଷରୁ ଲାଗୁ ହୋଇଥିବା ଏହି ଅଧିନିୟମର ଉପଭୋକ୍ତା ହେବା ପାଇଁ ଭିନ୍ନକ୍ଷମମାନେ ସଚେତନ ହୋଇପାରିବେ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ଅତିଥିମାନେ ପୁନର୍ବାସ ସମାଚାର ଓ ଅଧିନିୟମ ପୁସ୍ତିକାକୁ ଲୋକାର୍ପଣ କରିଥିଲେ। ସେହିପରି ଚଳତ୍‌ଶକ୍ତି ବାଧିତ ଜାତୀୟସ୍ତରର ସନ୍ତରଣକାରୀ ମୋନାଲି ସ୍ୱାଇଁ ଓ ମେଧାବୀ ଛାତ୍ର ଦୀପକ କୁମାର ଜେନାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବକୁ ମାତୃଦତ୍ତ ମହାନ୍ତି, ସ୍ୱପ୍ନାଂଶୁ କୁମାର ଦାସ, ବଂଶୀଧର ମହାନ୍ତି, ନବଜ୍ୟୋତି ରାୟ, ରଚିତା ଜେନା ଓ ଗୁଞ୍ଜନସ୍ମିତା ବେହେରା ପରିଚାଳନା କରିଥିଲେ। ଏଥିରେ ମହମ୍ମଦ ଜାହିଦ ଖାଁ, ଜ୍ୟୋତିରଞ୍ଜନ ନାୟକ, ସଞ୍ଜୀବ କୁମାର ଜେନା, ରଞ୍ଜନ କୁମାର ସ୍ୱାଇଁ, ରଞ୍ଜନ ବାରିକ, ଶେଷଦେବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱମ୍ବରଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ



**ଆଳି, ୨୩।୭ (ବନମାଳୀ ସେନାପତି)**

ଅଧା ଗଛ କାଟି ସାରି ତଳେ ବସି ଖାଉଥିବାବେଳେ ଗଛ ପଡି ବିଶ୍ୱମ୍ବର ସାହୁ (୪୬) ଗୋଡ଼ ଭାଙ୍ଗି ଯାଇଥିବାରୁ ବିଛଣାରେ ଶଯ୍ୟାଶାୟୀ ପଡିଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ପ୍ରତି ମାସ ଦିଆଯିବାକୁ ଥିବା ଇଞ୍ଜେକେସନ ବାବଦରେ ଅର୍ଥ କେଉଁଠୁ ଆଣିବେ ତାହା ଏବେ ପରିବାର ଲୋକଙ୍କ ଚିନ୍ତାର କାରଣ ପାଲଟିଛି। ଆଳି ବ୍ଲକ ବାଲକାଟି ପଞ୍ଚାୟତର ବିଶ୍ୱମ୍ବର ଗଛ କଟା କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି। ମେ ୩୦ ତାରିଖରେ ଏକ ଗଛ ଡାଳ କାଟି ସାରି ଅନ୍ୟ ଲୋକଙ୍କ ସହିତ ମିଶି ଗଛ ତଳେ ବସି ଖାଉଥିଲେ। ହଠାତ ଅଧା କାଟିଥିବା ଗଛଟି ବିଶ୍ୱମ୍ବରଙ୍କ ଡାହାଣ ଗୋଡ଼ ଉପରେ ପଡି ଯାଇଥିଲା। ଲୋକମାନେ ଗଛକୁ ଉଠାଇ ନ ପାରିବାରୁ ନିକଟରେ ଥିବା ଏକ ଜେସିବି ସାହାଯ୍ୟରେ ଗଛକୁ ବିଶ୍ୱମ୍ବରଙ୍କ ଗୋଡ଼ ଉପରୁ ଉଠାଇଥିଲେ। ପରେ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଆଡମିଟ କରିଥିଲେ। ସେଠାରେ ତାଙ୍କର ୨ ଥର ଅପରେଶନ ହେବା ପରେ ଡାକ୍ତର ତାଙ୍କୁ ଡ଼ିସଚାର୍ଜ କରିଦେଇଛନ୍ତି। ପ୍ରତି ମାସ ଚେକଅପ ସହିତ ଗୋଟିଏ ଇଞ୍ଜେକ୍ସନ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଏହି ଇଞ୍ଜେକ୍ସନର ମୂଲ୍ୟ ୫ହଜାର ହୋଇଥିବାରୁ ପରିବାର ଲୋକଙ୍କ ମଧ୍ୟରେ ଭାଳେଣି ପଡିଯାଇଛି। ବିଶ୍ୱମ୍ବରଙ୍କ ଚିକିତ୍ସା ନିମନ୍ତେ ତାଙ୍କ ପରିବାର ନିକଟରେ ଅର୍ଥ ନାହିଁ। ଘରେ ଯାହାକିଛି ଥିଲା ସବୁକିଛି ଖର୍ଚ୍ଚ ସରିଥିବାବେଳେ ବିଜୁ ସ୍ୱାସ୍ଥ୍ୟକାର୍ଡରୁ ମଧ ସମସ୍ତ ଅର୍ଥ ଖର୍ଚ୍ଚ ହୋଇସାରିଛି। ଏବେ ଦୁଇ ଓଳି ଦୁଇ ମୁଠା ଖାଇବା ଯୋଗାଡ଼ କରିବାରେ ପରିବାର ଲୋକଙ୍କ ଚିନ୍ତାରେ ପଡିଛନ୍ତି। ବିଶ୍ୱମ୍ବରଙ୍କୁ ମାସକୁ ମାସ ଦିଆ ହେବାକୁ ଥିବା ଇଞ୍ଜେକ୍ସନ ବାବଦରେ ୫ ହଜାର ଟଙ୍କା ଯୋଗାଡ଼ କରିବା ତାଙ୍କ ପାଇଁ ଅସମ୍ଭବ ହୋଇପଡିଛି। ତେଣୁ ଏତେ ଟଙ୍କା କେଉଁଠୁ ଯୋଗାଡ଼ କରିବେ ସେ ନେଇ ଚିନ୍ତାରେ ତାଙ୍କ ସ୍ତ୍ରୀ ଶଶୀକଳା ପଡିଛନ୍ତି। ସରକାରୀ ଓ ବେସରକାରୀ ସହାୟତା ମିଳିଲେ ସ୍ୱାମୀ ଭଲ ହୋଇପାରିବେ ବୋଲ ଶଶୀକଳା ନିବେଦନ କରିଛନ୍ତି। ତେଣୁ ସରକାରୀ ସ୍ତରରେ ବିଶ୍ୱମ୍ବରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବଜ୍ରପାତ ଯୋଗୁ ଚାଷ ଜମିରେ ଯାଉଛି ଜୀବନ

**୧୦ବର୍ଷ ମଧ୍ୟରେ ୨୫ରୁ ଅଧିକ ମୃତ୍ୟୁ ଘଟିଛି**

- ବାତ୍ୟା ଆଶ୍ରୟସ୍ଥଳୀରେ ବଜ୍ରପାତ ନିରୋଧ ଯନ୍ତ୍ର ଅଚଳ

**ମହାକାଳପଡ଼ା, ୨୩।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପରିବେଶ ଅସନ୍ତୁଳିତ ହେବାରେ ଲାଗିଛି। ଏହା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚିନ୍ତା ବଢାଇଛି। ବିଶେଷ କରି ବଜ୍ରପାତ ବଢ଼ିବା ଯୋଗୁ ପୂର୍ବ ଅପେକ୍ଷା ଅଧିକାଂଶ ଲୋକଙ୍କ ଜୀବନ ଚାଷ ଜମିରେ ଯାଉଛି। ଚାଷ ଜମିରେ ଯଦି ବଡ଼ ବଡ଼ ତାଳ ଗଛ ରୋପଣ କରାଯାଇଥାନ୍ତା ତେବେ ବଜ୍ରପାତ ପ୍ରଭାବ ସ୍ୱଳ୍ପ ଦେଖା ଯାଆନ୍ତା ବୋଲି କୁହାଯାଉଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୧୦ବର୍ଷ ମଧ୍ୟରେ ଚାଷ ଜମିରେ ବଜ୍ରପାତ ଘଟି ୨୫ରୁ ଅଧିକ ଚାଷୀଙ୍କ ଜୀବନ ଯାଇଛି। ହେଲେ ଏଠାରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀରେ ଲାଗିଥିବା ବଜ୍ରପାତ ନିରୋଧ ଯନ୍ତ୍ର ଅଚଳ ହୋଇପଡିଛି।

ବ୍ଲକ ଅଞ୍ଚଳରେ ଚାଷ ଜମିରେ ବଜ୍ରପାତ ଯୋଗୁ ଜୀବନ ଯାଇଥିବା ସ୍ଥାନ ମଧ୍ୟରେ ଗୋଗୁଆ, କୋଟିଳା, ଗୌଡବାଡ଼ପୁର, ଆଡେଇ, ଜମ୍ବୁ, ଖରିନାସୀ, ନୂଆଗାଁ, ସୁନିତି, ବଉଳକଣି, ବତିଘର, ବାରଡାଙ୍ଗ, ଗୋଜାବନ୍ଧ, କେନ୍ତିଆ ବୋଲି ତହସିଲ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ତେବେ ବଜ୍ରପାତ ନିରୋଧ ଯନ୍ତ୍ର ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଛାତରେ ଲାଗିଥିବା ଦେଖିବାକୁ ମିଳୁଛି। ଏଥିମଧ୍ୟରୁ ଅଧିକାଂଶ ବଜ୍ରପାତ ନିରୋଧ ଯନ୍ତ୍ର ଅକାମୀ ହୋଇପଡିଛି। କାରଣ ୩ବର୍ଷ ପୂର୍ବେ ବଉଳକଣିଠାରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ବଜ୍ରପାତ ନିରୋଧ ଯନ୍ତ୍ର ଥାଇ ଏହାର ୫୦ଫୁଟ୍ ଦୂରରେ ଏକ ବଜ୍ରପାତ ଘଟିବାରୁ ଘର ସହ ନଡ଼ିଆ ଗଛ ଜଳି ଯାଇଥିଲା। ପରିବାରର ୩ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଥିଲେ। ବିଭିନ୍ନ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଲାଗିଥିବା ବଜ୍ରପାତ ନିରୋଧ ଯନ୍ତ୍ରର ସୁପରିଚାଳନା ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବା ଲାଗି ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ ଓ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଏ ସଂକ୍ରାନ୍ତରେ ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରେ ବାତ୍ୟା ଆଶ୍ରୟସ୍ଥଳୀରେ ବଜ୍ରପାତ ନିରୋଧ ଯନ୍ତ୍ର ରକ୍ଷଣାବେକ୍ଷଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ସେ କହିଛନ୍ତି।



ବତିଘର ପଞ୍ଚାୟତ କଜଳପାତିଆସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଛାତରେ ଲାଗିଥିବା ବଜ୍ରପାତ ନିରୋଧ ଯନ୍ତ୍ର।

# ଡେକୋ କର୍ମଚାରୀ ଧାରଣା ୩୦ ଯାଏ ସ୍ଥଗିତ

**କାଳିଆପାଣି, ୨୩।୭ (ଅସିତ ମହାନ୍ତ)**

ସୋମବାରଠାରୁ ଖଣି ନିଗମ ସୁକୁରଙ୍ଗି ଖଣିରେ ବିଭିନ୍ନ ଦାବି ନେଇ ଚାଲିଥିବା କର୍ମଚାରୀଙ୍କ ଧାରଣାକୁ ମଙ୍ଗଳବାରଠାରୁ ହଟାଇ ଦିଆଯାଇଛି । ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ତ୍ରିପାକ୍ଷିକ ଆଲୋଚନାରେ ଏହି ନିଷ୍ପତ୍ତି ନିଆଯାଇଛି। ଉପମୁଖ୍ୟ ଶ୍ରମ ଆୟୁକ୍ତ ଏସ୍.ସମ୍ପଦ କୁମାରଙ୍କ ମଧ୍ୟସ୍ଥତାରେ ଅନୁଷ୍ଠିତ ଏହି ବୈଠକରେ ଖଣି ନିଗମ ଏଜିଏମ୍ ମଳୟ ରଞ୍ଜନ କର, ଆଞ୍ଚଳିକ ପରିଚାଳକ ଇଂ.ଆଶିଷ ସାମନ୍ତରାୟ, ଶ୍ରମିକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ନାରାୟଣ ଧୀର, ଓଏମ୍‌ସି କର୍ମଚାରୀ ମହାସଂଘର ସମ୍ପାଦକ ଅକ୍ଷୟ ସାମଲ, ଏସ୍‌ଆର୍‌ସିକେଏମ୍‌ଏସ୍‌ର ସାଧାରଣ ସମ୍ପାଦକ ଭରତ ମହାନ୍ତ, ଉପସଭାପତି ପ୍ରଭାତ ପ୍ରଧାନ, ଡେକୋର ବରିଷ୍ଠ ଅଧିକାରୀଙ୍କ ସହ ଉଭୟ ଖଣିର ଶ୍ରମିକଙ୍କ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ନିଷ୍ପତ୍ତି ଅନୁଯାୟୀ ଡେକୋ ଓ କେସିସି କର୍ତ୍ତୃପକ୍ଷ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମୟ ଲୋଡ଼ିଥିବାରୁ ଆନ୍ଦୋଳନକୁ ହଟାଇ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଥିଲା । ଏଣୁ ମଙ୍ଗଳବାରଠାରୁ ଶ୍ରମିକ ଆନ୍ଦୋଳନକୁ ସାମୟିକ ଭାବେ ଉଠାଇ ଦିଆଯାଇଛି ବୋଲି ମହାନ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ସମବାୟ ବ୍ୟାଙ୍କ, ପଞ୍ଚାୟତ ରାସ୍ତାରେ କାଦୁଅ

**ଯାତାୟାତରେ ହଇରାଣ ହେଉଛନ୍ତି ପତ୍ରପୁର ପଞ୍ଚାୟତବାସୀ**



ପଞ୍ଚାୟତ ରାସ୍ତାରେ କାଦୁଅ ଜମି ରହିଛି।

**ଆଳି, ୨୩।୭ (ବନମାଳୀ ସେନାପତି)**

ରାଜ୍ୟ ସରକାର ସାଧାରଣ ଲୋକଙ୍କ ଗମନାଗମନ ନିମନ୍ତେ ରାସ୍ତା ନିର୍ମାଣ ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଗ୍ରାମାଞ୍ଚଳର ଅନେକ ରାସ୍ତାରେ ଆଜି ମଧ ସମସ୍ୟା ଲାଗି ରହିଛି। କେଉଁଠି ଖାଲଖମା ରାସ୍ତା ତ ଆଉ କେଉଁଠି କାଦୁଅ ପଚପଚ। ଏଭଳି ଏକ ଚିତ୍ର ସାମ୍ନାକୁ ଆସିଛି ଆଳି ବ୍ଲକ ପତ୍ରପୁର ପଞ୍ଚାୟତର ୭ ନମ୍ବର ୱାର୍ଡରେ। ଏହି ୱାର୍ଡର ମୁଖ୍ୟ ରାସ୍ତାରେ ବର୍ଷସାରା ପାଣି କାଦୁଅ ଜମି ରହୁଥିବାରୁ ଯାତାୟାତରେ ସମସ୍ୟା ଦେଖାଦେଇଛି। ପ୍ରତିଦିନ ଏହି ରାସ୍ତା ଉପରେ ୱାର୍ଡବାସୀ କାଦୁଅରେ ପଶି ଯାତାୟାତ କରୁଥିବାବେଳେ ଲୋକମାନେ ପଞ୍ଚାୟତ କାର୍ଯ୍ୟାଳୟ ଓ ପତ୍ରପୁର କୃଷି ସେବା ସମବାୟ ସମିତି କାର୍ଯ୍ୟାଳୟକୁ ପାଣି କାଦୁଅରେ ପଶି ଯାଉଛନ୍ତି। ପଞ୍ଚାୟତର ବୃଦ୍ଧାବୃଦ୍ଧମାନେ ପାଣି କାଦୁଅ ଭିତରେ ପଶି ମାସରେ ଥରେ ଭତ୍ତା ପାଇଁ ଯାଇଥାନ୍ତି। ଏପରିକି ଏହି ପାଣି ଜମି ରହୁଥିବାରୁ ମଶାବଂଶ ବୃଦ୍ଧି ପାଇବା ସହ ପରିବେଶ ପ୍ରଦୂଷିତ ହେଉଛି। ଏହି ସମସ୍ୟା ପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସରକାରୀ ଜାଗା ସହ ଡ୍ରେନ୍ ଜବରଦଖଲ

**ପଟ୍ଟାମୁଣ୍ଡାଇ, ୨୩।୭ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ଦୀର୍ଘ ୩୬ ବର୍ଷ ହେବ ବିଜ୍ଞାପିତ ଓ ପୌର ପରିଷଦ ଅଞ୍ଚଳର ମାନ୍ୟତା ମିଳିଛି। ଏଠାରେ ଡ୍ରେନ୍ ଓ ରାସ୍ତା ମୁଖ୍ୟ ସମସ୍ୟା ଭାବେ ଦେଖାଦେଇଛି। ସହରରେ ଥିବା ସରକାରୀ ଜାଗା ଓ ଡ୍ରେନ୍‌କୁ ଜବରଦଖଲକାରୀ ନିଜ କବ୍‌ଜାକୁ ନେଇ ଯାଇଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହାର ସମାଧାନ କରିବାକୁ ପ୍ରୟାସ କରାଯାଉଛି। ହେଲେ ତାହା ସମ୍ଭବ ହେଉନାହିଁ। ଚଳିତ ମୌସୁମୀ ବର୍ଷା ଆରମ୍ଭରୁ ସହରରେ ଜଳ ନିଷ୍କାସନ ସମସ୍ୟା ସୃଷ୍ଟି ହୋଇଛି।

ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ପୌରାଞ୍ଚଳରେ ସରକାରୀ ଜାଗା ସହ ଡ୍ରେନ୍‌ର ବହୁ ଅଂଶ ଜବରଦଖଲ କରାଯାଇଥିବାରୁ ଜଳ ନିଷ୍କାସନ ସମସ୍ୟା ଦେଖାଦେଇଛି। ଜବରଦଖଲକାରୀମାନେ ଡ୍ରେନ୍ ଉପରେ କେଉଁଠି ଘର ତ ଆଉ କେଉଁଠି ଦୋକାନ, ଶୌଚାଳୟ ନିର୍ମାଣ କରିଛନ୍ତି। ଫଳରେ ଆବର୍ଜନା ସହ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଓ ଘର ସମ୍ମୁଖରେ ଜମି ରହୁଛି। ମୌସୁମୀ ବର୍ଷା ପରେ କେତେଜଣଙ୍କ ଘରେ ମଧ ଆବର୍ଜନା ପାଣି ପଶିଯାଉଛି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ସହରରେ ନୂତନ ଡ୍ରେନ ନିର୍ମାଣ ଓ ମରାମତି ପାଇଁ ବ୍ୟୟ କରାଯାଉଛି। ଡ୍ରେନ ପାଣି କେତେବେଳେ ଘରେ ପଶୁଛି ତ ଆଉ କେତେବେଳେ ନର୍ଦ୍ଦମା ପାଣି ରୋଡରେ ଭାସୁଛି। ସାମାନ୍ୟ ବର୍ଷା ହେଲେ ସହରରେ ଜଳମଗ୍ନ ପରିସ୍ଥିତି ଉପୁଜୁଛି। ସେହିପରି ସହରର ରାସ୍ତା ନିର୍ମାଣ ହେଉଛି ଓ ମରାମତି ବି ହେଉଛି, କିନ୍ତୁ କୌଣସି ସମସ୍ୟାର ସମାଧାନ ଏଯାବତ୍ ହେଉନାହିଁ, ଯାହା କେବଳ ସରକାରୀ ନଥିପତ୍ର ମଧ୍ୟରେ ସୀମିତ ହୋଇ ରହୁଛି। ପଟ୍ଟାମୁଣ୍ଡାଇ ସହରରେ ଲାଗି ରହୁଥିବା ଏଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ସହରର ଲୋକେ ସମାଲୋଚନା ମଧ କରିଛନ୍ତି। ଯୁବନେତା ମେରୁଲା ସେକ୍ କହିଛନ୍ତି, କିଛିଦିନ ହେବ ପଟ୍ଟାମୁଣ୍ଡାଇ ସହରରେ ଦୈନିକ ବର୍ଷା ହେଉଛି। ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଅନେକ ସ୍ଥାନରେ ଜମି ରହୁଛି। ତଳିଆ ଅଞ୍ଚଳରେ ଥିବା ଲୋକଙ୍କ ଘରେ ପାଣି ପଶୁଛି। ଡ୍ରେନ୍ ଜବରଦଖଲ କାରଣରୁ ଏପରି ହେଉଥିବା ପୌର କର୍ତ୍ତୃପକ୍ଷ ଜାଣି ପାରିଛନ୍ତି। ମୁଖ୍ୟତଃ ପୋଖରିଆପଡା-ବସ୍ତି ରୋଡ୍ ଦେଇ ଯାଇଥିବା କେତେଜଣ ବ୍ୟବସାୟୀ ଡ୍ରେନ୍ ଉପରେ କବାଡିଆ ଜିନିଷ ରଖିଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ସେହିପରି ଏହି ବସ୍ତିର ବିଭିନ୍ନ ଗଳିରେ ଡ୍ରେନ୍ ଉପରେ ଘର ନିର୍ମାଣ ସହ ପାର୍କିଂ ଶେଡ୍, ଶୌଚାଳୟ ନିର୍ମାଣ ହୋଇଛି। ଏପରି କି ଡ୍ରେନ୍ କେଉଁଠି ରହିଛି, ତାହା ଜାଣିବା କଷ୍ଟକର ହୋଇପଡୁଛି। ଆଗାମୀ ଦିନରେ ଲଗାଣ ବର୍ଷା ହେଲେ ସହରରୁ ଜଳ ନିଷ୍କାସନ ବ୍ୟବସ୍ଥା ଜଟିଳ ହୋଇପଡ଼ିବ ବୋଲି କୁହାଯାଉଛି। ତେଣୁ ବେଳ ଥାଉଥାଉ ପ୍ରତିକାର କରିବାକୁ ବସ୍ତିବାସିନ୍ଦା ଦାବି କରିଛନ୍ତି। ବୁଦ୍ଧିଜୀବୀ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ପଟ୍ଟାମୁଣ୍ଡାଇ ବଜାର ଭିତରେ ଯାଇଥିବା ଡ୍ରେନ ଉପରେ ଉଠାଦୋକାନୀ ଆଡ୍ଡା ଜମାଇଥିବାରୁ ସେଠାରେ ଅନେକ ସ୍ଲାପ ଭାଙ୍ଗିରୁଜି ଯାଇଛି। ବଜାର ଦୁଇ ପାର୍ଶ୍ୱରେ ତିଆରି କରାଯାଇଥିବା ଡ୍ରେନ୍‌କୁ ନିୟମିତ ସଫା କରାଯାଉ ନାହିଁ। ବାରମ୍ବାର ଡ୍ରେନର ମଇଳା ଆବର୍ଜନା ପାଣି ସହରର ରାସ୍ତାକୁ ଆସୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବଜାରର ବହୁ ସ୍ଥାନରେ ଜବରଦଖଲ ଯୋଗୁ ପାଣି ନିଷ୍କାସନରେ ବାଧା ଉପୁଜୁଛି। ଏ ନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ପୌର କର୍ତ୍ତୃପକ୍ଷଙ୍କୁ ଜଣାଇ ଆସୁଥିଲେ ସୁଦ୍ଧା କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏ ସମ୍ପର୍କରେ ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁଙ୍କୁ ପଚାରିବାରେ ବହୁ କାର୍ଯ୍ୟ ଟେଣ୍ଡର କାମ ହୋଇଥିବା ବେଳେ ଏବେ ଡ୍ରେନ କାମ ପାଇଁ ଟେଣ୍ଡର କରାଯାଇଛି। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

**ପଟ୍ଟାମୁଣ୍ଡାଇ ପୌର ପରିଷଦ**

- ପ୍ରତ୍ୟେକ ବର୍ଷ ନିର୍ମାଣ, ମରାମତି ହେଉଛି
- ହେଉନି ସମସ୍ୟାର ସମାଧାନ



ଡ୍ରେନ ସଫା ନ ହେବାରୁ ଆବର୍ଜନା ଭର୍ତ୍ତି ହୋଇ ରହିଛି।



ଡ୍ରେନ୍ ଉପରେ ଲୋକେ ଇଟା ଥୋଇ ଜବରଦଖଲ କରିଛନ୍ତି।

# ଜଳ ନିଷ୍କାସନ ପଥ ବନ୍ଦ, ଯାତାୟାତରେ ସମସ୍ୟା

**ଖଣ୍ଡପଡ଼ା,୨୩।୭(ଅଜୟ କୁମାର ମହାରଣା)**

## ୮ନଂ. ଡ୍ରେନ୍ ପାଣି ୯ନଂ. ୱାର୍ଡ ରାସ୍ତା ଉପରେ

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ କୃଷ୍ଣେଶ୍ୱରପାଟଣାର ୮ନଂ. ଓ ୧୧ ନଂ. ୱାର୍ଡରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ନର୍ଦ୍ଦମା ପାଣି ରାସ୍ତା ଉପରେ ପ୍ରବାହିତ ହୋଇ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଫଳରେ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏହି ପ୍ରଦୂଷିତ ପରିବେଶରେ ମଶାବଂଶ ବୃଦ୍ଧି ପାଇବା ସହ ଡେଙ୍ଗୁ ବ୍ୟାପିବାର ଆଶଙ୍କା ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୮ନଂ. ୱାର୍ଡସ୍ଥିତ ଏକ ପାହାଡ଼ ଉପରେ ବସବାସ କରୁଥିବା ବାସିନ୍ଦାଙ୍କ ଘରର ଉଦ୍‌ବୃତ୍ତ ପାଣି ଓ ପାହାଡ଼ ଉପର ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଦୈନନ୍ଦିନ ନିଷ୍କାସନ ହେଉଥିବା ଏସବୁ ପାଣି ରାସ୍ତା ଉପରେ ପ୍ରବାହିତ ହେଉଥିବା ବେଳେ ରାସ୍ତାପାର୍ଶ୍ୱରେ ଥିବା ଏକ ନଳକୂପର ସୋକପିଟ ନ ଥିବାରୁ ସେହି ପାଣି ମଧ୍ୟ ରାସ୍ତା ସାରା ପ୍ରବାହିତ ହେଉଛି। ତେବେ ସମ୍ପୃକ୍ତ ସାହିର ରାସ୍ତା ନିର୍ମାଣ ସମୟରେ ଉକ୍ତ ନର୍ଦ୍ଦମା ପାଣି ନିଷ୍କାସନ ନିମନ୍ତେ ଏକ କାମଚଳା ଅସ୍ଥାୟୀ ତଥା ସଂକୀର୍ଣ୍ଣ ଅଣଓସାରିଆ ଡ୍ରେନ ନିର୍ମାଣ ହୋଇଥିଲା। ମାତ୍ର ଏହି ସଂକୀର୍ଣ୍ଣ ପଥରେ ନର୍ଦ୍ଦମା ପାଣିରେ ଭାସି ଆସୁଥିବା ବିଭିନ୍ନ ବର୍ଜ୍ୟବସ୍ତୁ ଓ ବାଲି ମାଟି ଜମା ହୋଇ ନିଷ୍କାସନ ପଥକୁ ବନ୍ଦ କରିଦେଇଛି। ଫଳରେ ନର୍ଦ୍ଦମା ପାଣି ରାସ୍ତା ସାରା ପ୍ରବାହିତ ହୋଇ ନିମ୍ନ ଭାଗରେ ଥିବା ୯ ନମ୍ବର ୱାର୍ଡ ତଥା କୃଷ୍ଣେଶ୍ୱରପାଟଣା ତଳସାହି ରାସ୍ତା ଉପରେ ପ୍ରବାହିତ ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ପ୍ରତ୍ୟହ ଚଳପ୍ରଚଳ ହେଉଥିବା ଲୋକ ଓ ପିଲାମାନେ ହଇରାଣ ହେଉଛନ୍ତି। ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ହେଲା ଏଠାରେ ଏକ ଡ୍ରେନ ନିର୍ମାଣ ପାଇଁ ପଞ୍ଚାୟତ ପକ୍ଷରୁ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ଖଣ୍ଡପଡ଼ା ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ଅଣଦେଖା ଯୋଗୁ ଉକ୍ତ ଡ୍ରେନ କାର୍ଯ୍ୟ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ତେବେ ନୂତନ ଭାବେ କଣ୍ଟିଲୋ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅରୁଣ କୁମାରଙ୍କୁ ପଚାରିବାରେ ଏ ସମ୍ପର୍କିତ ଫାଇଲ ହସ୍ତଗତ ହେବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ରାସ୍ତା ଉପରେ ଡ୍ରେନ ପାଣି ଚାଲିଛି।

# ଗୁରୁସମ୍ବର୍ଦ୍ଧନା ଉତ୍ସବ, ସ୍ମରଣିକା ଉନ୍ମୋଚନ


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତି ବିଶେଷ।

**ରଣପୁର, ୨୩।୭: (ସୁକାନ୍ତ କିଶୋର ଡ଼ାକୁଆ)**

ରଣପୁର ବ୍ଲକର ଝାଡ଼ପଡ଼ା ପଞ୍ଚାୟତରେ ଥିବା ନୀଳକଣ୍ଠେଶ୍ୱର ଦେବ ବିଦ୍ୟାପୀଠରେ ଗ୍ରାମର ଶିକ୍ଷାବିତ୍ ଉପେନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଓ ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସ୍ମରଣିକା ଅନୁଭୂତିରେ ଆମ ବିଦ୍ୟାଳୟ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୯୫୦ ମସିହାରୁ ଗଠିତ ପ୍ରାଥମିକ ବିଦ୍ୟାଳୟ ଓ ୧୯୮୭ ମସିହାରେ ଗଠିତ ନୀଳକଣ୍ଠେଶ୍ୱର ଦେବ ବିଦ୍ୟାପୀଠ ଗଠନର ଇତିବୃତ୍ତ ସମ୍ପର୍କିତ ସ୍ମରଣିକା ଉନ୍ମୋଚନ ସହିତ ଉଭୟ ବିଦ୍ୟାଳୟରୁ ଅବସରପ୍ରାପ୍ତ, ଦିବଂଗତ ତଥା ଅଧୁନା କାର୍ଯ୍ୟରତ ୭୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଦ୍ୟାଳୟ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସମସ୍ତ ବ୍ୟକ୍ତି ତଥା ନିକଟବର୍ତ୍ତୀ ହାଇସ୍କୁଲଗୁଡିକରୁ ଅବସର ନେଇଥିବା ଗୁରୁଜୀମାନେ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ରଣପୁର ବ୍ଲକ ଶିକ୍ଷା ଅଧିକାରୀ ବନଲତା ବେହେରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ବିଜୟ କୁମାର ଜେନା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ରଥ ଯୋଗଦେଇଥିଲେ। ଅଧ୍ୟାପକ ସଞ୍ଜୀବ କୁମାର ପରିଡ଼ା ଓ ସଂସ୍କୃତ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ସାଥୁଆ ମଞ୍ଚ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ପାଠପଢି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ପୂର୍ବତନ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇ ହଜିଲା ଅତୀତକୁ ରୋମନ୍ଥନ କରିଥିଲେ। ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକମାନଙ୍କ ସହଯୋଗରେ ଏବଂ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା।

# ଆସାମ ପ୍ରତିନିଧି ମଣ୍ଡଳୀଙ୍କ ଓଡ଼ଗାଁ ବ୍ଲକ୍ ମିଶନ ଶକ୍ତି କାର୍ଯ୍ୟ ପରିଦର୍ଶନ


ଆସାମରୁ ଆସିଥିବା ପ୍ରତିନିଧି ମଣ୍ଡଳୀ ମିଶନ ଶକ୍ତି କାମ ବୁଲି ଦେଖୁଛନ୍ତି।

**ଓଡ଼ଗାଁ, ୨୩।୭ (ଆଦର୍ଶ କୁମାର ପଟ୍ଟନାୟକ)**

ଆସାମ ରାଜ୍ୟ ଗ୍ରାମୀଣ ଜୀବନ ଓ ଜୀବିକା ମିଶନ ନିର୍ଦ୍ଦେଶିକା ଆଇଏଏସ୍ ମାସନନ୍ଦ ପ୍ରେଟିନଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ନୟାଗଡ଼ ଜିଲା ଗସ୍ତରେ ଆସି ମିଶନ ଶକ୍ତି ଦ୍ୱାରା ପରିଚାଳିତ ଜିଲା ଡାକ୍ତରଖାନା କ୍ୟାଣ୍ଟିନ ପରିଚାଳନା ଦେଖିଥିଲେ। ପରେ ମାଛିପଡାଠାରେ ଛେନାପୋଡ଼ ଉତ୍ପାଦନ କେନ୍ଦ୍ର, ରାବରାଠାରେ ଛତୁ ପ୍ରକ୍ରିୟାକରଣ ପ୍ଲାଣ୍ଟ, ଓଡ଼ଗାଁ ଫିଲ୍ମହଲ ଛକଠାରେ ଜୟ ଜଗନ୍ନାଥ ମିଶନ ଶକ୍ତି ସିଲେଇ କେନ୍ଦ୍ର ଏବଂ ମଗରବନ୍ଧ ପୋଖରୀରେ ମାଛଚାଷ ଦେଖିବା ସହିତ ମିଶନ ଶକ୍ତି ଦ୍ୱାରା ପରିଚାଳିତ ତଥା ୫ ମାସ ବ୍ୟବଧାନରେ ସୋମବାର ଖୋଲିଥିବା ଓଡ଼ଗାଁ କାଫେରେ ମଧ୍ୟାହ୍ନଭୋଜନ କରି ବ୍ଲକ ଲେବୁଲ ଫେଡରେଶନ ସହିତ ବାର୍ତ୍ତାଳାପ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମ ମିଶନ ଶକ୍ତି ଏସ୍‌ଏସଜି ମାଧ୍ୟମରେ ପରିଚାଳିତ ହୋଇଥିବା ଦେଖି ସେମାନେ ସନ୍ତୋଷ ବ୍ୟକ୍ତ କରିଥିଲେ। ଆସାମ ଆଉ ଓଡ଼ିଶା ରାଜ୍ୟ ମିଶନ ଶକ୍ତି ବିଭାଗର ତୁଳନାତ୍ମକ ସମୀକ୍ଷା କରିବା ବେଳେ ଓଡ଼ିଶା ମିଶନ ଶକ୍ତି ବିଭାଗ ରାଜ୍ୟ ସରକାରଙ୍କ ଅନ୍ୟ ବିଭାଗ ସଂଯୋଗୀକରଣ ଓ ସହଯୋଗରେ ଏସଏସଜି ମା' ମାନଙ୍କ ପାଇଁ କର୍ମ ସଂସ୍ଥାନ ଯୋଗାଇବା ସମ୍ପର୍କିତ କାର୍ଯ୍ୟ ଦେଖି ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲେ। ଅନୁରୁପ ଭାବେ ଆସାମ ରାଜ୍ୟରେ ଏହାର ପ୍ରୟୋଗ ପାଇଁ ଇଚ୍ଛା ବ୍ୟକ୍ତ କରିଥିଲେ। ପ୍ରତିନିଧି ମଣ୍ଡଳରେ ଆସାମ ରାଜ୍ୟ ଏଣ୍ଟର ପ୍ରାଇଜ ପ୍ରକଳ୍ପ ସଂଯୋଜକ ଇନ୍ଦ୍ରଜିତ ଦାସ, ନନଫାର୍ମ ରାଜ୍ୟ ସଂଯୋଜକ ପଲ୍ଲବ ଗୋସ୍ୱାମୀ, ଭିସିଏଫ୍‌ଏଲ ରାଜ୍ୟ ସଂଯୋଜକ ଡ. ଦୀପିକା ପେଟୁ, ଜୀବନ ଜୀବିକା ମିଶନ ପରିଚାଳକ କଳଦୀପ କାଲଠିଆ ଏହି ପ୍ରତିନିଧି ଦଳରେ ଆସିଥିଲେ। ଏହି ସମୟରେ ଓଡ଼ିଶା ରାଜ୍ୟ ଅନୁଷ୍ଠାନ ବିକାଶ ଓ ପ୍ରଶିକ୍ଷକ ସୌମ୍ୟରଞ୍ଜନ ସ୍ୱାଇଁ, ପ୍ରକଳ୍ପ ପରିଚାଳକ ଅଲିଭା ରାଉତ, ଓଡ଼ଗାଁ ବ୍ଲକ ପ୍ରକଳ୍ପ ପରିଚାଳିକା ଆରତୀ ମହାପାତ୍ର ଉପସ୍ଥିତ ଥିଲେ।

# ନିଶ୍ଚିହ୍ନ ହୋଇଯିବ ଟୁବୁରି ମୁଣ୍ଡିଆ

**ଖଣ୍ଡପଡ଼ା,୨୩।୭(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ତହସିଲ ଅଧୀନ କୁମ୍ଭାରପଡ଼ା ଗ୍ରାମରୁ ମୁଖ୍ୟ ରାସ୍ତା ଦେଇ ରୟତଢୋଲମରା ଗ୍ରାମକୁ ଗଲାବେଳେ ରାସ୍ତାପାର୍ଶ୍ୱରେ ଅବସ୍ଥିତ ଟୁବୁରି ମୁଣ୍ଡିଆରୁ ପଥର ବ୍ୟବସାୟୀମାନେ ଦୀର୍ଘ ହେଲା ପଥର ଲୁଟି ନେଉଥିବା ବେଳେ ପ୍ରଶାସନିକ ଉଦାସୀନତା ଯୋଗୁ ଏନିଶ୍ଚିହ୍ନ ହୋଇଯିବ ବୋଲି ଅଭିଯୋଗ ହେଉଛି। ଏକଦା ଗଛଲତାରେ ଭରି ରହିଥିବା ଏହି ମୁଣ୍ଡିଆରୁ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ବ୍ଲାଷ୍ଟିଂ କରି ଟ୍ରିପ ଟ୍ରିପ କଳା ମୁଗୁନି ପଥର ଓ ମେଟାଲ ଆଖପାଖ ଅଞ୍ଚଳକୁ ଚୋରାରେ ଚାଲାଣ କରୁଛନ୍ତି। ଏଥିପାଇଁ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ପଥର ବ୍ୟବସାୟୀଙ୍କ ଯୋଗୁଁ ଟୁବୁରି ମୁଣ୍ଡିଆ ଧ୍ୱଂସାଭିମୁଖୀ ଆଡକୁ ଗତି କରୁଥିବା ବେଳେ ଆଉ କେଇ ବର୍ଷ ମଧ୍ୟରେ ଏହା ମାଟିରେ ମିଶିବାର ଆଶଙ୍କା ପ୍ରକାଶ ପାଇଛି। ରାସ୍ତାପାର୍ଶ୍ୱରେ ଅବସ୍ଥିତ ଟୁବୁରି ମୁଣ୍ଡିଆର ପ୍ରାକୃତିକ ପରିବେଶ ଏକଦା ପରିବେଶ ପ୍ରେମୀଙ୍କୁ ଆକୃଷ୍ଟ କରୁଥିବା ବେଳେ ଏବେ ସମୟ ଚକ୍ରରେ ସବୁକିଛି ବଦଳି ଯାଇଛି। ଟୁବୁରି ମୁଣ୍ଡିଆର ସୁରକ୍ଷା ପ୍ରତି ତହସିଲ ପ୍ରଶାସନ ଦୃଷ୍ଟି ଦେବାକୁ କୁମ୍ଭାରପଡ଼ା ଓ ରୟତଢୋଲମରା ପଞ୍ଚାୟତବାସୀ ବାରମ୍ବାର ଅଭିଯୋଗ କରି ଆସିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡା ତହସିଲ କର୍ତ୍ତୃପକ୍ଷ ଓ ଖଣି ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଭାରପ୍ରାପ୍ତ ତହସିଲଦାର ଡ.ଅଭିଜିତ ଷଡଙ୍ଗୀଙ୍କୁ ପଚାରିବାରେ ଅଭିଯୋଗ ପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।


ଟୁବୁରି ମୁଣ୍ଡିଆକୁ ଖନନ କରାଯାଉଛି।

# ଆମ ଗାଁ ଫଳ ବଗିଚା କରି ଚାରାରୋପଣ


ଫଳ ଚାରା ରୋପଣ ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

**ନୟାଗଡ଼,୨୩।୭(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଭୋଗବାଡି ପଞ୍ଚାୟତର ପୁଟୁବାରୀ ଗ୍ରାମ ଗୋଷ୍ଠୀ ଜଙ୍ଗଲ ଅଧିକାର ଓ ପରିଚାଳନା କମିଟି ପକ୍ଷରୁ ଗାଁର ପିତାବଳୀ ଠାକୁରାଣୀଙ୍କ ପାଖ ପଡିଆରେ ଆମ ଗାଁ ଫଳ ବଗିଚା ସୃଷ୍ଟି କରିଛନ୍ତି। ଫଳ ବଗିଚାରେ ଆମ୍ବ, ପଣସ, ଜାମୁ, ତେନ୍ତୁଳି, ଅଁଳା, ହରିଡା, ବାହାଡା, ସେପଟା, ବଉଳ କୋଳି, ପିଜୁଳି, ବରକୋଳି, କାଠ ବାଦାମ, ପେସ୍ତା ବାଦାମ, ବର, ଅଶ୍ୱତ୍ଥ, ନିମ୍ବ ପରି ବିଭିନ୍ନ ପ୍ରକାରର ଗଛ ରୋପଣ କରିଛନ୍ତି। ପ୍ରଥମେ ଗଛଗୁଡିକୁ ଗାଁରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା' ପିତାବଳୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯାଇ ଗଛ ଲଗା ଯାଇଛି। ଗ୍ରାମର ସାଧବ ଜାନୀ, ସଜନି ମଳିକ, ଜଗନ୍ନାଥ ମଳିକ ପ୍ରମୁଖ ଗଛଗୁଡିକୁ ଛୋଟରୁ ବଡ କରିବାକୁ ଦାୟିତ୍ୱ ନେଇଛନ୍ତି। ଗାଁରୁ ଆମ୍ବ ତୋଟା ନଷ୍ଟ ପରେ ଆମ ଗାଁ ଫଳ ବଗିଚା ସୃଷ୍ଟି କରାଯାଇଛି।

# ସ୍ୱାମୀଙ୍କ ମୃତ୍ୟୁ ପରେ ବି ୩ ମହିଳା ପାଉନାହାନ୍ତି ଭତ୍ତା

**ନୟାଗଡ଼,୨୩।୭(ଲୋକନାଥ ମିଶ୍ର)**

ସ୍ୱାମୀଙ୍କ ମୃତ୍ୟୁ ପରେ ବି ୩ ମହିଳା ପାଉନାହାନ୍ତି ଭତ୍ତା। ପୁଣି ସରକାରୀ ସହାୟତା ସାତ ସପନ। ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ବଳଭଦ୍ରପ୍ରସାଦ ପଞ୍ଚାୟତରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବଳଭଦ୍ରପ୍ରସାଦ ଗାଁର ରଶ୍ମିତା ନାୟକଙ୍କ ସ୍ୱାମୀ ପବିତ୍ର ଓ ପ୍ରମିଳା ଦଳେଇଙ୍କ ସ୍ୱାମୀ ବସନ୍ତଙ୍କର ପ୍ରାୟ ବର୍ଷେ ତଳେ ମୃତ୍ୟୁ ହୋଇଥିଲା। ନୂଆପଡ଼ା ଗାଁର ପ୍ରତିମା ସାହୁଙ୍କ ସ୍ୱାମୀ ଅଜୟଙ୍କର ମୃତ୍ୟୁ ମଧ୍ୟ ଇତିମଧ୍ୟରେ ୨ ବର୍ଷ ବିତି ଯାଇଛି। ଏହି ୩ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନା, ପରିବାର ମଙ୍ଗଳ ଯୋଜନାରେ ବି ସାମିଲ କରାଯାଇନି। ଏଣୁ ୩ ପରିବାର ବଞ୍ଚିବା ପାଇଁ ସଂଗ୍ରାମ ଜାରି ରଖିଛନ୍ତି।

# ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

**ନୂଆଗାଁ, ୨୩।୭ (ଧନେଶ୍ୱର ସାହୁ )**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିପୁର ରାମଚଣ୍ଡୀ କଲ୍ୟାଣ ମଣ୍ଡପଠାରେ ଭାରତୀୟ ମଜଦୁର ସଂଘର ୭୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଂଘର ଜିଲା ସଭାପତି ବନମାଳୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଆରଏସଏସର ଜିଲା ସଂଘ ଚାଳକ ସୁକାନ୍ତ ରଣସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଜିଲା ପ୍ରଚାରକ ସୁମନ୍ତ ଯୋଗ ଦେଇଥିଲେ। ଭାରତୀୟ ମଜଦୁର ସଂଘର ଜିଲା ସମ୍ପାଦକ ସୁକାନ୍ତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଭାରତୀୟ ମଜଦୁର ସଂଘ ପ୍ରତିଷ୍ଠା, କାର୍ଯ୍ୟ ଦକ୍ଷତା ଉପରେ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡ଼ି ନୟାଗଡ଼ ଜିଲା ସଭାପତି ଜ୍ୟୋତ୍ସ୍ନାମୟୀ ପଣ୍ଡା, ନୂଆଗାଁ ବ୍ଲକ ସଭାପତି ପୁଷ୍ପଲତା ମିଶ୍ର ପ୍ରମୁଖ ଉଦବୋଧନ ଦେଇଥିଲେ। ଭାରତୀୟ ମଜଦୁର ସଂଘର ଦଶପଲ୍ଲା ବ୍ଲକ ସଭାପତି ପ୍ରକାଶ କୁମାର ପାଣି, ବିଦ୍ୟୁତ କର୍ମଚାରୀ ସଂଘର ନୟାଗଡ଼ ଜିଲା ସଭାପତି ରବୀନ୍ଦ୍ର ଦାଶ ସମେତ ଜିଲାର ବିଭିନ୍ନ ବ୍ଲକର ଅଙ୍ଗନୱାଡ଼ି, ଆଶା କର୍ମୀ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଶେଷରେ ମଜଦୁର ସଂଘର ଜିଲା ସଭାପତି ମିଶ୍ର ଧନ୍ୟବାଦ ଦେଇଥିଲେ।

# ଓଡ଼ିଶୀନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଲା

**ନୟାଗଡ଼,୨୩।୭(ଲୋକନାଥ ମିଶ୍ର)**

## ବାଲୁଗାଁରେ ସେବା ଉତ୍ସବ

ନୟାଗଡ଼ ସେବା ଉତ୍ସବ ସମିତି ଆନୁକୂଲ୍ୟରେ ଦୀର୍ଘ ୧୦ଦିନ ଧରି ଅନୁଷ୍ଠିତ ହେଉଥିବା ଜିଲାବ୍ୟାପୀ ସେବା ଉତ୍ସବ ମଙ୍ଗଳବାର ବାଲୁଗାଁଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲୁଗାଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗରିବ, ଅସହାୟ ଲୋକଙ୍କୁ ବସ୍ତ୍ର ଓ ଚପଲ ବଣ୍ଟନ କରାଯାଇଛି। ପରେ ବାଲୁଗାଁ ଛକରେ ଏକ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ଓଡ଼ିଶୀ ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପରେ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୟାଗଡ଼ ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲୁଗାଁର ସାମାଜିକ କର୍ମୀ ଅଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସ୍ୱାଇଁ, ବୃନ୍ଦାବନ ନାୟକ, ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ସେବା ସମିତି ସଦସ୍ୟ ସଞ୍ଜୟ ନାୟକ, କରଣ ବଡ଼ଟିଆ, ଗୁଲସନ କୁମାର ଦାଶ, ଶୁଭାଶିଷ ନାୟକ, ଆଶୁତୋଷ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ପ୍ରାୟ ଶହେ ଅଭାବୀ ଲୋକଙ୍କୁ ଚପଲ ବଣ୍ଟନ କରାଯାଇଥିଲା।


ସେବା ଉତ୍ସବରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

# ଦକ୍ଷତା ବିକାଶ ଦ୍ୱାରା ନିଯୁକ୍ତି ନିଶ୍ଚିତ

**ଶରଣକୁଳ,୨୩।୭(ଦୀପକ କର)**

## ଧନ୍ଦାମୂଳକ ଶିକ୍ଷା ବିଭାଗ ପ୍ରଶିକ୍ଷଣ ଶିବିର

ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ବିଭାଗର ସଚେତନତା ସଭା ଏବଂ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ଯୋଗଦେଇ ଧନ୍ଦାମୂଳକ ଶିକ୍ଷାର ଉପାଦେୟତା ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଦୁର୍ଗା ଚରଣ ଦାସ ଯୋଗଦେଇ ଦକ୍ଷତା ବିକାଶ ଦ୍ୱାରା ନିଯୁକ୍ତି ନିଶ୍ଚିତ ଓ ଶିକ୍ଷା ବ୍ୟର୍ଥ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଜିଲା ଶ୍ରମ ଓ ନିଯୁକ୍ତି ବିଭାଗ ଅଧିକାରୀ ପ୍ରଶାନ୍ତ ମଲ୍ଲିକ ଧନ୍ଦାମୂଳକ ଶିକ୍ଷା ଦ୍ୱାରା ଶିକ୍ଷାର୍ଥୀ କିପରି ଓ କେଉଁ କେଉଁ ସବୁ ନିଯୁକ୍ତି ପାଇପାରିବେ ସେ ବିଷୟରେ କହିଥିଲେ। ପରେ ଜିଲା ଅନୁସୂଚିତ ଜାତି ଜନଜାତି ଶିକ୍ଷା ସଂଯୋଜିକା ତଥା ମୁଖ୍ୟ ଭାରପ୍ରାପ୍ତ ଧନ୍ଦାମୂଳକ ବିଭାଗ ସଂଯୋଜିକା ଶୁଭସ୍ମିତା ଦାସ ଧନ୍ଦାମୂଳକ ଶିକ୍ଷାର ସମ୍ପୂର୍ଣ୍ଣ ବିବରଣୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ ଶରଣକୁଳର ପ୍ରଧାନଶିକ୍ଷକ ପ୍ରଭାକର ସାହୁ ଏବଂ ବିଦ୍ୟାଳୟ ଅଭିଭାବକ କମିଟିର ବିକ୍ରମ କୁମାର ଦାସ ପ୍ରମୁଖ ସଭାରେ ନିଜ ନିଜ ମତ ରଖିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଗୋଦାବରୀ ବସନ୍ତିଆ ସଂଯୋଜନା କରିଥିଲେ।

ଏହି ସଚେତନତା କାର୍ଯ୍ୟକ୍ରମରେ ନାରାୟଣ ଉଚ୍ଚ ବିଦ୍ୟାଳୟ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟ ଶରଣକୁଳର ନବମ ଓ ଦଶମ ଶ୍ରେଣୀର ପରିଧାନ ବିଭାଗର ୮୩ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଉକ୍ତ ସଭାରେ ବରିଷ୍ଠ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର, ରଶ୍ମିତା ବେହେରା, ଜନାର୍ଦ୍ଦନ ପରିଡ଼ା, ଦାମୋଦର ସାହୁ, ଆଲୋକ ରଞ୍ଜନ ମଲ୍ଲିକଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକମାନେ ଉପସ୍ଥିତ ରହିଥିଲେ। ପରିଧାନ ବିଭାଗ ପକ୍ଷରୁ ଦିଆଯାଇଥିବା ବାର୍ଷିକ ବିବରଣୀକୁ ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନ ଷଡ଼ଙ୍ଗୀ ପଠନ କରିଥିଲେ। ୨୦୨୩-୨୪ ଶିକ୍ଷାବର୍ଷ ବୋର୍ଡ ପରୀକ୍ଷାରେ ଉଚ୍ଚ ନାମାଙ୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏଥିସହ ବିଦ୍ୟାଳୟରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷିକା ସ୍ୱପ୍ନାଞ୍ଜଳି ମିଶ୍ର ଏବଂ ବିଦ୍ୟାଳୟ ପରିଧାନ ବିଭାଗର ପ୍ରଶିକ୍ଷିକା ରୋଜାଲିନ ମିଶ୍ର ପ୍ରଶିକ୍ଷଣ ଦେଇଥିଲେ। ଉକ୍ତ ଶିବିରରେ ୮୩ ଜଣ ଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଧନ୍ଦାମୂଳକ ଶିକ୍ଷାର ଭାରପ୍ରାପ୍ତ ଅଧିକାରିଣୀ ପ୍ରଜ୍ଞୟ ପାରମିତା ସାହୁ ଧନ୍ୟବାଦ ଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

# ନିଯୁକ୍ତି, ଦକ୍ଷତା ବିକାଶକୁ ଗୁରୁତ୍ୱ

ନୂଆଦିଲ୍ଲୀ,୨୩।୭



ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ଲୋକ ସଭାରେ ଉପସ୍ଥାପନ କରିଥିବା ବଜେଟରେ ନିଯୁକ୍ତି, ଦକ୍ଷତା ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ୪.୧ କୋଟି ଯୁବବର୍ଗଙ୍କ ନିମନ୍ତେ ବିଭିନ୍ନ ଯୋଜନା ପାଇଁ ବଜେଟରେ ୨ ଲକ୍ଷ କୋଟି ଟଙ୍କା ରଖାଯାଇଛି। ସରକାର ୯ଟି ବିଷୟ ଉପରେ ସର୍ବାଧିକ ପ୍ରାଧାନ୍ୟ ଦେଇଥିବାବେଳେ ନିଯୁକ୍ତି ଏବଂ ଦକ୍ଷତା ବିକାଶ ସେଥିରୁ ଅନ୍ୟତମ ବୋଲି ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ କହିଥିଲେ। ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟିହେବା ସହ ଉଭୟ କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ। ନିଯୁକ୍ତି ସୃଷ୍ଟି, ଦକ୍ଷତା ଏବଂ ଅନ୍ୟାନ୍ୟ ସୁଯୋଗ ଲାଗି ପ୍ରଧାନମନ୍ତ୍ରୀଙ୍କ ୫ ଯୋଜନା ଏବଂ ପଦକ୍ଷେପର ପ୍ୟାକେଜ୍ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ୫ ବର୍ଷର ଏହି ପ୍ୟାକେଜ୍‌ରେ ୪.୧ କୋଟି ଯୁବତୀଯୁବକଙ୍କ ପାଇଁ ସୁଯୋଗ ସୃଷ୍ଟି ନିମନ୍ତେ ବଜେଟରେ ୨ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଶିକ୍ଷା, ନିଯୁକ୍ତି ଏବଂ ଦକ୍ଷତା ବିକାଶ ପାଇଁ ୧.୪୮ ଲକ୍ଷ କୋଟି ଟଙ୍କା ରଖାଯାଇଛି। ପ୍ରଧାନମନ୍ତ୍ରୀଙ୍କ ପ୍ୟାକେଜ୍‌ର ଅଂଶବିଶେଷ ଭାବେ ସରକାର ନିଯୁକ୍ତି ସମ୍ପର୍କିତ ପ୍ରୋତ୍ସାହନ ପାଇଁ ୩ଟି ଯୋଜନା କାର୍ଯ୍ୟକାରୀ କରିବେ। ସେଗୁଡ଼ିକ ଇପିଏଫ୍‌ଓରେ ପଞ୍ଜୀକରଣ ଆଧାରରେ ହେବ ଏବଂ ନୂଆ କର୍ମଚାରୀମାନଙ୍କୁ ସ୍ୱୀକୃତି ଦେବା ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଉଭୟ କର୍ମଚାରୀ ଓ ନିଯୁକ୍ତିଦାତାଙ୍କ ନିମନ୍ତେ ସହାୟତା ବ୍ୟବସ୍ଥା ରହିବ ବୋଲି ସୀତାରାମନ୍ କହିଛନ୍ତି। 'ଫାଷ୍ଟ ଟାଇମର'ମାନଙ୍କ ପାଇଁ ନୂଆ ଯୋଜନାରେ ଆନୁଷ୍ଠାନିକ କ୍ଷେତ୍ରଗୁଡ଼ିକରେ ନୂଆକରି ଯୋଗଦେଉଥିବା ସମସ୍ତ କର୍ମଚାରୀଙ୍କୁ ସରକାର ଗୋଟିଏ ମାସର ବେତନ ଯୋଗାଇଦେବେ। ଏହା ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିଟିଏସ୍) ଜରିଆରେ ୩ କିସ୍ତିରେ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଯୋଗାଇ ଦିଆଯିବ। ମାସିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବେତନ ପାଇବାକୁ ଥିବା କର୍ମଚାରୀମାନେ ଏଥିପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ଏହାଦ୍ୱାରା ୨୧୦ ଲକ୍ଷ ଯୁବବର୍ଗ ଉପକୃତ ହେବା ଆଶା କରାଯାଉଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ନୂଆ କର୍ମଚାରୀଙ୍କୁ ନିୟୋଜିତ କରିବା ନିମନ୍ତେ ଉତ୍ପାଦନ ସେକ୍ଟରରେ ଅଧିକ ନିଯୁକ୍ତି ସୃଷ୍ଟି ପାଇଁ ସରକାର ପ୍ରୋତ୍ସାହିତ କରିବେ। ଏଥିପାଇଁ ନୂଆ ନିଯୁକ୍ତି କ୍ଷେତ୍ରରେ କର୍ମଚାରୀ ଓ ନିଯୁକ୍ତିଦାତାଙ୍କ ପ୍ରଥମ ୪ ବର୍ଷର ଇପିଏଫ୍‌ଓ ଯୋଗଦାନ ସରକାର ଭରଣା କରିବେ। ଏହାଦ୍ୱାରା ନିଯୁକ୍ତିରେ ପ୍ରବେଶ କରୁଥିବା ୩୦ ଲକ୍ଷ ଯୁବବର୍ଗ ଉପକୃତ ହେବେ। ୧ ଲକ୍ଷ ଟଙ୍କା ବେତନ ପର୍ଯ୍ୟନ୍ତ ସମସ୍ତ ଅତିରିକ୍ତ ନିଯୁକ୍ତିରେ ସରକାର ୨ ବର୍ଷ ଯାଏ କର୍ମଚାରୀ ଓ ନିଯୁକ୍ତିଦାତାଙ୍କ ଇପିଏଫ୍‌ଓ ଯୋଗଦାନ ବାବଦରେ ମାସିକ ୩,୦୦୦ ଟଙ୍କା ଯୋଗାଇଦେବେ। କାର୍ଯ୍ୟକ୍ଷେତ୍ରକୁ ଅଧିକ ମହିଳାମାନଙ୍କୁ ଆଣିବା ଲାଗି ସରକାର ଶିଳ୍ପସଂସ୍ଥାଗୁଡ଼ିକ ସହଯୋଗରେ ସେମାନଙ୍କ ପାଇଁ ୱାର୍କିଂ ୱମେନ୍ସ ହଷ୍ଟେଲ ଓ କ୍ରେଚ୍ ସ୍ଥାପନ କରିବେ। ମହିଳା ସ୍ୱୟଂସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଉଦ୍ୟୋଗଗୁଡ଼ିକର ବଜାର ପ୍ରବେଶକୁ ପ୍ରୋତ୍ସାହିତ କରିବା ଲାଗି ପଦକ୍ଷେପ ନିଆଯିବ। ଆଗାମୀ ୫ ବର୍ଷରେ ୨୦ ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷ କରାଯିବା ସହ ୧,୦୦୦ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ)ର ଉନ୍ନତୀକରଣ କରାଯିବ। ମଡେଲ ସ୍କିଲ୍ ଲୋନ୍ ସ୍କିମ୍‌ରେ ସରକାରଙ୍କ ପାଣ୍ଠିରୁ ୭.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ। ଏହାଦ୍ୱାରା ପ୍ରତିବର୍ଷ ୨୫,୦୦୦ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।




## ବନ୍ୟା ନିୟନ୍ତ୍ରଣ, ଜଳସେଚନ ପ୍ରକଳ୍ପକୁ ୧୧,୫୦୦ କୋଟି

ବିଭିନ୍ନ ରାଜ୍ୟରେ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ବଢ଼ାଇବା ଏବଂ ଜଳସେଚନ ପ୍ରକଳ୍ପଗୁଡ଼ିକର ବିକାଶ ପାଇଁ କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ୧୧,୫୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ତ୍ୱରିତ୍ ସେଚ ଲାଭ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଉତ୍ସ ଜରିଆରେ ସରକାର ବିଭିନ୍ନ ପ୍ରକଳ୍ପକୁ ଆର୍ଥିକ ସହାୟତା ଯୋଗାଇଦେବେ। ଏଥିରେ କୋଶୀ-ମେଚି ଇଣ୍ଟ୍ରା-ଷ୍ଟେଟ୍ ଲିଙ୍କ୍ ଏବଂ ଅନ୍ୟ ୨୦ଟି ଯୋଜନା, ବ୍ୟାରେଜ, ନଦୀ ପ୍ରଦୂଷଣ ଉପଶମ ଏବଂ ଜଳସେଚନ ପ୍ରକଳ୍ପ ରହିଛି। ବିହାର ଏବଂ ଆସାମ କ୍ରମାଗତ ଭାବେ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବାରୁ ବନ୍ୟା ନିୟନ୍ତ୍ରଣ ଭିତ୍ତିଭୂମି ନିର୍ମାଣ ସହ ବନ୍ୟା ପରିଚାଳନା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରକଳ୍ପ ଲାଗି ଆର୍ଥିକ ସହାୟତା ଯୋଗାଇଦିଆଯିବ। ଗତବର୍ଷ ବନ୍ୟାରେ ହିମାଚଳପ୍ରଦେଶ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଥିବାରୁ ପୁନଃନିର୍ମାଣ ଓ ପୁନର୍ବାସ ପାଇଁ ସହାୟତା ଯୋଗାଇ ଦିଆଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ଉତ୍ତରାଖଣ୍ଡ ଏବଂ ସିକିମ୍ ପ୍ରଳୟଙ୍କରୀ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବାରୁ ଏହି ୨ ରାଜ୍ୟକୁ ସହାୟତା ପାଇଁ ବଜେଟରେ ବ୍ୟବସ୍ଥା ହୋଇଛି।

# ଆଣବିକ ଶକ୍ତି, ପମ୍ପ୍‌ଡ ଷ୍ଟୋରେଜ୍, ଥର୍ମାଲ ପ୍ଲାଣ୍ଟକୁ ଗୁରୁତ୍ୱ

ଭାରତର ଶକ୍ତି ପରିବର୍ତ୍ତନ ଯୋଜନାରେ କ୍ଷୁଦ୍ର ମଡ୍ୟୁଲାର ଆଣବିକ ରିଆକ୍ଟର (ଏସ୍‌ଏମ୍‌ଆର୍), ପମ୍ପ୍‌ଡ ଷ୍ଟୋରେଜ ପ୍ରୋଜେକ୍ଟ ଏବଂ ଅଧିକ ଦକ୍ଷ ଥର୍ମାଲ ପ୍ଲାଣ୍ଟଗୁଡ଼ିକର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ସରକାର ଘରୋଇ କମ୍ପାନୀଗୁଡ଼ିକ ସହାୟତାରେ ଏସ୍‌ଏମ୍‌ଆର୍‌ଗୁଡ଼ିକର ବିକାଶ କରିବେ। ଆଣବିକ ଶକ୍ତି ଶେୟାର ବଢ଼ାଇବା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତି ଉପରେ ଗବେଷଣା କରାଯିବ। ଉତ୍ସର୍ଜନ ଲକ୍ଷ୍ୟ ହାସଲ ଲାଗି ସରକାର ଶକ୍ତି ଦକ୍ଷତା ଉପରେ ଫୋକସ୍ କରୁଛନ୍ତି। ସେଥିପାଇଁ ଶିପିଙ୍ଗ୍, ବେସାମରିକ ବିମାନ ଚଳାଚଳ, ଲୁହା ଓ ଇସ୍ପାତ, ରସାୟନ ଆଦି ସେକ୍ଟରରେ ଉତ୍ସର୍ଜନ କମାଇବା ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ବିକଶିତ ଭାରତ ପାଇଁ ଆଣବିକ ଶକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷ୍ୟ ହାସଲ ନିମନ୍ତେ ସରକାର ଘରୋଇ କମ୍ପାନୀଗୁଡ଼ିକର ସହଭାଗିତାରେ ଭାରତ କ୍ଷୁଦ୍ର ରିଆକ୍ଟର ସ୍ଥାପନ କରିବା ସହ ଏଥିପାଇଁ ଆବଶ୍ୟକ ନୂତନ ପ୍ରଯୁକ୍ତି ନିମନ୍ତେ ଗବେଷଣା ଓ ବିକାଶ କରିବେ। ଏହି ଏସ୍‌ଏମ୍‌ଆର୍‌ଗୁଡ଼ିକର କ୍ଷମତା ୩୦୦ ମେଗାୱାଟ୍ ବା ତା'ଠାରୁ କମ୍ ହେବ। ଉକ୍ତ ଫ୍ୟାକ୍ଟ୍ରି-ଫାବ୍ରିକେଟେଡ୍ ରିଆକ୍ଟରଗୁଡ଼ିକୁ ଟ୍ରକ୍ କିମ୍ବା ଟ୍ରେନ୍‌ରେ ଆଣବିକ ଶକ୍ତି ପ୍ରକଳ୍ପ ସ୍ଥଳକୁ ପରିବହନ କରାଯାଇପାରିବ। ସେଗୁଡ଼ିକର ମିଳିତ ଉତ୍ପାଦନ ଦ୍ୱାରା ଅଧିକ ଶକ୍ତି ହାସଲ କରାଯାଇପାରିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ପମ୍ପ୍‌ଡ-ଷ୍ଟୋରେଜ୍ ପ୍ରୋଜେକ୍ଟରେ ଦୁଇଟି ରିଜର୍ଭୟର ଯଥାକ୍ରମେ ଗୋଟିଏ ପାହାଡ଼ ଉପରେ ଓ ଅନ୍ୟଟି ତଳେ ରହିବ। ଅତିରିକ୍ତ ବିଦ୍ୟୁତ୍‌କୁ ବ୍ୟବହାର କରାଯାଇ ପାଣିକୁ ପାହାଡ଼ ଉପରକୁ ପମ୍ପ କରାଯାଇ ସେଠାରେ ଥିବା ରିଜର୍ଭୟରରେ ଗଚ୍ଛିତ ରଖାଯିବ। ଯେତେବେଳେ ବିଦ୍ୟୁତ୍ ଚାହିଦା ବଢ଼ିଯିବ, ସେତେବେଳେ ଉକ୍ତ ଜଳକୁ ତଳ ରିଜର୍ଭୟରକୁ ଛଡ଼ାଯାଇ ବିଦ୍ୟୁତ୍ ଉତ୍ପାଦନ କରାଯିବ। ଅତ୍ୟାଧୁନିକ ଅଲଟ୍ରାସୁପର କ୍ରିଟିକାଲ ଥର୍ମାଲ ପାୱାର ପ୍ଲାଣ୍ଟ ପାଇଁ ସ୍ୱଦେଶୀ ପ୍ରଯୁକ୍ତିର ବିକାଶ ହୋଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଘୋଷଣା କରିଛନ୍ତି। ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି) ଏବଂ ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିଃ (ଭେଲ୍)ର ମିଳିତ ଉଦ୍ୟୋଗ ଏୟୁଏସ୍‌ସି ପ୍ରଯୁକ୍ତି ବ୍ୟବହାରରେ ୮୦୦ ମେଗାୱାଟ ବ୍ୟବସାୟିକ ପ୍ଲାଣ୍ଟ ସ୍ଥାପନ କରିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।



## ମହିଳାଙ୍କ ପାଇଁ ୩ ଲକ୍ଷ କୋଟିର ଯୋଜନା

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମହିଳା ଓ ବାଳିକାମାନଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା ନିମନ୍ତେ ୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ବ୍ୟୟବରାଦ କରିଛନ୍ତି। ଅର୍ଥନୈତିକ ବିକାଶରେ ମହିଳାମାନଙ୍କ ଭୂମିକା ବଢ଼ାଇବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ବଜେଟରୁ ପ୍ରତୀୟମାନ ହୋଇଥିବା ଅର୍ଥମନ୍ତ୍ରୀ କହିଛନ୍ତି। ମହିଳାକୈନ୍ଦ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ବଜେଟରେ ଅଧିକ ଅର୍ଥବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ଯୋଗଦାନ ବଢ଼ାଇବା ପାଇଁ ସରକାରୀ ଘରୋଇ ସହଭାଗିତାରେ ୱାର୍କିଂ ୱମେନ୍ସ ହଷ୍ଟେଲ ନିର୍ମାଣ କରାଯିବ। ଏହା ବ୍ୟତୀତ ମହିଳାଙ୍କ ପାଇଁ ନିର୍ଦ୍ଦିଷ୍ଟ ଭାବେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯିବ। ବର୍ତ୍ତମାନର ପେ'ରୋଲ ଅନୁସାରେ କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଛି। ଚଳିତ ବର୍ଷ ମେ' ସୁଦ୍ଧା ୦.୨୪ ନିୟୁତ ନୂଆ ମହିଳା ସଦସ୍ୟ କାର୍ଯ୍ୟକ୍ଷେତ୍ରରେ ସାମିଲ ହୋଇଛନ୍ତି, ଯାହା କି ଗତବର୍ଷ ତୁଳନାରେ ୧୨.୧ ପ୍ରତିଶତ ଅଧିକ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।



## ଏଥର ବି ପେପରଲେସ୍ ବଜେଟ

ନୂଆଦିଲ୍ଲୀ, ୨୩।୭: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ପୁଣି ଥରେ ଟାବ୍‌ଲେଟ୍ ଯୋଗେ ପେପର୍‌ଲେସ୍ ବଜେଟ ଉପସ୍ଥାପନ କରିଛନ୍ତି। ଏକ ନାଲି ରଙ୍ଗର ବ୍ୟାଗ୍ ମଧ୍ୟରେ ପାରମ୍ପରିକ ବହିଖାତା ଆକୃତିରେ ଉକ୍ତ ଟାବ୍‌ଲେଟ୍‌ଟିକୁ ରଖାଯାଇଥିଲା। ମଙ୍ଗଳବାର ସକାଳେ ରାଷ୍ଟ୍ରପତିଙ୍କୁ ଭେଟିବା ପାଇଁ ଯିବା ପୂର୍ବରୁ ନିର୍ମଳା ଅର୍ଥ ମନ୍ତ୍ରଣାଳୟର ଅଧିକାରୀଙ୍କ ସହ ନର୍ଥ ବ୍ଲକ୍‌ସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ପୋଜ୍ ଦେଇଥିଲେ। ୨୦୧୯ ଜୁଲାଇରେ ବଜେଟ ସମ୍ବନ୍ଧିତ କାଗଜପତ୍ର ବହନ କରିବା ପାଇଁ ଦୀର୍ଘଦୀନ ଧରି ରହିଥିବା ବ୍ରିଫ୍‌କେଶ ବ୍ୟବସ୍ଥାକୁ ଉଚ୍ଛେଦକରି ନିର୍ମଳା ପାରମ୍ପରିକ ବହିଖାତା ଆକୃତିର ବ୍ୟାଗ୍‌କୁ ବ୍ୟବହାର କରିଥିଲେ।



## ଲଗାତର ୭ମ ଥର ବଜେଟ ଉପସ୍ଥାପନକରି ଇତିହାସ ରଚିଲେ ନିର୍ମଳା

ନୂଆଦିଲ୍ଲୀ, ୨୩।୭: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ଲଗାତର ସପ୍ତମ ଥର ପାଇଁ ବଜେଟ ଉପସ୍ଥାପନ କରି ରେକର୍ଡ ସୃଷ୍ଟି କରିଛନ୍ତି। ଏହାସହ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ରେକର୍ଡକୁ ଭଙ୍ଗ କରିଛନ୍ତି। ମୋରାରଜୀ ୧୯୫୯ରୁ ୧୯୬୪ ପର୍ଯ୍ୟନ୍ତ ୫ଟି ପୂର୍ଣ୍ଣ ବଜେଟ ଓ ଗୋଟିଏ ଅନ୍ତରୀଣ ବଜେଟ ସହ ଲଗାତର ୬ ଥର ବଜେଟ ଉପସ୍ଥାପନ କରିଥିଲେ। ତେବେ ସବୁଠାରୁ ଅଧିକ ଥର ବଜେଟ ଉପସ୍ଥାପନ କରିବାର ରେକର୍ଡ ଏବେ ମଧ୍ୟ ମୋରାରଜୀଙ୍କ ନାମରେ ରହିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ କାର୍ଯ୍ୟକାଳରେ ସେ ଅର୍ଥମନ୍ତ୍ରୀ ଭାବେ ସର୍ବାଧିକ ୧୦ ଥର ପାଇଁ ବଜେଟ ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷରେ ସବୁଠାରୁ ଅଧିକ ସମୟ ଧରି ବଜେଟ ଭାଷଣ ଦେବାର ରେକର୍ଡ ନିର୍ମଳା ସୀତାରାମନଙ୍କ ନାମରେ ରହିଛି। ୨୦୨୦ ଫେବୃୟାରୀ ୧ରେ ସେ ୨ ଘଣ୍ଟା ୪୦ ମିନିଟ୍ ଧରି ବଜେଟ ଭାଷଣ ଦେଇ ରେକର୍ଡ ସୃଷ୍ଟି କରିଥିଲେ।

## ବରିଷ୍ଠ ନେତାଙ୍କ ପ୍ରତିକ୍ରିୟା



"ଏହା ଏକ ଦୂରଦୃଷ୍ଟିସମ୍ପନ୍ନ ବଜେଟ। ଏହାଦ୍ୱାରା ରୋଜଗାର ଏବଂ ସୁଯୋଗର ଏକ ନୂତନ ଯୁଗ ଆରମ୍ଭ ହେବ। ଦେଶକୁ ଏକ ବିକଶିତ ରାଷ୍ଟ୍ର ଭାବେ ପରିଣତ ପାଇଁ ଏହା ସହାୟକ ହେବ।

**-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**



"ଏହି ବଜେଟ ଦେଶର ପ୍ରଗତି ଅପେକ୍ଷା ମୋଦି ସରକାରଙ୍କୁ ବଞ୍ଚାଇବା ପାଇଁ ଉପସ୍ଥାପିତ ହୋଇଛି। ଏଥିରେ କଂଗ୍ରେସର ନ୍ୟାୟପତ୍ରକୁ କପି ପେଷ୍ଟ କରାଯାଇଛି। ଦଳିତ, ଆଦିବାସୀ, ସଂଖ୍ୟାଲଘୁ, ମଧ୍ୟବିତ୍ତ ଶ୍ରେଣୀର ଜନସାଧାରଣଙ୍କ ପାଇଁ ଏହି ବଜେଟରେ କୌଣସି ବୈପ୍ଳବିକ ଯୋଜନା ନାହିଁ।

**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**



"ଆନ୍ଧ୍ରପ୍ରଦେଶର ଶିଳ୍ପ ଅଭିବୃଦ୍ଧି, ଜଳସେଚନ, ଭିତ୍ତିଭୂମି ଆଦି ବିଭିନ୍ନ ଆବଶ୍ୟକତାକୁ ବଜେଟରେ ସ୍ଥାନିତ କରିଥିବାରୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ। ଏହା ଏକ ପ୍ରଗତିଶୀଳ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରାଇପାରୁଥିବା ବଜେଟ।

**-ଏନ୍. ଚନ୍ଦ୍ରବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ**



"ଲୋକ ସଭା ନିର୍ବାଚନର ଫଳାଫଳ ଆସିବା ପରେ ଅର୍ଥ ମନ୍ତ୍ରୀ ସୀତାରାମନ କଂଗ୍ରେସର ନ୍ୟାୟପତ୍ରକୁ ପଢ଼ିଛନ୍ତି। ଏଥିପାଇଁ ଆମେ ବହୁତ ଖୁସି।

**-ପି. ଚିଦାମ୍ବରମ୍, ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା**



"ଏହା ଏକ ଗରିବ ବିରୋଧୀ ବଜେଟ। ଜନତାଙ୍କ କଲ୍ୟାଣକୁ ପ୍ରାଧାନ୍ୟ ଦେବା ପରିବର୍ତ୍ତେ ସହଯୋଗୀ ଦଳଗୁଡ଼ିକୁ ଖୁସି କରିବାକୁ ଏହା ପ୍ରସ୍ତୁତ ହୋଇଛି। ପଶ୍ଚିମବଙ୍ଗର ସ୍ୱାର୍ଥକୁ ଅଣଦେଖା କରାଯାଇଛି।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



"କୃଷକ ଏବଂ ଯୁବକଙ୍କ ସ୍ୱାର୍ଥକୁ ଏହି ବଜେଟ ଅଣଦେଖା କରିଛି। ସରକାର ବଞ୍ଚାଇବା ପାଇଁ ସହଯୋଗୀ ଦଳଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିହାର ଓ ଆନ୍ଧ୍ରପ୍ରଦେଶରେ ବିଭିନ୍ନ ବିକାଶମୁଖୀ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ବଜେଟ ଆବଣ୍ଟନ ମିଳିଛି। ସବୁଠାରୁ ଅଧିକ ଜନସଂଖ୍ୟା ଥିବା ଉତ୍ତରପ୍ରଦେଶ ନିରାଶ ହୋଇଛି।

**-ଅଖିଳେଶ ଯାଦବ, ଅଧ୍ୟକ୍ଷ, ଏସ୍‌ପି**



"କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି, ରୋଜଗାର, ଦକ୍ଷତା ବୃଦ୍ଧି ଆଦି ଲକ୍ଷ୍ୟରେ ଚଳିତ ବଜେଟ ପ୍ରସ୍ତୁତ ହୋଇଛି।

**-ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ**



"ବଜେଟରେ ସରକାର ଯେଉଁ ଇଣ୍ଟର୍ନଶିପ୍ ଯୋଜନା ଘୋଷଣା କରିଛନ୍ତି ତାହା ଲୋକ ସଭା ନିର୍ବାଚନ ସମୟରେ କଂଗ୍ରେସର 'ନ୍ୟାୟପତ୍ର'ରେ ଥିବା ପ୍ରତିଶ୍ରୁତି 'ପହଲି ନୌକରୀ ପକ୍କି'କୁ ନେଇ ଆଧାରିତ ରହିଛି।

**-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**



"ଗତ ୧୦ ବର୍ଷ ମଧ୍ୟରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ମୋଦି ସରକାରଙ୍କ ପ୍ରୟାସ ଏହି ବଜେଟରେ ପ୍ରତିଫଳିତ ହେଉଛି।

**-ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ**



"ଚଳିତ ବଜେଟ କୃଷି ଏବଂ ଗ୍ରାମୀଣ କ୍ଷେତ୍ର ପାଇଁ ବରଦାନ ସଦୃଶ ହୋଇଛି। ଆତ୍ମନିର୍ଭରଶୀଳ ଭାରତ ପାଇଁ ମାର୍ଗ ପ୍ରଶସ୍ତ କରିଛି।

**-ଶିବରାଜ ସିଂ ଚୌହାନ, କେନ୍ଦ୍ର କୃଷି ମନ୍ତ୍ରୀ**



"ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ସତ୍ତ୍ୱେ ବଜେଟରେ ତାମିଲନାଡୁ ପାଇଁ କୌଣସି ପ୍ୟାକେଜ ନାହିଁ। ନୀତି ଆୟୋଗ ବୈଠକକୁ ରାଜ୍ୟ ବୟକଟ କରିବ।

**-ଏମ୍. କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ**



"ଦେଶର ଗରିବ, ବେକାରି, କୃଷକ, ମହିଳା ତଥା ଅବହେଳିତ ବହୁଜନ ବର୍ଗର ଜନ ସାଧାରଣ ଏହି ବଜେଟରୁ ନିରାଶ ହୋଇଛନ୍ତି। ଦାରିଦ୍ର୍ୟ ଦୂରୀକରଣ ନେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ହୋଇନାହିଁ।

**-ମାୟାବତୀ, ବିଏସ୍‌ପି ଅଧ୍ୟକ୍ଷ**



"ଏହା ଏକ ଜନକଲ୍ୟାଣକାରୀ ବଜେଟ। ଏହାଦ୍ୱାରା ଦେଶରେ ରାମରାଜ୍ୟ ସ୍ଥାପନ ହୋଇପାରିବ।

**-ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ**



"ଏହା ସାଧାରଣ ଲୋକଙ୍କ ବଜେଟ। ଯୁବକ, ଶ୍ରମିକ, କୃଷକ ଓ ମହିଳାଙ୍କ ଉପରେ ଏହି ବଜେଟରେ ଧ୍ୟାନ ଦିଆଯାଇଛି। ୫ ଟ୍ରିଲିୟନ ଡଲାର ଅର୍ଥନୀତିର ଲକ୍ଷ୍ୟ ହାସଲ କରିବାକୁ ଏହି ବଜେଟ ସହାୟକ ହେବ।

**-ଏକନାଥ ଶିନ୍ଦେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**



"ଗରିବ, କୃଷକ, ଯୁବକ ଓ ମହିଳାମାନଙ୍କ ସଶକ୍ତୀକରଣ ଉପରେ ଏହି ବଜେଟରେ ଧ୍ୟାନ ଦିଆଯାଇଛି। ବିକଶିତ ଭାରତର ସଂକଳ୍ପ ପୂରଣ ପାଇଁ ଏହା ମାଇଲଖୁଣ୍ଟ ସଦୃଶ ପ୍ରମାଣିତ ହେବ।

**-ବିଷ୍ଣୁଦେବ ସାୟ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ**



"ବର୍ଷା ଓ ଭୂସ୍ଖଳନ ଯୋଗୁ ଉତ୍ତରାଖଣ୍ଡରେ ବହୁ କ୍ଷୟକ୍ଷତି ହୋଇଛି। ବଜେଟରେ ଏଥି ନିମନ୍ତେ ସହାୟତା ପ୍ରଦାନ କରିଥିବାରୁ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ।

**-ପୁଷ୍କର ସିଂ ଧାମି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ**



"ବିହାରକୁ ଆତ୍ମନିର୍ଭର କରିବାକୁ ଏହି ବଜେଟ ସହାୟକ ହେବ। ରାଜପଥର ବିକାଶ ଓ ବନ୍ୟା ସ୍ଥିତି ହ୍ରାସ ପାଇଁ ବିହାରକୁ ସ୍ୱତନ୍ତ୍ର ବଜେଟ ଆବଣ୍ଟନ ମିଳିଥିବାରୁ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ।

**-କେ.ସି. ତ୍ୟାଗୀ, ଜେଡି(ୟୁ) ମୁଖପାତ୍ର**



# କେନ୍ଦ୍ର ବଜେଟ ୨୦୨୪-୨୫



| | ମନ୍ତ୍ରଣାଳୟ ଅନୁଯାୟୀ ବ୍ୟୟବରାଦ | (କୋଟିରେ) |
|---|---|---|
| ୧ | ଅର୍ଥ ମନ୍ତ୍ରଣାଳୟ | ୧୮,୫୮,୧୫୮.୫୨ |
| ୨ | ପ୍ରତିରକ୍ଷା ମନ୍ତ୍ରଣାଳୟ | ୬,୨୧,୯୪୦.୮୫ |
| ୩ | ସଡ଼କ ପରିବହନ ଓ ରାଜପଥ | ୨,୭୮,୦୦୦.୦୦ |
| ୪ | ରେଳ ମନ୍ତ୍ରଣାଳୟ | ୨,୫୫,୩୯୩.୦୦ |
| ୫ | ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ | ୨,୨୩,୩୨୩.୩୬ |
| ୬ | ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ | ୨,୧୯,୬୪୩.୩୧ |
| ୭ | ଗ୍ରାମୀଣ ବିକାଶ | ୧,୮୦,୨୩୩.୪୩ |
| ୮ | ରସାୟନ ଓ ସାର | ୧,୬୮,୪୯୯.୮୭ |
| ୯ | ଯୋଗାଯୋଗ ମନ୍ତ୍ରଣାଳୟ | ୧,୩୭,୨୯୩.୯୦ |
| ୧୦ | କୃଷି ମନ୍ତ୍ରଣାଳୟ | ୧,୩୨,୪୬୯.୮୬ |
| ୧୧ | ଶିକ୍ଷା ମନ୍ତ୍ରଣାଳୟ | ୧,୨୦,୬୨୭.୮୭ |
| ୧୨ | ଜଳଶକ୍ତି ମନ୍ତ୍ରଣାଳୟ | ୯୮,୭୧୩.୭୮ |
| ୧୩ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୯୦,୯୫୮.୬୩ |
| ୧୪ | ଗୃହ ଓ ନଗର ଉନ୍ନୟନ | ୮୨,୫୭୬.୫୭ |
| ୧୫ | ମହିଳା ଓ ଶିଶୁ ବିକାଶ | ୨୬,୦୯୨.୧୯ |
| ୧୬ | ଆଣବିକ ଶକ୍ତି ବିଭାଗ | ୨୪,୯୬୮.୯୮ |
| ୧୭ | ଶ୍ରମ ଓ ନିୟୋଜନ | ୨୨,୫୩୧.୪୭ |
| ୧୮ | ବହିର୍ବ୍ୟାପାର ମନ୍ତ୍ରଣାଳୟ | ୨୨,୧୫୪.୬୭ |
| ୧୯ | ଏମ୍‌ଏସ୍‌ଏମ୍‌ଇ | ୨୨,୧୩୭.୯୫ |
| ୨୦ | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି | ୨୧,୯୩୬.୯୦ |
| ୨୧ | ଶକ୍ତି ମନ୍ତ୍ରଣାଳୟ | ୨୦,୫୦୨.୦୦ |
| ୨୨ | ନବୀନ ଓ ନବୀକରଣୀୟ ଶକ୍ତି | ୧୯,୧୦୦.୦୦ |
| ୨୩ | ବିଜ୍ଞାନ ଓ ପ୍ରଯୁକ୍ତି | ୧୬,୬୨୮.୧୨ |
| ୨୪ | ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ | ୧୫,୯୩୦.୨୬ |
| ୨୫ | ସାମାଜିକ ନ୍ୟାୟ ଓ ସଶକ୍ତୀକରଣ | ୧୪,୨୨୫.୪୭ |
| ୨୬ | ମହାକାଶ ବିଭାଗ | ୧୩,୦୪୨.୭୫ |
| ୨୭ | ଆଦିବାସୀ ବ୍ୟାପାର | ୧୩,୦୦୦.୦୦ |
| ୨୮ | ବାଣିଜ୍ୟ ଓ ଶିଳ୍ପ | ୧୧,୪୬୯.୧୪ |
| ୨୯ | ଭାରି ଶିଳ୍ପ ମନ୍ତ୍ରଣାଳୟ | ୭,୨୪୨.୦୦ |
| ୩୦ | ମତ୍ସ୍ୟଚାଷ, ପଶୁ ସମ୍ପଦ ଓ ଗୋପାଳନ | ୭,୧୩୭.୬୮ |
| ୩୧ | ଆଇନ ଓ ନ୍ୟାୟ | ୬,୨୮୮.୩୩ |
| ୩୨ | ଉତ୍ତରପୂର୍ବାଞ୍ଚଳ ବିକାଶ | ୫,୯୦୦.୦୦ |
| ୩୩ | ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ପ୍ରଣୟନ | ୫,୪୫୩.୮୩ |
| ୩୪ | ଦକ୍ଷତା ବିକାଶ ଓ ଔଦ୍ୟୋଗିକ | ୪,୫୨୦.୦୦ |
| ୩୫ | ବୟନଶିଳ୍ପ | ୪,୪୧୭.୦୩ |
| ୩୬ | ସୂଚନା ଓ ପ୍ରସାରଣ | ୪,୩୪୨.୫୫ |
| ୩୭ | ଆୟୁଷ ମନ୍ତ୍ରଣାଳୟ | ୩,୭୧୨.୪୯ |
| ୩୮ | ଯୁବ ବ୍ୟାପାର ଓ କ୍ରୀଡ଼ା | ୩,୪୪୨.୩୨ |
| ୩୯ | ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ | ୩,୩୩୦.୩୭ |
| ୪୦ | ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ | ୩,୨୯୦.୦୦ |
| ୪୧ | ସଂସ୍କୃତି ମନ୍ତ୍ରଣାଳୟ | ୩,୨୬୦.୯୩ |
| ୪୨ | ସଂଖ୍ୟାଲଘୁ ବ୍ୟାପାର | ୩,୧୮୩.୨୪ |
| ୪୩ | ଭୂବିଜ୍ଞାନ ମନ୍ତ୍ରଣାଳୟ | ୩,୦୬୪.୮୦ |
| ୪୪ | କର୍ପୋରେଟ୍ ବ୍ୟାପାର | ୨,୬୬୭.୦୬ |
| ୪୫ | ପର୍ଯ୍ୟଟନ | ୨,୪୭୯.୬୨ |
| ୪୬ | କାର୍ମିକ, ଜନ ଅଭିଯୋଗ ଓ ପେନ୍‌ସନ | ୨,୩୭୯.୮୭ |
| ୪୭ | ବନ୍ଦର, ନୌପରିବହନ ଓ ଜଳମାର୍ଗ | ୨,୩୭୭.୪୯ |
| ୪୮ | ବେସାମରିକ ବିମାନ ଚଳାଚଳ | ୨,୩୫୭.୧୪ |
| ୪୯ | ଖଣି ମନ୍ତ୍ରଣାଳୟ | ୧,୯୪୧.୦୬ |
| ୫୦ | ରାଷ୍ଟ୍ରପତି, ସଂସଦ, ୟୁପିଏସ୍‌ସି ଏବଂ ଉପରାଷ୍ଟ୍ରପତି ସଚିବାଳୟ | ୧,୮୮୪.୯୨ |
| ୫୧ | ପଞ୍ଚାୟତିରାଜ | ୧,୧୮୩.୬୪ |
| ୫୨ | କୋପରେଶନ ମନ୍ତ୍ରଣାଳୟ | ୧,୧୮୩.୩୯ |
| ୫୩ | ଯୋଜନା ମନ୍ତ୍ରଣାଳୟ | ୮୩୭.୨୬ |
| ୫୪ | ଇସ୍ପାତ ମନ୍ତ୍ରଣାଳୟ | ୩୨୫.୬୬ |
| ୫୫ | କୋଇଲା ମନ୍ତ୍ରଣାଳୟ | ୧୯୨.୫୫ |
| ୫୬ | ସଂସଦୀୟ ବ୍ୟାପାର | ୬୪.୦୦ |
| | ମୋଟ: | ୪୮,୨୦,୫୧୨.୦୮ |

## ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧିରେ ନିୟନ୍ତ୍ରଣ ନାହିଁ




## ନୂଆ ଟିକସ ବ୍ୟବସ୍ଥା
## ଷ୍ଟାଣ୍ଡାର୍ଡ ଡିଡକ୍ସନ ୭୫,୦୦୦କୁ ବୃଦ୍ଧି

କେନ୍ଦ୍ର ବଜେଟରେ ମଧ୍ୟବିତ୍ତଙ୍କୁ ରିହାତି ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନୂଆ ଆୟକର ବ୍ୟବସ୍ଥାରେ ଷ୍ଟାଣ୍ଡାର୍ଡ ଡିଡକ୍ସନକୁ ୫୦ ପ୍ରତିଶତ ବଢ଼ାଇ ୭୫,୦୦୦ ଟଙ୍କା କରିଛନ୍ତି। ଏହା ବେତନଭୋଗୀ ବର୍ଗଙ୍କ ହାତରେ ଅଧିକ ଅର୍ଥ ରହିବ। ସେମାନଙ୍କ କ୍ରୟଶକ୍ତି ବଢ଼ାଇବା ଲକ୍ଷ୍ୟରେ ଏହା କରାଯାଇଛି। ନୂଆ ଟିକସ ବ୍ୟବସ୍ଥାରେ ବେତନଭୋଗୀ କର୍ମଚାରୀମାନେ ଆୟକରରେ ବାର୍ଷିକ ୧୭,୫୦୦ ଟଙ୍କା ସଞ୍ଚୟ କରିପାରିବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ପେନସନଭୋଗୀ ପରିବାରଙ୍କ ପାଇଁ ଡିଡକ୍ସନ ୧୫,୦୦୦ ଟଙ୍କାରୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ୪ କୋଟି ବେତନଭୋଗୀ ଏବଂ ପେନସନଭୋଗୀ ଉପକୃତ ହେବେ। ଗତ ଆର୍ଥିକ ବର୍ଷରେ ଦୁଇତୃତୀୟାଂଶ ଟିକସଦାତା ନୂଆ ବ୍ୟକ୍ତିଗତ ଆୟକର ବ୍ୟବସ୍ଥାର ସୁବିଧା ପାଉଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ୮.୬୧ କୋଟିରୁ ଊର୍ଦ୍ଧ୍ୱ ଆଇଟି ରିଟର୍ନ ଦାଖଲ ହୋଇଥିଲା।

ନୂଆ ଆୟକର ବ୍ୟବସ୍ଥାରେ ବାର୍ଷିକ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସମୁକ୍ତ କରାଯାଇଛି। ୩ରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୫ ପ୍ରତିଶତ ଟିକସ ଦେବାକୁ ହେବ। ସେହିପରି ୭ରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୧୦% ଏବଂ ୧୦ରୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୧୫% ଟ୍ୟାକ୍ସ ଭରିବାକୁ ପଡ଼ିବ। ୧୨ରୁ ୧୫ ଲକ୍ଷ ଟଙ୍କା ଆୟ ଉପରେ ପୂର୍ବଭଳି ୨୦ ପ୍ରତିଶତ ଟିକସ ରହିଥିବାବେଳେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଆୟକାରୀ ୩୦ ପ୍ରତିଶତ ଆୟକର ଦେବେ। ବର୍ତ୍ତମାନ ପ୍ରଚଳିତ ଆୟକର ବ୍ୟବସ୍ଥାରେ ୩ରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ପାଇଁ ୫%, ୬ରୁ ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ପାଇଁ ୧୦%, ୯ରୁ ୧୨ ଲକ୍ଷ ଏବଂ ୧୨ରୁ ୧୫ ଲକ୍ଷ ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କୁ ଯଥାକ୍ରମେ ୧୫ ଓ ୨୦ ପ୍ରତିଶତ ଏବଂ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଆୟକାରୀଙ୍କ ପାଇଁ ୩୦% ଆୟକର ଦେବାକୁ ପଡୁଥିଲା।

**ବ୍ୟକ୍ତିଗତ ଆୟକର** (ନୂଆ ବ୍ୟବସ୍ଥା)

| ପୁରୁଣା ସ୍ଲାବ୍ | | ନୂଆ ସ୍ଲାବ୍ |
|---|---|---|
| ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ | ଶୂନ | ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ |
| ୩-୬ ଲକ୍ଷ ଟଙ୍କା | ୫% | ୩-୭ ଲକ୍ଷ ଟଙ୍କା |
| ୬-୯ ଲକ୍ଷ ଟଙ୍କା | ୧୦% | ୭-୧୦ ଲକ୍ଷ ଟଙ୍କା |
| ୯-୧୨ ଲକ୍ଷ ଟଙ୍କା | ୧୫% | ୧୦-୧୨ ଲକ୍ଷ ଟଙ୍କା |
| ୧୨-୧୫ ଲକ୍ଷ ଟଙ୍କା | ୨୦% | ୧୨-୧୫ ଲକ୍ଷ ଟଙ୍କା |
| ୧୫ ଲକ୍ଷ ଟଙ୍କାରୁ ଅଧିକ | ୩୦% | ୧୫ ଲକ୍ଷ ଟଙ୍କାରୁ ଅଧିକ |

ବେତନଭୋଗୀଙ୍କ ପାଇଁ ଷ୍ଟାଣ୍ଡାର୍ଡ ଡିଡକ୍ସନ
୫୦,୦୦୦ ଟଙ୍କାରୁ ୭୫,୦୦୦ ଟଙ୍କାକୁ ବୃଦ୍ଧି

ପେନସନ ଭୋଗୀଙ୍କ ପାଇଁ ଫାମିଲି ପେନସନ ଉପରେ ଛାଡ଼
୧୫,୦୦୦ ଟଙ୍କାରୁ ୨୫,୦୦୦ ଟଙ୍କାକୁ ବୃଦ୍ଧି

# ପ୍ରତିରକ୍ଷା
## ୬.୨୨ ଲକ୍ଷ କୋଟି



୨୦୨୪-୨୫ ଆର୍ଥିକ ବର୍ଷର ନିୟମିତ କେନ୍ଦ୍ର ବଜେଟରେ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ୬,୨୧,୯୪୦.୮୫ କୋଟି ଟଙ୍କା (ପାଖାପାଖି ୭୫ ବିଲିୟନ ଆମେରିକୀୟ ଡଲାର) ଆବଣ୍ଟନ କରାଯାଇଛି। ଅନ୍ତରୀଣ ବଜେଟରେ ମନ୍ତ୍ରଣାଳୟକୁ ଦିଆଯାଇଥିବା ଆବଣ୍ଟନକୁ ବଜାୟ ରଖି କେନ୍ଦ୍ର ସରକାର ଇନୋଭେଶନ୍ସ ଫର୍ ଡିଫେନ୍ସ ଏକ୍ସିଲେନ୍ସ ବା ଆଇଡିଏକ୍ସ (ଏଡିଆଇଟିଆଇ) ଯୋଜନା ମାଧ୍ୟମରେ ପ୍ରତିରକ୍ଷା କ୍ଷେତ୍ରରେ ଅଭିନବତା ପାଇଁ ୪୦୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ମନ୍ତ୍ରଣାଳୟ ଷ୍ଟାର୍ଟଅପ୍/ଏମ୍‌ଏସ୍‌ଏମ୍‌ଇ ଏବଂ ଉଦ୍ଭାବକମାନଙ୍କ ସହିତ ଡେଫ୍-ଟେକ୍ ସମାଧାନ ବିକଶିତ କରିବା ଏବଂ ଭାରତୀୟ ସେନାକୁ ଅଭିନବ ଏବଂ ସ୍ୱଦେଶୀ ବୈଷୟିକ ସମାଧାନ ଯୋଗାଇବା ପାଇଁ ଯୋଗାଯୋଗ କରୁଛି।

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମନ୍ତ୍ରଣାଳୟକୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ତୁଳନାରେ ଏକ ଲକ୍ଷ କୋଟି ଟଙ୍କା (୧୮.୪୩%) ଅଧିକ ଆବଣ୍ଟନ ହୋଇଛି। ଏହା ୨୦୨୩-୨୪ ଆର୍ଥିକ ବର୍ଷର ଆବଣ୍ଟନ ତୁଳନାରେ ୪.୭୯% ଅଧିକ। ସେଥିମଧ୍ୟରୁ ୨୭.୬୬% ଭାଗ ପୁଞ୍ଜିକୁ ଯାଉଛି। ଜୀବିକା ଏବଂ ପରିଚାଳନା ପ୍ରସ୍ତୁତି ଉପରେ ରାଜସ୍ୱ ଖର୍ଚ୍ଚ ପାଇଁ ୧୪.୮୨% ; ବେତନ ଓ ଭତ୍ତା ପାଇଁ ୩୦.୬୬% ; ପ୍ରତିରକ୍ଷା ପେନସନ ପାଇଁ ୨୨.୭୦% ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ନାଗରିକ ସଂଗଠନ ପାଇଁ ୪.୧୭% ବ୍ୟୟବରାଦ କରଯାଇଛି। ମୋଟ ଆବଣ୍ଟନ ଭାରତ ସରକାରଙ୍କ ବଜେଟ ଆକଳନର ପ୍ରାୟ ୧୨.୯%। ପ୍ରତିରକ୍ଷା ଜ୍ଞାନକୌଶଳ ଏବଂ ଉତ୍ପାଦନ କ୍ଷେତ୍ରରେ 'ଆତ୍ମନିର୍ଭରତା'କୁ ପ୍ରୋତ୍ସାହିତ କରିବା ଏବଂ ସଶସ୍ତ୍ର ବାହିନୀକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର/ପ୍ଲାଟଫର୍ମରେ ସଜ୍ଜିତ କରିବା ସହିତ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ଆବଣ୍ଟନର ଉଦ୍ଦେଶ୍ୟ।

### ସୁଦୃଢ଼ ହେବ ସୀମା ଭିତ୍ତିଭୂମି

ରଣନୈତିକ ଦୃଷ୍ଟିରୁ ସୀମାବର୍ତ୍ତୀ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ନିୟୋଜିତ ଏଜେନ୍ସିଗୁଡ଼ିକୁ ପ୍ରୋତ୍ସାହନ ଯୋଗାଇବାକୁ କେନ୍ଦ୍ର ସରକାର ବଜେଟ୍‌ରେ ଗୁରୁତ୍ୱ ଦେଇଛନ୍ତି। ଅଧିକ ଆବଣ୍ଟନ ମାଧ୍ୟମରେ ସୀମା ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ପ୍ରୟାସରେ ସୀମା ସଡ଼କ ସଂଗଠନ (ବିଆରଓ)କୁ ବଜେଟ ଆବଣ୍ଟନ ୬,୫୦୦ କୋଟି ଟଙ୍କା କରାଯାଇଛି, ଯାହା କି ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୩୦% ଅଧିକ। ଆବଣ୍ଟିତ ବଜେଟ୍ ସୀମା ଅଞ୍ଚଳରେ ସାମାଜିକ-ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ। ୧୩,୭୦୦ ଫୁଟ ଉଚ୍ଚତାରେ ଲଦାଖର ନ୍ୟୁମା ଏୟାରଫିଲ୍ଡର ବିକାଶ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଭାରତର ଦକ୍ଷିଣତମ ପଞ୍ଚାୟତକୁ ସ୍ଥାୟୀ ସେତୁ ସଂଯୋଗ, ହିମାଚଳ ପ୍ରଦେଶର ୪.୧ କିଲୋମିଟର ଶିଙ୍କୁ ଲା ଟନେଲ, ଅରୁଣାଚଳ ପ୍ରଦେଶର ନେଚିଫୁ ଟନେଲ ଏବଂ ଅନ୍ୟାନ୍ୟ ପ୍ରକଳ୍ପକୁ ଏହି ଆବଣ୍ଟନରୁ ପାଣ୍ଠି ଯୋଗାଇ ଦିଆଯିବ।

### ଅପରେଶନ ପ୍ରସ୍ତୁତି ପାଇଁ ବର୍ଦ୍ଧିତ ଆବଣ୍ଟନ

ଅପରେଶନ ପ୍ରସ୍ତୁତି ପାଇଁ ଲଗାତର ଅଧିକ ଆବଣ୍ଟନ ସଶସ୍ତ୍ର ବାହିନୀର ମନୋବଳ ବଢ଼ାଇଥାଏ। ସେମାନଙ୍କୁ ସର୍ବଦା ଯୁଦ୍ଧ ପାଇଁ ପ୍ରସ୍ତୁତ ରଖିବା ଉଦ୍ଦେଶ୍ୟରେ ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୯୨,୦୮୮ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ଏହା ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ ଆବଣ୍ଟନ ତୁଳନାରେ ୪୮% ଅଧିକ। ବିମାନ ଏବଂ ଜାହାଜ ସମେତ ସମସ୍ତ ପ୍ଲାଟଫର୍ମକୁ ସର୍ବୋତ୍ତମ ରକ୍ଷଣାବେକ୍ଷଣ ସୁବିଧା ଏବଂ ସହାୟତା ଯୋଗାଇବା ଏହାର ଉଦ୍ଦେଶ୍ୟ। ଏହାଦ୍ୱାରା ଗୋଳାବାରୁଦ କିଣିବାରେ ସୁବିଧା ହେବ।

### ଭାରତୀୟ ତଟରକ୍ଷୀ ବାହିନୀର ସାମର୍ଥ୍ୟ ବୃଦ୍ଧି

ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି)କୁ ୭,୬୫୧.୮୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି, ଯାହା କି ୨୦୨୩-୨୪ ଆର୍ଥିକ ବର୍ଷର ଆବଣ୍ଟନ ତୁଳନାରେ ୬.୩୧% ଅଧିକ। ସେଥିମଧ୍ୟରୁ ୩୫୦୦ କୋଟି ଟଙ୍କା କେବଳ ପୁଞ୍ଜି ବ୍ୟୟରେ ଖର୍ଚ୍ଚ ହେବ, ଯାହାଦ୍ୱାରା ହଠାତ୍ ସୃଷ୍ଟି ହେଉଥିବା ସାମୁଦ୍ରିକ ଆହ୍ୱାନର ମୁକାବିଲା କରିବ। ଏହାସହ ଅନ୍ୟ ଦେଶକୁ ମାନବିକ ସହାୟତା ଯୋଗାଇବା ପାଇଁ ଆଇସିଜିର ଅସ୍ତ୍ରଶସ୍ତ୍ରକୁ ସମୃଦ୍ଧ କରିବ।

### ସଶସ୍ତ୍ର ବାହିନୀର ହେବ ଆଧୁନିକୀକରଣ

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରତିରକ୍ଷା କ୍ଷେତ୍ରକୁ ପୁଞ୍ଜି ହେଡ୍ ଅଧୀନରେ ବଜେଟ ଆବଣ୍ଟନ ୧.୭୨ ଲକ୍ଷ କୋଟି ଟଙ୍କା, ଯାହ କି ୨୦୨୨-୨୩ ଆର୍ଥିକ ବର୍ଷର ବାସ୍ତବ ବ୍ୟୟ ତୁଳନାରେ ୨୦.୩୩% ଅଧିକ ଏବଂ ୨୦୨୩-୨୪ ଆର୍ଥିକ ବର୍ଷର ସଂଶୋଧିତ ଆବଣ୍ଟନଠାରୁ ୯.୪୦% ଅଧିକ। ବର୍ଦ୍ଧିତ ବଜେଟ ଆବଣ୍ଟନ ସଶସ୍ତ୍ର ବାହିନୀକୁ ଅତ୍ୟାଧୁନିକ ଜ୍ଞାନକୌଶଳ, ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ର, ଲଢୁଆ ବିମାନ, ଜାହାଜ, ବୁଡ଼ାଜାହାଜ, ପ୍ଲାଟଫର୍ମ, ମାନବବିହୀନ ଆକାଶଯାନ, ଡ୍ରୋନ, ବିଶେଷଜ୍ଞ ଯାନ ଇତ୍ୟାଦିରେ ସଜ୍ଜିତ କରିବା ଉଦ୍ଦେଶ୍ୟରେ ଯୋଜନାବଦ୍ଧ ପୁଞ୍ଜି ଅଧିଗ୍ରହଣ ଉପରେ ବାର୍ଷିକ ନଗଦ ଅର୍ଥର ଆବଶ୍ୟକତା ପୂରଣ କରିବ।

## ଓଡ଼ିଶା ପର୍ଯ୍ୟଟନର ବିକାଶ ହେବ

ଦେଶର ତୀର୍ଥକ୍ଷେତ୍ର ଏବଂ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବିଶ୍ୱସ୍ତରୀୟ କରିବା ପାଇଁ କେନ୍ଦ୍ର ସରକାର ସହାୟତା ଯୋଗାଇଦେବେ। ଗୟାର ବିଷ୍ଣୁପଦ ମନ୍ଦିର କରିଡର ଏବଂ ବିହାର ବୋଧଗୟାର ମହାବୋଧି ମନ୍ଦିରକୁ ଏହି ସହାୟତା ମିଳିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। କାଶୀ ବିଶ୍ୱନାଥ ମନ୍ଦିର କରିଡର ମଡେଲରେ ଏହି କରିଡରଗୁଡ଼ିକର ବିକାଶ କରାଯିବ। ଏହା ବ୍ୟତୀତ ବିହାରର ରାଜଗିର ଏବଂ ନାଳନ୍ଦାର ବିକାଶ ସମ୍ପର୍କରେ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ଓଡ଼ିଶାର ସୌନ୍ଦର୍ଯ୍ୟ, କୀର୍ତ୍ତିରାଜି, କାରୁକାର୍ଯ୍ୟ, ବନ୍ୟପ୍ରାଣୀ ଅଭୟାରଣ୍ୟ, ପ୍ରାକୃତିକ ଭୂଖଣ୍ଡ ଏବଂ ବେଳାଭୂମିଗୁଡ଼ିକ ବିକଳ୍ପ ପର୍ଯ୍ୟଟନ ସ୍ଥଳ ହୋଇଥିବାବେଳେ ସେଗୁଡ଼ିକର ବିକାଶ ପାଇଁ କେନ୍ଦ୍ର ସରକାର ସହାୟତା ଯୋଗାଇଦେବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।



## ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ

କେନ୍ଦ୍ର ଅର୍ଥମନ୍ତ୍ରୀ ସଂସଦରେ ମଙ୍ଗଳବାର ବଜେଟ ଉପସ୍ଥାପନ ବେଳେ ସରକାର 'ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ'ର ଶୁଭାରମ୍ଭ କରିବେ ବୋଲି ଘୋଷଣା କରିଛନ୍ତି। ଏହି ଅଭିଯାନ ଜନଜାତି ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବ ବୋଲି ସେ କହିଛନ୍ତି। ଏହି ଅଭିଯାନରେ ୬୩,୦୦୦ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି ଏବଂ ଏହାଦ୍ୱାରା ଦେଶର ୫ କୋଟି ଜନଜାତି ଲୋକଙ୍କୁ ଉପକୃତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି।





## ଗ୍ରାମାଞ୍ଚଳ ବିକାଶ ପାଇଁ ୨.୬୬ ଲକ୍ଷ କୋଟି

ଗ୍ରାମାଞ୍ଚଳ ଭିତ୍ତିଭୂମି ସମେତ ଗ୍ରାମୀଣ ବିକାଶ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ୨.୬୬ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ପିଏମ୍ ଆବାସ ଯୋଜନାରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ୩ କୋଟି ଅଧିକ ଗୃହ ନିର୍ମାଣ କରାଯିବ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ର ଚତୁର୍ଥ ପର୍ଯ୍ୟାୟ ଆରମ୍ଭ ସମ୍ପର୍କରେ ଘୋଷଣା କରି ଅର୍ଥମନ୍ତ୍ରୀ କହିଛନ୍ତି, ୨୫,୦୦୦ ଗ୍ରାମକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗ କରାଯିବ।

## ସୀମାଶୁଳ୍କ ହ୍ରାସ
### ଘରୋଇ ଉତ୍ପାଦନ ବଢ଼ାଇବାକୁ ଉଦ୍ୟମ



ଘରୋଇ ଉତ୍ପାଦନ ବଢ଼ାଇବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ବିଭିନ୍ନ ସାମଗ୍ରୀ ଉପରୁ ସୀମା ଶୁଳ୍କ ହ୍ରାସ କିମ୍ବା ପ୍ରତ୍ୟାହାର କରିଛନ୍ତି। ସୁନା, ରୁପା, ମୋବାଇଲ, ଫୋନ୍ ଓ ଚାର୍ଜର, ଔଷଧ ଓ ଡାକ୍ତରୀ ଉପକରଣ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଚମଡ଼ା ଓ ବୟନ ଶିଳ୍ପ ସାମଗ୍ରୀ ଉପରୁ ଟିକସ ହ୍ରାସ କରାଯାଇଛି। ଅନ୍ୟପକ୍ଷରେ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ ନିମନ୍ତେ ରସାୟନ ଏବଂ ଟେଲିକମ୍ ଉପକରଣ ଉପରେ ସୀମାଶୁଳ୍କ ବୃଦ୍ଧି କରାଯାଇଛି। ମୋବାଇଲ ଫୋନ୍ ଓ ଚାର୍ଜର, ମୋବାଇଲ ପିସିବିଏ ଉପରେ ସୀମା ଶୁଳ୍କ ୨୦ ପ୍ରତିଶତରୁ ୧୫ ପ୍ରତିଶତକୁ ହ୍ରାସ କରାଯାଇଛି। ଭାରତର ମୋବାଇଲ ଶିଳ୍ପ ପରିପକ୍ୱ ହେବା ସହ ଉତ୍ପାଦନ ୩ ଗୁଣା ଏବଂ ଗତ ୬ ବର୍ଷରେ ମୋବାଇଲ ଫୋନ୍ ରପ୍ତାନି ୧୦୦ଗୁଣା ବଢ଼ିଥିବା ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ସୁନା, ରୁପା ଉପରୁ ସୀମା ଶୁଳ୍କ ୧୫ ପ୍ରତିଶତରୁ ୬ ପ୍ରତିଶତକୁ ହ୍ରାସ ପାଇଛି। ଫଳରେ ରତ୍ନପଥର ଓ ଅଳଙ୍କାର ଶିଳ୍ପକୁ ବଡ଼ ଆଶ୍ୱସ୍ତି ମିଳିଛି। ପ୍ଲାଟିନମ୍ ଉପରେ ସୀମାଶୁଳ୍କ ୧୫.୫ରୁ ୬.୪ ପ୍ରତିଶତକୁ ହ୍ରାସ ପାଇଛି। କ୍ୟାନ୍ସର ଚିକିତ୍ସାରେ ବ୍ୟବହୃତ ୩ଟି ଔଷଧ ଉପରୁ ସୀମାଶୁଳ୍କ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବା ସହ ମେଡିକାଲ ଏକ୍ସ-ରେ ମେଶିନରେ ବ୍ୟବହୃତ ଏକ୍ସ-ରେ ଟ୍ୟୁବ୍ ଏବଂ ଫ୍ଲାଟ୍ ପ୍ୟାନେଲ ଡିଟେକ୍ଟର ଉପରୁ ଶୁଳ୍କ ଛାଡ଼ ହୋଇଛି। ସେହିପରି ଆଣବିକ ଶକ୍ତି, ପୁନଃନବୀକରଣଯୋଗ୍ୟ ଶକ୍ତି, ମହାକାଶ, ପ୍ରତିରକ୍ଷା, ଟେଲିକମ୍ ଏବଂ ହାଇଟେକ୍ ଇଲେକ୍ଟ୍ରୋନିକ୍ସ ଭଳି ସେକ୍ଟରରେ ବ୍ୟବହୃତ ହେଉଥିବା ୨୫ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ଉପରୁ ସୀମାଶୁଳ୍କ ଛାଡ଼ କରାଯାଇଥିବାବେଳେ ୨ଟି କ୍ରିଟିକାଲ ମିନେରାଲ ଉପରେ ଶୁଳ୍କ ହ୍ରାସ ହୋଇଛି।

## ସହରାଞ୍ଚଳ ଗୃହ ଯୋଜନାରେ ୨.୨ ଲକ୍ଷ କୋଟି କେନ୍ଦ୍ରୀୟ ସହାୟତା

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଅର୍ବାନ ଅଧୀନରେ ସହରାଞ୍ଚଳର ୧ କୋଟି ଗରିବ ଓ ମଧ୍ୟବିତ୍ତ ପରିବାରର ଗୃହ ଆବଶ୍ୟକତା ପୂରଣ ପାଇଁ ସରକାର ଋଣ ଉପରେ ପ୍ରସ୍ତାବିତ ସୁଧ ସବ୍‌ସିଡି ବାବଦରେ ଆଗାମୀ ୫ ବର୍ଷରେ ୨.୨ ଲକ୍ଷ କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ଯୋଗାଇଦେବେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ଏହା ଘୋଷଣା କରିଛନ୍ତି। ଗୃହ ଆବଶ୍ୟକତା ପୂରଣ ପାଇଁ ୧୦ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବ। ସରକାର ଭଡ଼ାଘର ବଜାର ପ୍ରୋତ୍ସାହନ ପାଇଁ ନୂଆ ନୀତି ଓ ନିୟମାବଳୀ ଆଣିବେ, ଯାହା ଉକ୍ତ ବଜାରକୁ ଅଧିକ ଦକ୍ଷ ଓ ସ୍ୱଚ୍ଛ କରିବା ସହ ଉପଲବ୍ଧତା ବଢ଼ିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଶିଳ୍ପସଂସ୍ଥାଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀମାନେ ରହିବା ପାଇଁ ହଲ୍ ଭଳି ବଡ଼ ଆଶ୍ରୟସ୍ଥଳ ସରକାରୀ ଘରୋଇ ଭାଗୀଦାରିତାରେ ନିର୍ମାଣ କରାଯିବ।



## ଗ୍ରାମାଞ୍ଚଳ ଜମି ପାଇଁ ଭୂ-ଆଧାର

କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ସଂସଦରେ କେନ୍ଦ୍ରୀୟ ବଜେଟ ୨୦୨୪-୨୫ ଉପସ୍ଥାପନ କରି କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଭୂମି ସମ୍ପର୍କିତ ସଂସ୍କାର ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଆଗାମୀ ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଏ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇ ଅର୍ଥମନ୍ତ୍ରୀ କହିଛନ୍ତି ଯେ ଗ୍ରାମାଞ୍ଚଳର ସମସ୍ତ ଜମି ନିମନ୍ତେ ବିଶେଷ ଭୂଖଣ୍ଡ ଚିହ୍ନଟ ସଂଖ୍ୟା (ୟୁଏଲପିଆଇଏନ୍) ବା ଭୂ-ଆଧାର ବ୍ୟବସ୍ଥା କରାଯିବ। ଏହାସହିତ ଭୂମି ମାନଚିତ୍ରର ଡିଜିଟାଲୀକରଣ, ବର୍ତ୍ତମାନ ମାଲିକାନା ସ୍ୱତ୍ୱ ଅନୁସାରେ ମାନଚିତ୍ର ସର୍ବେକ୍ଷଣ, ଭୂ-ରେଜିଷ୍ଟ୍ରୀର ସ୍ଥାପନା ଏବଂ କୃଷକ ରେଜିଷ୍ଟ୍ରୀ ସହିତ ଏହାକୁ ସଂଯୋଗ କରାଯିବା ଆଦି ସାମିଲ ହେବ। ଏହିସବୁ କାର୍ଯ୍ୟ ଦ୍ୱାରା ଋଣ ପ୍ରବାହ ଏବଂ ଅନ୍ୟାନ୍ୟ କୃଷି ସମ୍ପର୍କିତ ସେବା ସୁଗମ ହୋଇପାରିବ। ସେହିପରି ସହରାଞ୍ଚଳ କ୍ଷେତ୍ରରେ ଭୂମି ସମ୍ପର୍କିତ ରେକର୍ଡକୁ ଜିଆଇଏସ୍ ମ୍ୟାପିଂ ସହିତ ଡିଜିଟାଲୀକରଣ କରାଯିବ।



## ଶସ୍ତା ହେବ ୩ କ୍ୟାନ୍‌ସର ଔଷଧ
### ସ୍ୱାସ୍ଥ୍ୟ: ୯୦,୯୫୮ କୋଟି

ଅର୍ଥମନ୍ତ୍ରୀ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପାଇଁ ୯୦,୯୫୮.୬୩ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହାକି ପୂର୍ବବର୍ଷ ତୁଳନାରେ ୧୨.୯୬ ପ୍ରତିଶତ ଅଧିକ। ଗତବର୍ଷ ଏହି କ୍ଷେତ୍ରକୁ ୮୦,୫୧୭.୬୨ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ୩ଟି କ୍ୟାନ୍ସର ଚିକିତ୍ସା ପାଇଁ ରହିଥିବା ଔଷଧ ଟ୍ରାଷ୍ଟୁଜୁମାବ ହେରୁକ୍ସଟେକାନ, ଓସିମେର୍ଟିନିବ ଏବଂ ଡର୍ଭାଲୁମାବ ଉପରୁ ସରକାର ସୀମା ଶୁଳ୍କ ଛାଡ଼ କରିଛନ୍ତି। ଫଳରେ ଏହି ଔଷଧ ଶସ୍ତାରେ ଉପଲବ୍ଧ ହେବା ସହ କ୍ୟାନ୍ସର ରୋଗୀ ଉପକୃତ ହୋଇପାରିବେ। ସେହିପରି ପର୍ଯ୍ୟାୟ ଉତ୍ପାଦନ କାର୍ଯ୍ୟକ୍ରମରେ ଏକ୍ସ-ରେ ଟ୍ୟୁବ୍, ଏକ୍ସ-ରେ ମେଶିନରେ ବ୍ୟବହୃତ ଫ୍ଲାଟ୍ ପ୍ୟାନେଲ ଡିଟେକ୍ଟର ଉପରୁ ମୂଳ ସୀମା ଶୁଳ୍କ (ବିସିଡି)ରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦିଆଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି। ଆୟୁଷ ମନ୍ତ୍ରଣାଳୟକୁ ବଜେଟରେ ୩,୭୧୨.୪୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି, ଯାହା ଗତବର୍ଷ ୩,୦୦୦ କୋଟି ଟଙ୍କା ଥିଲା। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ଯୋଜନା ବାବଦରେ ୮୭,୬୫୬.୯୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି, ଯାହାକି ପୂର୍ବବର୍ଷ ୭୭,୬୨୪.୭୯ କୋଟି ଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ବ୍ୟୟବରାଦ ୩୧,୫୫୦.୮୭ କୋଟିରୁ ବଢ଼ି ୩୬,୦୦୦ କୋଟି ଟଙ୍କା ହୋଇଛି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାକୁ ବ୍ୟୟବରାଦ ପୂର୍ବବର୍ଷ ୬,୮୦୦ କୋଟି ଥିବାବେଳେ ଏଥର ୭,୩୦୦ କୋଟି ଟଙ୍କା ରଖାଯାଇଛି। ସେହିପରି ନ୍ୟାଶନାଲ ଟେଲି ମେଣ୍ଟାଲ ହେଲ୍‌ଥ ପ୍ରୋଗ୍ରାମକୁ ୯୦ କୋଟି ଏବଂ ନ୍ୟାଶନାଲ ଡିଜିଟାଲ ହେଲ୍‌ଥ ମିଶନକୁ ୨୦୦ କୋଟି ଟଙ୍କା ବଜେଟରେ ରଖାଯାଇଛି। ଏମ୍ସ ଭଳି ଅଟୋନୋମସ୍ ସଂସ୍ଥା ପାଇଁ ୧୮,୦୧୩.୬୨ କୋଟି ବ୍ୟୟବରାଦ ହୋଇଥିବାବେଳେ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ ପାଇଁ ୨,୭୩୨.୧୩ କୋଟି ଟଙ୍କା ବ୍ୟୟବରାଦ ହୋଇଛି।






## ଏମ୍‌ଏସ୍‌ଏମ୍‌ଇ ପାଇଁ ଋଣ ଗ୍ୟାରେଣ୍ଟି

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ ବିନା ବନ୍ଧକ କିମ୍ବା ଥାର୍ଡ ପାର୍ଟି ଗ୍ୟାରେଣ୍ଟିରେ ମେଶିନ ଓ ଅନ୍ୟାନ୍ୟ ଉପକରଣ କ୍ରୟ ଲାଗି ଋଣ ପାଇବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଋଣ ଗ୍ୟାରେଣ୍ଟି ଯୋଜନା ଘୋଷଣା କରିଛନ୍ତି। ଏମ୍‌ଏସ୍‌ଏମ୍‌ଇ ସମେତ ଉତ୍ପାଦନ ବିଶେଷକରି ଶ୍ରମିକ ପ୍ରୋତ୍ସାହନ ୟୁନିଟଗୁଡ଼ିକ ଉପରେ ବଜେଟରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ଅଭିବୃଦ୍ଧି ଏବଂ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତାକ୍ଷମ କରାଇବା ପାଇଁ ସରକାର ଏକ ପ୍ୟାକେଜ୍ ପ୍ରସ୍ତୁତ କରିଛନ୍ତି। ଏହି ପ୍ୟାକେଜରେ ଆର୍ଥିକ ଓ ପ୍ରଯୁକ୍ତିଗତ ସହାୟତା ଯୋଗାଇଦିଆଯିବ। ସ୍ୱତନ୍ତ୍ର ଭାବେ ଗଠିତ ସେଲ୍ଫ-ଫାଇନାନ୍ସିଂ ଗ୍ୟାରେଣ୍ଟି ପାଣ୍ଠି ପ୍ରତି ଆବେଦନକାରୀଙ୍କ ପାଇଁ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ କଭରଅପ୍ ଗ୍ୟାରେଣ୍ଟି ପ୍ରଦାନ କରିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ହ୍ରାସ ଋଣ ବାଲାନ୍ସ ଉପରେ ଋଣଗ୍ରହୀତାଙ୍କୁ ଅଗ୍ରିମ ଗ୍ୟାରେଣ୍ଟି ଦେୟ ଏବଂ ବାର୍ଷିକ ଗ୍ୟାରେଣ୍ଟି ଦେୟ ଦେବାକୁ ପଡ଼ିବ। ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସେମାନଙ୍କ ଅସୁବିଧା ସମୟରେ ବ୍ୟାଙ୍କ ଋଣ ସହାୟତା ବଜାୟ ରଖିବା ଲାଗି ନୂଆ ବ୍ୟବସ୍ଥା ଘୋଷଣା କରାଯାଇଛି। ଫଳରେ ଏହି ଉଦ୍ୟୋଗଗୁଡ଼ିକ ଏନ୍‌ପିଏ ସ୍ଥିତିକୁ ନ ଯାଇ ବ୍ୟବସାୟ ବଜାୟ ରଖିବା ପାଇଁ ଋଣ ପାଇପାରିବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

## ମୁଦ୍ରା ଋଣ ସୀମା ୨୦ ଲକ୍ଷକୁ ବୃଦ୍ଧି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଦେଶର ଉଦ୍ୟୋଗୀକରଣର ବିକାଶ ପାଇଁ ମୁଦ୍ରା ଋଣ ସୀମା ଦୁଇଗୁଣ ଅର୍ଥାତ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ଋଣ ସୀମା ୧୦ ଲକ୍ଷ ଟଙ୍କା ଥିଲା। ତରୁଣ ବର୍ଗରେ ଯେଉଁମାନେ ଏହି ଋଣ ନେଇ ପରିଶୋଧ କରିଛନ୍ତି, ସେମାନଙ୍କୁ ବର୍ଦ୍ଧିତ ଋଣ ମିଳିପାରିବ। ଅଣକର୍ପୋରେଟ୍, ଅଣକୃଷି କ୍ଷୁଦ୍ର ଏବଂ ଅଣୁ ଉଦ୍ୟୋଗଗୁଡ଼ିକୁ ଆୟ ସୃଷ୍ଟି ପଦକ୍ଷେପରେ ବିନା ବନ୍ଧକରେ ମାଇକ୍ରୋ ଋଣ ସୁବିଧା ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୫ ଏପ୍ରିଲ ୮ରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଶୁଭାରମ୍ଭ କରିଥିଲେ।

## ଓଡ଼ିଶା ଭଳି ରାଜ୍ୟ ସବୁ କ୍ଷେତ୍ରରୁ ବିଶେଷ ଲାଭ ପାଇବ



ଯୁବବର୍ଗଙ୍କୁ ସଶକ୍ତ କରିବା ସହ ସେମାନଙ୍କ ସ୍ୱପ୍ନ ପୂରଣ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଦ୍ୱାରା ଉପସ୍ଥାପିତ ବଜେଟରେ ଶିକ୍ଷା, ଦକ୍ଷତା ଏବଂ ନିଯୁକ୍ତି କ୍ଷେତ୍ରରେ ୧.୪୮ ଲକ୍ଷ କୋଟି ଟଙ୍କା ଆବଣ୍ଟନ ଯୁବବର୍ଗଙ୍କ ଆକାଂକ୍ଷା ପୂରଣ କରିବ। ଗରିବ, ମହିଳା, ଯୁବ ଓ ଅନ୍ନଦାତାଙ୍କ କଲ୍ୟାଣ ଏବଂ ସଶକ୍ତୀକରଣ ପାଇଁ ସର୍ବଦା ଗୁରୁତ୍ୱ ଦେବା ସହ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ସ୍ୱଳ୍ପ ସୁଧରେ ବାର୍ଷିକ ୧ଲକ୍ଷ ଛାତ୍ରୀଛାତ୍ରଙ୍କୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ଇ-ଭାଉଚର ମିଳିବ। ବିକଶିତ ଭାରତ ବଜେଟରେ 'ପୂର୍ବୋଦୟ' ଅଧୀନରେ ପୂର୍ବାଞ୍ଚଳ ରାଜ୍ୟ ତଥା ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟର ସାମଗ୍ରିକ ବିକାଶ ପାଇଁ ନିଷ୍ପତ୍ତି ହୋଇଛି। ମାନବ ସମ୍ବଳ, ଭିତ୍ତିଭୂମି ଓ ଆର୍ଥିକ ସୁଯୋଗର ବିକାଶ ଉପରେ ବ୍ୟାପକ ଗୁରୁତ୍ୱ ଦେବା ସହ ପର୍ଯ୍ୟଟନ, ମନ୍ଦିର, ବେଳାଭୂମି ଏବଂ କାରିଗରିର ବିକାଶ ପାଇଁ ଓଡ଼ିଶାକୁ ସହାୟତା ପ୍ରଦାନ କରିବା ଦ୍ୱାରା ଓଡ଼ିଶା ଭଳି ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ରାଜ୍ୟର ସମ୍ଭାବନା ଠିକ୍ ଭାବେ ଉପଯୋଗ ହୋଇପାରିବ। ବଜେଟରୁ ଓଡ଼ିଶା ଭଳି ରାଜ୍ୟ ସବୁ କ୍ଷେତ୍ରରୁ ବିଶେଷ ଲାଭ ପାଇବ।

- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ

## ଓଡ଼ିଶାର ମହିଳା, ପର୍ଯ୍ୟଟନ ବିକାଶକୁ ସ୍ୱତନ୍ତ୍ର ପ୍ରାଧାନ୍ୟ



୨୦୨୪- ୨୫ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ହୋଇଥିବା କେନ୍ଦ୍ର ବଜେଟ ଏକ ଯୁଗାନ୍ତକାରୀ ବଜେଟ। ବଜେଟରେ ଗରିବ, ମହିଳା, ଯୁବ ଓ କୃଷକଙ୍କ ବିକାଶ ନିମନ୍ତେ ବିଶେଷ ଧ୍ୟାନ ଦିଆଯାଇଛି। ବଜେଟରେ ଓଡ଼ିଶାର ମହିଳା ଓ ପର୍ଯ୍ୟଟନ ବିକାଶକୁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦିଆଯାଇଛି। ଓଡ଼ିଶାର ପ୍ରାକୃତିକ ବିଭବ, ମନ୍ଦିର, କାରିଗରି, ଅନ୍ୟାନ୍ୟ କୀର୍ତ୍ତି, ଅଭୟାରଣ୍ୟ ଏବଂ ବେଳାଭୂମିକୁ ନେଇ ଅର୍ଥମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସାମଗ୍ରିକ ମାନବୀୟ ଦୃଷ୍ଟିରୁ ସାମାଜିକ ନ୍ୟାୟ ଓ ଅର୍ଥନୈତିକ ବିକାଶ ଲକ୍ଷ୍ୟରେ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯିବ। ପୂର୍ବୋଦୟ ଯୋଜନାରେ ଓଡ଼ିଶାକୁ ସାମିଲ କରାଯାଇଛି। ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର ଏବଂ ବ୍ରହ୍ମପୁରରେ ଫୁଡ୍ କୋର୍ଟ ପ୍ରତିଷ୍ଠା ହେବ। ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ନିବେଶ, ଅଧିକ କର୍ମନିଯୁକ୍ତି ସୃଷ୍ଟି ସହ କାରିଗର, ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀର କଲ୍ୟାଣକୁ ସୁଦୂରପ୍ରସାରୀ କରାଯିବ। ଓଡ଼ିଶାରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ଉନ୍ନତି ହେବ ବୋଲି ମୁଁ ଆଶା କରୁଛି।

- ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ

## ଓଡ଼ିଶା ସରକାରଙ୍କ ସବୁ ଦାବି ବଜେଟରେ ରହିଛି



ଚଳିତ କେନ୍ଦ୍ର ବଜେଟରେ ଓଡ଼ିଶାକୁ ବିଶେଷ ଭାବେ ଧ୍ୟାନ ଦିଆଯାଇଛି, ଯାହା ସ୍ୱାଗତଯୋଗ୍ୟ। ବଜେଟରେ ଗରୀବ, ମହିଳା, ଯୁବକ, ପର୍ଯ୍ୟଟନ, କୃଷି ଓ ଦକ୍ଷତା ବିକାଶ ଆଦି ଅନେକ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ବଜେଟ ପୂର୍ବରୁ ଅର୍ଥମନ୍ତ୍ରୀମାନଙ୍କ ବୈଠକରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଯାହାସବୁ ଦାବି ରଖାଯାଇଥିଲା ସେସବୁ ଏହି ବଜେଟରେ ପ୍ରତିଫଳିତ ହୋଇଛି। ଓଡ଼ିଶାର ଦୀର୍ଘ ସମୁଦ୍ରତଟ, ଐତିହ୍ୟ, ଜଙ୍ଗଲ ଏବଂ ଇକୋ-ଟୁରିଜିମକୁ ନେଇ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯିବ। ଲୋକେ ଦାଦନ ଖଟିବାକୁ ନ ଯାଇ ଏଠି ଭରପୁର କାମ ପାଇବେ। ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ, ତାକୁ ଧ୍ୟାନରେ ର ଖି ବଜେଟ ପ୍ରାବଧାନ କରାଯାଇଛି। ଓଡ଼ିଶାକୁ ଚଳିତ ଆର୍ଥିକ ବର୍ଷରେ ଯାହା ମିଳିଛି, ତାହା ପୂର୍ବରୁ କେବେ ମିଳି ନ ଥିଲା। ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଓଡିଶାକୁ ଯେତିକି ସହାୟତା ଦରକାର ସେ ସମସ୍ତ ବ୍ୟବସ୍ଥା ବଜେଟରେ ରହିଛି। ତେଣୁ ଓଡିଶା ପାଇଁ ଏହା ଏକ ବୃହତ୍ ବଜେଟ।

-କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ

## କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ କିଛି ନାହିଁ



ନିର୍ବାଚନ ସମୟରେ ଭାଜପା ନେତାମାନେ ବହୁ ବଡ଼ ବଡ଼ କଥା କହିଥିଲେ। କିନ୍ତୁ କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ସେପରି କିଛି ନାହିଁ। ଭାଜପା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପାଇଁ ରାଜ୍ୟବାସୀଙ୍କୁ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। ବଜେଟରେ ଏହାକୁ ବିଚାରକୁ ନିଆଯାଇ ନାହିଁ। ଅନ୍ୟପକ୍ଷରେ ଆନ୍ଧ୍ର ଏବଂ ବିହାର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଜରିଆରେ କୋଟି କୋଟି ଟଙ୍କାର ପାଣ୍ଠି ଘୋଷଣା କରାଯାଇଛି। ଦୀର୍ଘ ବର୍ଷ ଧରି ଓଡ଼ିଶା ଦାବି କରୁଥିବା କୋଇଲା ରୟାଲଟି ନବୀକରଣ ଦାବିକୁ ମଧ୍ୟ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଛନ୍ତି। ଏଥିଯୋଗୁ ପ୍ରତ୍ୟେକ ବର୍ଷ ଓଡ଼ିଶା ହଜାର ହଜାର କୋଟି ଟଙ୍କା ହରାଇବ। ଏଥିସହିତ ନିର୍ବାଚନ ପ୍ରଚାର ସମୟରେ କୃଷି, ଏମ୍ଏସ୍ଏମ୍ଇ ଓ ଶିଳ୍ପ ଆଦି ବିଷୟରେ ଓଡ଼ିଶା ଲୋକଙ୍କୁ ଭାଜପା ଦେଇଥିବା ପ୍ରତିଶ୍ରୁତିକୁ ବଜେଟରେ ପୂରଣ କରାଯାଇ ନାହିଁ। ବର୍ତ୍ତମାନ ଲୋକମାନେ ଦରଦାମ୍ ବୃଦ୍ଧିକୁ ନେଇ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ବଜେଟରେ ଏ ନେଇ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ପୋଲାଭରମ ପ୍ରକଳ୍ପକୁ କେନ୍ଦ୍ର ସରକାର ଅଧିକରୁ ଅଧିକ ଟଙ୍କା ଦେଇ ଓଡ଼ିଶା ପ୍ରତି ପକ୍ଷପାତିତା କରିଛନ୍ତି। ତେବେ ବଜେଟରେ ପର୍ଯ୍ୟଟନକୁ ଫୋକସ କରାଯାଇଥିବାରୁ ରାଜ୍ୟ କିଛିଟା ଉପକୃତ ହେବ।

- ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା

## ସବୁ ବର୍ଗଙ୍କୁ ସଶକ୍ତ କରିବାରେ ସହାୟକ ହେବ ବଜେଟ



୨୦୨୪ ସାଧାରଣ ନିର୍ବାଚନ ଦୃଷ୍ଟିକୋଣରୁ ଗତ ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣ ଏକ ମଧ୍ୟବର୍ତ୍ତିକାଳୀନ ବଜେଟ ଉପସ୍ଥାପିତ କରିଥିଲେ, ଯାହା ଏକ ସର୍ବସମାବେଶୀ ଓ ସୃଜନଶୀଳ ବଜେଟ୍ ଥିଲା। ନିର୍ବାଚନ ପରେ ୩ୟ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ସରକାର ଗଠନ ହେବା ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ମଙ୍ଗଳବାର ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟ ସମାଜର ସବୁ ବର୍ଗଙ୍କୁ ସଶକ୍ତ କରିବାରେ ସହାୟକ ହେବ। ଏହାସହ ରୋଜଗାର ଓ ସ୍ୱରୋଜଗାର ପାଇଁ ଅଭୂତପୂର୍ବ ସୁଯୋଗ ଏହି ବଜେଟରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି। ବିଶେଷ ଭାବେ ଓଡିଶାକୁ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ସହାୟତା ଦିଆଯିବାର ଚଳିତ ବଜେଟରେ ଘୋଷଣା କରାଯାଇଛି । ସେହିପରି କୃଷି, ଶକ୍ତି, ଟେକ୍ନୋଲୋଜି, ଶିଳ୍ପ, ଶିକ୍ଷା ଆଦି କ୍ଷେତ୍ରରେ ଓଡିଶା ଭଳି ରାଜ୍ୟ ସର୍ବାଧିକ ଲାଭାନ୍ୱିତ ହେବ। ବିକଶିତ ଭାରତ ଗଠନରେ ଓଡିଶାର ଭୂମିକା ନିଶ୍ଚିତ ଭାବେ ଗୁରୁତ୍ୱ ବହନ କରିବ।

- ମନମୋହନ ସାମଲ, ଭାଜପା ରାଜ୍ୟ ସଭାପତି

## ଓଡ଼ିଶାକୁ ବଜେଟରେ ଅନ୍ୟାୟ କରାଯାଇଛି



କେନ୍ଦ୍ରୀୟ ବଜେଟରେ ଓଡ଼ିଶାକୁ ନ୍ୟାୟ ମିଳିବ ବୋଲି ସମସ୍ତେ ଭାବିଥିଲେ। ହେଲେ ବଜେଟ ଉପସ୍ଥାପନ ହେବାପରେ ସମସ୍ତ ଓଡିଆ ଆଜି ଦୁଃଖିତ ଏବଂ ମର୍ମାହତ। କେନ୍ଦ୍ର ବଜେଟ୍‌ରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ପ୍ରତାରିତ କରାଯାଇଛି। ଅନ୍ୟରାଜ୍ୟକୁ ସାହାଯ୍ୟ କରିବାରେ କିଛି ଅସୁବିଧା ନାହିଁ। ହେଲେ ଓଡିଶାକୁ ପ୍ରାଥମିକତା ମିଳିବା କଥା। କେବଳ ଓଡ଼ିଶା ଲୋକ ବହୁ ମାତ୍ରାରେ ଭାଜପାକୁ ଭୋଟ ଦେଇଛନ୍ତି ବୋଲି ନୁହେଁ, ବରଂ ଓଡ଼ିଶାର ବାସ୍ତୁ ସ୍ଥିତିକୁ ବିଚାରକୁ ନିଆଯିବା କଥା। କାରଣ ଗରିବୀରେ ଓଡ଼ିଶା ସବୁଠୁ ଆଗରେ ରହିଛି। ମୁଣ୍ଡପିଛା ଆୟ, କୃଷି ଉତ୍ପାଦନରେ ରାଜ୍ୟ ବହୁ ପଛରେ ରହିଛି। ଦାଦନ ଖଟିବାରେ ଓଡ଼ିଶା ଦେଶରେ ସବୁଠାରୁ ଆଗରେ ରହିଛି। ତେଣୁ ଏହି ବଜେଟରେ ଓଡ଼ିଶାକୁ ଉପହାସ କରାଯାଇଛି। ଡବଲ ଇଞ୍ଜିନ ସରକାର ଓଡ଼ିଶା ପାଇଁ କିଛି ବିଶେଷ ବ୍ୟବସ୍ଥା କରିବେ ବୋଲି ସମସ୍ତେ ଭାବିଥିଲେ। ହେଲେ ଓଡ଼ିଶାକୁ ଯେଉଁ ଅନ୍ୟାୟ କରାଗଲା ଏହାଠାରୁ ଅଧିକ ଦୁଃଖ କିଛି ନାହିଁ।

- ଶ୍ରୀକାନ୍ତ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ

## ଦେଶର ଭବିଷ୍ୟତ ଘନ ଅନ୍ଧକାରକୁ ନିମନ୍ତ୍ରଣ କରିଛି



ମୋଦି-୩ ସରକାର ସଂସଦରେ ଉପସ୍ଥାପନ କରିଥିବା ବଜେଟରେ ଦେଶବାସୀଙ୍କ ପ୍ରତି କୃତଘ୍ନତା ପ୍ରଦର୍ଶନ କରିଛନ୍ତି। ଗରିବ, ଦଳିତ, ଆଦିବାସୀଙ୍କଠାରୁ ଭୋଟ ନେଲେ, ଯୁବ ଓ ଛାତ୍ରଙ୍କୁ ନିର୍ବାଚନରେ ଲୋଭ ଦେଖାଇଥିଲେ। ମାତ୍ର ବଜେଟରେ ଅସଙ୍ଗଠିତ କ୍ଷେତ୍ରର ଜୀବନ ଓ ଜୀବିକା ରକ୍ଷକ ଏମ୍‌ଜିଏନଆର୍‌ଇଜିଏସ୍‌କୁ ଅଣଦେଖା କରାଯାଇଛି। ବୃହତ୍ ପ୍ରକଳ୍ପ ପ୍ରତିଷ୍ଠା ଆଳରେ ଆଦିବାସୀ ଓ ଦଳିତଙ୍କୁ ଭିଟାମାଟିରୁ ଉଚ୍ଛେଦ ପାଇଁ ଷଡ଼ଯନ୍ତ୍ର କରାଯାଇଛି। ସେହିଭଳି ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ କେନ୍ଦ୍ର ବଜେଟରେ ନୈରାଶ୍ୟଜନକ ବ୍ୟୟ ବରାଦ ହୋଇଛି। ଅପରପକ୍ଷରେ ବଡ଼ ପୁଞ୍ଜିପତିଙ୍କ ଲାଭ ଓ ଲୋଭ ପାଇଁ ସାହାଣ ମେଲା କରାଯାଇଛି। ମୋଟାମୋଟି ଭାବେ ଏହି ବଜେଟ ଝିଙ୍କିକା ମାରି ବଣି ପୋଷିବା ସହ ଦେଶର ଭବିଷ୍ୟତ ପିଢ଼ି ଓ ଜୀବନ ରକ୍ଷା ପାଇଁ ଘନ ଅନ୍ଧକାରକୁ ନିମନ୍ତ୍ରଣ କରିଛି। ସେହିଭଳି ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ପରିବର୍ତ୍ତେ ବିହାର ଓ ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ଅନୁଦାନ ଦେଇଥିବାବେଳେ ଅଣଭାଜପା ଶାସିତ ରାଜ୍ୟକୁ ଅନୁଦାନ ପ୍ରଦାନରେ ଅଣଦେଖା କରି ରାଜନୈତିକ ପ୍ରତିହିଂସାର ଷଡ଼ଯନ୍ତ୍ର କରାଯାଇଛି। ଏହା କେବଳ ଗରିବ ବିରୋଧୀ ନୁହେଁ ପରନ୍ତୁ ରାଷ୍ଟ୍ର ସ୍ୱାର୍ଥ ବିରୋଧୀ ବଜେଟ।

- ଜୟନ୍ତ ଦାସ, କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ

## ମେଣ୍ଟ ସରକାର ଯୋଗୁ ବିହାର, ଆନ୍ଧ୍ରକୁ ଗୁରୁତ୍ୱ



ବଜେଟରେ କୌଣସି ଶସ୍ତା ଲୋକପ୍ରିୟ ପ୍ରସ୍ତାବ ନାହିଁ। ଦେଶର ଦୀର୍ଘମିଆଦୀ ଅଭିବୃଦ୍ଧି ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଯଦିଓ ପୂର୍ବ ଭାରତର ବିକାଶ କଥା କୁହାଯାଇଛି, ମେଣ୍ଟ ସରକାର ଯୋଗୁ ବିହାର ଏ ବ ଂ ଆନ୍ଧ୍ରପ୍ରଦେଶକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଗୁରୁତ୍ୱାରୋପ କରାଯାଇଛି। ଚାକିରିଆମାନଙ୍କୁ କିଛି ମାତ୍ରାରେ ଟିକସ ରିହାତି ମିଳିଛି। କୃଷି, ସବୁଜ ଇନ୍ଧନ ଆଦି ଗବେଷଣା ଉପରେ ଗୁରୁତ୍ୱ ଦିଆଯାଇଛି। ଘରୋଇ ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ପାଇଁ ପ୍ରୋତ୍ସାହନର ବ୍ୟବସ୍ଥା କରାଯାଇଛି। ଶିଳ୍ପ କ୍ଷେତ୍ରକୁ କିପରି ଅଧିକ ସଙ୍ଗଠିତ କରି ହେବ ତା'ଉପରେ ଗୁରୁତ୍ୱ ଦିଆଯାଇଛି। ଆଦିବାସୀ ଗ୍ରାମଗୁଡ଼ିକର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଭୂ-ଆଧାର କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କଲେ ଜମିଜମା କ୍ଷେତ୍ରରେ ଅନେକ ସ୍ୱଚ୍ଛତା ଆସିପାରିବ। ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ କିଛି ଆଶା କରାଯାଉଥିଲା, ଯାହା ହୋଇନାହିଁ।

- ଅମରେନ୍ଦ୍ର ଦାସ, ପ୍ରାଧ୍ୟାପକ, ନାଇଜର

## ଡବଲ ଇଞ୍ଜିନ ସରକାର ସତ୍ତ୍ୱେ ଓଡ଼ିଶା ନିରାଶ



ବିହାର, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ପକ୍ଷରୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି କରାଯାଇଥିଲା। ରଘୁରାମ ରାଜନ କମିଟି ରିପୋର୍ଟ ଆଧାରରେ ବିହାର ଓ ଆନ୍ଧ୍ରକୁ ସ୍ୱତନ୍ତ୍ର ଅନୁଦାନ ଏବଂ ମାଳମାଳ ଯୋଜନା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟରେ ଘୋଷଣା କରିଛନ୍ତି। କିନ୍ତୁ ଦୁଃଖର କଥା ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦିଆଗଲା ନାହିଁ। କେବଳ ଧର୍ମକୁ ଆଖିଠାର ନ୍ୟାୟରେ ଓଡ଼ିଶା ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ ମିଳିବ ବୋଲି ଘୋଷଣା କରାଯାଇଛି। ଭାଜପା ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରରେ ମଧ୍ୟ ଓଡ଼ିଶାକୁ ନିରାଶ ହେବାକୁ ପଡିଛି।

- ରବି ବେହେରା,
ଓଡିଆ ଅସ୍ମିତା ପରିଷଦ, ଆବାହକ

## କେନ୍ଦ୍ର ବଜେଟ ସାଧାରଣ ଜନତାଙ୍କ ହିତ ବିରୋଧୀ



କେନ୍ଦ୍ରୀୟ ବଜେଟରେ ୩ ଲକ୍ଷ ଟଙ୍କା ଉପରେ ଆୟକର ଜାରି କରି କେନ୍ଦ୍ର ସରକାର ଗରିବ ଓ ମଧ୍ୟବିତ୍ତଙ୍କ ପ୍ରତି ଅନ୍ୟାୟ କରିଛନ୍ତି। ରାଜନୈତିକ ସୁବିଧାବାଦ ପାଇଁ ଟିଡିପି ଏବଂ ଜେଡିୟୁର ସମର୍ଥନ ଜାରି ରଖିବାକୁ ଆନ୍ଧ୍ର ପ୍ରଦେଶ ଏବଂ ବିହାରକୁ ବହୁ ପରିମାଣର ଅନୁଦାନ ପ୍ରଦାନ କରିଛନ୍ତି। ହେଲେ ଓଡ଼ିଶାରୁ ୨୦ ଲୋକ ସଭା ଆସନ ଜିତିବା ସତ୍ତ୍ୱେ ସେପରି କିଛି ଆର୍ଥିକ ଅନୁଦାନ ଘୋଷଣା କରିନାହାନ୍ତି। ଏହା ବାଛବିଚାରମୂଳକ ରାଜନୀତିକୁ ପ୍ରମାଣିତ କରିଛି। ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ, ବେରୋଜଗାରିଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ସେପରି କିଛି ପଦକ୍ଷେପ ନେଇନାହାନ୍ତି। ବଜେଟ୍ ସମ୍ପୂର୍ଣ୍ଣ ସାଧାରଣ ଜନତାଙ୍କ ହିତ ବିରୋଧୀ।

- ନିଶିକାନ୍ତ ମହାପାତ୍ର, ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ ସଭାପତି

## କୃଷି, କୃଷକଙ୍କ ପାଇଁ ବଜେଟରେ ସେପରି କିଛିନାହିଁ



ଦେଶର ଅନ୍ନଦାତା କୃଷକ, କୃଷି ଶ୍ରମିକ ଓ ଗ୍ରାମୀଣ ଶ୍ରମଜୀବୀ ଜନସାଧାରଣଙ୍କ ପାଇଁ ଏହି ବଜେଟରେ କୌଣସି ସ୍ୱତନ୍ତ୍ର ପ୍ରାବଧାନ ନାହିଁ। ଋଣଗ୍ରସ୍ତ ଚାଷୀର ଋଣ ଛାଡ଼ ପାଇଁ ବଜେଟ ସମ୍ପୂର୍ଣ୍ଣ ନୀରବ ରହିଛି। ଚାଷୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ସୁନିଶ୍ଚିତ କରିବା ନିମନ୍ତେ ଏହି ବଜେଟରେ କୌଣସି ଅନୁଦାନ ଦିଆଯାଇନାହିଁ। ଚାଷୀ ଫସଲର ଉତ୍ପାଦନ ଖର୍ଚ୍ଚ କମାଇବା ପାଇଁ ସାର, ବିହନ, ଔଷଧ ଏବଂ ଅନ୍ୟାନ୍ୟ କୃଷି ଉପକରଣ ଉପରେ ସବ୍‌ସିଡି ବ୍ୟବସ୍ଥା ନାହିଁ। ଉତ୍କଟ ମୂଲ୍ୟ ବୃଦ୍ଧି, ମୁଦ୍ରାସ୍ଫୀତି ଏବଂ ଭୟଙ୍କର ବେକାରି ସମସ୍ୟା ଯୋଗୁ ଆର୍ଥିକ ସଙ୍କଟ ଆହୁରି ତୀବ୍ରତର ହେବ। ଭିତ୍ତିଭୂମିର ବିକାଶ ଏବଂ ସରକାରୀ ଖର୍ଚ୍ଚ ବୃଦ୍ଧି କଲେ ହିଁ ନିଯୁକ୍ତି ଓ ରୋଜଗାର ମିଳିବ, ମାତ୍ର ସେଥିପାଇଁ କୌଣସି ଉଦ୍ୟମ କରାଯାଇ ନାହିଁ।

-ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସମ୍ପାଦକ, ଓଡିଶା କୃଷକ ସଭା

## ଓଡ଼ିଶାବାସୀଙ୍କୁ ନିରାଶ କରିଛି



ଓଡ଼ିଶାରେ ଭାଜପା ସରକାର ଆସିବା ପରେ ଚଳିତ କେନ୍ଦ୍ର ବଜେଟରେ ରାଜ୍ୟ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ରହିବ ବୋଲି ଆଶା ଥିଲା। ମାତ୍ର ଏହା ରାଜ୍ୟବାସୀଙ୍କୁ ନିରାଶ କରିଛି। ସେହିପରି ଦେଶବାସୀ ସମ୍ମୁଖୀନ ହେଉଥିବା ଉତ୍କଟ ବେକାରି, ମୂଲ୍ୟବୃଦ୍ଧି, ମୁଦ୍ରାସ୍ଫୀତି, କୃଷି ସଙ୍କଟ ଏବଂ ଦାରିଦ୍ର୍ୟ ଇତ୍ୟାଦିକୁ ରୋକିବାରେ କୌଣସି ବ୍ୟବସ୍ଥା ନାହିଁ। ସେହିପରି ଗରିବ ଜନସାଧାରଣ, ଚାଷୀ ଓ ଗ୍ରାମୀଣ ଲୋକଙ୍କ ଆୟ ବୃଦ୍ଧି ପାଇଁ ମଧ୍ୟ କୌଣସି ବ୍ୟବସ୍ଥା କରାଯାଇନାହିଁ। ତେଣୁ ଏହା ଜନସାଧାରଣ ସପକ୍ଷବାଦୀ ବଜେଟ ବୋଲି କହିବା ଭୁଲ୍ ହେବ। ତେବେ ଆଉ ୩ କୋଟି ଆବାସ ଗୃହ ନିର୍ମାଣ ନେଇ ହୋଇଥିବା ଘୋଷଣା ସାଧାରଣ ଲୋକଙ୍କୁ ସୁହାଇବ।

-ଅଶୋକ କହଁର, କର୍ମଜୀବୀ

## ଘରୋଇକରଣକୁ ପ୍ରୋତ୍ସାହନ ଦେବ



ଦେଶର ଉତ୍କଟ ବେକାରି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବଜେଟରେ କିଛି ଠୋସ ବ୍ୟବସ୍ଥା ନାହିଁ। ଆଗକୁ ହେବାକୁ ଥିବା ମହାରାଷ୍ଟ୍ର ନିର୍ବାଚନ ଓ ଉପନିର୍ବାଚନକୁ ଆଖିଆଗରେ ରଖି ବଜେଟ କରାଯାଇଛି। ଦେଶରେ ଘରୋଇକରଣକୁ ପ୍ରୋତ୍ସାହନ ଦେବା ଭଳି ହୋଇଛି। ଦେଶରେ କୋଟି କୋଟି ଶ୍ରମିକ କାମ ପାଉନାହାନ୍ତି। ଶ୍ରମିକର ଦୈନିକ ମଜୁରି ଓ ମାସିକ ବେତନ ବୃଦ୍ଧି ସମ୍ପର୍କରେ ବଜେଟରେ କିଛିନାହିଁ। ମଧ୍ୟାହ୍ନ ଭୋଜନ ପାଚିକା, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ତଥା ଅନ୍ୟାନ୍ୟ ସ୍କିମ୍ ଶ୍ରମିକଙ୍କ ଦରମା ବୃଦ୍ଧି, ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ବିଷୟ ସ୍ଥାନ ପାଇନାହିଁ। ହଜାର ହଜାର ବନ୍ଦ କଳକାରଖାନା ଖୋଲିବା ନେଇ ମଧ୍ୟ କିଛି ପଦକ୍ଷେପ ନାହିଁ। ଏଭଳି ବଜେଟରେ ଗରିବ ଅଧିକ ଦରିଦ୍ର ହେବେ, ପୁଞ୍ଜିପତି ବଡ଼ଲୋକ ହେବେ। ମାନବିକ ଅଧିକାର, ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେବ।

-ପ୍ରଦୀପ୍ତ ନାୟକ, ଶ୍ରମିକ ନେତା ଓ ମାନବିକ ଅଧିକାର କର୍ମୀ

## ଦରଦାମ୍ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ନାହିଁ



୨୦୨୪-୨୫ କେନ୍ଦ୍ର ବଜେଟ ହେଉଛି ସମ୍ପୂର୍ଣ୍ଣରୂପେ କର୍ପୋରେଟ ସପକ୍ଷବାଦୀ, ଜନ ବିରୋଧୀ ଓ ନିଯୁକ୍ତିବିହୀନ ବଜେଟ। ୫କୋଟି ବେକାରଙ୍କୁ ନିଯୁକ୍ତି ମିଳିବ ବୋଲି ଅର୍ଥମନ୍ତ୍ରୀ କହିଥିବାବେଳେ କେଉଁଠି ଓ କିପରି ମିଳିବ ତାହାର ତାଲିକା ଦେଇନାହାନ୍ତି। ତେବେ ସୁନା, ରୁପା ଓ ପ୍ଲାଟିନମ୍ ଜିନିଷ ଶସ୍ତା ହୋଇଥିବାରୁ କିଛିଟା ଆଶ୍ୱସ୍ତି ମିଳୁଛି। ମାତ୍ର ଆକାଶଛୁଆଁ ଦରଦାମ୍‌ର ନିୟନ୍ତ୍ରଣ ପାଇଁ କିଛି ବ୍ୟବସ୍ଥା ନାହିଁ। ପେଟ୍ରୋଲ, ଡିଜେଲ୍ ସହ ବିଭିନ୍ନ ସାମଗ୍ରୀ ଆଦିର ଦର କମାଇବା ଉପରେ ପଦକ୍ଷେପ ନେଇଥିଲେ ମୋ ପରି ଗୃହିଣୀଙ୍କଠାରୁ ଆରମ୍ଭ କରି ସମସ୍ତେ ଉପକୃତ ହୋଇପାରିଥାନ୍ତେ।

-ରଶ୍ମିରେଖା ଦାସ, ଗୃହିଣୀ

## ଉଠାଦୋକାନୀଙ୍କ ଜୀବନ ଜୀବିକା ସୁଦୃଢ଼ ପାଇଁ ଯୋଜନା ରହିଛି



କେନ୍ଦ୍ର ବଜେଟରେ ଉଠାଦୋକାନୀଙ୍କ ପାଇଁ ଭଲ ଖବର ରହିଛି। ଆସନ୍ତା ୫ ବର୍ଷ ମଧ୍ୟରେ ଉଠାଦୋକାନୀଙ୍କ ପାଇଁ ସାପ୍ତାହିକ ହାଟ ପ୍ରତିଷ୍ଠା କରାଯିବା ଭ ଳି ଯୋଜନା ସହ ସେମାନଙ୍କ ଜୀବନ ଜୀବିକାକୁ ସୁଦୃଢ଼ କରାଯାଇଛି। ୨୦୧୪ରେ ଉଠାଦୋକାନୀ ଆଇନ ପାରିତ ହୋଇଥିବାବେଳେ ଏବେକା ସରକାର ଆଉ ପାଦେ ଆଗକୁ ଯାଇଛନ୍ତି। ତେଣୁ ସମ୍ପୂର୍ଣ୍ଣ ଉଠାଦୋକାନୀ ମହାସଂଘ ପକ୍ଷରୁ ଏହାକୁ ସ୍ୱାଗତ କରାଯିବା ସହ ସରକାରଙ୍କୁ ଧନ୍ୟବାଦ ଦେଉଛୁ।

-ପ୍ରତାପ ସାହୁ, ରାଜ୍ୟ ସଭାପତି,
ଉଠାଦୋକାନୀ ମହାସଂଘ

## ଓଡ଼ିଶାର ଅବହେଳିତ, ମଧ୍ୟବିତ୍ତଙ୍କୁ ଲୁଟିଛନ୍ତି



ଚଳିତ ବର୍ଷର କେନ୍ଦ୍ର ବଜେଟ ସବୁଠାରୁ ଖରାପ ଓ ସ୍ୱାର୍ଥର ବଜେଟ। ବଜେଟକୁ ଦେଖିଲେ ଏମିତି ଲାଗୁଛି, ଯେଉଁଠି ସ୍ୱାର୍ଥ ସେଠିକୁ ସୁବିଧା। ସରକାର ଗଠନ ସମୟରେ ଆନ୍ଧ୍ର ଓ ବିହାରର ସାହାଯ୍ୟ ନେଇଥିବାରୁ ବଜେଟରେ ଏହି ଦୁଇ ରାଜ୍ୟ ପାଇଁ ସ୍ୱତନ୍ତ୍ର ସୁବିଧା ରଖାଯାଇଛି। ଅନ୍ୟପକ୍ଷେ ଓଡ଼ିଶା ସବୁବେଳେ ଅବହେଳିତ ଥିଲା, ଆଜି ବି ରହିଛି। ତେଣିକି ଓଡ଼ିଶାରେ ଭାଜପା ସରକାର ଆସୁ କି ବିଜେଡି ସରକାର। ସେହିପରି ସବୁଥର ପରି ଏଥର ବି ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ବଜେଟରେ ଝଟ୍‌କା ମିଳିଛି। ମଧ୍ୟବିତ୍ତ କରଦାତାଙ୍କୁ ଏଥର ମଧ୍ୟ ବଜେଟ୍‌ରେ ଲୁଟିଛନ୍ତି ସରକାର।

-ଶ୍ରୀଦେବ ଶେଖର ନନ୍ଦ, କର୍ମଜୀବୀ

## ଶିକ୍ଷା ଭିତ୍ତିଭୂମି ପାଇଁ ସ୍ୱତନ୍ତ୍ର କିଛି ନାହିଁ



ଏଥର ବଜେଟରେ ଶିକ୍ଷା ପାଇଁ ସ୍ୱତନ୍ତ୍ର କିଛି ନାହିଁ, ଯାହା ମୋ ଭଳି ଅନେକ ଛାତ୍ରୀଛାତ୍ରଙ୍କୁ ନିରାଶ କରିଛି। ଅବଶ୍ୟ ଉଚ୍ଚ ଶିକ୍ଷାପାଇଁ ଋଣ ପ୍ରଦାନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେହିପରି ନିଯୁକ୍ତିକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ନିଯୁକ୍ତିକୁ ନେଇ ବର୍ତ୍ତମାନ ସ୍ଥିତି ଯେଭଳି ରହିଛି ୧କୋଟି ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ମିଳିବା ନିହାତି ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଶିକ୍ଷାର ଭିତ୍ତିଭୂମି, ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ନେଇ ବଜେଟରେ ଗୁରୁତ୍ୱ ଦିଆଯାଇଥିଲେ ଭଲ ହୋଇଥାନ୍ତା। ଯାହା ଶିକ୍ଷା ବ୍ୟବସ୍ଥାକୁ ଅଧିକ ମଜବୁତ୍ କରିଥାନ୍ତା। ବଜେଟରେ ଯୁବପିଢ଼ିଙ୍କୁ ଅଗ୍ରାଧିକାର ଦିଆଯାଇଛି। ମାତ୍ର ସାମଗ୍ରିକ ଭାବେ ଦେଖିବାକୁ ଗଲେ ଆଖିଦୃଶିଆ କିଛି ନାହିଁ।

-ଦେବରାଜ ମହାନ୍ତି, ଛାତ୍ର

## ନିଯୁକ୍ତି, ଶିକ୍ଷାଋଣ ବ୍ୟବସ୍ଥା ଭଲ ପଦକ୍ଷେପ



ଚଳିତବର୍ଷର ବଜେଟକୁ ସବୁ ଦୃଷ୍ଟିରୁ ଦେଖିଲେ ଏତେଟା ସ୍ୱତନ୍ତ୍ର ହୋଇପାରିନି। ବିଶେଷକରି ଓଡ଼ିଶାକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଇଛି। ଓଡ଼ିଶାରେ ଭାଜପା ସରକାର ଆସିବା ପରେ ଆଶା ଥିଲା ନିହାତି ଭାବେ ବଜେଟରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର କିଛି ବ୍ୟବସ୍ଥା ରହିବ, ମାତ୍ର ତାହା ନାହିଁ। ଏହା ନିହାତି ଭାବେ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଏକ ନୈରାଶ୍ୟଜନକ ବଜେଟ। ଏଥିସହ ଜଣେ ଛାତ୍ରୀ ହିସାବରେ ଏହି ବଜେଟକୁ ନେଇ ମୁଁ କିଛି ପରିମାଣରେ ସନ୍ତୁଷ୍ଟ। ପ୍ରଥମ କଥା ନିଯୁକ୍ତିର ଗୁରୁତ୍ୱ ରହିଛି, ଯାହାର ଆବଶ୍ୟକତା ଅଧିକ ରହିଥିଲା। ସେହିପରି ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାର୍ଥୀଙ୍କୁ ଉଚ୍ଚଶିକ୍ଷା ପାଇଁ ଋଣ ମିଳିବା ଏକ ଆଶ୍ୱସ୍ତିକର ପଦକ୍ଷେପ।

-ଅପେକ୍ଷା ଦାସ, ଛାତ୍ରୀ

## ମଧ୍ୟବିତ୍ତ, ମହିଳା, ଯୁବପିଢ଼ିଙ୍କ ବଜେଟ



ଏହା ମଧ୍ୟବିତ୍ତଙ୍କ ବଜେଟ। ସବୁଥର କର୍ପୋରେଟ୍ ନ ହେଲେ ଗରିବ ଶ୍ରେଣୀଙ୍କୁ ଫୋକସ ଦିଆଯାଏ, ମାତ୍ର ଏଥର ବଜେଟ ସବୁ ଦିଗରୁ ଭଲ। ବିଶେଷକରି ମହିଳା ଓ ଯୁବପିଢ଼ିଙ୍କୁ ବଜେଟରେ ଗୁରୁତ୍ୱ ମିଳିଛି। ମହିଳାଙ୍କୁ ବଜେଟରେ ଅଧିକ ଫୋକସ୍ ଦିଆଯାଇଛି। କର୍ମଜୀବୀ ମହିଳାଙ୍କ ପାଇଁ ହଷ୍ଟେଲ ସୁବିଧା, ଯୁବପିଢ଼ିଙ୍କୁ ନିଯୁକ୍ତି ଓ ଶିକ୍ଷାଋଣ, ଏସବୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେମାନେ ମଧ୍ୟ ଜିଡିପି ଅଭିବୃଦ୍ଧିରେ ସହଯୋଗ କରିପାରିବେ।

-ନମ୍ରତା ଚଢ଼ା, ସାମାଜିକ କର୍ମୀ

## ଏକ ସନ୍ତୁଳିତ ବଜେଟ



ବର୍ତ୍ତମାନର ବଜେଟରେ ଶିକ୍ଷା, ରୋଜଗାର ଏବଂ ଯୁବ ସଶକ୍ତୀକରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା, ରୋଜଗାର ଏବଂ ଦକ୍ଷତା ପାଇଁ ୧.୪୮ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଆଗାମୀ ପାଞ୍ଚବର୍ଷରେ ୨୦ଲକ୍ଷ ଯୁବାଙ୍କୁ ତାଲିମ ଦିଆଯିବ। ଏଥିପାଇଁ ଏକହଜାର ଶିଳ୍ପ ତାଲିମ ପ୍ରତିଷ୍ଠାନଗୁଡ଼ିକର ନବୀକରଣ କରାଯିବ। ଯୁବବର୍ଗଙ୍କୁ ଉଚ୍ଚଶିକ୍ଷାରେ ସହାୟତା କରିବା ପାଇଁ ଶିକ୍ଷାଋଣ ସହ ୧ଲକ୍ଷ ଛାତ୍ରୀଛାତ୍ରଙ୍କ ପାଇଁ ବାର୍ଷିକ ୩ ପ୍ରତିଶତ ସୁଧ ଛାଡ଼ର ବ୍ୟବସ୍ଥା କରାଯାଇଛି। ଏହାସହିତ ଏମ୍ପ୍ଲୟମେଣ୍ଟ ଲିଙ୍କ୍ ଇନ୍‌ସେନ୍‌ଟିଭ ସ୍କିମ୍ ମାଧ୍ୟମରେ ସମସ୍ତ ସଂଗଠିତ କ୍ଷେତ୍ରଗୁଡ଼ିକରେ ନୂତନ ଭାବେ କାର୍ଯ୍ୟ କରୁଥିବା ସମସ୍ତଙ୍କୁ ୧ ମାସର ମଜୁରି ମିଳିବ। ଏହି ଯୋଜନା ପ୍ରଥମଥର କର୍ମଚାରୀଙ୍କ ନିଯୁକ୍ତି ସହ ଜଡ଼ିତ ଉତ୍ପାଦନ କ୍ଷେତ୍ରରେ ଅତିରିକ୍ତ ନିଯୁକ୍ତିକୁ ଉତ୍ସାହିତ କରିବ। ସାମଗ୍ରିକ ଭାବରେ ଏହା ଏକ ସନ୍ତୁଳିତ ବଜେଟ।

-ପ୍ରଫେସର ଡ. ଅମିୟ କୁମାର ମହାପାତ୍ର, ଅର୍ଥନୀତିଜ୍ଞ

## ଓଡ଼ିଶା ପାଇଁ ନୈରାଶ୍ୟଜନକ



ବଜେଟରେ ମହାକାଶ କ୍ଷେତ୍ର ପାଇଁ ୧ହଜାର କୋଟିର ବ୍ୟବସ୍ଥା, ମାନବ ସମ୍ବଳର ବିକାଶ, ସହରାଞ୍ଚଳ ବିକାଶ, ଗବେଷଣା ଆଦି କ୍ଷେତ୍ରରେ ଅର୍ଥ ବ୍ୟବସ୍ଥା ସ୍ୱାଗତଯୋଗ୍ୟ। କିନ୍ତୁ ବେକାରି ଓ ଦରଦାମ୍ ବୃଦ୍ଧି ପାଇଁ ଏ ବଜେଟରେ କିଛି ବ୍ୟବସ୍ଥା ନାହିଁ। ବିଦେଶୀ କମ୍ପାନୀକୁ ପ୍ରୋତ୍ସାହନ ତଥା ନିବେଶ ବୃଦ୍ଧି ପାଇଁ ସେମାନଙ୍କ ଆୟ ଉପରେ କର ହ୍ରାସ କରାଯାଇଥିଲେ ମଧ୍ୟ କର୍ପୋରେଟ୍ ଟ୍ୟାକ୍ସ ବୃଦ୍ଧି ନ ହେବା ଫଳରେ ଅସମାନତା ବୃଦ୍ଧି ପାଇବ। ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅଭିବୃଦ୍ଧି ପାଇଁ ବିଶେଷ ଗୁରୁତ୍ୱ ନାହିଁ। କୃଷିକ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କଥା କୁହାଯାଇଥିଲେ ମଧ୍ୟ ଋଣଛାଡ଼, ସର୍ବନିମ୍ନ ସହାୟକ ମୂଲ୍ୟ ଆଦି ନାହିଁ। ଓଡ଼ିଶା ଦୃଷ୍ଟିରୁ ଏହି ବଜେଟ ନୈରାଶ୍ୟଜନକ। ଆନ୍ଧ୍ରପ୍ରଦେଶ ଓ ବିହାରକୁ ଅର୍ଥମନ୍ତ୍ରୀ ଦାନବାକ୍ସ ଦେଲା ବେଳେ ଓଡ଼ିଶାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇନାହିଁ।

- ଡ. ମାନସ ବେହେରା, ଶିକ୍ଷାବିତ୍

## ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନ ନ ଦେବା ପରିତାପର ବିଷୟ



୫ ବର୍ଷ ମଧ୍ୟରେ ୧ କୋଟି ଛାତ୍ରୀଛାତ୍ରଙ୍କୁ ୫୦୦ ଅଗ୍ରଣୀ କମ୍ପାନୀରେ ପ୍ରଶିକ୍ଷଣ ସହ ମାସକୁ ୫ହଜାର ଟଙ୍କାର ପ୍ରଶିକ୍ଷଣ ଭତ୍ତା ଓ ୬ହଜାର ଡଲାରର ସହାୟତା ଭାରତୀୟ ଯୁବପିଢ଼ିଙ୍କୁ ବୃତ୍ତିଗତ ଅଭିଜ୍ଞତା ପ୍ରଦାନ କରିବ। ଏହା ବେରୋଜଗାରିଙ୍କୁ କିଛିମାତ୍ରାରେ ଆଶ୍ୱାସନା ଦେବ। ଶିକ୍ଷା, ମାନବସମ୍ବଳ ଓ ଦକ୍ଷତା ବିକାଶ ପାଇଁ ଅଧିକ ଅର୍ଥ ବ୍ୟୟବରାଦ ସହିତ ଏଥର ବଜେଟରେ କୁଶଳୀ ମାନବସମ୍ବଳ ତିଆରି କରିବା ଉପରେ ବିଶେଷ ଧ୍ୟାନ ଦିଆଯିବା ଅତ୍ୟନ୍ତ ଖୁସିର କଥା। ଓଡ଼ିଶାରେ ବହୁମତରେ ଭାଜପା ସରକାର ଜିତିଥିବା ବେଳେ ଆନ୍ଧ୍ର ଓ ବିହାର ଭଳି ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନ ନ ଦେବା ଅତ୍ୟନ୍ତ ପରିତାପର ବିଷୟ।

- ଶରତ କୁମାର କର, ଶିକ୍ଷାବିତ୍

## ବିହାର-ଆନ୍ଧ୍ରକୁ ସବୁଦେଲେ, ଓଡ଼ିଶାକୁ ନିରାଶ କଲେ



୨୦୨୪-୨୫ ଆର୍ଥିକ ବର୍ଷର ଟ୍ୟାକ୍ସ ସ୍ଲାବ୍ ପୂର୍ବ ବଜେଟଠାରୁ ନିଶ୍ଚିତ ଭାବେ ଭଲ ଅଛି। କିନ୍ତୁ ମଧ୍ୟମ ବର୍ଗଙ୍କ ପାଇଁ ପୁଣି ସେହି ଅବହେଳାର ପୁନରାବୃତ୍ତି ହୋଇଛି। ଦୈନନ୍ଦିନ ଚଳିବା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ପନିପରିବା, ରାଶନ ସାମଗ୍ରୀ ଆକାଶଛୁଆଁ ଦର ରହିଥିଲେ ମଧ୍ୟ ଏହାକୁ କମାଇବାକୁ ପଦକ୍ଷେପ ନାହିଁ। ମାତ୍ର ସୁନା, ରୁପା, ମୋବାଇଲ ଦର ହ୍ରାସ ପାଇଁ ବ୍ୟବସ୍ଥା କରାଯାଇ ଲୋକଙ୍କ ମନ ବୁଝାଇବାକୁ ଚେଷ୍ଟା କରାଯାଉଛି। ଏପଟେ ରାଜ୍ୟରେ ଭାଜପା ସରକାର ଆସିଥିବାରୁ ଲୋକଙ୍କ ଆଶା ଥିଲା ଯେ ଏଥର ଓଡ଼ିଶା ନିଶ୍ଚିତ ଭାବେ ଫୋକସ୍‌ରେ ରହିବ। କିନ୍ତୁ ବିହାର ଓ ଆନ୍ଧ୍ରକୁ ସବୁ ଦେଇସାରି ପୁଣି ଓଡ଼ିଶାକୁ ନିରାଶ କଲେ। କେନ୍ଦ୍ରର ଭାଜପା ସହ ମେଣ୍ଟରେ ଥିବା ରାଜ୍ୟ ସରକାରଙ୍କୁ ଖୁସି ନ କରି ଯଦି ୧୪୦ କୋଟି ଭାରତୀୟଙ୍କ ପାଇଁ ଲୋକାଭିମୁଖୀ ବଜେଟ ପ୍ରସ୍ତୁତ ହେଇଥାନ୍ତା ତେବେ ଭଲ ହୋଇଥାଆନ୍ତା। ମୋ ହିସାବରେ ଏହି ବଜେଟ ୧୦ ନମ୍ବରରୁ ୬ ନମ୍ବର ପାଇବ।

- ଜେପି ଆଶୁତୋଷ ସାହୁ, କର୍ମଜୀବୀ

# ମଜୁରି ପାଉଣା ହରାଇବେ ହିତାଧିକାରୀ

**ରସୁଲପୁର,୨୩।୭(ରଞ୍ଜିତ ରାଉତ):**

ଯାଜପୁର ଜିଲା ରସୁଲପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି । ପିଇଓଙ୍କ କାର୍ଯ୍ୟାବନ୍ଦ ଆନ୍ଦୋଳନ ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଛି । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ହିତାଧିକାରୀଙ୍କ ପରିବାରର ଜବ୍‌କାର୍ଡ ଆଧାରରେ ମଜୁରୀ ବାବଦକୁ ସେମାନଙ୍କ ଜମାଖାତାକୁ ୨୨,୫୧୫ଟଙ୍କା ପ୍ରାପ୍ୟ ପ୍ରଦାନ କରିବାର ବିଧି ରହିଛି । ଏହି ପ୍ରାପ୍ୟ ପ୍ରଦାନରେ ବାଧକ ସାଜିଛି ପିଇଓଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ । ପିଇଓମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ସମୟରେ ସେମାନଙ୍କ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ (ଡିଏସସି) ବ୍ୟବହାର ହୋଇ ନ ପାରିବାରୁ ହିତାଧିକାରୀ ସେମାନଙ୍କ ପାଉଣା ହରାଇବେ ବୋଲି କୁହାଯାଉଛି । ସରକାରଙ୍କ ବାରଣ ସତ୍ତ୍ୱେ ପିଇଓମାନେ ଆନ୍ଦୋଳନକୁ ଓହ୍ଲାଇ ଥିଲେ। ସେମାନଙ୍କ ଅନୁପସ୍ଥିତିରେ ପଞ୍ଚାୟତରେ କୌଣସି କାର୍ଯ୍ୟ ବାଧାପ୍ରାପ୍ତ ହେବ ନାହିଁ ବୋଲି କୁହାଯାଇଥିଲା । ତେବେ କେଉଁ ପରିସ୍ଥିତିରେ ଗରୀବ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀମାନଙ୍କୁ ସେମାନଙ୍କ ମଜୁରୀ ପାଉଣା ହରାଇବାକୁ ପଡିବ ତାକୁ ନେଇ ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି । ଡିଏସ୍‌ସି ବିନା ମଜୁରୀ ଆବେଦନକୁ ରିଜେକ୍ଟ କରାଯାଇଥିବାରୁ ହରାଇଥିବା ମଜୁରୀ ହିତାଧିକାରୀମାନଙ୍କୁ ଆଉ ମିଳିବ ନାହିଁ ବୋଲି କୁହାଯାଉଛି ।

ସୂଚନା ଅନୁଯାୟୀ, ରସୁଲପୁର ବ୍ଲକର ୨୮ ପଞ୍ଚାୟତରେ ୨୦୨୧-୨୨ ଆର୍ଥିକ ବର୍ଷରେ ୨୦୭୩ଟି ପ୍ରଧାନମନ୍ତ୍ରୀ ଆବାସ(ନର୍ମାଲ) ଓ ୨୦୨୨-୨୩ ଆର୍ଥିକ ବର୍ଷରେ ଫନି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ୩୮୫ଟି ଘରକୁ ମିଶାଇ ମୋଟ ୨୪୫୮ ହିତାଧିକାରୀମାନଙ୍କୁ ଘର ଯୋଗାଇ ଦିଆଯାଇଛି । ଉକ୍ତ ହିତାଧିକାରୀମାନଙ୍କ ମଧ୍ୟରୁ ଶତାଧିକ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ନିର୍ଦ୍ଧାରିତ ମଜୁରୀ ପ୍ରାପ୍ୟ ଯାଇପାରି ନାହିଁ। ଅଧିକାଂଶ ହିତାଧିକାରୀଙ୍କ ପାଉଣା ପିଇଓମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ବେଳେ ଯାଇ ନ ଥିଲା । ୧୮ଅଗଷ୍ଟ,୨୦୨୩ରେ ପିଇଓମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସଂଘ ପକ୍ଷରୁ ମାସାଧିକାଳ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିଲା । ଏହି ଅବଧି ମଧ୍ୟରେ ପିଇଓମାନେ ପଞ୍ଚାୟତକୁ ଆସି ନ ଥିଲେ । ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ(ଜିଆରଏସ୍)

**ପିଇଓଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନେଇ ବିବାଦ**



ମଜୁରୀ ପାଉଣା ବାବଦକୁ ଡିମାଣ୍ଡ କରାଯାଇଥିଲା । ପିଇଓମାନଙ୍କ ଅସହଯୋଗ ଯୋଗୁ ମଜୁରୀ ପ୍ରାପ୍ୟ ଯାଇପାରି ନ ଥିଲା । ସେହିଭଳି ସ୍ଥିତି ଉପୁଜିଥିବା ବିଭିନ୍ନ ପଞ୍ଚାୟତ ମଧ୍ୟରୁ କେତେଗୋଟି ପଞ୍ଚାୟତର ସ୍ଥିତି ଯାଞ୍ଚ କରିବା ପରେ ଚିତ୍ର ସ୍ପଷ୍ଟ ହୋଇପାରିଛି। ଆବଶ୍ୟକ ଅର୍ଥରାଶିଠାରୁ କମ୍ ପାଉଣା ପାଇଥିବା ହିତାଧିକାରୀମାନଙ୍କ ମଧ୍ୟରୁ ଭୋଟକା ପଞ୍ଚାୟତରେ ୨ଜଣ, ବାରବାଟୀ ପଞ୍ଚାୟତରେ ୩ଜଣ, ଅତଲାପୁର ପଞ୍ଚାୟତରେ ୪ଜଣ, ବନ୍ଧଡିହ ପଞ୍ଚାୟତରେ ୯ଜଣ ହିତାଧିକାରୀଙ୍କ ଭଳି ଏକାଧିକ ପଞ୍ଚାୟତରେ ଶତାଧିକ ହିତାଧିକାରୀଙ୍କୁ ମଜୁରୀ ବାବାଦ ଅର୍ଥ ପାଇବାରୁ ବଞ୍ଚିତ ହେବାକୁ ପଡିଛି । ଏ ଦିଗରେ ହିତାଧିକାରୀ ଅଞ୍ଚ ଥିବା ବେଳେ ସେମାନଙ୍କ ମଜୁରୀ ଅର୍ଥ ନେଇ ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ପାଇଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇପାରୁ ନ ଥିବା ଅଭିଯୋଗ ହେଉଛି । ପିଇଓମାନଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ବେଳେ କୌଣସି ସରକାରୀ କାର୍ଯ୍ୟବାଧାପ୍ରାପ୍ତ ହେବ ନାହିଁ ବୋଲି ସରକାର ଘୋଷଣା କରିଥିଲେ । ପିଇଓମାନଙ୍କ ଡିଏସ୍‌ସି ବ୍ୟବହାର କରିବା ଦାୟିତ୍ୱ ବିଡିଓମାନଙ୍କୁ ପ୍ରଦାନ କରାଯାଇଥିଲା । ଏ ସବୁ ସତ୍ତ୍ୱେ ହିତାଧିକାରୀମାନେ ମଜୁରୀ ପାଉଣାରୁ ବଞ୍ଚିତ ହେବାକୁ ନେଇ କାହାକୁ ଦାୟୀ କରାଯିବ ତାହା ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ହିତାଧିକାରୀମାନେ ସେମାନଙ୍କ ପାଉଣା କିପରି ପାଇବେ ସେ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇ ନଥିବା ଜଣାଯାଇଛି।

ଏ ଦିଗରେ ଏନ୍‌ଜିଏନଆର୍‌ଜିଏସ ବ୍ଲକ ମୁଖ୍ୟ ଏପିଓ ସୁଚିସ୍ମିତା ଜେନାଙ୍କୁ ପଚାରିବାରୁ ଏହି ଭଳି ସମସ୍ୟାରେ ବ୍ଲକରୁ କେତେଜଣ ହିତାଧିକାରୀ ପ୍ରଭାବିତ ହୋଇଛନ୍ତି ସେ ସମ୍ପର୍କରେ ଅନୁଧ୍ୟାନ ନ କରିବା ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦେଇପାରିବି ନାହିଁ । ଏହାଛଡ଼ା ପିଇଓମାନଙ୍କ ଆନ୍ଦୋଳନ ଅବଧି ସମୟରେ ଡିମାଣ୍ଡ ହୋଇଥିବା ମଜୁରୀ ତାଲିକା ମଷ୍ଟରରୋଲରେ ଜିଆରଏସ୍‌ମାନେ ଜିରୋ ପକାଇ ଦେଇଥିଲେ, ସେମାନଙ୍କ ପୁଣିଥରେ ଡିମାଣ୍ଡ କରାଯାଇ ପାରିବ । ଯଦି ଡିମାଣ୍ଡକୁ ରିଜେକ୍ଟ କରି ଦିଆଯାଇଥିବ ତେବେ ହିତାଧିକାରୀମାନଙ୍କୁ ମଜୁରୀ ପାଉଣା ପ୍ରଦାନ କରିବାରେ ସମସ୍ୟା ଦେଖାଦେବ । ତେବେ ସେହିଭଳିସ୍ଥିତି କେଉଁ ହିତାଧିକାରୀମାନଙ୍କ କ୍ଷେତ୍ରରେ ଦେଖାଦେଇଛି ତାକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରି ବିଡିଓଙ୍କ ନଜରକୁ ଆଣିବେ ବୋଲି ସୂଚନା ଦେଇଛନ୍ତି ।

## ଡେକୋ କର୍ମଚାରୀ ଧାରଣା ୩୦ ଯାଏ ସ୍ଥଗିତ

**କାଳିଆପାଣି,୨୩।୭(ଅସିତ ମହାନ୍ତ):**

ସୋମବାରଠାରୁ ଖଣି ନିଗମ ସୁକୁରଙ୍ଗି ଖଣିରେ ବିଭିନ୍ନ ଦାବି ନେଇ ଚାଲିଥିବା କର୍ମଚାରୀଙ୍କ ଧାରଣାକୁ ମଙ୍ଗଳବାରଠାରୁ ହଟାଇ ଦିଆଯାଇଛି । ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ତ୍ରିପାକ୍ଷିକ ଆଲୋଚନାରେ ଏହି ନିଷ୍ପତ୍ତି ନିଆଯାଇଛି । ଉପମୁଖ୍ୟ ଶ୍ରମ ଆୟୁକ୍ତ ଏସ୍.ସମ୍ପଦ କୁମାରଙ୍କ ମଧ୍ୟସ୍ଥତାରେ ଅନୁଷ୍ଠିତ ଏହି ବୈଠକରେ ଖଣି ନିଗମ ଏଜିଏମ୍ ମଳୟ ରଞ୍ଜନ କର, ଆଞ୍ଚଳିକ ପରିଚାଳକ ଇଂ.ଆଶିଷ ସାମନ୍ତରାୟ, ଶ୍ରମିକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ନାରାୟଣ ଧୀର, ଓଏମ୍‌ସି କର୍ମଚାରୀ ମହାସଂଘର ସମ୍ପାଦକ ଅକ୍ଷୟ ସାମଲ, ଏସ୍‌ଆର୍‌ସିକେଏମ୍‌ଏସ୍‌ର ସାଧାରଣ ସମ୍ପାଦକ ଭରତ ମହାନ୍ତ, ଉପସଭାପତି ପ୍ରଭାତ ପ୍ରଧାନ, ଡେକୋର ବରିଷ୍ଠ ଅଧିକାରୀଙ୍କ ସହ ଉଭୟ ଖଣିର ଶ୍ରମିକଙ୍କ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ନିଷ୍ପତ୍ତି ଅନୁଯାୟୀ ଡେକୋ ଓ କେସିସି କର୍ତ୍ତୃପକ୍ଷ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମୟ ଲୋଡ଼ିଥିବାରୁ ଆନ୍ଦୋଳନକୁ ହଟାଇ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଥିଲା । ଏଣୁ ମଙ୍ଗଳବାରଠାରୁ ଶ୍ରମିକ ଆନ୍ଦୋଳନକୁ ସାମୟିକ ଭାବେ ଉଠାଇ ଦିଆଯାଇଛି ବୋଲି ମହାନ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।



ଶ୍ରମ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ଆଲୋଚନାରେ ଅଂଶଗ୍ରହଣ କରିଥିବା ସଦସ୍ୟମାନେ ।

## ଆଶାବାଡ଼ି ତୁଷ୍ଟୀକରଣ ବଜେଟ

**ଯାଜପୁର,୨୩।୭(ହର୍ଷବର୍ଦ୍ଧନ ବେହେରା):**

**ଯାଜପୁର-ଧାମରା ରେଳପଥ ସଂଗ୍ରାମ ସମିତି ଆବାହକଙ୍କ ପ୍ରତିକ୍ରିୟା**

ନିଜ ଦଳର ସଂଖ୍ୟା ଗରିଷ୍ଠତା ନ ଥାଇ ମେଣ୍ଟଭୁକ୍ତ ଦଳମାନଙ୍କ ଆଶାବାଡ଼ି ଧରି କ୍ଷମତାସୀନ ହୋଇଥିବା ତୃତୀୟ ମୋଦି ସରକାରର ପ୍ରଥମ ବଜେଟ୍ କେବଳ ଏହି ଆଶାବାଡ଼ି ତୁଷ୍ଟୀକରଣର ଲକ୍ଷ୍ୟ ବହନ କରିଛି। ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେଲେ ଓଡ଼ିଶା ଉପକୃତ ହେବ ବୋଲି ଯେଉଁ ଆଶା ଥିଲା ଏହି ବଜେଟ୍‌ରେ ନିରାଶ କରିଛି। କେବଳ ମିଳିଛି ପୂର୍ବୋଦୟ ଯୋଜନାର ଉପରଠାଉରିଆ ପ୍ରତିଶ୍ରୁତି ଓ ପର୍ଯ୍ୟଟନ ବିକାଶର ଆଶ୍ୱାସନା ବୋଲି ଯାଜପୁର-ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ମତବ୍ୟକ୍ତ କରିଛନ୍ତି।

ସେ ଆହୁରି କହିଛନ୍ତି, ସାରା ଦେଶର କୃଷିଜୀବୀ ଓ ଶ୍ରମଜୀବୀ ଜନସାଧାରଣଙ୍କୁ ମଧ ଏହି ବଜେଟ୍ ନିରାଶ କରିଛି। ଋଣଗ୍ରସ୍ତ ଚାଷୀର ଋଣଭାର ଲାଘବ କରିବା କିମ୍ବା ଫସଲର ଲାଭଜନକ ଦରକୁ ସୁନିଶ୍ଚିତ କରିବା ପାଇଁ ଏହି ବଜେଟ୍‌ରେ ବ୍ୟବସ୍ଥା ନାହିଁ। ଚାଷୀର ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇଁ ସାର ସମେତ ଅନ୍ୟାନ୍ୟ କୃଷି ଉପକରଣ ଉପରେ ରିହାତି ବଢ଼ାଇବାର କୌଣସି ପ୍ରସ୍ତାବ ବଜେଟ୍‌ରେ ଦେଖିବାକୁ ମିଳିନାହିଁ। ଯେତେବେଳେ ଦେଶର ଯୁବତୀଯୁବକଙ୍କ ମଧ୍ୟରୁ ଶତକଡ଼ା ୮୩ ଭାଗ ବେକାର ଅଛନ୍ତି ଓ ବେକାରୀ ବୃଦ୍ଧି ହାର ୮.୧ ଶତାଂଶରେ ପହଞ୍ଚିଛି, ସେତେବେଳେ ବେକାର ସମସ୍ୟାର ପ୍ରତିକାରକୁ ଛାଡି ଦିଆଯାଇଛି । କେନ୍ଦ୍ର ସରକାରଙ୍କ ନିଜସ୍ୱ ସ୍ୱୀକାରୋକ୍ତି ଅନୁଯାୟୀ କେନ୍ଦ୍ର ସରକାରୀ ଚାକିରୀରେ ଖାଲିପଡିଥିବା ୯ ଲକ୍ଷ ୭୯ ହଜାର ପଦବୀ ପୂରଣ ପାଇଁ ଯଦି ବଜେଟ୍‌ରେ ବ୍ୟବସ୍ଥା କରାଯାଇଥାନ୍ତା, ତାହା ହୁଏତ ଦେଶର ବେକାର ସମସ୍ୟାକୁ କିଛି ମାତ୍ରାରେ ଆଶ୍ୱସ୍ତ କରିଥାନ୍ତା। ବଜେଟ୍‌ରେ ଗରିବ ଲୋକ ତଥା ଚାଷୀ ଓ ଶ୍ରମଜୀବୀଙ୍କ ଆୟ ଓ ରୋଜଗାର ବୃଦ୍ଧି ବଦଳରେ ବହୁ ଦଶନ୍ଧି ଧରି କାର୍ଯ୍ୟକାରୀ ହେଉଥିବା ଯୋଜନା ଓ ପ୍ରତିଷ୍ଠିତ ହୋଇଥିବା ଅନୁଷ୍ଠାନଗୁଡିକର ବାମପାର୍ଶ୍ୱରେ ପ୍ରଧାନମନ୍ତ୍ରୀ ଶବ୍ଦଟିକୁ ସଂଯୋଗ କରି ଯଶ ଆତ୍ମସାତ୍‌ର ପ୍ରୟାସକୁ ଅଧିକ ଦୃଢ଼ୀଭୂତ କରାଯାଇଛି। ମୁଦ୍ରାସ୍ଫୀତି ଶତକଡା ଚାରି ଭାଗରେ ସୀମିତ ରହିବ ବୋଲି ବଜେଟ୍‌ରେ ଯେଉଁ ଘୋଷଣା କରାଯାଇଛି, ତାହା ଏକ ଫମ୍ପା ଆବାଜ ବ୍ୟତୀତ ଅନ୍ୟ କିଛି ନୁହେଁ।

ପୁଣି ପେଟ୍ରୋଲ, ଡିଜେଲ ଓ ଖାଦ୍ୟ ସାମଗ୍ରୀ ତଥା ନିତ୍ୟ ପ୍ରୟୋଜନୀୟ ଜିନିଷପତ୍ରକୁ ମହଙ୍ଗା ରଖିବାବେଳେ ସୁନା, ରୁପା କିମ୍ବା ପ୍ଲାଟିନମକୁ ଶସ୍ତା କରି ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବ ବୋଲି କହିବା ଆସ୍ୱାଳନ ବ୍ୟତୀତ ଅନ୍ୟ କିଛି ନୁହେଁ।

## ଗୋଷ୍ଠୀ ଋଣ ପରିଶୋଧକୁ ନେଇ ମାରପିଟ୍

**ରସୁଲପୁର,୨୩।୭(ରଞ୍ଜିତ ରାଉତ):**

ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ପାରିକଇଁଚି ଗ୍ରାମର ବୁଲୁ ଓରଫ ଆଶିଷ ବୋଇତାଇଙ୍କୁ ସେହି ପଞ୍ଚାୟତ ଗନ୍ଧଣ ଗ୍ରାମର ସରସ୍ୱତୀ ବେହେରା ଗ୍ରୁପ୍‌ରୁ ୧ଲକ୍ଷ ୩୨ହଜାର ଟଙ୍କା ଋଣ କରାଇ ଦେଇଥିଲେ । ଉକ୍ତ ଋଣ ନେବାରେ ବନ୍ଦନା ଦେଓ ସାକ୍ଷୀ ରହିଥିଲେ । ଋଣ ଗ୍ରହିତା ଆଶିଷ ଦୀର୍ଘଦିନ ହେବ ଋଣ ନେଇ ପରିଶୋଧ କରିବାରେ ବିଫଳ ହୋଇଆସୁଥିଲେ । ମଙ୍ଗଳବାର ସରସ୍ୱତୀ ଓ ସାକ୍ଷୀ ବନ୍ଦନା ସାଥୀ ହୋଇ ପାରିକଇଁଚିସ୍ଥିତ ଆଶିଷଙ୍କ ଘରକୁ ଯାଇଥିଲେ । ଆଶିଷ ଘରେ ନ ଥିବାରୁ ସେମାନେ ଫେରି ଆସିଥିଲେ । ଦ୍ୱି-ପ୍ରହରରେ ଆଶିଷ ଘରକୁ ଫେରିବା ଜାଣି ଉଭୟ ମହିଳା ପୁଣିଥରେ ତାଙ୍କ ପାଖକୁ ଯାଇଥିଲେ । ଋଣ ଗ୍ରହିତାକୁ ଟଙ୍କା ମାଗିବାରୁ ପରିବାର ଲୋକେ ମିଳିମିଶି ଉଭୟ ସରସ୍ୱତୀ ଓ ସାକ୍ଷୀ ବନ୍ଦନାକୁ ମରଣାତ୍ମକ ଆକ୍ରମଣ କରିଥିଲେ ବୋଲି ସେମାନେ ଥାନାରେ ଅଭିଯୋଗ କରିଛନ୍ତି । ଉକ୍ତ ଘଟଣାକୁ ନେଇ ଥାନାରେ ପୋଲିସ ଏକ ମାମଲା(ନଂ-୩୨୦/୨୪)ରୁଜୁ କରିଛି। ଅପରପକ୍ଷେ ଆଶିଷଙ୍କ ମା ଅନ୍ନପୂର୍ଣ୍ଣା ବୋଇତାଇଙ୍କ ଅଭିଯୋଗ କ୍ରମରେ ପୋଲିସ ଥାନାରେ ଆଉ ଏକ ମାମଲା(ନଂ-୩୨୧/୨୪) ରୁଜୁ କରିଛି। ଉକ୍ତ ମାମଲାରେ ଅନ୍ନପୂର୍ଣ୍ଣା ଅଭିଯୋଗ କରିଛନ୍ତି, ତାଙ୍କ ପୁଅ ଆଶିଷ ଘରକୁ ଫେରୁଥିବା ସମୟରେ ସରସ୍ୱତୀ ଓ ବନ୍ଦନାଙ୍କ ପରିବାର ଲୋକେ ତାଙ୍କଠାରୁ ସାଇକେଲ ଛଡାଇ ନେବା ସହିତ ମାଡ ମାରିଥିଲେ। ଏହାକୁ ମା'ଅନ୍ନପୂର୍ଣ୍ଣା ପ୍ରତିବାଦ କରିବାରୁ ତାକୁ ସେମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଉଭୟ ଅଭିଯୋଗକୁ ଆଧାର କରି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ସଫେଇ କର୍ମଚାରୀମାନଙ୍କୁ ମିଳିନାହିଁ ୨ ମାସର ଦରମା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ସଫେଇ କର୍ମଚାରୀ ।

**ଯାଜପୁର ଟାଉନ,୨୩।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :**

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କର୍ମଚାରୀ**

ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ସଫେଇ କର୍ମଚାରୀମାନଙ୍କୁ ୨ମାସ ହେବ ମାସିକ ପ୍ରାପ୍ୟ ମିଳିନାହିଁ । ଫଳରେ ମଙ୍ଗଳବାର ସେହି ସଫେଇ କର୍ମଚାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଧାରଣାରେ ବସିଥିଲେ। ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଛି।

ସୂଚନା ଅନୁଯାୟୀ, ଯାଜପୁର ସଦର ମହକୁମା ଚିକିତ୍ସାଳୟରେ ସଫେଇ କାର୍ଯ୍ୟକରିବା ପାଇଁ ଏକ ଘରୋଇ କମ୍ପାନୀକୁ ଟେଣ୍ଡର ଦିଆଯାଇଛି। ଏହି ଟେଣ୍ଡର ନେଇଥିବା କମ୍ପାନୀ ସଫେଇ କର୍ମଚାରୀମାନଙ୍କୁ ଲଗାଇ କାମ କରୁଛି। ଉକ୍ତ ସଂସ୍ଥା ଦ୍ୱାରା ୫୦ଜଣ ସଫେଇ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ହେଲେ ସେମାନଙ୍କୁ ମାସିକ ପ୍ରାପ୍ୟ ଠିକ୍ ଭାବେ ଦିଆଯାଉ ନ ଥିବା, କର୍ମଚାରୀଙ୍କୁ ଛୁଟି ମିଳୁ ନ ଥିବା, ଶ୍ରମ ଆଇନକୁ ଉଲ୍ଲଂଘନ କରାଯାଉଥିବା ଆଦି ବିଭିନ୍ନ ଅଭିଯୋଗ ନେଇ ତୃତୀୟ ଥର ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି କର୍ମଚାରୀମାନେ ଧାରଣା ଦେଇଛନ୍ତି। ପୂର୍ବରୁ ଗତ ମେ ମାସରେ ଜିଲା ମୁଖ୍ୟଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀମାନେ ଧାରଣା ଦେଇଥିବାବେଳେ ମୁଖ୍ୟ ଚିକିତ୍ସାଧିକାରୀଙ୍କ ତାଗିଦ ପରେ ସମ୍ପୃକ୍ତ ଠିକା ସଂସ୍ଥାଙ୍କ ପ୍ରତିଶ୍ରୁତି ପରେ ପୁଣି କାର୍ଯ୍ୟରେ ଯୋଗଦେଇଥିଲେ ସଫେଇ କର୍ମଚାରୀ। ମାତ୍ର ୨ମାସ ପରେ ସମ୍ପୃକ୍ତ ଠିକା ସଂସ୍ଥା ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ପୁନର୍ବାର ୫୦ଜଣ ସଫେଇ କର୍ମଚାରୀ ଜିଲାପ୍ରଶାସନର ଦ୍ୱାରସ୍ଥ ହୋଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସମସ୍ୟାର ସମାଧାନ ପାଇଁ ସଂପୃକ୍ତ ଠିକାସଂସ୍ଥାକୁ ତାଗିଦ୍ କ୍ରମେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବାବାମଣି ଫୁଡ୍ସ ଗୋଦାମରୁ ଚୋରି

**ରସୁଲପୁର,୨୩।୭(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ବାବାମଣୀ ଫୁଡ୍ସ ଗୋଦାମରୁ ଚୋରି ହୋଇଯାଇଛି । ମଙ୍ଗଳବାର ସକାଳୁ ଗୋଦାମ ମାଲିକ ବୈଷ୍ଣବ ଚରଣ ପଣ୍ଡା ଗୋଦାମ ଚାବି ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଗୋଦାମ ଭିତରକୁ ନ ଯାଇ ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ । ଥାନା ଅଧିକାରୀ ଓ ସହଯୋଗୀମାନେ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ । ବୁଧବାର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରାଯିବ । ପୋଲିସ ପକ୍ଷରୁ ଗୋଦାମକୁ ସିଲ୍ କରିଦିଆଯାଇଛି । ଘର ଭିତରକୁ କାହାରିକୁ ପ୍ରବେଶ କରିବାକୁ ଦିଆଯାଉ ନାହିଁ । ଗୋଦାମ ଭିତରେ ଥିବା ଲୁହା କାଠ ବାକ୍ସରେ ୧ଲକ୍ଷ୧୨ ହଜାର ଟଙ୍କା ଥିଲା । ଉକ୍ତ ଟଙ୍କା ଚୋରି ହୋଇଥାଇ ପାରେ ବୋଲି ଗୋଦାମ ମାଲିକ ସନ୍ଦେହ କରିଛନ୍ତି । ତେବେ ତଦନ୍ତ ଜାରି ରହିଥିବାରୁ ପୋଲିସ ପକ୍ଷରୁ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଉ ନାହିଁ । କୁଆଖିଆ ବଜାରରେ ରାତି ଜଗୁଆଳ ଅଛନ୍ତି । ପୋଲିସ ପାଟ୍ରୋଲିଂ ଚାଲିଛି । ଅଥଚ ଉକ୍ତ ଗୋଦାମରୁ ଚୋରି ହେବା ଘଟଣା ଚିନ୍ତାରେ କାରଣ ହୋଇଛି । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୩୧୭/୨୪) ରୁଜୁ କରିଛି।

## ୱାର୍କଶପ୍‌ରୁ ଚୋରି, ଥାନାରେ ମାମଲା

**ରସୁଲପୁର,୨୩।୭(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ବଡକଇଁଚି ପଞ୍ଚାୟତ ଗୋପୀନାଥପୁର ହନୁମାନ ମନ୍ଦିର ଛକରେ ଥିବା ୱାର୍କସପ୍‌ରୁ ଚୋରି ହୋଇଯାଇଛି। ଏ ନେଇ ଦୋକାନ ମାଲିକ ରାଜ କିଶୋର ଦାସ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଘଟଣାରୁ ପ୍ରକାଶ ଯେ, ଗତ ୨୨ ତାରିଖ ରାତିରେ ଦୋକାନର ଲୁହା କବାଟ୍ ଭାଙ୍ଗି ଚୋରମାନେ ଦୋକାନରେ ଥିବା ମୋଟର କଏଲ, ଫ୍ୟାନ କଏଲ, ମଟର ମରାମତିରେ ବ୍ୟବହୃତ ସାମଗ୍ରୀ ଚୋରି କରି ନେଇଛନ୍ତି। ଏହାଛଡା ଦୋକାନରେ ଥିବା ଟଙ୍କା ମୁଣିଟିକୁ ନେଇ ଯାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବାରୁ ପୋଲିସ ପକ୍ଷରୁ ଏକ ମାମଲା(ନଂ.୩୧୯/୨୪) ରୁଜୁ କରାଯିବା ସହ ତଦନ୍ତ ଜାରି ରହିଛି।

# ଦୁର୍ଦ୍ଦିନରେ ବିସ୍ଥାପିତ ଗାଡ଼ି ମାଲିକ

**ଯାଜପୁର,୨୩।୭(ହର୍ଷବର୍ଦ୍ଧନ ବେହେରା) :**

**କଳିଙ୍ଗନଗର ଶିଳ୍ପାଞ୍ଚଳ**

- ରାଜ୍ୟ ବାହାରର ପରିବହନ ସଂସ୍ଥାକୁ ପ୍ରାଧାନ୍ୟ
- ଭୋକ ଉପାସରେ ଦିନ କାଟୁଛନ୍ତି ବିସ୍ଥାପିତ ପରିବାର

କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସୁକିନ୍ଦା ଖଣି ଅଞ୍ଚଳରେ ରାଜ୍ୟ ବାହାର ପରିବହନ ଠିକାସଂସ୍ଥାକୁ ଅଧିକ ପ୍ରାଧାନ୍ୟ ମିଳିଥିବାରୁ ସ୍ଥାନୀୟ ତଥା ଶିଳ୍ପ ବିସ୍ଥାପିତ ଟ୍ରକ ମାଲିକମାନେ ଏବେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ସ୍ଥାନୀୟ ଗାଡ଼ି ମାଲିକଙ୍କ ରୋଜଗାରକୁ ବନ୍ଦ କରିବାର ଚକ୍ରାନ୍ତ ଏଠାରେ ଏକ ପ୍ରକାର ସଫଳ ହୋଇଛି। ଏଥିରେ ରାଜନୈତିକ ଅଭିସନ୍ଧି ରହିଛି ବୋଲି ଅଭିଯୋଗ କରାଯାଇଛି । ଯାଜପୁର ଜିଲାର କଳିଙ୍ଗନଗର ଅଞ୍ଚଳରେ ହୋଇଥିବା ଶିଳ୍ପାୟନରୁ ବହୁ ପରିବାର ବିସ୍ଥାପିତ ଜମିହରା ହୋଇଛନ୍ତି । କ୍ଷତିପୂରଣ ପାଇବାରେ ପ୍ରତାରିତ ହେବା ସହ ଥଇଥାନରେ ସେମାନେ ଉପେକ୍ଷିତ ହୋଇଛନ୍ତି । ଶିଳ୍ପ, କାରଖାନା ଓ ଖଣି ଯୋଗୁ ପରିବେଶ ଓ ଚାଷବାଷ କ୍ଷତିଗ୍ରସ୍ତ ହୋଇଛି । ଲୋକଙ୍କ ଦୁଃଖ ନା ଶିଳ୍ପ ସଂସ୍ଥା ଶୁଣିଛନ୍ତି ନା ପ୍ରଶାସନ ସେମାନଙ୍କ ସହାୟ ହୋଇଛି । ଓଲଟା ପ୍ରତିବାଦ କଲେ ପ୍ରଶାସନ ଓ ପୋଲିସ ଶିଳ୍ପ ସଂସ୍ଥା ସପକ୍ଷରେ ଛିଡା ହୋଇଛନ୍ତି । ଫଳରେ ବିସ୍ଥାପିତ ହୋଇ ଯେଉଁ କ୍ଷତିପୂରଣ ଟଙ୍କା ମିଳିଥିଲା ସେଥିରେ ଗାଡ଼ି ଖଣ୍ଡେ କରି ଜୀବିକା ନିର୍ବାହ ଆଶା ମଧ୍ୟ ଫସର ଫାଟିଛି ବୋଲି ମତ ପ୍ରକାଶ ପାଇଛି।

ଯାଜପୁର ଜିଲା କଳିଙ୍ଗନଗରରେ ନବେ ଦଶକରୁ ବିପୁଳ ପରିମାଣରେ



କଳିଙ୍ଗନଗର ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଅନ୍ୟ ରାଜ୍ୟ ପରିବହନ ସଂସ୍ଥା ଗାଡ଼ି ।

ସରକାରୀ ଓ ସାଧାରଣ ପ୍ରଜାଙ୍କ ଜମି ଅଧିଗ୍ରହଣ ହୋଇଥିଲା । ସେହି ସମୟରେ ସାଧାରଣ ପ୍ରଜାଙ୍କ ଜମିର ମୂଲ୍ୟ କମ ଆକଳନ କରାଯାଇଥିଲା। ବହୁ ଦାବି ପରେ ସାରଦ-୨ କିସମ ଜମିର ମୂଲ୍ୟ ଏକର ପ୍ରତି ୧ ଲକ୍ଷ ୫୭ ହଜାର ଟଙ୍କା ଓ ପତିତ ଜମିର ମୂଲ୍ୟ ୧ ଲକ୍ଷ ଟଙ୍କା ମାତ୍ର ଚାଷୀ ପାଇଥିଲେ । ଏହିକ୍ରମରେ ଇଡ୍‌କୋ ଜରିଆରେ କେବଳ କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ୯ ହଜାରରୁ ଊର୍ଦ୍ଧ୍ୱ ଏକର ଜମି ଆବଣ୍ଟନ କରାଯାଇଛି। ଲୋକଙ୍କ ଜମିରେ ଏକାଧିକ ବଡ଼ ଶିଳ୍ପ କାରଖାନା ପ୍ରତିଷ୍ଠା ହୋଇଛି । କିନ୍ତୁ ଜମିହରାମାନେ ସର୍ବହରା ହୋଇ ନିଯୁକ୍ତି କିମ୍ବା ଅତିରିକ୍ତ କ୍ଷତିପୂରଣ ପାଇଁ ଅନଶନ, ଧାରଣା, ଆନ୍ଦୋଳନ କରୁଥିଲେ ବି ସରକାର କର୍ଣ୍ଣପାତ କରୁନାହାନ୍ତି। ଲକ୍ଷେରୁ ଦେଢ ଲକ୍ଷ ଟଙ୍କା ମଧ୍ୟରେ ସଂପୃକ୍ତ ଶିଳ୍ପ କମ୍ପାନୀ ଅତିରିକ୍ତ ସହାୟତା ପ୍ରଦାନ କରି ନିଜର କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହା କଳିଙ୍ଗନଗର ଅଞ୍ଚଳରେ ଏବେ ଜମିହରାମାନଙ୍କ ମଧ୍ୟରେ ଅସନ୍ତୋଷର କାରଣ ହୋଇଛି । ଅନ୍ୟପକ୍ଷେ ଯେଉଁ ଜମିହରାମାନେ ଚାକିରୀ ନ କରି ଟ୍ରକ କିମ୍ବା ଅନ୍ୟ ଗାଡି କିଣି ବ୍ୟବସାୟ କରିବାକୁ ଚାହିଁଲେ ତାହା ବି ହେଲା ନାହିଁ। ଖଣି ଓ ଶିଳ୍ପରେ ପରିବହନ ପାଇଁ ରାଜ୍ୟ ବାହାରର ଟ୍ରକ ମାଲିକମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ବିଭିନ୍ନ ସମୟରେ ଟ୍ରକ ମାଲିକମାନେ ଆନ୍ଦୋଳନ ଦାବି କରି ଥିଲେ ହେଁ କିଛି ସୁଫଳ ମିଳି ପାରିନାହିଁ। ଫଳରେ ୨ ହଜାରରୁ ଊର୍ଦ୍ଧ୍ୱ ଜମିହରା, ବିସ୍ଥାପିତମାନେ ସେମାନଙ୍କ ଟ୍ରକଗୁଡ଼ିକୁ ବିକ୍ରୀ କରି ଦେଇଥିବା ଏବେ ସୂଚନା ମିଳିଛି। ସେମାନଙ୍କ ପରିବାରବର୍ଗ ବହୁ ଅଭାବ ଅନଟନରେ କାଳାତିପାତ କରୁଥିବା ମତପ୍ରକାଶ ପାଇଛି। ଏବେ ବି କଳିଙ୍ଗନଗର ଶିଳ୍ପାଞ୍ଚଳରେ ରାଜ୍ୟ ବାହାରର ଗାଡ଼ିଗୁଡ଼ିକ ଠିଆ ହୋଇଥିବା ଦେଖିବାକୁ ମିଳିଛି। ଏଥିରେ ସ୍ଥାନୀୟ ନିଯୁକ୍ତି ତ ବହୁ ଦୂରର କଥା ବ୍ୟବସାୟ କରିବାକୁ ମଧ ବାହାର ଲୋକଙ୍କୁ ଅଧିକ ସୁବିଧା ମିଳୁଥିବା ମତପ୍ରକାଶ ପାଇଛି। ଜୋରଜବରଦସ୍ତ ଜମି ଅଧିଗ୍ରହଣ ପାଇଁ କଳିଙ୍ଗନଗର ଆଦିବାସୀଙ୍କୁ ବନ୍ଧୁକ ମୁନରେ ହତ୍ୟା ଭଳି ଘଟଣା ଦେଖିବାକୁ ମିଳିଛି । ଏହାକୁ ନେଇ ଦୀର୍ଘଦିନ ଧରି ଲୋକଙ୍କ ମଧ୍ୟରେ ରହିଥିବା ରାଗ ଓ ଆକ୍ରୋଶ ଉଗ୍ରରୂପ ନେବାରେ ଲାଗିଛି । ନିକଟରେ କେତେକ କାରଖାନା ଫାଟକରେ ତାଲା ପଡିଥିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଆଗକୁ ଏଭଳି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି କେତେକ ସଂଗଠନ ପକ୍ଷରୁ ସୂଚନା ମିଳିଛି।

ଏ ସଂକ୍ରାନ୍ତରେ ମା ହିଙ୍ଗୁଳା ଟ୍ରକ ଆସୋସିଏଶନର ସଭାପତି ରାଜେନ୍ଦ୍ର କୁମାର ସାମଲ କୁହନ୍ତି,ରାଜ୍ୟ ବାହାରର ପରିବହନ ସଂସ୍ଥା, କାରଖାନା କର୍ତ୍ତୃପକ୍ଷ, ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ ମିଳିତ ଭାବେ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସ୍ଥାନୀୟ ଗାଡ଼ି ମାଲିକମାନଙ୍କୁ ଉପେକ୍ଷା କରିଥିଲେ। ଏପରି କି ଆନ୍ଦୋଳନ କରିବାକୁ ଗଲେ ପୋଲିସର ଭୟ ଦେଖାଇଲେ। ଫଳରେ ସ୍ଥାନୀୟ ବିସ୍ଥାପିତ ଗାଡ଼ି ମାଲିକମାନେ କାମଧନ୍ଦା ନ ପାଇ ଗାଡ଼ି ବିକ୍ରୀ କରିବାକୁ ବାଧ୍ୟ ହେଲେ। ଏହାସହ କିସ୍ତୀ ଦେଇ ନ ପାରି କେତେକ ଋଣ ଲଗାଣକାରୀ ସଂସ୍ଥା ଗାଡ଼ିଗୁଡ଼ିକୁ ଟାଣି ନେଇଥିଲେ। ଏବେ ଜମିହରା ଓ ବିସ୍ଥାପିତମାନେ ଭୋକ ଉପାସରେ କାଳାତିପାତ କରୁଛନ୍ତି।

## କିଡ୍‌ନୀଜନିତ ରୋଗରେ ଯୁବକ ମୃତ

**ଝୁମ୍ପୁରୀ,୨୩।୭(ସରୋଜ ନାୟକ):**



ଯାଜପୁର ଜିଲା ଦଶରଥପୁର ବ୍ଲକ ଅଞ୍ଚଳର ଧୀରେନ୍ଦ୍ର କୁମାର ସାହୁ(୪୧)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସୋମବାର ରାତିରେ ସେ ଗୁରୁତର ହୋଇପଡିବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ଏହି ଖବର ପାଇବା ପରେ ସନ୍ତୋଷ ନନ୍ଦ, ସୁଦୀପ୍ତ କର, ସରୋଜ ମହାପାତ୍ର, ସୁବାସ ମହାନ୍ତି, ସଞ୍ଜୟ ନାୟକ, ଭରତ ଚନ୍ଦ୍ର ପରିଡ଼ା, ପ୍ରମୋଦ ପଣ୍ଡା, ଅଧର ଧଳ, ଲିପିକା ମଲିକ, ବିପିନ ରାୟ, ନିରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ, ରଞ୍ଜନ ପୃଷ୍ଟି, ବିମଳ ମଲିକ, ମଦନ ମଲିକ, ସୌମ୍ୟ ରଞ୍ଜନ ବେହେରା, ପୀତବାସ ବେହେରା, ପ୍ରଭାକର ସାହୁ, ଜ୍ୟୋତି ରଞ୍ଜନ ଜେନା, ନିହାର ରଞ୍ଜନ ସାମଲ,ବୃନ୍ଦାବନ ଜେନା, ରମାକାନ୍ତ ଜେନା, ଯତୀନ୍ଦ୍ର ନାଥ କର, ମହେଶ୍ୱର ଜେନା, ଦେବେନ୍ଦ୍ର ସାମଲ, ପାଣ୍ଡ ମଲିକ, ଶମ୍ଭୁନାଥ ଜେନା, ଦେବେନ୍ଦ୍ର ପଣ୍ଡା, ଚନ୍ଦ୍ରମଣି ପରିଡ଼ା, ସୁବ୍ରତ ସାମଲ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ତାଙ୍କର ୫ ବର୍ଷର ଝିଅ ଓ ୭ ମାସର ପୁଅ ଅଛନ୍ତି। ପୁତୁରା ନିହାର ରଞ୍ଜନ ସାହୁ ମୁଖାଗ୍ନି ଦେଇଥିଲେ।

# ଲିଙ୍ଗ ନିରୂପଣ ନିରୋଧୀ ନିୟମ ପ୍ରହସନ

■ ଆଦାୟ ହେଉଛି ମୋଟା ଅଙ୍କର ଅର୍ଥ
■ ସ୍ୱତନ୍ତ୍ର ତଦାରଖ କମିଟି କରାଯାଇ ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ

ଜଗତ୍‌ସିଂହପୁର, ୨୩।୭ (ପ୍ରମୋଦ କୁମାର ନାୟକ)

ଲୋକଙ୍କ ଭିତରେ ଏବେବି ଝିଅ, ପୁଅ ଭିତରେ ଭେଦଭାବ ରହିଛି। ଅଧିକାଂଶ ମା, ବାପା ପୁତ୍ର ସନ୍ତାନ ପାଇଁ ବ୍ୟାକୁଳ ଅଛନ୍ତି। ତେଣୁ ଗର୍ଭାଶୟରୁ ଲିଙ୍ଗ ଜାଣିବା ପାଇଁ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍ ଉପରେ ନିର୍ଭର କରୁଛନ୍ତି। ଯେହେତୁ ଲିଙ୍ଗ ନିରୂପଣ ଆଇନତଃ ଅପରାଧ ତେଣୁ ସମସ୍ତ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍ ସହଯୋଗ ପାଇଁ ଆଗେଇ ଆସୁନାହାନ୍ତି। ସମ୍ପର୍କ, ମାଧ୍ୟମ, ଦଲାଲ ଓ ମୋଟା ଅଙ୍କର ଅର୍ଥ କାରବାର ଯୋଗୁ ଅନେକ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍‌ରେ ଲୁଚାଛପାରେ ଲିଙ୍ଗ ନିରୂପଣ ଚାଲିଛି। ସୁପ୍ରିମକୋର୍ଟ ଲିଙ୍ଗ ନିରୂପଣକୁ ଅସିଦ୍ଧ ଘୋଷଣା କରିଛନ୍ତି। ଏହାକୁ ସାରା ଦେଶରେ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆମ ରାଜ୍ୟ ସରକାର ମଧ୍ୟ ଜିଲାଗୁଡ଼ିକୁ ଏ ସଂକ୍ରାନ୍ତରେ ଚିଠି କରି କୌଣସି ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ବ୍ୟତିକ୍ରମ ନ ହେବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏଥିରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଏକାଧିକ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ମୋଟା ଅଙ୍କର ଅର୍ଥ ବଳରେ ଲିଙ୍ଗ ନିରୂପଣ କରାଯାଉଥିବା ସଙ୍ଗିନ ଅଭିଯୋଗ ହେଉଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏ କ୍ଷେତ୍ରରେ ନୀରବ ରହିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରୁଛି।

ଜିଲାରେ ୨୦ରୁ ଅଧିକ ଅଲଟ୍ରାସାଉଣ୍ଡ କ୍ଲିନିକ ରହିଛି। ସେଗୁଡିକ ଯେପରି ନିୟମ ଖିଲାପ ନ କରିବେ ସେନେଇ ଜିଲା ପରାମର୍ଶ କମିଟି କାମ କରୁଛି। ନିୟମିତ ବ୍ୟବଧାନରେ ତଦାରଖ ହେଉଥିବା କୁହାଯାଉଛି। ବାସ୍ତବରେ କିନ୍ତୁ ଏହା କେବଳ କାଗଜପତ୍ରରେ ସୀମିତ ଅଛି। ଜିଲା ମୁଖ୍ୟାଳୟରେ ଥିବା ନର୍ସିଂହୋମ୍ ଓ କ୍ଲିନିକଗୁଡିକ ମଧ୍ୟରୁ ଏକାଧିକରେ ଲିଙ୍ଗ ନିରୂପଣ ହେଉଥିବା ବହୁବାର ଅଭିଯୋଗ ହୋଇଛି। କିନ୍ତୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ନର୍ସିଂହୋମ୍, କ୍ଲିନିକ୍ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ମଧ୍ୟରେ ଭିତିରି ବୁଝାମଣା ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅନେକ ଲୋକ ଅଭିଯୋଗରେ କହିଛନ୍ତି। ସରକାର ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି। ଅନ୍ୟପଟେ ଅନେକ ସମୟରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପିସିପିଏନ୍‌ଡିଟି (ପ୍ରି କନ୍‌ସେପ୍ସନ ଆଣ୍ଡ ପ୍ରି ନାଟାଲ ଡାଇଗ୍ନୋଷ୍ଟିକ ଟେକ୍‌ନିକ୍ୟୁଜ୍) ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହେଉଛି। ଏଥିରେ ଜିଲାପାଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଲିଙ୍ଗ ନିରୂପଣ ରୋକିବା ପାଇଁ ଆଲୋଚନା କରୁଛନ୍ତି। ଜିଲାସ୍ତରରୁ ସ୍ୱତନ୍ତ୍ର ତଦାରଖ କମିଟି ଗଠନ କରି ନିୟମିତ ବ୍ୟବଧାନରେ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡିକୁ ପରିଦର୍ଶନ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ନିଷ୍ପତ୍ତି ହେଉଛି। କିନ୍ତୁ ଲିଙ୍ଗ ନିରୂପଣ ବନ୍ଦ ହେଉନାହିଁ। ଅତୀତରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପଞ୍ଜିକୃତ କ୍ଲିନିକ୍‌ଗୁଡ଼ିକର ତାଲିକା ଗଣମାଧ୍ୟମରେ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଉଦ୍ଦେଶ୍ୟ ଥିଲା ଏଗୁଡିକର ତାଲିକା ଗଣମାଧ୍ୟମରେ ପ୍ରକାଶ ପାଇଲେ ଅଣପଞ୍ଜିକୃତ କ୍ଲିନିକଗୁଡ଼ିକୁ ପରୀକ୍ଷା ପାଇଁ ଲୋକେ ଯିବେନାହିଁ। କିନ୍ତୁ କିଛି ଫଳ ମିଳୁନାହିଁ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଶତ୍ରୁଘ୍ନ ଦାଶଙ୍କୁ ପଚାରିବାରୁ ସେ ନୂଆ ଦାୟିତ୍ୱ ନେଇଛନ୍ତି। ନିକଟରେ ଜିଲା ମୁଖ୍ୟାଳୟରେ ଥିବା ଏକ ନର୍ସିଂହୋମ୍‌ରେ ଚଢ଼ାଉ ହୋଇଥିଲା। ଆଗକୁ ଏହାକୁ କ୍ରିୟାଶୀଳ କରାଯିବ ବୋଲି ସେ କହିଛନ୍ତି।

# ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ପାଇଁ ୫ ଖେଳାଳି ମନୋନୀତ



ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାକୁ ମନୋନୀତ ହୋଇଥିବା ୫ ପ୍ରତିଯୋଗୀ।

କାଏମା/ଧର୍ମଶାଳା, ୨୩।୭ (ଶିବପ୍ରସାଦ ମହାନ୍ତି/ବଟକୃଷ୍ଣ ପରିଡ଼ା):

ଚଳିତ ମାସ ୨୧ ତାରିଖରେ ଯାଜପୁର ଟାଉନସ୍ଥିତ ମା'ବିରଜା କଲ୍ୟାଣ ମଣ୍ଡପଠାରେ ତୃତୀୟ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜାରକାସ୍ଥିତ(ପଣ୍ଡୁଆ) ଡ୍ରିମ୍‌ଲ୍ୟାଣ୍ଡ ସ୍କୁଲର ଛାତ୍ରୀଛାତ୍ର ଏଥିରେ ସଫଳତା ଅର୍ଜନ କରିଛନ୍ତି । ବାଳକ କ୍ୟୁରୋଗି ସୁପର ସବ୍‌ଜୁନିୟର ବିଭାଗରେ ସାଇକ୍ରିଷ୍ଣା ନାୟକ(୧୦ କେଜି) ସ୍ୱର୍ଣ୍ଣ , ଶ୍ରୀବାସ ଜେନା ସାମନ୍ତ(୨୨କେଜି)ସ୍ୱର୍ଣ୍ଣ, ଦିବେଶ ପାତ୍ର(୨୨କେଜି) କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ବାଳିକା ସୁପର ସବ୍‌ଜୁନିୟର ବିଭାଗରେ ଅପ୍ସରା ରାଉତରାୟ(୩୨ କେଜି)ସ୍ୱର୍ଣ୍ଣ,ଶ୍ରେୟସ୍ମିତା ପାଳ(୧୬ କେଜି) ରୌପ୍ୟ ପଦକ ହାସଲ କରି ନିଜ ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ସ୍କୁଲର ଅଧ୍ୟକ୍ଷା ଦେବାଶ୍ରିତା ନାୟକ, ଶିକ୍ଷୟିତ୍ରୀ ସ୍ମରଣିକା ସାମଲ,କ୍ରୀଡା ଶିକ୍ଷୟିତ୍ରୀ ନିହାରିକା ପଣ୍ଡାଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଅଗଷ୍ଟ ମାସରେ କଟକ ରାଜୀବ ଗାନ୍ଧୀ ଇଣ୍ଡୋର୍ ହଲରେ ହେବାକୁ ଥିବା ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଏହି ୫ ଜଣ ଖେଳାଳୀଙ୍କୁ ମନୋନୀତ କରାଯାଇଛି ।

## ସଂକ୍ଷେପରେ

### ନାବାଳକଙ୍କୁ ଛୁରାମାଡ଼

ବଡ଼ବିଲ, ୨୩।୭ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ବଜାର ନିକଟସ୍ଥ ନୋଡାଲ ସ୍କୁଲ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ନାବାଳକଙ୍କୁ ଅନ୍ୟ ଜଣେ ନାବାଳକ ଛୁରା ମାଡ କରି ଫେରାର ହୋଇଯାଇଛନ୍ତି। ଛୁରାମାଡ଼ରେ ନାବାଳକଙ୍କ ଛାତି ଓ ହାତରେ ଗଭୀର କ୍ଷତ ହୋଇଛି। ଗୁରୁତର ଅବସ୍ଥାରେ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଉଭୟ ନାବାଳକ ବଡବିଲ ଶ୍ରୀରାମ ନଗର ଅଞ୍ଚଳର। ଅଭିଯୁକ୍ତ ଜଣକ ୧୨ ବର୍ଷୀୟ ନାବାଳକ ବୋଲି ଜଣାପଡ଼ିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ବଡବିଲ ଥାନା ଆଇଆଇସି ରମାକାନ୍ତ ମୁଦୁଲି କହିଛନ୍ତି। ସୂଚନାଥାଉକି, ବଡବିଲ ଅଞ୍ଚଳରେ ଦିନକୁ ଦିନ ବାଳ ଅପରାଧୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏକାଧିକ ବାଳ ଅପରାଧୀଙ୍କୁ ସୁଧାର ଗୃହକୁ ପଠା ଯାଉଛି। ବାଳ ଅପରାଧୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପୋଲିସର ମୁଣ୍ଡ ବ୍ୟଥାର କାରଣ ହୋଇଛି।

### ଖବରଦାତାଙ୍କଠାରୁ ଲୁଟ୍ ଉଦ୍ୟମ

କାଏମା, ୨୩।୭(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ଥାନା ଜାରକା ଶଙ୍ଖାରିଢିଅ ନିକଟରେ ଜଣେ ଖବରଦାତାଙ୍କଠାରୁ ୨ ଜଣ ଲୁଟେରା ମୋବାଇଲ ଛଡେଇ ନେବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି । ଏହି ଥାନା ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁର ଗ୍ରାମର ଖବରଦାତା ସୁଶାନ୍ତ କୁମାର ସାହୁ ସୋମବାର ରାତି ପ୍ରାୟ ୮ଟା ସମୟରେ ଜାରକାରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିଲେ । ଏହି ସମୟରେ ଶଙ୍ଖାରିଢିଅ ଛକ ନିକଟରେ ୨ ଲୁଟେରା ଏକ ବାଇକ୍‌ରେ ଆସି ତାଙ୍କ ଶାର୍ଟ ପକେଟ୍‌ରେ ଥିବା ମୋବାଇଲକୁ ନେଇ ଯିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସୁଶାନ୍ତଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ଲୁଟେରାମାନେ ବିଫଳ ହୋଇ ବାଇକ୍ ନେଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ ।

### ପୂର୍ବ ଶତ୍ରୁତାରୁ ଆକ୍ରମଣ, ଜଣେ ଗୁରୁତର

ବରୀ, ୨୩।୭(ମହେନ୍ଦ୍ର ସ୍ୱାଇଁ)

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରତଲାଙ୍ଗ ପଞ୍ଚାୟତ ଖଜୁରୀ ପୋଖରୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ଯୋଗୁ ଜଣେ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ, ଖଜୁରୀ ପୋଖରୀ ଗ୍ରାମର ସହଦେ ଜେନା ବରୀ ମାଉଣ୍ଡରୁ ହାଟ ସଉଦା ସାରି ଘରକୁ ଫେରୁଥିଲେ । ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସେହି ଗ୍ରାମର ଅଶୋକ ଜେନା, ଚନ୍ଦନ ଜେନା,ଚଣ୍ଡୁ ଜେନା, ସୁରେନ୍ଦ୍ର ଜେନା, ଭାଉଆ ଜେନା, ବାବୁଲି ଜେନା, ରାଜକିଶୋର ଜେନା, ନୀର ଜେନା ଓ କାହ୍ନୁ ଜେନାଙ୍କ ସମେତ ତାଙ୍କ ପରିବାରର ସଦସ୍ୟମାନେ ମିଳିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ସହଦେଙ୍କୁ ସ୍ଥାନୀୟ ଲୋକମାନେ ଗୁରୁତର ଅବସ୍ଥାରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ବରୀ ପୋଲିସ ପକ୍ଷରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ରାମଚନ୍ଦ୍ରପୁର ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ରମାକାନ୍ତ ନାୟକ କୁହନ୍ତି, ଘଟଣା ନିୟନ୍ତ୍ରଣାଧୀନ ଅଛି। ବରୀ ରାମଚନ୍ଦ୍ରପୁର ଥାନାରେ ସହଦେଙ୍କ ସ୍ତ୍ରୀ ପ୍ରତିମା ଲିଖିତ ଅଭିଯୋଗ କରିଛନ୍ତି।

# ଗୋଡ଼ାହାଟ ବଜାରରେ ଆଣ୍ଠୁଏ ପାଣି



ଗୋଡ଼ହାଟ ବଜାର ରାସ୍ତାରେ ପାଣି ଜମିଛି।

ଏରସମା, ୨୩। ୭ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତର ହାଟ ବଜାର ଅବସ୍ଥା ଶୋଚନୀୟ ହୋଇପଡିଛି। ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଗୋଡ଼ା ହାଟ ବହୁ ପୁରାତନ ହାଟ ଭବାରେ ଜଣାଶୁଣା। ଦକ୍ଷିଣ ଏରସମାର ମଧ୍ୟ ସ୍ଥଳରେ ଅବସ୍ଥିତ ଏହି ହାଟ ଏକ ବ୍ୟବସାୟିକ ପେଣ୍ଠସ୍ଥଳ । ସ୍ଥାନୀୟ ଅଞ୍ଚଳର ଚାଷୀ ଉତ୍ପାଦନ କରୁଥିବା ପୋଇ, କୁନ୍ଦୁରି, କଲରା, ଜହ୍ନି, କାକୁଡି ଛଚିନ୍ଦ୍ରାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ମାଛ ଶୁଖୁଆ ଏଠାରେ ବିକ୍ରି କରି ଜୀବିକା ନିର୍ବାହ କରନ୍ତି। ଅପରପକ୍ଷେ ଏହି ହାଟରୁ ଗୋଡ଼ାସହ ଜନକାଦେଇପୁର, ନାରଦିଆ, ଗଡହରିଶପୁର ପଞ୍ଚାୟତର ଲୋକେ ପରିବା କିଣିଥାନ୍ତି। ମାତ୍ର ପରିତାପର ବିଷୟ, ଏହି ହାଟରେ ବ୍ୟବସାୟୀମାନଙ୍କ ପାଇଁ ପିଣ୍ଡି କରାଯାଇଥିଲେ ମଧ ନିକଟସ୍ଥ ସ୍ଥାନ ଖାଲୁଆ ହୋଇରହିଛି। ସାମାନ୍ୟ ବର୍ଷା ହେଲେ ସେଠାରେ ଆଣ୍ଠୁଏ ପାଣି ଜମି ରହୁଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ବଡ଼ଚଣା ବ୍ଲକ କାର୍ଯ୍ୟାଳୟରେ ଗଣ୍ଡଗୋଳ

ଚଣ୍ଡୀଖୋଲ, ୨୩।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଗଣ୍ଡଗୋଳ ହୋଇଥିବା ନେଇ ବଡ଼ଚଣା ଥାନାରେ ଦୁଇଟି ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଖଇରା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ମହେଶ୍ୱର ମଲିକ ଜଣେ ବ୍ଲକ କର୍ମଚାରୀଙ୍କୁ ମୋଟର ସାଇକେଲରେ ବସାଇ ବ୍ଲକ କାର୍ଯ୍ୟଳୟକୁ ଯାଇଥିବା ବେଳେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା କେତେଜଣ ବ୍ୟକ୍ତି ତାଙ୍କୁ ଗାଳି ଗୁଲଜ କରିଥିଲେ। ଏପରିକି ଜାତିଆଣ ଆକ୍ଷେପ କରିଥିଲେ। ସେହିଭଳି ଚଣ୍ଡୀତଳ ପଞ୍ଚାୟତ ତେଲିଗଡ ଗ୍ରାମର ଜଗବନ୍ଧୁ ଶୁକ୍ଳ ନିଜର ବ୍ୟକ୍ତିଗତ କାର୍ଯ୍ୟରେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିବା ବେଳେ ବ୍ଲକ ପରିସରରେ ଥିବା କେତେଜଣ ବ୍ୟକ୍ତି ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ତାଙ୍କ ମୋଟର ସାଇକେଲକୁ ତଳେ ପକାଇ ଦେବା ସହ ଗାଳି ଗୁଲଜ କରିଥିଲେ। ବଡ଼ଚଣା ପୋଲିସ ଦୁଇଟି ଅଭିଯୋଗ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି।

# ଇଣ୍ଟରଭ୍ୟୁ ପାଇଁ ଆସିଥିବା ଆଶାୟୀଙ୍କୁ ଧମକ

## ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜ

■ ନିଯୁକ୍ତି ସାକ୍ଷାତ୍‌କାର ବାତିଲ

ରଘୁନାଥପୁର, ୨୩।୭ (ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କୁର୍ଣ୍ଣାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ ମହାବିଦ୍ୟାଳୟର ମ୍ୟାନେଜମେଣ୍ଟ ପକ୍ଷରୁ ଅତିଥି ଅଧାପକ ଓ ଶିକ୍ଷା କର୍ମଚାରୀଙ୍କ ପାଇଁ ଗତ ୨୧ ତାରିଖରେ ନିଯୁକ୍ତି ନିମନ୍ତେ ସାକ୍ଷାତ୍‌କାର ପ୍ରକ୍ରିୟା ଥିଲା। ଇତିହାସ ଏବଂ ଓଡ଼ିଆ ବିଭାଗର ଅଧାପକ, ସହକାରୀ ଲାଇବ୍ରେରିଆନ ସହ ଡାଟା ଏଣ୍ଟ୍ରିଅପରେଟର ନିଯୁକ୍ତି ପାଇଁ ସାକ୍ଷାତକାର ଦେବାକୁ ଖବର କାଗଜରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହି ବିଜ୍ଞାପନକୁ ଭିତ୍ତିକରି ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଆଶାୟୀ କଲେଜକୁ ଇଣ୍ଟରଭ୍ୟୁ ଦେବାକୁ ଆସିଥିଲେ। ତେବେ ଦୀର୍ଘଦିନ ଧରି ଏହି କଲେଜକୁ ନିଜ ଅକ୍ତିଆରରେ ରଖିଥିବା କେତେଜଣ ବ୍ୟକ୍ତି ବିଶୃଙ୍ଖଳା ସୃଷ୍ଟିକରି ସେମାନଙ୍କୁ ଧମକଚମକ ଦେଇ ସେଠାରୁ ତଡ଼ିଦେଇଥିବା ଅଭିଯୋଗ ହୋଇଛି। ଫଳରେ ପ୍ରାର୍ଥୀମାନେ ନିରାଶ ହୋଇ ଫେରିଯାଇଥିଲେ। ଚୟନ ପ୍ରକ୍ରିୟାରେ ଯୋଗଦେଇଥିବା ଏକ୍ସପର୍ଟମାନେ କଲେଜରେ ଏପରି ବିଶୃଙ୍ଖଳିତ ଆଚରଣ ଦେଖି ସେଠାରୁ ଫେରିଯାଇଥିଲେ। ଉପଯୁକ୍ତ ପ୍ରାର୍ଥୀ ଅଭାବରୁ କଲେଜ ପରିଚାଳନା କମିଟି ଓ ଅଧ୍ୟକ୍ଷ ଏହି ଦିନ ପାଇଁ ଉଦ୍ଦିଷ୍ଟ ଥିବା ସାକ୍ଷାତ୍‌କାରକୁ ବାତିଲ କରିଥିଲେ। ଆଗାମୀ ସାକ୍ଷାତ୍‌କାରକୁ ପୋଲିସ ସୁରକ୍ଷା ବଳୟରେ କରାଗଲେ ଉପଯୁକ୍ତ ପ୍ରାର୍ଥୀଚୟନ ହୋଇପାରିବ ବୋଲି ସେମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ମରଣଯନ୍ତା ପାଲଟିଛି ସଂଯୋଗୀକରଣ ରାସ୍ତା

## ରଘୁନାଥପୁର ବ୍ଲକ ମୁଖ୍ୟରାସ୍ତା

■ ଦୁର୍ଘଟଣାରେ ଯାଉଛି ଜୀବନ

ରଘୁନାଥପୁର, ୨୩।୭(ରାଜେନ୍ଦ୍ର ନାରାୟଣ ସିଂହ)



ରଘୁନାଥପୁର ବ୍ଲକଛକକଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଜିଲାକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାର ସାଦେଇପୁରସ୍ଥିତ ହଂସୁଆ ପୋଲଠାରୁ ଅଧକିମି ଦୂର ପର୍ଯ୍ୟନ୍ତ ପାଖାପାଖି ୩୦୦ ମିଟର ରାସ୍ତା ଦବି ଯାଇଛି। ଏହା ଯାତାୟାତ ଅନୁପଯୋଗୀ ହୋଇପଡିଛି। ବିଶେଷ କରି ବାଇକଚାଳକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡ଼ିଛି। ଜଗତ୍‌ସିଂହପୁର ରାସ୍ତା ଓ ଗୃହ ନିର୍ମାଣ ଅଧୀନରେ ଥିବା ଏହି ରାସ୍ତାର ଦବି ଯାଇଥିବା ସ୍ଥାନରେ ଜୁଲାଇ ୧୪ରେ ଦୁର୍ଘଟଣା ଘଟି ବ୍ଲକ ଅନ୍ତର୍ଗତ ବରାଗୋଳ ପଞ୍ଚାୟତ ବଡ଼ତିହଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏହାଛଡା ନିକଟ ଅତୀତରେ ଉକ୍ତ ସ୍ଥାନରେ ୪/୫ ଜଣ ବ୍ୟକ୍ତି ବାଇକରୁ ପଡି ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ଉକ୍ତ ରାସ୍ତାଟି ରଘୁନାଥପୁର ବ୍ଲକର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଦୈନିକ ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କ ସମେତ ବହୁ ସଂଖ୍ୟକ ବାଇକ, କାର ଓ ବସ୍ ଯାତାୟାତ କରିଥାଏ। ଏହାଛଡା ରଘୁନାଥପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରୁ ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ନେଇ ଏହି ରାସ୍ତା ଦେଇ ଜଗତସିଂହପୁର ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥାଏ। ଏହା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବାବେଳେ ସମସ୍ତ ପ୍ରଶାସନିକ ଅଧିକାରୀ ଏହି ରାସ୍ତା ଦେଇ ଜିଲା ଅଫିସକୁ ଯାଇଥାନ୍ତି। ଅନ୍ୟପକ୍ଷେ ଦୈନିକ କୃଷକ, ଶ୍ରମିକ ଓ ଶତାଧିକ ବେପାରୀ ନିଜ କାର୍ଯ୍ୟରେ ରଘୁନାଥପୁର ବଜାରକୁ ଯାଇଥାନ୍ତି। ଏହାସତ୍ତ୍ୱେ ଉକ୍ତ ରାସ୍ତାକୁ ମରାମତି କରାଯାଉ ନ ଥିବାରୁ ଲୋକେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ସାଦେଇପୁର ସରପଞ୍ଚ ପ୍ରଭାସିନୀ ପରିଡା, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ମହାପାତ୍ର, ରଘୁନାଥପୁର ବିଜୁ ଯୁବ ଜନତା ସଭାପତି ଜୋସେଫ ସ୍ୱାଇଁ ଏ ସମସ୍ୟା ସମ୍ପର୍କରେ ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇଙ୍କୁ ଅବଗତ କରିବା ସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଡେକୋ କର୍ମଚାରୀ ଧାରଣା ୩୦ ଯାଏ ସ୍ଥଗିତ

କାଳିଆପାଣି, ୨୩।୭(ଅସିତ ମହାନ୍ତ)

ସୋମବାରଠାରୁ ଖଣି ନିଗମ ସୁକୁରଙ୍ଗି ଖଣିରେ ବିଭିନ୍ନ ଦାବି ନେଇ ଚାଲିଥିବା କର୍ମଚାରୀଙ୍କ ଧାରଣାକୁ ମଙ୍ଗଳବାରଠାରୁ ହଟାଇ ଦିଆଯାଇଛି । ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ତ୍ରିପାକ୍ଷିକ ଆଲୋଚନାରେ ଏହି ନିଷ୍ପତ୍ତି ନିଆଯାଇଛି । ଉପମୁଖ୍ୟ ଶ୍ରମ ଆୟୁକ୍ତ ଏସ୍.ସମ୍ପଦ କୁମାରଙ୍କ ମଧ୍ୟସ୍ଥତାରେ ଅନୁଷ୍ଠିତ ଏହି ବୈଠକରେ ଖଣି ନିଗମ ଏଜିଏମ୍ ମଳୟ ରଞ୍ଜନ କର, ଆଞ୍ଚଳିକ ପରିଚାଳକ ଇଂ.ଆଶିଷ ସାମନ୍ତରାୟ, ଶ୍ରମିକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ନାରାୟଣ ଧୀର, ଓଏମ୍‌ସି କର୍ମଚାରୀ ମହାସଂଘର ସମ୍ପାଦକ ଅକ୍ଷୟ ସାମଲ, ଏସ୍‌ଆର୍‌ସିକେଏମ୍‌ଏସ୍‌ର ସାଧାରଣ ସମ୍ପାଦକ ଭରତ ମହାନ୍ତ, ଉପସଭାପତି ପ୍ରଭାତ ପ୍ରଧାନ, ଡେକୋର ବରିଷ୍ଠ ଅଧିକାରୀଙ୍କ ସହ ଉଭୟ ଖଣିର ଶ୍ରମିକଙ୍କ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ । ନିଷ୍ପତ୍ତି ଅନୁଯାୟୀ ଡେକୋ ଓ କେସିସି କର୍ତ୍ତୃପକ୍ଷ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମୟ ଲୋଡ଼ିଥିବାରୁ ଆନ୍ଦୋଳନକୁ ହଟାଇ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଥିଲା । ଏଣୁ ମଙ୍ଗଳବାରଠାରୁ ଶ୍ରମିକ ଆନ୍ଦୋଳନକୁ ସାମୟିକ ଭାବେ ଉଠାଇ ଦିଆଯାଇଛି ବୋଲି ମହାନ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଚାଉଳ ବଣ୍ଟନରେ ହିତାଧିକାରୀଙ୍କୁ ଠକେଇ ଅଭିଯୋଗ

ବାଲିକୁଦା, ୨୩।୭(ତାପସ ସ୍ୱାଇଁ)

ଖାଉଟିଙ୍କୁ ଶୋଷଣ କରୁଛି ବଣ୍ଟନ ଦାୟିତ୍ୱରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ହିତାଧିକାରୀଙ୍କୁ କମ୍ ଓଜନର ରାଶନ ସାମଗ୍ରୀ ଦେଇ ଫାଙ୍କି ଦେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଯୋଗାଣ ନିରୀକ୍ଷକଙ୍କୁ ପଚାରିବାରୁ ତାଙ୍କୁ ମଧ ଭୁଆଁ ବୁଲାଇଦିଆଯାଇଥିବା ଚର୍ଚ୍ଚା ହେଉଛି। ବାଲିକୁଦା ବ୍ଲକର ଏକ ଏସ୍‌ଏଚ୍‌ଜିରେ ମଙ୍ଗଳବାର ଏହି ଘଟଣା ଦେଖିବାକୁ ମିଳିଛି। ସମ୍ପୃକ୍ତ ଏସ୍‌ଏଚଜି ରାଶନକାର୍ଡ଼ଧାରୀଙ୍କୁ ସେମାନଙ୍କ ୨ ମାସର ଚାଉଳ ବାଣ୍ଟୁଥିଲେ । ହେଲେ କେତେଜଣ କାର୍ଡଧାରୀଙ୍କୁ ଏହାର ଏସ୍‌ଏଚ୍‌ଜିର ସଦସ୍ୟାମାନେ ୩୦ କେଜି ବଦଳରେ ୨୮ କେଜି ଚାଉଳ ବାଣ୍ଟୁଥିଲେ। ହିତାଧିକାରୀମାନେ ଏ ବିଷୟରେ ପଚାରିଥିଲେ ମଧ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ବିଭାଗୀୟ ଅଧିକାରୀ ବଣ୍ଟନ ଦାୟିତ୍ୱରେ ଥିବା ସଂସ୍ଥାକୁ ପଚାରିବାରୁ ସେମାନେ ଠିକ୍ ପରିମାଣର ଚାଉଳ ଦେଇଥିବା କହିଥିଲେ । ଏନେଇ କ୍ଷେତ୍ର ପରିଦର୍ଶନ କରାଯିବାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ନିରୀକ୍ଷକ କହିଛନ୍ତି। ସୂଚନାଯୋଗ୍ୟ, ତତ୍କାଳୀନ ରାଜ୍ୟ ସରକାର ଖାଉଟିମାନଙ୍କ ପାଇଁ ଏଠାରେ ୧ ହଜାର ଟଙ୍କା ଓ ବ୍ୟାଗ ବଣ୍ଟନ କରିଥିଲେ। ଏହି ସମୟରେ ମଧ ବିବାଦ ଉପୁଜିଥିଲା । ଯୋଗାଣ ନିରୀକ୍ଷକଙ୍କ ହସ୍ତକ୍ଷେପ ପରେ ଉକ୍ତ ବିବାଦର ସମାଧାନ ହୋଇଥିଲା।

# ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଇଓ, ଏବିଇଓ ପଦବୀ ଖାଲି

■ ଭାରାପ୍ରାପ୍ତ ବିଇଓଙ୍କ ଦାୟିତ୍ୱରେ ଚାଲିଛି କାର୍ଯ୍ୟାଳୟ
■ ଅବସର ନେଇଛନ୍ତି ବରିଷ୍ଠ କିରାଣି

ନାଉଗାଁ, ୨୩।୭(ସୁଧା ବେହୁରା)

ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୀର୍ଘ ଦିନ ହେବ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଛି। ଏଠାରେ ବିଇଓ, ଅତିରିକ୍ତ ବିଇଓ, ବରିଷ୍ଠ କିରାଣି ପଦବୀ ଖାଲି ପଡ଼ିଛି। ଉକ୍ତ ବ୍ଲକରେ ୭୭ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ବିଦ୍ୟାଳୟଗୁଡିକୁ ଠିକ୍ ଭାବେ ତଦାରଖ କରିବା ପାଇଁ ୯ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଛି। ଏଥିସହ ୯ ଜଣ ସିଆର୍‌ସିସିଙ୍କୁ ନିଯୁକ୍ତି ଦିଆଯାଇଛି। ଗଣଶିକ୍ଷା ବିଭାଗ ମାଧ୍ୟମରେ ମଧ୍ୟାହ୍ନ ଭୋଜନ, ବିଭିନ୍ନ ଶିକ୍ଷଣୀୟ ଭିତ୍ତିକ ପ୍ରଶିକ୍ଷଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆଦି ଚାଲିଛି। ପ୍ରତ୍ୟେହ ପିଲାମାନଙ୍କ ଉପସ୍ଥାନ, ମଧ୍ୟାହ୍ନ ଭୋଜନ ଆଦି ତଥ୍ୟ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ପୋର୍ଟାଲରେ ପ୍ରଦାନ କରାଯାଉଛି। କିନ୍ତୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତଦାରଖ କରିବା ପାଇଁ ଆବଶ୍ୟକ ପ୍ରଶାସନିକ ଅଧିକାରୀ ନ ଥିବାରୁ ବିଦ୍ୟାଳୟଗୁଡିକରେ ମନଇଚ୍ଛା କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ୨ ବର୍ଷ ପୂର୍ବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରୁଥିବା ବାଇଧର ତ୍ରିପାଠୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେହିପରି ଜୁଲାଇ ୨୦୨୩ରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ ବେହେରାଙ୍କୁ ଏରସମା ବ୍ଲକ ପଠାଯାଇଛି। ନଭେମ୍ବର ୨୦୨୩ରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାମଦେବ ସ୍ୱାଇଁ ଅବସର ଗ୍ରହଣ କରିଛନ୍ତି। ମାର୍ଚ୍ଚ ୨୦୨୩ରେ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତ ଅବସର ନେଇଛନ୍ତି। ବରିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଥିବା ଦୁର୍ଯ୍ୟୋଧନ ବେହେରା ଜାନୁୟାରୀ ୨୦୨୪ରେ ଅବସର ନେଇଛନ୍ତି। ଏହାପରେ ବ୍ଲକ ଶିକ୍ଷାଧିକାରୀ ଭାବେ ଅଲଣାହାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ପାତ୍ରୀ ଦାୟିତ୍ୱରେ ରହିଛନ୍ତି। ବର୍ତ୍ତମାନ ବ୍ଲକ ଶିକ୍ଷାଧକାରୀଙ୍କ କାର୍ଯ୍ୟାଳୟରେ ବିଇଓଙ୍କ ସମେତ ୩ଟି ଏବିଇଓ ଏବଂ ବରିଷ୍ଠ କିରାଣିଙ୍କ ପଦବୀ ଖାଲିପଡ଼ିଛି। ଫଳରେ ବିଦ୍ୟାଳୟଗୁଡ଼ିକର ଅନେକ କାର୍ଯ୍ୟ ଠିକ୍ ଭାବେ ହେଉନାହିଁ। ଏବିଷୟରେ ଜିଲା ଶିକ୍ଷାଧିକାରି ନିରଞ୍ଜନ ବେହେରାଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ମଧ ସେ ନ ଉଠାଇବାରୁ ପ୍ରତିକ୍ରିୟା ମିଳିପାରିନାହିଁ।



ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ।

## ସଂକ୍ଷେପରେ

### ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ରାଗିଂ ଅଭିଯୋଗ

ବ୍ରହ୍ମପୁର, ୨୩।୭ (ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଏକାଧିକ ଛାତ୍ରଙ୍କୁ ସିନିୟର ଛାତ୍ରମାନେ ରାଗିଂ କରିଥିବା ଅଭିଯୋଗ ହୋଇଛି । ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଆରକେ ହଷ୍ଟେଲରେ ସିନିୟର ଛାତ୍ରମାନେ ଶାରୀରିକ ନିର୍ଯାତନା ଦେଉଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଦିଲ୍ଲୀ ଆଣ୍ଟି ରାଗିଂ କମିଟିରେ ଅଭିଯୋଗ ହୋଇଛି । ମଙ୍ଗଳବାର ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ବୈଠକ କରିଛନ୍ତି। ବୁଧବାର ବିଶ୍ୱବିଦ୍ୟାଳୟ ଆଣ୍ଟି ରାଗିଂ କମିଟି ବୈଠକ ବସିବ ବୋଲି ଜଣାପଡିଛି। ସିନିୟର ଛାତ୍ରମାନେ ଜୁନିୟରଙ୍କୁ ଅନେକ ଦିନ ହେବ ବିଭିନ୍ନ ପ୍ରକାର ଶାରିରିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ଅଭିଯୋଗ ଆସିବା ପରେ ହଷ୍ଟେଲ ୱାର୍ଡେନ, ସୁପରିଣ୍ଟେଣ୍ଡେଣ୍ଟ ଏବଂ ଟାଉନ ଥାନା ପୋଲିସ ହଷ୍ଟେଲ ଭିତରକୁ ଯାଇ ରାଗିଂର ଶିକାର ଛାତ୍ରଙ୍କୁ ଭେଟି ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ ।

# ରାତି ଅଧରେ ବିଦ୍ୟାଳୟ ଛାଡ଼ିଲେ ୪ ଛାତ୍ର

## ରାଗିଂ ଭୟ

ପାରଳାଖେମୁଣ୍ଡି, ୨୩।୭ (ଗିରିଧାରୀ ପରିଛା)



ଗଜପତି ଜିଲା ରାୟଗଡ଼ରେ ଥିବା ଏସ୍ଏସ୍ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଗିଂ ଅଭିଯୋଗ ହୋଇଛି। ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ୪ଜଣ ଛାତ୍ର । ରାଗିଂକୁ ସାମ୍ନା କରିଥିବା ଅଷ୍ଟମ ଶ୍ରେଣୀର ଛାତ୍ରମାନେ ଘଟଣା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ କୁମାର ସାହୁକାର ଓ ସହକାରୀ ଶିକ୍ଷକ ଏମ.ଭି ଆପନ୍ନାଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ନ୍ୟାୟ ମିଳିବା ପରିବର୍ତ୍ତେ ବରିଷ୍ଠ ଛାତ୍ରଙ୍କ ଠାରୁ ଆହୁରି ଅଧିକ ମାଡ଼ ଖାଇଥିବା ଅଭିଯୋଗ କରିଛନ୍ତି। ତେଣୁ ମାଡ଼ ଭୟରେ ୪ ଛାତ୍ର ସୋମବାର ରାତି ଅଧରେ ବିଦ୍ୟାଳୟ ଛାଡ଼ି ସମ୍ପର୍କୀୟଙ୍କ ଘରକୁ ଯାଉଥିବା ଦେଖିବାକୁ ମିଳିଛି।

ରାୟଗଡ଼ ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଷଷ୍ଠଠାରୁ ଦ୍ୱାଦଶ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚ ଶହ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କୁ ଶିକ୍ଷାଦାନ ପାଇଁ ୧୯ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ଏଠାରେ ପ୍ରାୟ ପିଲା ଦୂର ଦୂରାନ୍ତରୁ ଆସି ଛାତ୍ରାବାସରେ ରହି ପାଠ ପଢୁଛନ୍ତି। ସହିଦ ଲକ୍ଷ୍ମଣ ନାୟକ ଛାତ୍ରାବାସରେ ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ର ରହୁଛନ୍ତି। ସେଠାରେ ନବମ ଶ୍ରେଣୀର ଛାତ୍ରମାନେ ଅଷ୍ଟମ ଶ୍ରେଣୀର ଛାତ୍ରମାନଙ୍କୁ ସେମାନଙ୍କ ଡ୍ରେସ ସଫା କରିବା, ଝାଡୁ ମାରିବା, ବିଭିନ୍ନ ସମୟରେ ବଜାରରୁ କୌଣସି ଜିନିଷ ଆଣିବା କିମ୍ବା ବଗିଚା ସଫା କରିବା ଆଦି ବିଭିନ୍ନ କାମ କରିବା ପାଇଁ ବାଧ୍ୟ କରୁଛନ୍ତି। କୌଣସି କାମ ନ କଲେ ସେମାନଙ୍କୁ ନିର୍ଦ୍ଧୁମ ମାଡ଼ ମାରୁଥିବା ଅଭିଯୋଗ ଆଣିଛନ୍ତି ଅଷ୍ଟମ ଶ୍ରେଣୀର ଛାତ୍ରମାନେ। ତେଣୁ ସୋମବାର ରାତିରେ ମାଡ଼ ଭୟରେ ୪ଜଣ ଛାତ୍ର ଛାତ୍ରାବାସ ଛାଡ଼ି ସମ୍ପର୍କୀୟଙ୍କ ଘରକୁ ଶୋଇବା ପାଇଁ ଯାଉଥିବା କହିଛନ୍ତି। ରାୟଗଡ଼ କିଛି ଯୁବକ ସେମାନଙ୍କୁ ରାତି ଅଧରେ କୁଆଡ଼େ ବୁଲୁଛ ବୋଲି ପଚାରିଥିବା ବେଳେ ସେମାନେ ଉକ୍ତ କଥା କହିଥିଲେ। ଏହି ବିଷୟରେ ପ୍ରଧାନ ଶିକ୍ଷକ ସୁରେଶ ସାହୁକାର ଓ ସହକାରୀ ଶିକ୍ଷକ ଏମ.ଭି ଅପନ୍ନାଙ୍କୁ ଜଣାଇଲେ ମଧ୍ୟ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଓଲଟା ଗାଳି ଗୁଲଜ କରିବା ସହ ମାଡ଼ ମାରୁଛନ୍ତି। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଜିଲା ମଙ୍ଗଳ ଅଧିକାରୀଙ୍କ ନଜରକୁ ନେଇଥିବା ବେଳେ ବିଦ୍ୟାଳୟର ଦୁଇ ଶିକ୍ଷକ ଆସି ସେମାନଙ୍କୁ ପୁଣି ଛାତ୍ରାବାସକୁ ନେଇଯାଇଛନ୍ତି। ତୁରନ୍ତ ପ୍ରଶାସନ ଦୃଷ୍ଟି ଦେଇ ବିଦ୍ୟାଳୟରେ ରାଗିଂକୁ ବନ୍ଦ କରିବା ସହ ଏହାକୁ ପ୍ରୋତ୍ସାହନ ଦେଉଥିବା ଏହି ଦୁଇଜଣ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଓ ବିଭିନ୍ନ ମହଲରୁ ଦାବି ହେଉଛି। ମତାମତ ପାଇଁ ଉଭୟ ଶିକ୍ଷକଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ଜିଲା ମଙ୍ଗଳ ଅଧିକାରିଣୀ ମମତା ରାଣୀ ପରିଡ଼ା କହିଛନ୍ତି ପିଲା ପିଲାଙ୍କ ଭିତରେ କ'ଣ ହୋଇଥିବ ମୁଁ ତଦନ୍ତ କରିନି, ତଦନ୍ତ କଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶିଶୁ ବଳାତ୍କାରୀଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ, ୨୩।୭(ରାକେଶ କୁମାର ରାଉତ)

ଜଣେ ୪ ବର୍ଷର ନାବାଳିକାକୁ ବଳାତ୍କାର ମାମଲାର ବିଚାର କରି ମଙ୍ଗଳବାର ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାସ ଅଭିଯୁକ୍ତଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୬୦ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦାୟ ଅଧିକ ୭ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଖଜୁରିପଡା ଥାନା ଅଞ୍ଚଳର ହେମନ୍ତ ମଲ୍ଲିକ ଓରଫ ପବନ (୨୧)।

ସୂଚନା ଅନୁସାରେ, ୨୦୨୨ ଜୁନ ୯ରେ ଖଜୁରିପଡା ଥାନା ଅଞ୍ଚଳର ଏକ ଗ୍ରାମରେ ପର୍ବତ ପୂଜା ଉପଲକ୍ଷେ ଭୋଜି ହେଉଥିଲା। ଭୋଜି ଖାଇବା ପାଇଁ ସମ୍ପୃକ୍ତ ୪ ବର୍ଷର ଶିଶୁ କନ୍ୟା ନିଜ ସାଙ୍ଗ ସହିତ ସେଠାକୁ ଯାଇଥିଲେ। ଖାଇସାରିବା ପରେ ନିଜ ଘରକୁ ଆସିବା ପାଇଁ ଗ୍ରାମର ସମ୍ପର୍କୀୟ ଦାଦା ହେମନ୍ତଙ୍କୁ ଛାଡ଼ିଦେବା ପାଇଁ କହିଥିଲେ। ହେମନ୍ତ ଘରେ ଛାଡ଼ି ଦେବି କହି ସମ୍ପୃକ୍ତ ଶିଶୁକୁ ଜବରଦସ୍ତ ଏକ ବିଲମାଳକୁ ନେଇ ବଳାତ୍କାର କରିଥିଲେ। ବହୁ ସମୟ ପର୍ଯ୍ୟନ୍ତ ଶିଶୁ କନ୍ୟା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ପରେ ଘର ପାଖରେ ଥିବା ଏକ ପଣସ ଗଛ ନିକଟରୁ ପୀଡ଼ିତାଙ୍କ ମା' ଝିଅକୁ ଉଦ୍ଧାର କରିଥିଲେ। ସେହି ସମୟରେ ଝିଅ ଭୟଭୀତ ହୋଇପଡ଼ିଥିଲେ। ୧୨ ତାରିଖରେ ପିଲାଟି ଘରେ ଗାଧୋଇବା ସମୟରେ ମା' ତାଙ୍କୁ ସେଦିନର କଥା ପଚାରିଥିଲେ। ଝିଅ ସମସ୍ତ ଘଟଣା ବିଷୟରେ ମା'ଙ୍କୁ କହିଥିଲେ। ଏହି କଥା କାହାରିକୁ କହିଲେ ତଣ୍ଟି ଚିପି ମାରିଦେବାକୁ ଅଭିଯୁକ୍ତ ଧମକ ଦେଇଥିବା କଥା ମଧ୍ୟ କହିଥିଲେ। ଏ ନେଇ ଝିଅର ମା' ଖଜୁରିପଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ୭୪।୨୨ରେ ଏକ ମାମଲା ରୁଜୁ କରି ହେମନ୍ତଙ୍କୁ ଗିରଫ କରିଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଏବଂ ଡାକ୍ତରୀ ରିପୋର୍ଟକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

### ଓଡ଼ିଆ ବିଭାଗ ପାଠଚକ୍ର

ହିଞ୍ଜିଳିକାଟୁ, ୨୩।୭(ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ଏକ ପାଠଚକ୍ର ଅଧକ୍ଷ ଅରୁଣ କୁମାର ଖାଡ଼ଙ୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।'ଛମାଣ ଆଠଗୁଣ୍ଠ ଉପନ୍ୟାସରେ ସମାଜ ଚେତନାକୁ ନେଇ ହୋଇଥିବା ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ମୁଖ୍ୟବକ୍ତା ଭାବେ ଡ. ଲମ୍ବୋଦର ପାଣିଗ୍ରାହୀ ଯୋଗଦେଇ ପଙ୍ଖାନୁପୁଙ୍ଖ ଆଲୋଚନା କରିଥଲେ। ସମ୍ମାନିତ ଅତିଥି ଭାବେ ଡ଼. ପ୍ରଦୀପ କୁମାର ନନ୍ଦ, ଡ. କେଶବ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇଥିବା ବେଳେ ଡ.ସୁଧୀର ପାଣିଗ୍ରାହୀ , ଡ.ପ୍ରଫୁଲ୍ଲ କୁମାର ରଥ , ଡ.ଲଳିତ ମୋହନ ପଟ୍ଟନାୟକ ଡ.ସୁଜାତା ମହାପାତ୍ର ମଞ୍ଚାସୀନ ଥିଲେ। ଓଡ଼ିଆ ବିଭାଗୀୟ ମୁଖ୍ୟ ପ୍ରାଧାପକ ଦୀନବନ୍ଧୁ ମହାନ୍ତି ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ଆଲୋଚନା କରିଥିଲେ। ପ୍ରାକ୍ତନ ଛାତ୍ରୀ ଲକ୍ଷ୍ମୀ ପାଣିଗ୍ରାହୀଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଅନିଲ କୁମାର ପାତ୍ର ଧନ୍ୟବାଦ୍ ଦେଇଥିଲେ।

# ଅନୁପସ୍ଥିତ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ

ଟିକିଟି, ୨୩।୭(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସୁମାଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ୨ ଡାକ୍ତର ଏବଂ ୨ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଟିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଅଭିଯୋଗ ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ୩ ଦିନ ମଧ୍ୟରେ ନୋଟିସ୍‌ର ଉତ୍ତର ଦେବାକୁ କୁହାଯାଇଛି।

ସୁମାଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ୫୦ରୁ ଉର୍ଦ୍ଧ୍ୱ ରୋଗୀ ଆସିଥାନ୍ତି। ଏଠାରେ ରୋଗୀ ସେବାରେ ଉନ୍ନତି ଆଣିବା ଲାଗି ଖାଲି ପଦବୀ ପୂରଣ ଠାରୁ ଆରମ୍ଭ କରି ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯାଉଛି। ହେଲେ କେତେଜଣ ଡାକ୍ତରଙ୍କ ଖାମଖିଆଲି ମନୋଭାବ ଯୋଗୁ ରୋଗୀ ସେବାରେ ଉନ୍ନତି ଆସିପାରୁନାହିଁ। ଡାକ୍ତରମାନେ ମନଇଚ୍ଛା ଛୁଟିରେ ଯାଉଥିବା ନେଇ ଦୀର୍ଘ ଦିନ ହେଲା ଅଭିଯୋଗ ହୋଇ ଆସୁଥିଲା। ବିଧାୟକ ଦ୍ୟାନ ସାମନ୍ତରାଙ୍କ ଅଚାନକ ଗସ୍ତ ବେଳେ ୨ ଜଣ ଡାକ୍ତର ଏବଂ ୨ ଜଣ କର୍ମଚାରୀ ବିଭାଗୀୟ ଅଧିକାରୀଙ୍କଠାରୁ ଛୁଟି ମଞ୍ଜୁର ନ କରି ଅନୁପସ୍ଥିତ ଥିବା ଜଣାପଡିଥିଲା। ଡା. କିରଣ ନାୟକ, ଡା. ରାଜେଶ ମିଶ୍ର, ଆଟେଣ୍ଡାଣ୍ଟ ରାଜକିଶୋର ସାହୁ ଓ ସୁଇପର ଲୋକନାଥ ବାଡତ୍ୟା ଉକ୍ତ ଦିନ ଅନୁପସ୍ଥିତ ରହିଥିଲେ। ବିଧାୟକ ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଡା. ନାୟକଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ ଦିନ ସେ ଅନୁପସ୍ଥିତ ନ ଥିଲେ, ବିଳମ୍ବରେ ପହଞ୍ଚିଥିଲେ ବୋଲି କହିଛନ୍ତି। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାସିଷ୍ଟ ପଦବୀ ଖାଲି ପଡିଥିବାରୁ ଦୁଇଟି କାର୍ଯ୍ୟଭାର ସମ୍ଭାଳିବାକୁ ପଡିଥିଲା ବୋଲି କହିଥିଲେ। ଟିକିଟି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ମନୋଜ କୁମାର ପାଢ଼ୀ କହିଛନ୍ତି, ସୁମାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରର ୨ ଡ଼ାକ୍ତର ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେଠାରେ ଫାର୍ମାସିଷ୍ଟ ପଦବୀ ଖାଲି ପଡିଥିବାରୁ ଦୁଇ ଡ଼ାକ୍ତର ଏକ ସପ୍ତାହ ଧରି କାର୍ଯ୍ୟ କରି ଆସୁଥିଲେ। ରବିବାର ଛୁଟି ଦିନ ହୋଇଥିଲେ ସୁଦ୍ଧା ବିଳମ୍ବରେ ଆସିଥିଲେ ବୋଲି କହିଛନ୍ତି।

### ଜଙ୍ଗଲ ବୃଦ୍ଧି ପାଇଁ ସଚେତନତା

ଦାରିଙ୍ଗବାଡି, ୨୩।୭(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ କିରିକୁଟି ପଞ୍ଚାୟତ କୁମ୍ଭାରମୁଣ୍ଡା ଗ୍ରାମ ସିମନପଡ଼ାଠାରେ ଚାରାରୋପଣ କାର୍ଯ୍ୟକ୍ରମ ଓ ଜଙ୍ଗଲ ବୃଦ୍ଧି ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାଗୃତି ଏବଂ ଗ୍ରାମବିକାଶ ସ୍ୱେଚ୍ଛାସେବୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦାରିଙ୍ଗବାଡି ବିଡ଼ିଓ ଗଦାଧର ପାତ୍ର, ବାଲିଗୁଡା ବନଖଣ୍ଡର ଏସସିଏଫ ତଥା ଦାରିଙ୍ଗବାଡି ବନାଞ୍ଚଳ ଅଧିକାରୀ ସତୀଶ କୁମାର ଧାରୁଆ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବିକାଶର ଜିଲା ଅଧିକାରୀ ବିଶ୍ୱଜିତ ସାହୁ, ପ୍ରକଳ୍ପ ଅଧିକାରୀ ସେବିନ ମାଥିୟୁ, ସବୁଜ ବୈଦ୍ୟ ସଂଗଠନର ଯଶୋବନ୍ତ ପ୍ରଧାନ, ଶରତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଦିଲୀପ ସାହୁ ସଭା ପରିଚାଳନା କରିଥିବା ବେଳେ ଅକ୍ଷୟ ପରିଛା, ସୁପ୍ରିୟା ନାୟକ ପ୍ରମୁଖ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଚାରାରୋପଣ କରାଯାଇଥିଲା।

# ଜଙ୍ଗଲ ସୁରକ୍ଷା ନେଇ ଶୋଭାଯାତ୍ରା



ଚାରା ରୋପଣ ଚାଲିଛି।

ଭଞ୍ଜନଗର, ୨୩।୭ (ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ମିଡ଼ିଆ କ୍ଲବ ପକ୍ଷରୁ ମଙ୍ଗଳବାର ଭଞ୍ଜନଗର ସହରରେ ଜଙ୍ଗଲ ସୁରକ୍ଷା ଉପରେ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ଏହାପରେ ଭଞ୍ଜନଗର ଠାରୁ ୧୦ କିମି ଦୂର କମଳାବାରି ତୋଟା ପର୍ଯ୍ୟନ୍ତ ରାଲି ଯାଇଥିଲା। ସେଠାରେ ସେତୁର ଉଭୟ ପାର୍ଶ୍ୱରେ ମେଗା ଚାରାରୋପଣ ହୋଇଥିଲା। ଏହାପରେ ରାଲି ରାଇପଲ୍ଲି ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଇକୋ କ୍ଲବ ଏବଂ ମିଡ଼ିଆ କ୍ଲବର ମିଳିତ ସହଯୋଗରେ ସଭା ହୋଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଉତ୍ସବରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ମୁଜାଗଡ ରେଞ୍ଜର ବିମ୍ବାଧର ସାହୁ, ବନ ସୁରକ୍ଷା ସମିତି କର୍ମକର୍ତ୍ତା ଲୋକନାଥ ଆଚାର୍ଯ୍ୟ, ଭାଜପା ନେତା କାଲୁ ଚରଣ ସ୍ୱାଇଁ, ବିଦ୍ୟାଳୟ ସଭାପତି ଭରତ ଗୌଡ, ହାଇସ୍କୁଲ ସଭାପତି ଶାନ୍ତିଲତା ସାହୁ, ସୁବଳ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମିଡ଼ିଆ କ୍ଲବ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ସଭାପତି ପ୍ରଦୀପ କୁମାର ସ୍ୱାଇଁ ସଭାରେ ଅଧକ୍ଷତା କରିଥିଲେ। କ୍ଲବର ବରିଷ୍ଠ କର୍ମକର୍ତ୍ତା ପୁରୁଷୋତ୍ତମ, ଚିନ୍ମୟ ବେବର୍ତ୍ତା, ଉଦୟନାଥ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

### ସିପିଆଇ ନେତାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଛତ୍ରପୁର, ୨୩।୭ (ଦିଲୀପ ସାମଲ)

ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ଛତ୍ରପୁର ନିର୍ବାଚନ ମଣ୍ଡଳୀର ସିପିଆଇ ଯୁବ ନେତା ସ୍ୱର୍ଗତ ସାକୁରା ବେହେରାଙ୍କ ୧୦ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ସ୍ମୃତିସଭା ଛତ୍ରପୁର ଜୋନାଲ ସମ୍ପାଦକ ଡି.ଆଦିନାରାୟଣ ରେଡ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସିପିଆଇ ଜିଲା ସହସମ୍ପାଦକ ନୀଳକଣ୍ଠ ଦାଶ, ବରିଷ୍ଠ ନେତା ଏସ.କ୍ରିଷ୍ଣା ରେଡ୍ଡୀ, ନାରୀନେତ୍ରୀ ଏନ. ଭାନୁମତି ରେଡ୍ଡୀ, ଆଇନଜୀବୀ କୈଳାଶ ପଲାଇ, ପୂର୍ବତନ ଜିଲାପରିଷଦ ସଭ୍ୟ ଏନ.ଗିରିଜା ପ୍ରସାଦ ରେଡ୍ଡୀ, ରାଜେନ୍ଦ୍ର ନାହାକ, ଶହଦେବ ରେଡ୍ଡୀ, ଏସ.ତ୍ରିନାଥ ରେଡ୍ଡୀ, ନବୀନ ମହାନ୍ତି , ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ସିକନ୍ଦରଖାନ, ନବୀନ ଗୌଡ଼, ଏନ.ସୁକାନ୍ତ ଆଚାରୀ, ପୂର୍ଣ୍ଣଚନ୍ଦ୍ର ଗୌଡ଼, ନିରଞ୍ଜନ ରାଉଳ, ସ୍ୱର୍ଗତ ସାକୁରା ବେହେରାଙ୍କ ସାନ ଭାଇ ଟିଙ୍କରା ବେହେରାଙ୍କ ସମେତ ବହୁ ସିପିଆଇ ନେତା ଓ କର୍ମୀମାନେ ଯୋଗ ଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ସାକୁରା ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

# ଡେଙ୍ଗୁ ନିରାକରଣ ମାସ ପାଳନ

ପାରଳାଖେମୁଣ୍ଡି, ୨୩।୭ (ଗିରିଧାରୀ ପରିଛା)

ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଡେଙ୍ଗୁ ନିରାକରଣ ମାସ ପାଳନ ହୋଇଯାଇଛି। ଏ ନେଇ ଗୋଷାଣି ବ୍ଲକ ସଦରମହକୁମାଠାରେ ବ୍ଲକ କନଫରେନ୍ସ ହଲରେ ଡେଙ୍ଗୁ ନିରାକରଣ କରିବା ପାଇଁ ସବୁ ସରକାରୀ ବିଭାଗର ମୁଖ୍ୟାଙ୍କ ମିଳିତ ବୈଠକ ହୋଇଥିଲା। ବୈଠକରେ ମୁଖ୍ୟତଃ ପ୍ରତ୍ୟେକ ବିଭାଗ ନିଜେ ସଚେତନତା ହୋଇ ନିଜ କର୍ମଚାରୀମାନଙ୍କୁ ସଚେତନ କରାଇବା, ପରିବେଶକୁ ଚର୍ତୁପାର୍ଶ୍ୱରେ ସଫା ରଖିବା, ସପ୍ତାହକୁ ଥରେ ସମସ୍ତେ ଶୁଖିଲା ଦିବସ ପାଳନ କରିବା, ଗାଁ ଦାଣ୍ଡରେ ଖାଲ ଖମାକୁ ପୋତି ଦେବା, ନାଳ, ନର୍ଦ୍ଦମା, ଆଦିକୁ ପରିଷ୍କାର କରିବା, ଟାୟାର, ଗଛ କୋରଡ, ହୋଟେଲ ବା ରାସ୍ତା କଡ଼, ପଲିଥିନ, କୁଲର୍, କୁଣ୍ଡ, ଖାଲି ବୋତଲ, ଟିଣ ଡବା, ବାହାରେ ପଡ଼ିଥିବା




ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଖାଲି ପାତ୍ର ଇତ୍ୟାଦିରେ ପାଣି ଜମି ବାକୁ ଦେବା ନାହିଁ ଏବଂ ଏସବୁକୁ ପରିଷ୍କାର କରି ଏହାର ଉପଯୁକ୍ତ ପରିଚାଳନା କରିବା ଦ୍ୱାରା ଡେଙ୍ଗୁକୁ ଏଡ଼ାଇପାରିବା ବୋଲି ମତ ପ୍ରକାଶ ପାଇଥିଲା। ସେହିପରି ଶୋଇବା ସମୟରେ ମଶାରୀ ବ୍ୟବହାର କରିବା ଆଦିକୁ ନେଇ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋଷାଣୀ ବ୍ଲକ ଅଧକ୍ଷ ଏନ.ବିରରାଜୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ କୁମାର ପ୍ରଧାନ, ଗୁରାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପତିତପାବନ ବାରିକ, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରିଣୀ ମମତା ପାଢୀ, ଡେଙ୍ଗୁ ସୁପରଭାଇଜର ସ୍ନେହାଶିଷ ସାମଲଙ୍କ ସମେତ ସମସ୍ତ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଡେଙ୍ଗୁକୁ ନିପାତ କରିବାପାଇଁ ଶପଥ ନେଇଥିଲେ।

### ହତ୍ୟା ଅଭିଯୁକ୍ତ ବେଙ୍ଗାଲୁରୁରୁ ଗିରଫ

ଚକାପାଦ, ୨୩।୭ (ପ୍ରତାପ ବେହେରା)

ଟିକାବାଲି ଥାନା ଅନ୍ତର୍ଗତ ଶଙ୍କରଖୋଲ ହାଟପଦା ସାହିରେ ଦୁଇ ଯୁବଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ବେଳେ ଛୁରୀ ଭୁଷି ବସନ୍ତ ଦଳବେହେରାଙ୍କୁ ହତ୍ୟା କରାଯାଇଥିଲା। ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ତପନ କୁମାର ବିଶୋଇଙ୍କୁ ପୋଲିସ ସୋମବାର ବେଙ୍ଗାଲୁରୁରୁ ଗିରଫ କରିଛି। ସେ ଘଟଣା ଦିନଠାରୁ ଫେରାର ଥିଲେ। ଅଭିଯୁକ୍ତକୁ ଧରିବା ପାଇଁ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ୨୦ଦିନ ଭିତରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପ୍ରତିଶ୍ରୁତି ଦେଇଥିଲା। ଚକାପାଦ ଥାନାଧିକାରୀ ଲଳିତ ମୋହନ ସାଗର, ଏସଆଇ ଅବନୀ କାନ୍ତ ପ୍ରଧାନ ଓ ସହକର୍ମୀମାନଙ୍କ ଏକ ଟିମ୍ ବେଙ୍ଗାଲୁରୁରୁ ଅଭିଯୁକ୍ତଙ୍କୁ ଗିରଫ କରି ଟିକାବାଲି ଥାନାକୁ ଆଣିଥିଲେ। ଏସଡିପିଓ ବିଜୟ କୁମାର୍ ବିଶି ଖବରଦାତା ସମ୍ମିଳନୀ କରି ଅଭିଯୁକ୍ତ ହତ୍ୟା କରିଥିବା ମାନିଛନ୍ତି ବୋଲି କହିଥିଲେ। ଅଭିଯୁକ୍ତ କିପରି ଛୁରୀ ଭୁଷି ହତ୍ୟା କରିଥିଲେ ତାହାର ଡେମୋ ଦେଖାଇଥିଲେ। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଜଣେ ଫେରାର ଅଭିଯୁକ୍ତଙ୍କୁ ଅଳ୍ପ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଲଗାଣ ବର୍ଷାରେ ବେହାଲ ଦଳପଡ଼ା ସ୍କୁଲ

## ଘୋଡ଼ାପଥର ଅଙ୍ଗନୱାଡି କେନ୍ଦ୍ରର ପ୍ଲାଷ୍ଟର ଝଡ଼ିଲା



ଖଜୁରୀପଡ଼ା ୨୩।୭ (ବିଦୁର ବେହେରା)

ଅସରାଏ ବର୍ଷାରେ ସ୍କୁଲ ପରିସର ଜଗମଗ୍ନ ହୋଇଯାଇଛି। ପିଲାମାନେ ଆଣ୍ଠୁଏ ତଳକୁ ପାଣିରେ ଓଦା ହୋଇ ଛିଡା ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦଳପଡ଼ା ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଏ। ଲଗାଣ ବର୍ଷା ଯୋଗୁଁ ସ୍କୁଲ ବେହାଲ ହୋଇଛି। ସ୍କୁଲ ପରିସରରେ ବର୍ଷାଜଳ ଜମି ପୋଖରୀର ଭ୍ରମ ସୃଷ୍ଟି ହେଉଛି। ପାଣିରେ ପିଲାମାନେ ଛିଡ଼ା ହୋଇଥିବାର ଫୋଟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସ୍କୁଲ ଛୁଟି ହେବା ପରେ ପିଲାମାନେ ଜମି ରହିଥିବା ବର୍ଷାଜଳ ଦେଇ ଫେରୁଥିଲେ। କାହାର ଡ୍ରେସ ଓଦା ତ ଆଉ କାହାର ବହି ଓଦା। ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇନାହିଁ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଅଭିଭାବକ ଏବେ ଚିନ୍ତାରେ। ସେହିପରି ଆଡାସିପଡା ପଞ୍ଚାୟତର ଘୋଡ଼ାପଥର ଠାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ଲଗାଣ ବର୍ଷା ଯୋଗୁଁ ଛାତର ପ୍ଲାଷ୍ଟର ଝଡ଼ିବା ସହିତ କାନ୍ଥ ସବୁ ଓଦା ହୋଇ ସନ୍ତସନ୍ତିଆ ହୋଇଛି। ବିପଦସଙ୍କୁଳ ଅବସ୍ଥାରେ ଶିକ୍ଷାଦାନ ଚାଲିଛି। ଏହି ଅଙ୍ଗନୱାଡି କେନ୍ଦ୍ର ଅତି ପୁରାତନ ଥିଲେ ମଧ୍ୟ ଏହାର ମରାମତି କିମ୍ବା ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ନଜର ନାହିଁ। ଫଳରେ କୋମଳମତି ଶିଶୁ ସହିତ କୁନି କୁନି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏବେ ଅନ୍ଧାର ଆଡ଼କୁ ଯାଉଛି।

# ସ୍ୱଚ୍ଛସାଥୀ, ସୁପରଭାଇଜରଙ୍କ ବିକ୍ଷୋଭ

ଆସିକା, ୨୩।୭(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍ଏସିର ସଫେଇ ଓ ପରିମଳ କାର୍ଯ୍ୟରେ ନିୟୋଜିତ ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନେ ସେମାନଙ୍କ ବିଭିନ୍ନ ଦାବି ନେଇ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଏନଏସି ନିର୍ବାହୀ ଅଧିକାରୀଙ୍କୁ ସ୍ୱଚ୍ଛସାଥୀଙ୍କ ପକ୍ଷରୁ ଏକ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ବିନା ସର୍ତ୍ତରେ ସମସ୍ତ ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନଙ୍କୁ ବର୍ଦ୍ଧିତ ହାରରେ ଦରମା ପ୍ରଦାନ, ଶ୍ରମିକ ଆଇନ ଅନୁଯାୟୀ ସର୍ବନିମ୍ନ ମଜୁରୀ, ସମାନ କାମକୁ ସମାନ ଦରମା, ବିଧିବଦ୍ଧ ନିଯୁକ୍ତିପତ୍ର ପ୍ରଦାନ, ଅନ୍ୟ କର୍ମଚାରୀଙ୍କ ଭଳି ସରକାରୀ ଛୁଟିଦିବସରେ ବେତନ ସହ ଛୁଟି, ବୀମାଭୁକ୍ତ କରିବା ସହ ସାମାଜିକ ସୁରକ୍ଷା ଓ ୟୁନିଫର୍ମ ପ୍ରଦାନ, ପ୍ରସୂତି ସମୟରେ ୬ମାସ ବେତନ ସହ ଛୁଟି ଓ ଇପିଏଫ ଓ ଇଏସଆଇ ସୁବିଧା ପ୍ରଦାନ ଲାଗି ଦାବି ଉଲ୍ଲେଖ କରାଯାଇଛି । ସୁପରଭାଇଜର ପାବନୀ ଆଚାରୀ, ନମିତା ଗୌଡ ଏବଂ ସ୍ୱଚ୍ଛସାଥୀ ରାଜଲକ୍ଷ୍ମୀ ଆଚାରୀ, ମିନତୀ ମହାନ୍ତି, ଯାଜ୍ଞସେନୀ ପୋଲାଇ, ରଶ୍ମି ଦୋରା, ଜ୍ୟୋତି ଦୋରା, ପ୍ରଭାସିନୀ ବେହେରା, ବି. ସଙ୍ଗୀତା, ପୂଜାରାଣୀ ବିଷୋୟୀ, ପ୍ରିୟମ୍ବଦା ପାଢୀ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

### ୱାର୍ଡ ସଭ୍ୟଙ୍କ ପ୍ରଶିକ୍ଷଣ

ମୋହନା, ୨୩।୭(ମନ୍ମଥ ମିଶ୍ର)

ମୋହନା ବ୍ଲକ ସମ୍ମିଳନୀ କକ୍ଷରେ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋହନା ବ୍ଲକର ବଡଖଣି, କରଚବାଡି, ମଳାସପଦର, ପିଣ୍ଡିକି, ଲିଲିଗଡ ପାଞ୍ଚଟି ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟମାନେ ଯୋଗଦେଇ ପଞ୍ଚାୟତରେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ତାଲିମ ପାଇଥିଲେ। ମୋହନା ବିଡ଼ିଓ ରାଜୀବ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏବିଡିଓ ରମାକାନ୍ତ ଚୈଧୁରୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଦିପକ ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ସୁଜିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସାମାନ୍ୟ ବର୍ଷାରେ ଦବିଲା ପୋଲ ରାସ୍ତା

ପାରଳାଖେମୁଣ୍ଡି, ୨୩।୭ (ଗିରିଧାରୀ ପରିଛା)



ଗଜପତି ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଗୋଶାଣୀ ବ୍ଲକ କେରାଣ୍ଡି ପଞ୍ଚାୟତ ଡାଲିମ୍ବପୁର ନିକଟରେ ନବ ନିର୍ମିତ ପୋଲର ରାସ୍ତା ଲଗାଣ ବର୍ଷା ଯୋଗୁଁ ପାଖାପାଖି ୨ଫୁଟ ଦବିଯାଇଛି । ଏକ ମାସ ହେଲା ନିର୍ମାଣ ହୋଇଥିବା ଏହି ପୋଲ ରାସ୍ତା ମାତ୍ର ୪ଦିନ ବର୍ଷାରେ ଦବିଯାଇଛି। ଗତ ଦୁଇ ବର୍ଷ ତଳେ ଡାଲିମ୍ବପୁର, ଅମରା, କେରାଣ୍ଡି, ରାଟିଣି ଗାଁକୁ ସଂଯୋଗ କରୁଥିବା ପୋଲଟି ଦୁର୍ବଳ ହୋଇଥିବା ହେତୁ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭୫ଲକ୍ଷ ବ୍ୟୟରେ ଏକ ନୂତନ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲା। ହେଲେ ନିର୍ଦ୍ଧାରିତ ସମୟରେ କାମ ଆରମ୍ଭ ନ କରି ବିଳମ୍ବରେ ଆରମ୍ଭ କରିବା ହେତୁ ବହୁ ବାଦ ବିବାଦ ଦେଖାଯାଇଥିଲା । ଏବେ ପୋଲ ନିର୍ମାଣ କରାଯାଇଥିଲେ ମଧ୍ୟ ନିମ୍ନମାନର ହୋଇଥିବା ଯୋଗୁ ପୋଲଟି ୨ଫୁଟ ଦବିଯାଇଥିବା ଅଭିଯୋଗ ହୋଇଛି। ଗତବର୍ଷ ପୋଲ ନିର୍ମାଣ ବେଳେ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ କରି ଗ୍ରାମବାସୀ ଓ ଅଧିକାରୀଙ୍କ ମଧ୍ୟରେ ବାଦବିବାଦ ଦେଖାଦେଇଥିଲା। ଅନେକ ବାର ନିର୍ବାହୀ ଯନ୍ତ୍ରୀ ନିଜେ କାର୍ଯ୍ୟର ତଦାରଖ କରିଥିଲେ। ତଥାପି ପୋଲ ନିର୍ମାଣ ନିମ୍ନମାନର କରାଯାଇ ସରକାରୀ ଅର୍ଥକୁ ତୋଷାରପାତ କରାଯାଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ନିମ୍ନମାନର କାର୍ଯ୍ୟ ହେଉଥିବା ସାଧାରଣ ଲୋକେ ବିଭାଗୀୟ କାର୍ଯ୍ୟ ଦକ୍ଷତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ପ୍ରକଳ୍ପ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅନିତା ପାତ୍ରଙ୍କ କହିଛନ୍ତି, ପୋଲ ନିର୍ମାଣ ପାଇଁ ୭୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା କିନ୍ତୁ ଗାଡ଼ ୱାଲ ନିର୍ମାଣ ପାଇଁ ଲେଖାଯାଇ ପ୍ଲାନ ଅନୁମୋଦିତ ହୋଇଛି ଯଥାଶୀଘ୍ର ଟଙ୍କା ଆସିଲେ କାମ ଆରମ୍ଭ କରାଯିବ। ତେବେ ଦୁଇ ଚାରିଦିନ ବର୍ଷାରେ ଯଦି ଏଭଳି ଅବସ୍ଥା ତେବେ ଅଧିକ ବର୍ଷା ହେଲେ ସ୍ଥିତି ଆହୁରି ବିଗିଡିବା ସମ୍ଭାବନା ରହିଛି । ତେଣୁ ଏହାର ସ୍ଥାୟୀ ସମାଧାନ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ

ଛତ୍ରପୁର, ୨୩।୭ (ଦିଲୀପ ସାମଲ)

ଛତ୍ରପୁର ନିର୍ବାଚନ ମଣ୍ଡଳୀର ସିପିଆଇ ନେତା, ଯୁବ ସଂଗଠକ ଓ ସାମାଜିକ କର୍ମୀ ସ୍ୱର୍ଗତ ସାକୁରା ବେହେରାଙ୍କ ୧୦ତମ ଶ୍ରାଦ୍ଧ ବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ପହଁଚି ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଏନ.ଦୁର୍ଯ୍ୟୋଧନ ରେଡ୍ଡୀ, ସନ୍ତୋଷ କୁମାର ସେଠୀ, ସଂଗ୍ରାମ ସେଠୀ, ବିବେକ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପରିଡା, ଭିକାରୀପଲ୍ଲୀ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ମଥୁରା ଚରଣ ସୁବୁଦ୍ଧି, ମାଗୁଣି ବିଷୋୟୀ, ସଞ୍ଜୟ ଗୌଡ, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ, ଆଇନଜୀବୀ ପଦ୍ମ ଚରଣ ସାହୁ, ଯୁବନେତା ବି. ଶଙ୍କର ରେଡ୍ଡୀ, ସିଏଚ. କ୍ରିଷ୍ଣା ରେଡ୍ଡୀ, ସ୍ୱର୍ଗତ ସାକୁରା ବେହେରାଙ୍କ ସାନଭାଇ ଟିଙ୍କାରା ବେହେରା, ଦଣ୍ଡପାଣି ପାତ୍ର, ଆୟୁଷ୍ମାନ ମହାପାତ୍ର, ଛାତ୍ରନେତା ଇଜୁ ଆମିନ ଖାନ, ଜଲାଲ ଖାନ ଓ ରଞ୍ଜିତ ରଥ, ଟି.କିଶୋର, ଈଶ୍ୱର ରେଡ୍ଡୀ, ଲିଙ୍ଗରାଜ ରେଡ୍ଡୀ, ବଚନ ଦାସ ଓ ବାପି ଦାସଙ୍କ ସମେତ ବହୁ ଯୁବକ ଉପସ୍ଥିତ ଥିଲେ।

# ଭବାନୀ ଭୋଇ ଉପ ବାଚସ୍ପତି ପ୍ରାର୍ଥୀ

ଭୁବନେଶ୍ୱର,୨୩।୭(ଅନିଲ ଦାସ)

ସୁନ୍ଦରଗଡ଼ ଜିଲା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କୁ ଭାଜପା ଉପ ବାଚସ୍ପତି ପ୍ରାର୍ଥୀ ଘୋଷଣା କରିଛି। ସେ ମଙ୍ଗଳବାର ପୂର୍ବାହ୍ନରେ ବିଧାନସଭା ସଚିବଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରିମଣ୍ଡଳ ସଦସ୍ୟ ଓ ଦଳୀୟ ବିଧାୟକ ଉପସ୍ଥିତ ଥିଲେ। ବୁଧବାର ଉପ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ତେବେ ବିରୋଧୀ ବିଜେଡି କିମ୍ବା କଂଗ୍ରେସ ଉପ ବାଚସ୍ପତି ପଦ ପାଇଁ କାହାକୁ ପ୍ରାର୍ଥୀ କରିନାହାନ୍ତି। ଯଦି ଅନ୍ୟ ଦଳ ପକ୍ଷରୁ ଉପବାଚସ୍ପତି ପାଇଁ କୌଣସି ପ୍ରାର୍ଥୀ ଘୋଷଣା କରା ନ ଯାଏ ଭବାନୀ ଭୋଇ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକପ୍ରକାର ନିଶ୍ଚିତ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭବାନୀ ଭୋଇ ତଳସରା ସଂରକ୍ଷିତ ବିଧାନସଭା ନିର୍ବାଚନମଣ୍ଡଳୀରୁ ଦୁଇ ଥର ଭାଜପା ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ୨୦୧୯ରେ ଭବାନୀ ବିଜେଡି ବିଧାୟକ ପ୍ରାର୍ଥୀ ଷ୍ଟିଫେନ ୱିଲସନ୍ ସୋରେଙ୍ଗଙ୍କୁ ପ୍ରାୟ ୧୫ ହଜାର ଭୋଟରେ ପରାସ୍ତ କରିଥିଲେ। ୨୦୨୪ରେ ନିର୍ବାଚନରେ ସେ ବିଜେଡି ପ୍ରାର୍ଥୀ ବିନୟ କୁମାର ଟପ୍ପୋଙ୍କୁ ପ୍ରାୟ ୧୭ ହଜାର ଭୋଟରେ ପରାଜିତ କରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି।

ରଣପୁର ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଓଡ଼ିଶା ବିଧାନସଭାର ନୂଆ ବାଚସ୍ପତି ହେବା ପରେ ଭବାନୀ ଭୋଇଙ୍କୁ ଉପ ବାଚସ୍ପତି ପଦ ଲାଗି ଭାଜପା ପ୍ରାର୍ଥୀ କରିଛି।



ଉପବାଚସ୍ପତି ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ଭବାନୀ ଶଙ୍କର ଭୋଇ(ବାମରୁ ପ୍ରଥମ)। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ।

## ସରପଞ୍ଚରୁ ଆରମ୍ଭ ହୋଇଥିଲା କ୍ୟାରିୟର

ସୁନ୍ଦରଗଡ,୨୩।୭
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ରାଜନୈତିକ ଉତ୍ଥାନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଉପବାଚସ୍ପତି ପ୍ରାର୍ଥୀ ଭାବେ ସେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭାବନୀ ଛାତ୍ର ଜୀବନରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ସହ ଜଡ଼ିତ ଥିଲେ। ଏହାପରେ ଭାଜପାର ପ୍ରାଥମିକ ସଭ୍ୟଭାବେ ରହିବା ସହ ଜମୁନା ପଞ୍ଚାୟତ ଏବଂ କରମଡିହି ଭାଜପା ମଣ୍ଡଳ ଶାଖାର ସଭାପତି ଦାୟିତ୍ୱ ତୁଲାଇଥିଲେ। ପରେ ଭାଜପା ପକ୍ଷରୁ ୨୦୦୭ରେ ସବ୍‌ଡେଗା ଜିଲା ପରିଷଦ 'ଖ' ଜୋନରୁ ଜିଲା ପରିଷଦ ପ୍ରାର୍ଥୀଭାବେ ନିର୍ବାଚିତ ହୋଇ ତାଙ୍କର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଜିଲାପରିଷଦ ସଭ୍ୟ ରହିବା ପରେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଜମୁନା ପଞ୍ଚାୟତର ସରପଞ୍ଚ ହୋଇଥିଲେ। ଏହାପରେ ୨୦୧୭ରୁ ଅଢ଼େଇ ବର୍ଷ ପାଇଁ ଜମୁନା ପଞ୍ଚାୟତର ସମିତି ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ଭାଜପା ତାଙ୍କ ଉପରେ ଆସ୍ଥା ପ୍ରକଟ କରି ତଳସରା ବିଧାନସଭା ଆସନରୁ ପ୍ରାର୍ଥୀ କରିଥିଲା। ଫଳରେ ସେ ପ୍ରଥମ ଥର ବିଧୟକ ହୋଇଥିଲେ। ୨୦୨୪ରେ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କଲା ଓ ସେ ଦ୍ୱିତୀୟ ଥର ଲାଗି ବିଧାନସଭାକୁ ଆସିପାରିଛନ୍ତି। ବିଧାୟକ ରହିବା ସହିତ ସେ ୨୦୧୯ରୁ ସୁନ୍ଦରଗଡ଼ ଭାଜପା ସାଙ୍ଗଠନିକ ଜିଲା ସଭାପତି ଦାୟିତ୍ୱରେ ମଧ ରହିଛନ୍ତି। ଭାଜପା ସହିତ ସେ ଆର୍‌ଏସ୍‌ଏସ୍, ବନବାସୀ ବିଦ୍ୟାଳୟ ଓ ଭୂୟାଁ ସମାଜରର ଜଣେ ନେତା ଭାବେ ନିଜର ପରିଚୟ ସୃଷ୍ଟି କରି ଆଦିବାସୀଙ୍କ ବିକାଶ ସହ ବିଭିନ୍ନ ସାମାଜିକ କାର୍ଯ୍ୟ କରିଚାଲୁଛନ୍ତି।

# ନବୀନଙ୍କୁ ଗିରଫ କରିବାକୁ ମୁକେଶଙ୍କ ଦାବି

ଭୁବନେଶ୍ୱର,୨୩।୭(ଅନିଲ ଦାସ)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଗିରଫ କରିବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ ଦାବି କରିଛନ୍ତି। ମଙ୍ଗଳବାର ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରି ସେ କହିଛନ୍ତି ଯେ, ବିରୋଧୀ ଦଳ ନେତା ଗୃହର ନିୟମ ଭଙ୍ଗ, ରାଜ୍ୟପାଳଙ୍କ ଅଭିଭାଷଣ ବେଳେ ଗୃହ ଭିତରେ ବିଶୃଙ୍ଖଳା ସୃଷ୍ଟି କରିଥିବାରୁ ତାଙ୍କୁ ଗିରଫ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ମହାଲିଙ୍ଗଙ୍କ ଦାବି ହାସ୍ୟାସ୍ପଦ। ପୂର୍ବରୁ ଏଭଳି ଦାବି କରାଯିବାର କୌଣସି ନଜିର ନାହିଁ।

# ତଦନ୍ତ ଚାଲିଛି, ବିରୋଧୀ ଧୈର୍ଯ୍ୟ ଧରନ୍ତୁ: ଭାଜପା

ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)

**ଏଏସ୍‌ଓଙ୍କୁ ମାଡ଼ ଘଟଣା**

ରାଜଭବନରେ ଏଏସ୍‌ଓଙ୍କୁ ହୋଇଥିବା ଆକ୍ରମଣ ପ୍ରସଙ୍ଗରେ ତଦନ୍ତ ପ୍ରକ୍ରିୟା ଚାଲିଛି। ଠିକ୍ ସମୟରେ ପଦକ୍ଷେପ ନିଆଯିବ। ଏଥିଲାଗି ବିରୋଧୀଙ୍କୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ ବୋଲି ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଟଙ୍କଧର କହିଛନ୍ତି, ଓଡ଼ିଶାର ବିକାଶ, ସୁରକ୍ଷା, ଅସ୍ମିତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାଜପା ସରକାରଙ୍କ ପରାକାଷ୍ଠାକୁ ସମଗ୍ର ରାଜ୍ୟବାସୀ ଦେଖିଛନ୍ତି। ମାତ୍ର ମାସକ ଭିତରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇ ଭାଜପା ସରକାର ରାଜ୍ୟବାସୀଙ୍କ ଆସ୍ଥାଭାଜନ ହୋଇପାରିଛି। ଏହାକୁ ବିରୋଧୀ ଦଳ ବିଜେଡି ଆଦୌ ସହ୍ୟ କରିପାରୁନାହିଁ। ଗତ ୨୫ ବର୍ଷ ଧରି ଯେଉଁମାନେ ଜଣେ ଅଣଓଡ଼ିଆଙ୍କ ରିମୋର୍ଟରେ ପରିଚାଳିତ ହୋଇ ସରକାର ଚଳାଉଥିଲେ, ସେମାନେ ବର୍ତ୍ତମାନ ଓଡ଼ିଆ ଅସ୍ମିତା କଥା କିପରି କହୁଛନ୍ତି। ଗତ ସୋମବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡ଼ିଆ ଅସ୍ମିତା ଓ ଆଇନଶୃଙ୍ଖଳା ପ୍ରସଙ୍ଗରେ ଇଂଲିଶ ଭାଷାରେ ବିବୃତି ରଖିଥିଲେ। ଯେଉଁଭଳି ଭାବେ ଗଣମାଧ୍ୟମରେ ବକ୍ତବ୍ୟ ଦେଲେ ତାହା ଆହୁରି ହାସ୍ୟାସ୍ପଦ। ନବୀନ ପଟ୍ଟନାୟକଙ୍କ ଇଂଲିଶରେ ବିବୃତି କେଉଁ ଓଡ଼ିଆ ଅସ୍ମିତାର ପରିଚୟ ବୋଲି ସେ ପ୍ରଶ୍ନ କରିଛନ୍ତି। ନିଜର ଅତୀତକୁ ଭୁଲିଯାଇ ଏବେ ବିରୋଧୀ ଦଳରେ ବସିବା ପରେ ନବୀନବାବୁ ଆଇନ ଶୃଙ୍ଖଳା ପ୍ରସଙ୍ଗ ଉଠାଇବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଟଙ୍କଧର କହିଛନ୍ତି।

# ପ୍ରତିଦିନ ବିଧାୟକ ଦଳ ବୈଠକ, ତାରା ଯୋଗଦେଉନାହାନ୍ତି: କାଡାମ

ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)

ବିଧାନସଭା ଅଧିବେଶନରେ କେଉଁଦିନ କ'ଣ ସବୁ ପ୍ରସଙ୍ଗକୁ ନେଇ ସରକାରୀ ଦଳକୁ ଟାର୍ଗେଟ କରାଯିବ ସେଥିଲାଗି ପ୍ରତ୍ୟେକ ଦିନ କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ହେବ। ତେଣୁ ପ୍ରତିଦିନ କଂଗ୍ରେସର ବିଧାୟକ ଦଳ ବୈଠକ ସକାଳ ସାଢ଼େ ୯ଟାରୁ ୧୦ ମଧ୍ୟରେ ବସିବ ବୋଲି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ତେବେ ମଙ୍ଗଳବାର ମଧ୍ୟ ସମାନଭାବେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ହେଲେ ଏଥିରେ ଦଳର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ନ ଥିବା କାଡାମ କହିଛନ୍ତି। ସେ କହିଛନ୍ତି, ତାରାବାବୁ ବିଧାୟକ ଦଳ ବୈଠକକୁ ଆସି ନ ଥିଲେ, ହେଲେ ଗୃହକୁ ଆସୁଛନ୍ତି।



ରାମଚନ୍ଦ୍ର କାଡାମ

**ସବୁଦିନ ବୈଠକ ବସୁଛି ଜାଣିନି: ତାରା**

ଅନ୍ୟପଟେ ବିଧାୟକ ଦଳ ବୈଠକରେ ଯୋଗଦେଉ ନ ଥିବା ନେଇ ତାରାଙ୍କୁ ପଚାରିବାରୁ ସେ କହିଛନ୍ତି, ସବୁଦିନ ବିଧାୟକ ଦଳ ବୈଠକ ବସୁଛି ବୋଲି ସେ ଜାଣିନାହାନ୍ତି। ଗୃହକୁ ଯାଉଛନ୍ତି ଏବଂ କଂଗ୍ରେସ ତରଫରୁ ଯେଉଁସବୁ ପ୍ରସଙ୍ଗ ଉଠାଯିବା କଥା ଉଠାଉଛନ୍ତି ବୋଲି ତାରା କହିଛନ୍ତି। ସୂଚନାଯୋଗ୍ୟ, ବିଧାୟକ ଦଳ ନେତା ପଦକୁ ନେଇ ତାରା ଏବଂ କାଡାମଙ୍କ ନାଁ ଚର୍ଚ୍ଚାରେ ରହିଥିଲା। ବରିଷ୍ଠତା ଦୃଷ୍ଟିରୁ ଦେଖାଗଲେ ତାରା ସବୁଠାରୁ ଆଗରେ ରହିବା କଥା। ହେଲେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ୩ ଥରର ବିଧାୟକ କାଡାମଙ୍କ ନାଁ ବିଧାୟକ ଦଳ ନେତା ଭାବେ ଘୋଷଣା କରିଛି; ଯାହାକୁ ନେଇ ତାରା ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ହେଉଛି। ଏଥିଲାଗି ବିଧାୟକମାନଙ୍କ ମଧ୍ୟରେ ସମନ୍ୱୟ ଅଭାବ ରହିଥିବା ଜଣେ ବିଧାୟକ ନିଜ ନାମ ଗୋପନ ରଖି କହିଛନ୍ତି।

# ଆସ୍ଥା ଭୋଟରେ ହାରିଲେ ଭାଜପା ପୌରାଧ୍ୟକ୍ଷା

ଫୁଲବାଣୀ, ୨୩।୭
(ରାକେଶ କୁମାର ରାଉତ)

ଫୁଲବାଣୀ ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ନାମରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ମଙ୍ଗଳବାର ଆସ୍ଥା ଭୋଟ ହୋଇଥିଲା ଓ ଏଥିରେ ସେ ହାରିଯାଇଛନ୍ତି। ଭାଜପା ପୌରାଧ୍ୟକ୍ଷାଙ୍କ ବିରୋଧରେ ୧୧ ଜଣ କାଉନସିଲର ମତଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ଭୋଟ ନାକଚ ହୋଇଯାଇଥିଲା। ବାକି ୧୦ଟି ଭୋଟ ପୌରାଧ୍ୟକ୍ଷାଙ୍କ ବିରୋଧରେ ଯାଇଥିଲା। ଦୀର୍ଘଦିନରୁ ପୌରାଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବର ଅନ୍ତ ଘଟିଛି। ଆଗକୁ ପୌରାଧ୍ୟକ୍ଷାଙ୍କ ପଦବୀ ନେଇ ନିର୍ବାଚନ ହେବ। ସେ ପର୍ଯ୍ୟନ୍ତ ଏହି ପଦବୀରେ ଜିଲାପାଳ ରହିବେ କିମ୍ବା ସେ ଆଉ କାହାକୁ ଦାୟିତ୍ୱ ଦେଇପାରନ୍ତି ବୋଲି କୁହାଯାଉଛି। ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ବିଜେଡି ଏବଂ ଅନ୍ୟ କାଉନସିଲରଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ କନ୍ଧମାଳ ଉପଜିଲାପାଳ ଚିତ୍ତରଞ୍ଜନ ମହନ୍ତ ନିର୍ବାଚନ ଅଧିକାରୀ ଭାବେ ଯାଇ ଫୁଲବାଣୀ ପୌର ପରିଷଦରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ କାଉନସିଲରଙ୍କୁ ନେଇ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଆଲୋଚନା ସଫଳ ନ ହେବାରୁ ଭୋଟିଂ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୧୧ ଜଣ କାଉନସିଲର ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ଦିନ ସାଢ଼େ ୧ଟା ପରେ ଭୋଟ ଗଣତି ହୋଇଥିଲା। ପୌରାଧ୍ୟକ୍ଷାଙ୍କ ବିରୋଧରେ ୧୦ଟି ଭୋଟ ପଡିଥିବା ବେଳେ ଗୋଟିଏ ନାକଚ ହୋଇଥିଲା। ଆଗକୁ ପୌର ପରିଷଦର ଉନ୍ନତି ଦିଗରେ କାର୍ଯ୍ୟ କରାଯିବ ବୋଲି ଅନାସ୍ଥା ଆଣିଥିବା କାଉନସିଲରମାନେ କହିଛନ୍ତି। ଗତ ୧୯ ତାରିଖରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ କରାଯିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ହେଲେ ସେ ଜରୁରିକାଳୀନ ଛୁଟିରେ ଚାଲିଯିବାରୁ ସେଦିନ ଭୋଟ ଗ୍ରହଣ ହୋଇ ପାରି ନ ଥିଲା। ପ୍ରଶାସନର ଏଭଳି କାର୍ଯ୍ୟକୁ ନେଇ ଅନାସ୍ଥା ଆଣିଥିବା ବିଜେଡି ଏବଂ ଅନ୍ୟ କାଉନସିଲରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପରେ ସମସ୍ତ କାଉନସିଲର ଜିଲାପାଳଙ୍କୁ ଭେଟି ନିଜ ଅଭିଯୋଗ ଜଣାଇଥିଲେ। ଜିଲାପାଳଙ୍କ ଉପସ୍ଥିତିରେ ୨୩ରେ ଅନାସ୍ଥା ଉପରେ ବୈଠକ ହେବା ପରେ ଭୋଟିଂ ହେବ ବୋଲି କହିବା ସହ ସମସ୍ତ କାଉନସିଲରଙ୍କୁ ଚିଠି କରିଥିଲେ।



ସ୍ମିତାରାଣୀ ମହାନ୍ତି

ସୂଚନାଯୋଗ୍ୟ, ପୌର ପରିଷଦ ସିଧାସଳଖ ନିର୍ବାଚନରେ ଭାଜପାରୁ ଲଢ଼ୁଥିବା ସ୍ମିତାରାଣୀ ମହାନ୍ତି ବିଜୟୀ ହୋଇ ପୌରାଧ୍ୟକ୍ଷା ହୋଇଥିଲେ। ନିଜ କାର୍ଯ୍ୟକାଳ ଆରମ୍ଭରୁ ସେ ବିବାଦୀୟ ହୋଇପଡିଥିଲେ। ମିଥ୍ୟା ବିଲ କରି ଅର୍ଥ ନେଉଥିବା ନେଇ ଅଭିଯୋଗ ହେବା ପରେ କାଉନସିଲରଙ୍କ ମଧ୍ୟରେ ଅସନ୍ତୋଷ ଆରମ୍ଭ ହୋଇଥିଲା। ଫଳସ୍ୱରୂପ ଗତ ଏପ୍ରିଲରେ ପ୍ରଥମ କରି ତାଙ୍କ ନାମରେ ଅନାସ୍ଥା ଅଣାଯାଇଥିଲା। ସୂଚନାଯୋଗ୍ୟ, ଫୁଲବାଣୀ ପୌରପାଳିକାର ୧୩ ଆସନ ମଧ୍ୟରୁ ବିଜେଡି ୭, ଭାଜପା ୪ ଓ ସ୍ୱାଧୀନ ୨ ଜଣ ଜିତିଥିଲେ। ହେଲେ ୧୧ ଜଣ ଅନାସ୍ଥାରେ ଭୋଟ ଦେଇଥିଲେ।

# ୧୫ରୁ ୨୦ ଦିନ ମଧ୍ୟରେ ନୂଆ କମିଟି: ଅଜୟ କୁମାର

ଭୁବନେଶ୍ୱର,୨୩।୭(ସୁନିତ୍ ମିଶ୍ର)

- ବିଶୃଙ୍ଖଳାକାରୀଙ୍କ ବିରୋଧରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ
- ଦିଲ୍ଲୀ ଡକାଇ ରାଜ୍ୟ ନେତାଙ୍କୁ ଭେଟିବେ ୨ ପର୍ଯ୍ୟବେକ୍ଷକ

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିକୁ ଭାଙ୍ଗିଦିଆଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତିଙ୍କୁ ମଧ ତାଙ୍କ ପଦରୁ ହଟାଇ ଦିଆଯାଇଛି। କେବଳ ଜିଲା ସଭାପତିମାନେ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବା ପାଇଁ କୁହାଯାଇଛି। ତେବେ ୨୦୨୪ ନିର୍ବାଚନରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଏଆଇସିସି ଏଭଳି ପଦକ୍ଷେପ ନେଇଛି। ଦଳ ତରଫରୁ ଗୋଇନ୍ଦା ତଥ୍ୟ ହସ୍ତଗତ ହେବାପରେ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। କଂଗ୍ରେସର ନୂଆ କମିଟି କେବେ ସୁଦ୍ଧା ଗଠନ ହେବ ବୋଲି ଦଳର ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କୁ ପଚାରିବାରୁ ସେ କହିଛନ୍ତି, ପାର୍ଲାମେଣ୍ଟ ଅଧିବେଶନ ଶେଷ ହେବାମାତ୍ରେ ପିସିସି ସଭାପତି କାହାକୁ କରାଯିବ ସେନେଇ ଦଳ ଘୋଷଣା କରିବ। ଏହାସହ ଦଳର ନୂଆ କମିଟି ଗଠନ ହେବ। ପ୍ରାୟ ୧୫ରୁ ୨୦ ଦିନ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହୋଇଯିବ। ଏଥିଲାଗି କାଗଜପତ୍ର କାର୍ଯ୍ୟ ଜାରି ରହିଛି। କେବଳ ପାର୍ଲାମେଣ୍ଟ ଅଧିବେଶନ ଶେଷ ପର୍ଯ୍ୟନ୍ତ ଅପେକ୍ଷା। ସେହିପରି ନିର୍ବାଚନ ପ୍ରଦର୍ଶନ ଖରାପ ହେବା ନେଇ ଏଆଇସିସି ଯେଉଁ ୨ ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରିଛନ୍ତି, ସେମାନେ ମଧ ରାଜ୍ୟ ବିଷୟରେ ଭଲ ଭାବେ ବୁଝିବେ। ରାଜ୍ୟ ନେତାମାନଙ୍କୁ ଦିଲ୍ଲୀ ଡକାଯାଇ ଆଲୋଚନା କରି ତଥ୍ୟ ସଂଗ୍ରହ କରିବେ। ଏହାସହ ଯେଉଁମାନେ ବିଶୃଙ୍ଖଳା କରିଛନ୍ତି ବା କରୁଛନ୍ତି ସେମାନଙ୍କ ବିରୋଧରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଜୟ କୁମାର କହିଛନ୍ତି।

## ରାଜ୍ୟ ଖବର

# 'ଜନ୍ମମାଟି'ରେ ଗାଁ, କୃଷକର କାହାଣୀ

ଭୁବନେଶ୍ୱର,୨୩।୭(ଶର୍ମିଷ୍ଠା ପାଣିଗ୍ରାହୀ)

**ନାଟକ ଉତ୍ସବର ତୃତୀୟ ସନ୍ଧ୍ୟା**

ସହରର ଚାକଚକ୍ୟରେ ଆକର୍ଷିତ ହୋଇ ଗାଁର ଶିକ୍ଷିତ ଲୋକ ସହରକୁ ଚାଲିଯାଆନ୍ତି। ତାଙ୍କ ପଛେ ପଛେ ଅପାଠୁଆମାନେ ମଧ ଗାଁ ଛାଡ଼ି ସହରକୁ ଯାଇ ମଜୁରି ଲାଗନ୍ତି। ଗାଁରେ ରହିଯାଆନ୍ତି କିଛି ଅର୍ଦ୍ଧଶିକ୍ଷିତ, ବୟସ୍କ ଓ ଛୋଟ ପିଲା। କଠିନ ପରିଶ୍ରମ କରି ଏଠି କୃଷକ ଟିକେ ଉନ୍ନତି କଲେ, ସେହି ଅର୍ଦ୍ଧଶିକ୍ଷିତମାନେ ଇର୍ଷାରେ ଜଳି ଯାଆନ୍ତି। ଏମିତିକି କୃଷକର ସର୍ବନାଶ କରିବା ପାଇଁ ପଛାନ୍ତି ନାହିଁ। ଅନ୍ୟପଟେ ବନ୍ୟା, ବାତ୍ୟା, ଅନାବୃଷ୍ଟିରେ ଶ୍ରୀହିନ ହୋଇ ଉଠେ ଜନ୍ମମାଟି। ଜନ୍ମମାଟିର କରୁଣ ଚିତ୍କାର ଗାଁରେ ରହୁଥିବା କୃଷକର ହୃଦୟକୁ ସିନା ବିଦାରି ଦିଏ, ହେଲେ, ଗାଁକୁ ଛାଡି ସହରରେ ରହୁଥିବା ମଣିଷଙ୍କ ଉପରେ ସାମାନ୍ୟତମ ପ୍ରଭାବ ପକାଏ ନାହିଁ। ସତରେ କ'ଣ ଜନ୍ମମାଟି ସବୁଦିନ ପାଇଁ ଶ୍ରୀହୀନ ହୋଇଯିବ। ଗାଁକୁ ଛାଡ଼ି ଯାଇଥିବା ତା'ର ପୁଅମାନେ ଗାଁକୁ ଫେରି ତାକୁ ଆଉଥରେ ସମ୍ପୂର୍ଣ୍ଣ ଶସ୍ୟଶ୍ୟାମଳା କରିବେ ନାହିଁ। ଏଭଳି ଏକ ଆବେଗଭରା କାହାଣୀକୁ ନେଇ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଛି ନାଟକ 'ଜନ୍ମମାଟି'। ଓଡ଼ିଆ ନାଟ୍ୟ ଜଗତର ପ୍ରବାଦ ପୁରୁଷ, ନାଟ୍ୟକାର ତଥା ମଞ୍ଚ ଅଭିନେତା ସ୍ୱର୍ଗତ ମନୋରଞ୍ଜନ ଦାସଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଛି ୫ ଦିନିଆ ନାଟକ ଉତ୍ସବ। ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ଜନ୍ମମାଟି' ଦର୍ଶକଙ୍କୁ କିଛି ସମୟ ଗାଁ ସମ୍ପର୍କରେ ଚିନ୍ତା କରିବାକୁ ବାଧ୍ୟ କରିଥିଲା। ଭାସ୍କର ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶନାରେ ରାଉରକେଲାର ନାଟ୍ୟାନୁଷ୍ଠାନ 'ସମ୍ପର୍କ'ର କଳାକାରମାନେ ଏହି ନାଟକ ପରିବେଷଣ କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ବିଜୟ ପାତ୍ର, ଭାସ୍କର ଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ପାଢ଼ୀ, ମୁରଲୀଧର ଦାଶ, ପ୍ରଳୟ ଶତପଥୀ, ସୁଦେଷ୍ଣାରାଣୀ ରାଉତ, ପୁଷ୍ପା ବିଶୋଇ ପ୍ରମୁଖ ଅଭିନୟ କରିଥିଲାବେଳେ ମୁରଲୀଧର ଦାଶ ଓ ସୁରେନ୍ଦ୍ର ପାଢ଼ୀ ସହ ନିର୍ଦ୍ଦେଶନା ଦେଇଛନ୍ତି। ଉତ୍ସବରେ ଅତିଥିଭାବେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପଞ୍ଚାନନ ଦାସ ଓ ରାଜୀବ ପାଣି ଯୋଗଦେଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ପରିଚାଳନା କରିଥିଲେ।



ନାଟକ 'ଜନ୍ମମାଟି'ର ଏକ ଦୃଶ୍ୟ।

# କାର୍ଯ୍ୟକାରୀ ରାଜ ପୁରୋଧାଙ୍କ ପରଲୋକ

ଢେଙ୍କାନାଳ,୨୩।୭(ରତନ ନାୟାର)

ଢେଙ୍କାନାଳ ରାଜ ପୁରୋଧା ପଞ୍ଚାନନ ମିଶ୍ରଙ୍କ କନିଷ୍ଠ ପୁତ୍ର ତଥା କାର୍ଯ୍ୟକାରୀ ରାଜ ପୁରୋଧା ଶଶୀ ଶେଖର ମିଶ୍ର (୬୨)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଆକାଶବାଣୀ ଯୋରନ୍ଦା, ଭବାନୀପଟଣା ଓ ବାରିପଦାରେ କାର୍ଯ୍ୟକ୍ରମ ନିଷ୍ପାଦକ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପିତା, ପତ୍ନୀ ଓ ପୁତ୍ର ଉପସ୍ଥିତ ଥିଲେ। ସେ ଢେଙ୍କାନାଳ ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦର ସକ୍ରିୟ ଆଜୀବନ ସଭ୍ୟ ରହିଥିଲେ। ତାଙ୍କ ପରଲୋକରେ ପରିଷଦର ଉପଦେଷ୍ଟା ଯୁବରାଜ ଅମରଜ୍ୟୋତି ସିଂହଦେଓ ଏବଂ ସଭାପତି ପ୍ରଦ୍ୟୁମ୍ନ ରଥ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ମୁକ୍ତାଦେଇପୁର ଶାସନସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ଶଶୀ ଶେଖର ମିଶ୍ର

# ଏନ୍‌ଇଇଟି-ୟୁଜି ଉପରେ ସୁପ୍ରିମକୋର୍ଟଙ୍କ ରାୟ ସତ୍ୟର ବିଜୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)

ଏନ୍‌ଇଇଟି୍-ୟୁଜି ପୁନଃ ପରୀକ୍ଷା ହେବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ନୂଆଦିଲ୍ଲୀରେ ଏହି ପ୍ରସଙ୍ଗରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ସୁପ୍ରିମକୋର୍ଟ ଦେଇଥିବା ରାୟ ଦ୍ୱାରା ସତ୍ୟର ବିଜୟ ହୋଇଛି। ଏହି ନିଷ୍ପତ୍ତି ସମସ୍ତ କଳ୍ପନାଜଳ୍ପନାକୁ ଦୂରକରିବା ସହ ଅନେକ ଲକ୍ଷ କଠିନ ପରିଶ୍ରମୀ ଓ ସଚ୍ଚୋଟ ଛାତ୍ରୀଛାତ୍ରଙ୍କୁ ଆଶ୍ୱସ୍ତି ଦେବ। ସେ ଆହୁରି କହିଛନ୍ତି, ଏନ୍‌ଇଇଟି ପରୀକ୍ଷାର୍ଥୀଙ୍କ ମଧ୍ୟରେ ଥିବା ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କ ହିତରେ ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ବଜାୟ ରଖୁଥିବା ଏହି ଐତିହାସିକ ରାୟ ପାଇଁ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ବିଦ୍ୟାର୍ଥୀଙ୍କ ପାଇଁ ଅନୁଷ୍ଠିତ ହେଉଥିବା ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ପରୀକ୍ଷାକୁ ସ୍ୱଚ୍ଛ, ବିନା କୌଣସି ଟ୍ୟାମ୍ପରିଂ ତଥା ତ୍ରୁଟିଶୂନ୍ୟ କରିବା ପାଇଁ ଶିକ୍ଷା ବିଭାଗ କଟିବଦ୍ଧ ଅଛି। ଏନ୍‌ଇଇଟି ପରୀକ୍ଷାକୁ ପରିଚାଳନା କରୁଥିବା ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ)କୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ପୂର୍ବରୁ ମନ୍ତ୍ରଣାଳୟ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡ. କେ. ରାଧାକ୍ରିଷ୍ଣନଙ୍କ ନେତୃତ୍ୱରେ ଗଠିତ କମିଟି ସମସ୍ତ ଦିଗରୁ ଘଟଣାକୁ ଅନୁଧ୍ୟାନ କରିବା ସହ ନିଜର କାମ ଜାରି ରଖିଛନ୍ତି। ସିବିଆଇ ମଧ ନିଜର କାମ ଜାରି ରଖିଛି। ଯୁବପିଢ଼ି, ବିଦ୍ୟାର୍ଥୀ ଏବଂ ସେମାନଙ୍କ ଅଭିଭାବକଙ୍କୁ ଆଶ୍ୱସ୍ତ କରୁଛି ଯେ, ଏନ୍‌ଟିଏ ସଂସ୍ଥା ଦ୍ୱାରା ପରିଚାଳିତ ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ସମସ୍ତ ପ୍ରକ୍ରିୟାରେ ଯେଉଁ ଅବ୍ୟବସ୍ଥା ହୋଇଛି ସେଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁମାନେ ଦେଶର ପରୀକ୍ଷା ବ୍ୟବସ୍ଥାକୁ ସମାଲୋଚନାକରି ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ନିଜର ସ୍ୱାର୍ଥ ପାଇଁ ଉପଯୋଗ କରି ରାଜନୈତିକ ଅସ୍ଥିରତା ଓ ଅରାଜକତା ସୃଷ୍ଟି କରିଛନ୍ତି, ଏହି ରାୟ ସେମାନଙ୍କ ଆଖି ଖୋଲିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଓଲଟିଲା ପିକଅପ୍ ଭ୍ୟାନ୍, ୪ କାଉଡ଼ିଆ ଗୁରୁତର

ଢେଙ୍କାନାଳ,୨୩।୭(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଝାରଗାଡିଆ ଫାଣ୍ଡି ୫୫ନଂ. ଜାତୀୟ ରାଜପଥର ତେନ୍ତୁଳିଆପଡ଼ା ଗ୍ରାମ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ରାଜପଥ କଡକୁ ଓଲଟି ପଡିଥିଲା। ଫଳରେ ଏଥିରେ ଯାଉଥିବା କାଉଡ଼ିଆ ଶ୍ରଦ୍ଧାଳୁଙ୍କ ମଧ୍ୟରୁ ୪ଜଣ ଗୁରୁତର ହୋଇଥିଲେ। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାରୁ ଜଣାପଡିଛି, ବାଲେଶ୍ୱର ଜିଲା ଛାନୁଆ ଗ୍ରାମର ୨୬ଜଣ କାଉଡ଼ିଆ ଶ୍ରଦ୍ଧାଳୁ ବଲାଙ୍ଗିର ଜିଲା ହରିଶଙ୍କର ଠାରେ ଜଳଲାଗି କରି ଏକ ପିକଅପ୍ ଭ୍ୟାନରେ ଫେରୁଥିବା ବେଳେ ଭ୍ୟାନଟି ଢେଙ୍କାନାଳ ଜିଲା ତେନ୍ତୁଳିଆପଡା ଠାରେ ରାଜପଥ କଡକୁ ଓଲଟି ପଡିଥିଲା। ଖବରପାଇ ସଦର ଥାନା ଓ ଝାରଗାଡିଆ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।



ଓଲଟି ପଡିଥିବା ପିକଅପ୍ ଭ୍ୟାନ।

# ଚାଉଳ ଚୂନା, କେମିକାଲ ରଙ୍ଗରେ ସସ୍

**ଭୁବନେଶ୍ୱର, ୨୩।୭ (ସତ୍ୟଜିତ୍ ରାଉତ)**

ରାଜଧାନୀରେ ଚାଲିଥିଲା ଅପମିଶ୍ରିତ ଟମାଟୋ ଓ ଚିଲି ସସ୍ କାରଖାନା। ଟମାଟୋ ଓ ଲଙ୍କା ବଦଳରେ ଚାଉଳ ଚୂନା ଚୁନାରେ ତିଆରି ହେଉଥିଲା ସସ୍। ଦୂଷିତ ପାଣି, ନାନା ପ୍ରକାରର କେମିକାଲ, ଇଣ୍ଡଷ୍ଟ୍ରିଆଲ ରଙ୍ଗ ଆଦି ମିଶାଇ ପୂରା ଅସଲି ରୂପ ଦିଆଯାଇ ବଜାରକୁ ଛଡ଼ାଯାଉଥିଲା। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗୀ ଏଚ୍‌ବି କଲୋନୀ ଫେଜ୍-୨ରେ ଅମ୍ରିତା ଫୁଡ୍‌ସ ନାମରେ ଚାଲୁଥିବା ଏହି କାରଖାନାକୁ ଠାବ କରିଛି କମିଶନରେଟ ପୋଲିସ। ମଙ୍ଗଳବାର ଅପରାହ୍ନରେ କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଓ ଫୁଡ୍ ସେଫ୍‌ଟି ଅଧିକାରୀମାନେ ଏହି କାରଖାନାରେ ଚଢ଼ାଉ କରିବା ପରେ ଗୁମର ପଦାକୁ ଆସିଛି। କାରଖାନାରୁ ବିପୁଳ ପରିମାଣର ଅପମିଶ୍ରିତ ଚିଲି ଓ ଟମାଟୋ ସସ୍ ଜବତ କରାଯାଇଛି। ତେବେ କାରଖାନାରେ ଚଢ଼ାଉ ହୋଇଥିବା ଖବର ପାଇ ଏହାର ମାଲିକ ଜଟଣୀ ଅଞ୍ଚଳର ଈଶ୍ୱର ସାହୁ ଫେରାର ହୋଇଯାଇଛନ୍ତି। ତେବେ ସେଠାରେ କାମ କରୁଥିବା ୩ କର୍ମଚାରୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ରବୀନ୍ଦ୍ର ବିଶ୍ୱାଳ (୫୨), ଖୋର୍ଦ୍ଧା ଜିଲା ବାଲୁଗାଁ ଅଞ୍ଚଳର ଅଶୋକ କୁମାର ବେହେରା (୪୨) ଓ ସୁନ୍ଦରପଦା ବେହେରା ସାହିର ଦିଲୀପ ସ୍ୱାଇଁ (୪୪)। ଏ ସଂକ୍ରାନ୍ତରେ ଏୟାରଫିଲ୍ଡ ଥାନାରେ ପୋଲିସ ଏକ ମାମଲା (ନଂ.୨୧୪/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଉକ୍ତ କାରଖାନାକୁ ସିଲ୍ କରାଯାଇଥିବାବେଳେ ଫେରାର ମାଲିକଙ୍କୁ ଗିରଫ କରିବାକୁ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ଜଣାପଡ଼ିଛି।



ଅମ୍ରିତା ଫୁଡ୍‌ସରେ ସ୍ପେଶାଲ ସ୍କ୍ୱାଡ୍ ଓ ଫୁଡ୍ ସେଫ୍‌ଟି ଅଧିକାରୀ ଯାଞ୍ଚ କରୁଛନ୍ତି।

**ରାଜଧାନୀରେ ଅପମିଶ୍ରିତ ସସ୍ କାରଖାନା ଠାବ**

- ୩ କର୍ମଚାରୀ ଗିରଫ, ମାଲିକ ଫେରାର
- ବିପୁଳ ନକଲି ଚିଲି, ଟମାଟୋ ସସ୍ ଜବତ

କିଛିଦିନ ହେଲା ଭୁବନେଶ୍ୱରର ବିଭିନ୍ନ ମାର୍କେଟ୍‌ରେ ଅମ୍ରିତା ବ୍ରାଣ୍ଡର ଟମାଟୋ ଓ ଚିଲି ସସ୍ ବିରୋଧରେ ନାନା ଅଭିଯୋଗ ଆସିଥିଲା। ଫୁଡ୍ ସେଫ୍‌ଟି ଅଧିକାରୀମାନେ ଚଢ଼ାଉ କରି ଦୋକାନରୁ ସେସବୁକୁ ଜବତ କରୁଥିଲେ ମଧ୍ୟ କେଉଁଠି ତିଆରି ହେଉଛି, କୁଆଡୁ ଆସୁଛି, ତାହା ଜାଣିପାରୁ ନ ଥିଲେ। ତେବେ ତାହା ଅପମିଶ୍ରିତ ତଥା ବିଷାକ୍ତ ବୋଲି ଜଣାପଡିବା ପରେ ପୋଲିସ ଓ ଫୁଡ୍ ସେଫ୍‌ଟି ଟିମ୍ ଏହା ପଛରେ ଲାଗି ପଡିଥିଲେ। ଭୀମଟାଙ୍ଗୀରେ ଏହି କାରଖାନା ରହିଥିବା ଖବର ମିଳିବା ପରେ ମିଳିତ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ କାରଖାନା ନିକଟରେ ଓଡି୦୨ଏଏଚ୍୪୭୧୬ ନମ୍ବର ବିଶିଷ୍ଟ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ପେଟି ପେଟି ସସ୍ ଭର୍ତ୍ତି ହୋଇ ବଜାରକୁ ଛଡାଯିବାକୁ ରହିଥିଲା। କାରଖାନା ଭିତରେ ମଧ୍ୟ ବିପୁଳ ପରିମାଣର ସସ୍ ରଖାଯାଇଥିଲା। ଏଥିସହ ବଡ଼ବଡ଼ ପ୍ଲାଷ୍ଟିକ୍ କଣ୍ଟେନରରେ ଖୋଲାରେ ସସ୍ ରହିଥିବାବେଳେ କେମିକାଲ ଓ ଇଣ୍ଡଷ୍ଟ୍ରିଆଲ ରଙ୍ଗ ମିଶାଯାଉଥିବା ଦେଖିବାକୁ ମିଳିଥିଲା। ସେଠାରେ ମଧ୍ୟ ବିଭିନ୍ନ ରଙ୍ଗଡବା ରହିଥିଲା। ଅସ୍ୱାସ୍ଥ୍ୟକର ପରିବେଶରେ ମେଶିନ ଓ ହାତରେ ଏହି ସସ୍ ପ୍ରସ୍ତୁତି ଚାଲିଥିଲେ ବି କାହାର ନଜର ନ ଥିଲା। ବଡ଼ କଥା ହେଲା, ସସ୍‌ରେ ଟମାଟୋ ଓ ଚିଲିର ବ୍ୟବହାର କରାଯାଉ ନ ଥିଲା। କେବଳ ଚାଉଳ ଚୂନା ଓ ଅନ୍ୟାନ୍ୟ ପାଉଡରରେ ଦୂଷିତ କୂଅପାଣି ଓ କେମିକାଲଯୁକ୍ତ ରଙ୍ଗ ମିଶାଇ ସସ୍ ପ୍ରସ୍ତୁତ ହେଉଥିଲା। ଏପରିକି ବଜାରକୁ ଛଡ଼ାଯାଉଥିବା ସସ୍ ବୋତଲରେ ମାନୁଫାକ୍ଚରିଂ ଓ ଏକ୍ସପାଏରି ଡେଟ୍ ଏବଂ କମ୍ପାନୀ ଠିକଣା ନ ଥିଲା। ଖାଦ୍ୟ ନିରାପତ୍ତା ଆୟୁକ୍ତଙ୍କ ଟିମ୍ ପକ୍ଷରୁ ଏହି ନକଲି ସସ୍‌ର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବ୍‌କୁ ପଠାଯାଇଛି। ତେବେ ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରା କରାଯାଉଥିବାବେଳେ ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଫେରାର ଦ୍ୱିତୀୟ ଅଭିଯୁକ୍ତ ଗିରଫ

## ହିନ୍ଦୋଳରେ ଗୁଳିକରି ଯୁବକଙ୍କୁ ହତ୍ୟା ଘଟଣା

**ସାତମାଇଲ, ୨୩।୭ (ସୁଶାନ୍ତ ପତି)**

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ନୂଆବଗଠାରେ ସୋମବାର ଗୁଳିମାଡ଼ରେ ସୁବାସ ସାହୁଙ୍କ ମୃତ୍ୟୁ ଘଟଣାରେ ଫେରାର ଥିବା ଦ୍ୱିତୀୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ ଧରିବାରେ ସକ୍ଷମ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତ ହେଲେ ଅନୁଗୋଳ ଜିଲା ବନ୍ତଳା ପୋକତୁଙ୍ଗା ଅଞ୍ଚଳର ସୋନସୋହେଲ ପ୍ରଧାନ(୧୯)। ହିନ୍ଦୋଳ ପୋଲିସ ହରିହରପୁର ଅଞ୍ଚଳରୁ ତାଙ୍କୁ ଗିରଫ କରି ରାସୋଳ ଥାନାରେ ରଖି ପଚରାଉଚରା କରୁଛି।

ସୂଚନାଯୋଗ୍ୟ, ବାଲିମି ଥାନା ମହାଲୁଣ୍ଡା ଅଞ୍ଚଳର ସୁବାସ ଏକ ବାଇକ୍‌ରେ ଯାଉଥିବା ବେଳେ ଅନ୍ୟ ଏକ ବାଇକ୍‌ରେ ପିଛା କରି ଅଭିଯୁକ୍ତ ରିଙ୍କୁ ଖାଁ ଓ ସୋନସୋହେଲ ତାଙ୍କୁ ନୂଆବଗ ଶନିମନ୍ଦିର ଠାରେ ଗୁଳିମାରି ହତ୍ୟା କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ହିନ୍ଦୋଳ ଓ ରସୋଳ ପୋଲିସ ଘଟଣାର କିଛି ସମୟ ମଧ୍ୟରେ ରିଙ୍କୁ ଖାଁଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ବନ୍ଧୁକ ଜବତ କରିଥିଲା। ଫେରାର ଥିବା ସୋନସୋହେଲଙ୍କୁ ପୋଲିସ ଧରିବାରେ ସଫଳ ହୋଇଥିଲେ ହେଁ ହତ୍ୟାକାଣ୍ଡର ପ୍ରକୃତ କାରଣ ଉପରୁ ଏଯାଏ ପରଦା ହଟାଇପାରି ନାହିଁ। ମଙ୍ଗଳବାର ସୁବାସଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ମହାଲୁଣ୍ଡାରେ ପହଞ୍ଚିବା ପରେ ବିଶାଳ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ସରପଞ୍ଚ ବସନ୍ତ ସାହୁ, ଭାଜପା ନେତା ଜୀବନ ମିଶ୍ର, ଆଲୋକ ସାହୁ, ସୁଜିତ ବାରିକ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ।



ଗିରଫ ଦ୍ୱିତୀୟ ଅଭିଯୁକ୍ତ ସୋନସୋହେଲ ପ୍ରଧାନ।

# ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

**ବ୍ରହ୍ମପୁର, ୨୩।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ମାମଲାର ଚୂଡାନ୍ତ ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ଅଭିଯୁକ୍ତ କେଶବ ସେଠୀ(୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ଜେଲ୍ ଦଣ୍ଡ ସହ ୭୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ ଜେଲ୍ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ)କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୮ ଏପ୍ରିଲ ୧ ତାରିଖରେ ବୁଗୁଡା ଥାନା ଅଞ୍ଚଳର ୧୭ ବର୍ଷୀୟା ନାବାଳିକା ଜଣକ ଏକାକୀ ଥିବା ବେଳେ କେଶବ ତାଙ୍କୁ ବଳାତ୍କାର କରିଥିଲେ। ପରେ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ସହ ଅପହରଣ କରି ଭୁବନେଶ୍ୱରରେ ଏକ ଘର ଭଡା ନେଇ ରଖିଥିଲେ। ସେଠାରେ ମନ୍ଦିରରେ ବିବାହ କରି ପରେ ସୁରଟ ନେଇଥିଲେ। ଏହାପରେ ଆନ୍ଧ୍ରପ୍ରଦେଶର ନେଲ୍ଲୁରୁରେ ଆଣି ରଖିଥିଲେ। ସେଠାରେ ଏକ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ଉଭୟେ କାମ କରି ରହୁଥିଲେ। କିଛିଦିନ ପରେ କେଶବ କିଛି ନ କହି ସେଠାରୁ ବୁଗୁଡ଼ା ଚାଲି ଆସିଲେ। ତେଣୁ ବାଧ ହୋଇ ପୀଡ଼ିତା କେଶବ ରହୁଥିବା ବୁଗୁଡାକୁ ଚାଲିଆସିଥିଲେ। ପରିବାର ଲୋକେ ମାରପିଟ କରି ଘରୁ ତଡି ଦେଲେ। ଏପରିକି ପୀଡ଼ିତା ତାଙ୍କ ମା'ଙ୍କ ସହ କେଶବଙ୍କ ଘରକୁ ଯାଇଥିବା ବେଳେ ସେମାନଙ୍କୁ ଅସଦାଚରଣ କରିଥିଲେ। ମା' ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେଶବଙ୍କ ସମେତ ତାଙ୍କ ମା', ବାପା, ଦୁଇଭାଇଙ୍କ ନାଁରେ ମାମଲା ରୁଜୁ କରିଥିଲା। କେଶବଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ୬ମାସ ପରେ କେଶବ ଜାମିନ ପାଇଥିଲେ। ମାମଲାରେ ୧୩ ଜଣ ସାକ୍ଷୀ ବୟାନ ଦେଇଥିଲେ। ପ୍ରମାଣ ମିଳି ଥିବାରୁ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନା ସିଙ୍ଗାରି ମକଦ୍ଦମା ପରିଚାଳନା କରୁଥିଲେ।

**ପୀଡ଼ିତାଙ୍କୁ ୪ ଲକ୍ଷ ଆର୍ଥିକ ସହାୟତା ନିର୍ଦ୍ଦେଶ**

# ଚାକିରି ପ୍ରଲୋଭନ ଦେଖାଇ ନେଇଗଲେ ଟଙ୍କା, ମୋବାଇଲ

**ଉମରକୋଟ, ୨୩।୭ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟରେ ଥିବା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ବିଚାରପତିଙ୍କ କୋର୍ଟରେ ପିଅନ ଚାକିରି କରାଇଦେବା ପ୍ରଲୋଭନ ଦେଖାଇ ଜଣେ ବ୍ୟକ୍ତି ୨୦ ହଜାର ଟଙ୍କା ଓ ମୋବାଇଲ ନେଇ ଫେରାର ହୋଇଯାଇଛନ୍ତି। ଠକେଇର ଶିକାର ହୋଇଥିବା ଯୁବକ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଝରିଗାଁ ବ୍ଲକ୍‌ର କୁଟରିଛାପ ପଞ୍ଚାୟତ ଚିକିଲି ଗାଁର ଗଜେନ୍ଦ୍ର ଗୌଡ଼(୨୧) ଦାଦନ ଖଟିବାକୁ ଚେନ୍ନାଇ ଯାଇଥିଲେ। ଜୁନ୍ ୨୨ରେ ଗଜେନ୍ଦ୍ର ଘରକୁ ଫେରିବା ପାଇଁ ଚେନ୍ନାଇ ସେଣ୍ଟ୍ରାଲ ରେଲୱେ ଷ୍ଟେଶନରେ ଟ୍ରେନ୍‌କୁ ଅପେକ୍ଷା କରିଥିବାବେଳେ ଜଣେ ଅଜଣା ବ୍ୟକ୍ତି ନିଜକୁ ନବରଙ୍ଗପୁର ଜିଲାର କହିବାରୁ ଉଭୟଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଥିଲା। ଉଭୟେ ମୋବାଇଲ ନମ୍ବର ପରସ୍ପରକୁ ଦେଇଥିଲେ। ଏହାପରେ ଉଭୟେ ନିୟମିତଭାବେ ଫୋନ୍‌ରେ କଥାବାର୍ତ୍ତା ହେଉଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ମଙ୍ଗଳବାର ଗଜେନ୍ଦ୍ରଙ୍କୁ ଫୋନ୍‌କରି ଉମରକୋଟ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ପିଅନ ଚାକିରି କରାଇ ଦେବେ କହି କୋର୍ଟ ପାଖକୁ ଡକାଇଥିଲେ। ସାଙ୍ଗରେ ଟଙ୍କା ଓ ଡକ୍ୟୁମେଣ୍ଟ ନେଇ ଆସିବାକୁ କହିଥିଲେ। ଗଜେନ୍ଦ୍ର ଉମରକୋଟ କୋର୍ଟ ପାଖରେ ପହଞ୍ଚିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ତାଙ୍କଠାରୁ ୨୦ ହଜାର ଟଙ୍କା ସହ ଏକ ଓଟିପି ଆସିବ କହି ଗଜେନ୍ଦ୍ରଙ୍କ ମୋବାଇଲ ମାଗି ନେଇଥିଲେ। ଆବଶ୍ୟକ ଡକ୍ୟୁମେଣ୍ଟ ସବୁ ଜେରକ୍ସ କରି ଆଣିବାକୁ ଗଜେନ୍ଦ୍ରଙ୍କୁ ନିକଟସ୍ଥ ଏକ ଦୋକାନକୁ ପଠାଇଥିଲେ। ଗଜେନ୍ଦ୍ର ଜେରକ୍ସ କରି ଆସିବା ପରେ ବ୍ୟକ୍ତ ଜଣକ ସେଠାରେ ନ ଥିବା ଗଜେନ୍ଦ୍ର ଦେଖିବାକୁ ପାଇଥିଲେ। ବହୁ ସମୟ ଅପେକ୍ଷା କରିବା ପରେ ଉକ୍ତ ବ୍ୟକ୍ତିଙ୍କ କୌଣସି ଖବର ନ ମିଳିବାରୁ ଗଜେନ୍ଦ୍ର ଓ ତାଙ୍କ ବାପା କୋର୍ଟ ଭିତରକୁ ଯାଇ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। କୋର୍ଟ କର୍ମଚାରୀମାନେ ସେହିଭଳି କୌଣସି ବ୍ୟକ୍ତିଙ୍କୁ ଜାଣି ନ ଥିବା କହିବା ପରେ ଗଜେନ୍ଦ୍ର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉମରକୋଟ ପୋଲିସ କୋର୍ଟକୁ ଯାଇ ସିସିଟିଭି ଫୁଟେଜ ଯାଞ୍ଚ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ପୋଲିସ କହିଛି।



ଗଜେନ୍ଦ୍ର ଥାନାରେ ଅଭିଯୋଗ କରୁଛନ୍ତି।

# ହୋଟେଲ ଡ୍ରୟାର ଭାଙ୍ଗି ୩ ଲକ୍ଷ ଚୋରି

## ପ୍ରମାଣ ନଷ୍ଟ ପାଇଁ ସିସିଟିଭି ହାର୍ଡଡିସ୍କ ଗାଏବ

**ରାୟଗଡ଼ା, ୨୩।୭ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଅଳ୍ପ ଦୂରରେ ଅବସ୍ଥିତ ମୁଖ୍ୟ ଛକଠାରେ ରହିଥିବା ଏକ ହୋଟେଲରୁ ମଙ୍ଗଳବାର ଭୋର ୩ଟାରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ହୋଟେଲରେ ଥିବା କ୍ୟାଶ କାଉଣ୍ଟର ଡ୍ରୟାର ଭାଙ୍ଗି ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ସିସି ଟିଭି ହାର୍ଡଡିସ୍କ ଚୋରି ହୋଇଥିବା ହୋଟେଲ ମାଲିକ ଏମ୍ ଶ୍ରୀନିବାସ ରାଓ ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ମାଲିକ ଏମ୍. ଶ୍ରୀନିବାସ ପ୍ରତିଦିନ ଭଳି ସୋମବାର ରାତି ପ୍ରାୟ ୧୨ଟାରେ ହୋଟେଲ ବନ୍ଦ କରି ଘରକୁ ଯାଇଥିଲେ। ମଙ୍ଗଳବାର ସକାଳୁ ହୋଟେଲ ଷ୍ଟାଫ ନିତିଦିନ ଭଳି ଆସି ହୋଟେଲ ପଛ ପାର୍ଶ୍ୱରେ ରହିଥିବା କବାଟ ଖୋଲି ଭିତରକୁ ଯାଇଥିଲେ। ତେବେ ରୋଷେଇ ଘରେ ରହିଥିବା ଏକଜିଷ୍ଟ ଫ୍ୟାନ ନ ଥିବା ଦେଖି ଶ୍ରୀନିବାସଙ୍କୁ ଫୋନ କରିଥିଲେ। ଶ୍ରୀନିବାସ ହୋଟେଲରେ ପହଞ୍ଚି ଦେଖିଲା ବେଳକୁ କାଉଣ୍ଟର ଡ୍ର ଭାଙ୍ଗି ସେଥିରେ ରହିଥିବା ଟଙ୍କା ଚୋରି ହୋଇଯାଇଛି। ଏ ନେଇ ସେ ରାୟଗଡ଼ା ଟାଉନ ଥାନାରେ ଏତଲା ଦେବା ପରେ ଆଇଆଇସି କେକେବିକେ କହଁର ଓ ପୋଲିସ ଟିମ୍ ଆସି ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଆଇଆଇସି କହଁରଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ଏବଂ ହୋଟେଲରୁ କ'ଣ ସବୁ ଚୋରି ହୋଇଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି କହିଛନ୍ତି।





ଟଙ୍କା ରଖିଥିବା ଡ୍ରୟାର।

# ଦୋଷୀଙ୍କୁ ୧୦ ବର୍ଷ କାରାଦଣ୍ଡ

**ରାଇରଙ୍ଗପୁର, ୨୩।୭ (ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ମଙ୍ଗଳବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଭି.ସୁଜାତା ଏହାର ବିଚାର କରି ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ୧ ବର୍ଷ ଅଧିକ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ମୋହନ ମାଝୀ

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଜାନୁୟାରୀ ୧ ତାରିଖ ରାତିରେ ବିଶୋଇ ଥାନା ଅଞ୍ଚଳରେ ସ୍ୱାମୀଙ୍କ ଅନୁପସ୍ଥିତିରେ ଅଭିଯୁକ୍ତ ମୋହନ ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୩୨/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

**ମହିଳାଙ୍କୁ ବଳାତ୍କାର ମାମଲା**

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇଲିଶି ଶୁଖୁଆ ଭାରି ସୁଆଦ ଲୋ
ଉଚ୍ଚାଟ କରଇ ମନ
ଗୁଣ୍ଡାକ ଉପରେ ଗୁଣ୍ଡା ଚାଲିଯାଏ
ସହସ୍ର କଣ୍ଟା ଭୋଜନ।**

ସାଧାରଣତଃ ଇଲିଶି ଶୁଖୁଆଟି ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥିବାବେଳେ ଏହାକୁ ଖାଇବା ନେଇ ମନରେ ଲାଳସା ଭାବ ଦେଖାଦେଇଥାଏ। ଇଲିଶି ଶୁଖୁଆରେ ବହୁତ କଣ୍ଟା ଥିବା ସତ୍ତ୍ୱେ ଭୂରି ଭୋଜନରେ ଅନେକ ଆତ୍ମତୃପ୍ତି ମିଳିପାରୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଇଙ୍କର ବଣର ଘାସ
ଦିନେ ଦେଖା ନାହିଁ କାଲେ ଦେଖା ନାହିଁ
ଆଜି ବଡ଼ ବିଶ୍ୱାସ।**

ଆଜିର ଏହି ସ୍ୱାର୍ଥପର ଦୁନିଆରେ କାହାକୁ ବିଶ୍ୱାସ କରିବା ଏକ କାଠିକର ପାଠ ହୋଇଥାଏ। ଏପରିସ୍ଥଳେ ଜଣେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରିବା ଆଦୌ ଉଚିତ ହୋଇ ନ ଥାଏ। ହଠାତ୍ ବିଶ୍ୱାସ ଜନ୍ମାଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୂର୍ବତନ ଆର୍‌ଆଇ ଭିଜିଲାନ୍ସରେ ଦଣ୍ଡିତ

**କଟକ, ୨୩।୭ (କାର୍ତ୍ତିକ ସାହୁ)**

ଜଗତସିଂହପୁର ଜିଲା ଏରସମା ତହସିଲର ପୂର୍ବତନ ତଥା ଅବସରପ୍ରାପ୍ତ ଆର୍‌ଆଇ ଝଟକିଶୋର ହାତୀ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଜଣେ ବ୍ୟକ୍ତିଙ୍କ ଜମିପଟ୍ଟା ଆବେଦନର ତଦନ୍ତ ରିପୋର୍ଟ ଦାଖଲ ପାଇଁ ଲାଞ୍ଚ ନେବା ମାମଲାରେ କଟକ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ତାଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ଜରିମାନା କରିଛନ୍ତି। ଏହି ମାମଲାରେ ଭିଜିଲାନ୍ସ ଅଦାଲତ ମଙ୍ଗଳବାର ରାୟ ପ୍ରକାଶ କରିବା ପରେ ପରବର୍ତ୍ତୀ ପଦକ୍ଷେପ ପାଇଁ ଭିଜିଲାନ୍ସ ପ୍ରସ୍ତୁତ ହୋଇଛି। ହାତୀଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟକୁ ଭିଜିଲାନ୍ସ ଯିବ ବୋଲି ଜଣାପଡ଼ିଛି। ଭିଜିଲାନ୍ସ କଟକ ଡିଭିଜନ୍‌ର ପୂର୍ବତନ ଇନ୍ସପେକ୍ଟର ଶରତ କୁମାର ସାହୁ ମାମଲାର ତଦନ୍ତ କରିଥିଲେ। ସ୍ୱତନ୍ତ୍ର ପିପି ସର୍ବେଶ୍ୱର ବାରିକ ମାମଲା ପରିଚାଳନା କରୁଥିଲେ।

# ପୂର୍ବତନ ଜିଲା ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ୨ବର୍ଷ ଜେଲ

**ବାଲେଶ୍ୱର, ୨୩।୭ (ମାନସ ବିଶ୍ୱାଳ)**

ବାଲେଶ୍ୱର ଭିଜିଲାନ୍ସ କୋର୍ଟ ଏକ ଦୁର୍ନୀତି ମାମଲାର ବିଚାର କରି ମଙ୍ଗଳବାର ବାଲେଶ୍ୱର ଜିଲାର ପୂର୍ବତନ ଜିଲା ସମାଜ ମଙ୍ଗଳ ଅଧିକାରିଣୀ (ଡିଏସଡବ୍ଲ୍ୟୁଓ) ଅନ୍ନପୂର୍ଣ୍ଣା ମିଶ୍ରଙ୍କୁ ୨ବର୍ଷ ଜେଲଦଣ୍ଡାଦେଶ ଦେବା ସହ ଜରିମାନା କରିଛନ୍ତି। ଅଧିକାରିଣୀ ମିଶ୍ର ମିଥ୍ୟା ବିଲ୍ ପ୍ରସ୍ତୁତ କରି ସରକାରୀ ଅର୍ଥ ହଡ଼ପ କରିଥିବାରୁ ଏକ ମାମଲା ବାଲେଶ୍ୱର ଭିଜିଲାନ୍ସ କୋର୍ଟରେ ବିଚାରାଧୀନ ଥିଲା। ଏଥିସହିତ ତାଙ୍କ ପେନସନ ବନ୍ଦ କରିବାକୁ କୋର୍ଟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବଳାତ୍କାର, ଭିଡିଓ ଭାଇରାଲ କରି ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା, ୨୩।୭ (ଅଜିତ ଧଳ)**

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ସହ ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଯୁବକ ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଗମ୍ଭାରୀପାଳ ଗ୍ରାମର ରମାକାନ୍ତ ବେହେରା (୩୮)ଙ୍କୁ ଗିରଫ କରିଛି। ପୋଲିସ କହିଛି, ବାଗଡ଼ିଆ ଥାନା ଅଞ୍ଚଳର ସମ୍ପୃକ୍ତା ଯୁବତୀଙ୍କୁ ଅଭିଯୁକ୍ତ ଜଣକ ୨ ମାସ ତଳେ ବଳାତ୍କାର କରିଥିଲେ। ଏଥିସହ ଉକ୍ତ ଅଶ୍ଳୀଳ ଭିଡିଓ ଭାଇରାଲ କରିଥିଲେ। ହତ୍ୟା ଧମକ ଦେଇଥିବାରୁ ଭୟଭୀତ ଯୁବତୀ ଏ ନେଇ ଚୁପ୍ ରହିଥିଲେ। ତେବେ ସାହସ ସଞ୍ଚୟ କରି ସେ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିବା ପରେ ପରିବାର ଲୋକଙ୍କ ସହାୟତାରେ ବାଗଡିଆ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୪୭/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ବାଗଡ଼ିଆ ଥାନା ନୂଆପଡା ଛକରୁ ଗିରଫ କରିଥିଲା। ଡାକ୍ତରୀ ମଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଜମାକାରୀଙ୍କ ଟଙ୍କା ହଡ଼ପ କରି ପୋଷ୍ଟମାଷ୍ଟର ଫେରାର

**ସଂସାରଫଳ ପୋଷ୍ଟ ଅଫିସ୍**

**ପଟ୍ଟାମୁଣ୍ଡାଇ, ୨୩।୭ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସଂସାରଫଳ ପୋଷ୍ଟ ଅଫିସରୁ ପୋଷ୍ଟମାଷ୍ଟର ଲକ୍ଷାଧିକ ଟଙ୍କା ହଡ଼ପ କରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଜମାକାରୀ ତାତିବା ସହିତ ଡାକଘର ତାଲା ପକାଇ ଦେଇଛନ୍ତି। ଜମାକାରୀଙ୍କ ଅଭିଯୋଗ ପାଇ ପଟ୍ଟାମୁଣ୍ଡାଇ ସବ୍-ପୋଷ୍ଟ ଅଫିସର ଇନ୍ସପେକ୍ଟର ଘଟଣାର ତନଖି ପାଇଁ ଆସିଥିବା ବେଳେ ହିତାଧିକାରୀମାନେ ଅଟକ ରଖିଥିଲେ। ତାଙ୍କ ପାଖରୁ ସନ୍ତୋଷଜନକ ପ୍ରତିଶ୍ରୁତି ପରେ ଛାଡ଼ିଥିବା ଜଣାପଡ଼ିଛି।

ପଟ୍ଟାମୁଣ୍ଡାଇ ସବ୍-ପୋଷ୍ଟ ଅଫିସ ଅଧୀନରେ ସଂସାରଫଳ ପୋଷ୍ଟ ଅଫିସ ରହିଛି। ଏହି ପୋଷ୍ଟ ଅଫିସ୍‌ରେ ପୋଷ୍ଟମାଷ୍ଟର ଭାବେ ଜିନତ ରାଉତ ନିଯୁକ୍ତି ପାଇ କାର୍ଯ୍ୟ କରୁଥିଲେ। ସ୍ଥାନୀୟ ବାସିନ୍ଦା ବିଶ୍ୱାସରେ ଅର୍ଥ ଜମା କରୁଥିଲେ। କିଛିଦିନ ହେବ ପୋଷ୍ଟମାଷ୍ଟର ରାଉତ କେତେଜଣ ଜମାକାରୀଙ୍କଠାରୁ ଅର୍ଥ ନେଇ ପାସ୍ ବୁକ୍ ଦେଉ ନ ଥିବାବେଳେ ଆଉ କେତେଜଣଙ୍କ ଟଙ୍କା ରିସିଭ୍ କରି ଷ୍ଟାମ୍ପ ମାରି ଜମାକାରୀଙ୍କୁ ପାସ୍‌ବୁକ୍ ଫେରାଇ ଦେଉଥିଲେ। ଏପରି ପ୍ରାୟ ୨୦୦ରୁ ଅଧିକ ଜମାକାରୀଙ୍କ ଅର୍ଥ ସୁକନ୍ୟା, ଆରଡି, ଫିକ୍ସଡ୍ ଡିପୋଜିଟ୍ ଓ ଅନ୍ୟ ଯୋଜନାରେ ଜମା କରି ଆସୁଥିଲେ। ହେଲେ ଏବେ ପୋଷ୍ଟମଷ୍ଟର ରାଉତ ଫେରାର ହୋଇଯାଇଛନ୍ତି। ତେଣୁ ପୋଷ୍ଟ ଅଫିସ୍‌ଟି ଦୀର୍ଘଦିନ ଧରି ବନ୍ଦ ରହିଥିଲା। ଏହାକୁ ନେଇ ଲୋକଙ୍କ ମନରେ ସନ୍ଦେହ ଉପୁଜି ଥିଲା। ତେଣୁ ସେମାନେ ପଟ୍ଟାମୁଣ୍ଡାଇ ସବ୍-ପୋଷ୍ଟ ଅଫିସ୍‌ରେ ଅଭିଯୋଗ କରିଥିଲେ। ମାତ୍ର ପଟ୍ଟାମୁଣ୍ଡାଇ ସବ୍-ପୋଷ୍ଟ ଅଫିସର ଘଟଣାର ତଦନ୍ତ କରିବା ପରିବର୍ତ୍ତେ ସେଠାରେ ଆଉ ଜଣେ ପୋଷ୍ଟମାଷ୍ଟର ପ୍ରସାଦ ବେହେରାଙ୍କୁ ନିଯୁକ୍ତ କରିଥିଲେ। ଜମାକାରୀ ନିଜ ଜମା ସମ୍ପର୍କରେ ବେହେରାଙ୍କ ପାଖରୁ ସନ୍ତୋଷଜନକ ଉତ୍ତର ପାଇ ପାରୁ ନ ଥିଲେ। ପୋଷ୍ଟ ଅଫିସରେ ହୋଇଥିବା କେଲେଙ୍କାରୀ ବିଷୟରେ କାହାକୁ କିଛି କହି ପାରୁ ନ ଥିଲେ। ବାଧ ହୋଇ ସେ ମଧ୍ୟ ପୋଷ୍ଟ ଅଫିସ୍‌କୁ ଆସିବା ବନ୍ଦ କରି ଦେଇଥିଲେ। ନୂଆ ନିଯୁକ୍ତ ବେହେରା ନ ଆସିବାରୁ ୭ରୁ ୮ ଦିନ ଧରି ପୋଷ୍ଟ ଅଫିସ୍ ବନ୍ଦ ରହିଥିଲା। ଏ ନେଇ ଜମାକାରୀମାନେ ପଟ୍ଟାମୁଣ୍ଡାଇ ଅଫିସରେ ପୁଣି ଅଭିଯୋଗ କରିଥିଲେ। ମଙ୍ଗଳବାର ପଟ୍ଟାମୁଣ୍ଡାଇ ସବ୍-ପୋଷ୍ଟ ଅଫିସ୍‌ର ତନଖି ପାଇଁ ସଂସାରଫଳ ପୋଷ୍ଟ ଅଫିସ୍‌ରେ ପହଞ୍ଚିବା ଖବର ପ୍ରଚାରିତ ହେବା ପରେ ଜମାକାରୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଥିଲା। ସେମାନେ ସେଠାରେ ଏକଜୁଟ ହୋଇ ପୋଷ୍ଟ ଇନ୍ସପେକ୍ଟର ଅଙ୍କୁଶ କୁମାରଙ୍କୁ ଦୀର୍ଘ ସମୟ ଧରି ଅଟକ ରଖି ଅର୍ଥ ଫେରାଇବାକୁ ଦାବି କରିଥିଲେ। ମାସେ ଭିତରେ ଜମାକାରୀଙ୍କ ଟଙ୍କା ଫେରାଇବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗାଁ ଲୋକେ ତାଙ୍କୁ ଛାଡ଼ିଥିଲେ।



ସଂସାରଫଳ ପୋଷ୍ଟ ଅଫିସ୍ ସମ୍ମୁଖରେ ଜମାକାରୀମାନେ ଏକଜୁଟ୍ ହୋଇଛନ୍ତି।

# ଦିନକରେ ସୁନା କମିଲା ୪୦୦୦ଟଙ୍କା

■ସୁନା ଦରରେ ସୁଧାର

■କମିଲା ମୂଲ୍ୟବାନ୍ ଧାତୁର ସୀମାଶୁଳ୍କ

ନୂଆଦିଲ୍ଲୀ,୨୩।୭ (ଅଭୟ ଦାଶ)



କ୍ରମାଗତ ୫ମଦିନ ଲାଗି ଘରୋଇ ବଜାରରେ ସୁନା ଦର ହ୍ରାସ ପାଇଛି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ/ଅନ୍ତରୀଣ ବଜେଟ ଘୋଷଣା ପରେ ସୁନା ଦରରେ ସୁଧାର ସହ ଆଗକୁ ଆହୁରି ଦର କମିବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ବଜେଟ ଘୋଷଣା ଅବସରରେ କହିଛନ୍ତି, ମୂଲ୍ୟବାନ୍ ଧାତୁ ଉପରେ ସରକାର ସୀମାଶୁଳ୍କ ଛାଡ଼ କରିଥିବାବେଳେ ସୁନା ଓ ରୁପା ଉପରେ ସୀମାଶୁଳ୍କ ୬%କୁ ହ୍ରାସ ହୋଇଛି। ଏପରିକି ପ୍ଲାଟିନମ ଉପରେ ସୀମା ଶୁଳ୍କ ୬.୪% କୁ ହ୍ରାସ ପାଇଛି।

ଉଲ୍ଲେଖଯୋଗ୍ୟ, ପୂର୍ବବଜେଟ ଘୋଷଣା ଅନୁଯାୟୀ ସରକାର ସୁନା ଓ ରୁପା ଉପରେ ସୀମା ଶୁଳ୍କ ୧୫% ପର୍ଯ୍ୟନ୍ତ ଲାଗୁ କରିଥିଲାବେଳେ ବର୍ତ୍ତମାନ ଏହାକୁ ୧୫% ବଦଳରେ ୬%କୁ କମାଇ ଦେଇଛନ୍ତି। ଏପରିକି ବିସିଡି ବାବଦକୁ ସରକାର ୧୦% ଶୁଳ୍କ ନେଉଥିଲାବେଳେ ବର୍ତ୍ତମାନ ଏହାକୁ ୫% ଏବଂ ଏଆଇଡିସି ବାବଦରେ ନେଉଥିବା ୫% ବଦଳରେ ଏହାକୁ ୧%କୁ ଖସାଇ ଦେଇଛନ୍ତି।

ସେହିଭଳି ଭାରତୀୟ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ଶୁଭ କାର୍ଯ୍ୟ ଓ ବିବାହ ଉତ୍ସବରେ ମୂଲ୍ୟବାନ୍ ଧାତୁ ଯଥା ସୁନା, ରୁପା, ହୀରା ଓ ମୂଲ୍ୟବାନ୍ ଧାତୁ ଏବଂ ପ୍ଲାଟିନମ ଭଳି ପଦାର୍ଥର ସାମଗ୍ରୀକୁ ଅତ୍ୟାବଶ୍ୟକ ସାମଗ୍ରୀ ରୂପେ ବ୍ୟବହାର କରୁଥିବାବେଳେ ସବୁ ବର୍ଗଙ୍କ ଆଶା ପୂରଣ ପାଇଁ ସରକାର ମୂଲ୍ୟବାନ୍ ଧାତୁ ଉପରେ ଲାଗୁ ସୀମା ଶୁଳ୍କ ହ୍ରାସ କରିଛନ୍ତି। ଫଳରେ ମୂଲ୍ୟବାନ୍ ଧାତୁର ଦରରେ ସୁଧାର ଆସିବା ସହ ବଜାରରେ ମଧ୍ୟ ମୂଲ୍ୟବାନ୍ ଧାତୁର ଦର ପୂର୍ବାପେକ୍ଷା ଯଥେଷ୍ଟ ହ୍ରାସପାଇବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ ଓ ଆଶାବ୍ୟକ୍ତ କରିଛନ୍ତି।

ସେହିପରି ବଜେଟ ଘୋଷଣା ପରେ ପରେ ମଲ୍ଟି କମୋଡିଟି ଏକ୍ସଚେଞ୍ଜ ବା ଏମ୍‌ସିଏକ୍ସର ସୂଚନା ଅନୁଯାୟୀ ମଙ୍ଗଳବାର ବା ଦିନକରେ ସୁନା ଦର ପ୍ରାୟ ୪୦୦୦ ଟଙ୍କା କମି ପ୍ରତି ୧୦ ଗ୍ରାମ ସୁନା ପିଛା ଦର ୬୮,୫୦୦ ଟଙ୍କା ହୋଇଯାଇଛି। ଏହା ପୂର୍ବରୁ ଏମ୍‌ସିଏକ୍ସର ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୨,୮୩୮ ଟଙ୍କ ଥିଲା। ଏପରିକି ରୁପା ଦର ପ୍ରତି କି.ଗ୍ରା. ପିଛା ୮୮,୯୯୫ ଟଙ୍କରୁ କମି ୮୪,୨୭୫ ଟଙ୍କାରେ ପହଞ୍ଚିଛି।

ଅପରପକ୍ଷରେ ଇଣ୍ଡିଆନ ବୁଲିୟନ ଆଣ୍ଡ ଜୁଏଲେରିଜ୍ ଆସୋସିଏଶନର ସୂଚନା ଅନୁଯାୟୀ ମଙ୍ଗଳବାର ଘରୋଇ ବଜାରରେ ଉଭୟ ସୁନା ଓ ରୁପା ଦର ପରିବର୍ତ୍ତନ ହୋଇଛି। ଏପରିକି ନୂଆଦିଲ୍ଲୀରେ ପ୍ରତି ୧୦ ଗ୍ରାମ ସୁନାର ଦର ୭୧,୦୧୦ ଟଙ୍କା (୨୪ କ୍ୟାରେଟ), ୬୫,୧୦୦ ଟଙ୍କା (୨୨ କ୍ୟାରେଟ) ଏବଂ ୫୩,୨୭୦ ଟଙ୍କା (୧୮ କ୍ୟାରେଟ) ଓ ରୁପା ଦର କିଲୋଗ୍ରାମ ପିଛା ପ୍ରାୟ ୮୮,୦୦୦ ଟଙ୍କା ରହିଥିଲାବେଳେ ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇରେ ମଧ୍ୟ ଦର ପରିବର୍ତ୍ତନ ହୋଇଛି। ସେହିଭଳି ଭୁବନେଶ୍ୱରରେ ମଧ୍ୟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୭୦,୮୫୪ ଟଙ୍କା (୨୪ କ୍ୟାରେଟ), ୬୪,୯୨୦ଟଙ୍କା (୨୨କ୍ୟାରେଟ) ଏବଂ ୫୩,୧୧୦ ଟଙ୍କା (୧୮କ୍ୟାରେଟ) ଓ ରୁପା ଦର କି.ଗ୍ରା. ପିଛା ପ୍ରାୟ ୮୬,୦୦୦ ଟଙ୍କାରେ କାରବାର ହେଉଛି ବୋଲି ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନଗୁଡିକ ସୂଚନା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ସମ୍ଭବ

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଜନ୍ମଦିନ ଶୁଭେଚ୍ଛା





**ଦର୍ଶନ ଆଚାର୍ଯ୍ୟ (ସମ୍ଭବ)**

ଜନ୍ମ ତାରିଖ- ତା୨୪।୦୭।୨୦୧୨

କୋହେନ୍ ଇଣ୍ଟରନ୍ୟାସନାଲ ସ୍କୁଲ, ଜଟଣୀ, ଖୋର୍ଦ୍ଧା

ତୋର ଦ୍ୱାଦଶ ବାର୍ଷିକୀ ଜନ୍ମତିଥି ଅବସରରେ ଶ୍ରୀଜଗନ୍ନାଥଙ୍କ ଜୀଉଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ ତଥା ଯଶସ୍ୱୀ କରନ୍ତୁ ।

ଶୁଭେଚ୍ଛା ସହ: ଜେଜେମା, ନନା, ବୋଉ, ଅଜା, ଆଇ, ମାମୁ, ମାଇଁ, ଭାଇନା, ନାନୀ, ପିଉସା, ପିଉସୀ ଓ ଶଶିପ୍ରଭା ଭାଉଜ ।

ଧ-୮୨୯

## LEGAL NOTICE

ମହକମେ ଶ୍ରୀମାନ୍ ଜଜ୍ ଫେମିଲି କୋର୍ଟ, ମହାସମୁନ୍ଦ, ଜିଲ୍ଲା- ମହାସମୁନ୍ଦ (ଛତିଶଗଡ଼)

ମୋ:କ୍ର: ନଂ-୫୮ମ୍ବର

ସ୍ନ୨୦୨୩ଇ:

ପ୍ରସେସ କ୍ର.ନଂ.-୩୯୨/୨୦୨୪

ପ୍ରାପ୍ତେଷୁ:

ବିଜୟ ସାହୁ, ପିତା- ଶ୍ରୀ ପଲସ୍ତି ସାହୁ, ବୟସ ୩୩ବର୍ଷ, ନିବାସୀ- ଗମେରଡ଼ିହି, ପୋ- ପୁରେନା, ଥାନା- ତ-ପଦମପୁର, ଜିଲ୍ଲା- ବରଗଡ଼ (ଓଡ଼ିଶା)

ବାଦୀ- ଶ୍ରୀମତୀ ସୁଜାତା ସାହୁ ଉପରୋକ୍ତ ନ୍ୟାୟାଳୟରେ ଆପଣଙ୍କ ବିରୁଦ୍ଧରେ ଧାରା ୧୩ (କ) ହିନ୍ଦୁ ବିବାହ ଅଧିନିୟମ ଅନୁସାରେ ଆବେଦନ କରିଅଛନ୍ତି।

ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ଆସନ୍ତା ତା୧୦।୦୯।୨୦୨୪ଇ. ଦିନ ଘ୧୧ଣ୍ଟା ସମୟରେ ଉପରୋକ୍ତ ନ୍ୟାୟାଳୟରେ ଉପସ୍ଥିତ ହୋଇ ଆପଣଙ୍କ ବିରୁଦ୍ଧରେ ଚାଲୁଥିବା ଏହି ମୋକଦ୍ଦମାର ସୂଚନା ପ୍ରାପ୍ତ କରିପାରିବେ। ଯଦି ଆପଣ ଅନୁପସ୍ଥିତ ରହିବେ, ତା' ହେଲେ ଆପଣଙ୍କର ବିରୁଦ୍ଧରେ ଏକତରଫା ବିଚାର କରାଯାଇ ଆଦେଶ ପ୍ରଦାନ କରାଯିବ।

ବିଚାରପତି, ପାରିବାରିକ ନ୍ୟାୟାଳୟ, ମହାସମୁନ୍ଦ, ଜିଲ୍ଲା- ମହାସମୁନ୍ଦ (ଛତିଶଗଡ଼)

ଧ-୮୩୩

## ଶେୟାର ବଜାର କାରବାରରେ ହ୍ରାସ



ନୂଆଦିଲ୍ଲୀ,୨୩।୭ (ଅଭୟ ଦାଶ)

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୩ (୭୩.୦୪) ପଏଣ୍ଟ କମି ୮୦,୪୨୯ (୮୦,୪୨୯.୦୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୦ (୩୦.୨୦) ପଏଣ୍ଟ ହ୍ରାସ ଘଟି ୨୪,୪୭୯(୨୪,୪୭୯.୦୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ମହିନ୍ଦ୍ରା 'ଥାର ରକ୍ସ'ର ଟିଜର ରିଲିଜ

## ବ୍ରାଣ୍ଡ୍ ନେମ୍ ଆନାଉନ୍ସଡ୍

ନୂଆଦିଲ୍ଲୀ,୨୩।୭ (ଅଭୟ ଦାଶ)



ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ (ମହିନ୍ଦ୍ରା)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ଏସ୍‌ୟୁଭି 'ମହିନ୍ଦ୍ରା ଥାର ରକ୍ସ'ର ଆକର୍ଷଣୀୟ ଟିଜର ନିକଟରେ ରିଲିଜ ହୋଇଯାଇଛି। ଏପରିକି କମ୍ପାନୀର ନୂତନ ଏସ୍‌ୟୁଭି ମଡେଲର ବ୍ରାଣ୍ଡ ନେମ୍ 'ଥାର ରକ୍ସ' ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ (ଆନାଉନ୍ସଡ) କରାଯାଇଛି।

ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ଏସ୍‌ୟୁଭି ଉତ୍ପାଦକ (ନିର୍ମାତା) ମହିନ୍ଦ୍ରା ତା'ର ନୂତନ ଏସ୍‌ୟୁଭି ମହିନ୍ଦ୍ରା ଥାର ରକ୍ସ ଜରିଆରେ ଏକ ନୂତନ କ୍ଷମତା ପ୍ରଦର୍ଶନ ସହ ଶିଳ୍ପରେ ମଧ୍ୟ ନୂଆ ମାଇଲଖୁଣ୍ଟ ହାସଲ କରିବାକୁ ବ୍ରାଣ୍ଡ ଲକ୍ଷ୍ୟ ରଖିଛି। ସେହିଭଳି 'ମହିନ୍ଦ୍ରା ଥାର ରକ୍ସ'ରେ ୨ଲିଟର ଟର୍ବୋ ପେଟ୍ରୋଲ ଏବଂ ୨.୨ଲିଟର ଡିଜେଲ ଇଞ୍ଜିନର ବିକଳ୍ପ ମଧ୍ୟ ଉପଲବ୍ଧ। ଏ ସମ୍ପର୍କରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ପ୍ରେସିଡେଣ୍ଟ ( ଅଟୋମୋଟିଭ ସେକ୍ଟର) ବିଜୟ ନାକ୍ରା କହିଥିଲେ, ଆମେ ଆମର ନୂତନ ଏସ୍‌ୟୁଭିର ବ୍ରାଣ୍ଡ ନେମ୍ ଆନାଉନ୍ସଡ୍ ସହ ଏକ ଆକର୍ଷଣୀୟ ଟିଜର (ସଟ୍ ଫିଲ୍ମ)ର ଉନ୍ମୋଚନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ୨୦୨୪ ଅଗଷ୍ଟ ୧୫ରେ ଏହି ମଡେଲର ଆନୁଷ୍ଠାନିକ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରି ଆମେ ଆନନ୍ଦିତ ଥିଲାବେଳେ ଗ୍ରାହକଙ୍କ ଆଗ୍ରହ ଓ ଉଦ୍ଦୀପନା ଆମକୁ ବେଶ୍ ଆକର୍ଷିତ କରିଛି ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

# ଆଇଡିବିଆଇ ବ୍ୟାଙ୍କର ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୨୩।୭ (ଅଭୟ ଦାଶ)

ଆଇଡିବିଆଇ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟକଳାପ ସହିତ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ୧ମ ତ୍ରୈମାସିକରେ ବ୍ୟାଙ୍କର ସୁଧ ଲାଭ ୧୭୧୯ କୋଟି ଟଙ୍କା ହୋଇଥିବାବେଳେ ବାର୍ଷିକ ଆଧାରରେ ବ୍ୟାଙ୍କ ୪୦%ର ଏକ ମଜଭୁତ ଅଭିବୃଦ୍ଧି ହାସଲ କରିଛି। ସେହିପରି ବ୍ୟାଙ୍କର ପରିଚାଳନାଗତ ଲାଭ ୨୦୭୬ କୋଟି ଟଙ୍କା ହୋଇଥିଲାବେଳେ ଏନ୍‌ଆଇଏମ୍ ୪.୧୮% ଏବଂ ଶୁଦ୍ଧ ସୁଧ ଆୟ ଚଳିତ ଆର୍ଥିକ ବର୍ଷର ୧ମ ତ୍ରୈମାସିକରେ ୩୨୩୩ କୋଟି ଟଙ୍କା ରହିଛି, ଯାହା ଗତ ଆର୍ଥିକ ବର୍ଷର ୧ମ ତ୍ରୈମାସିକରେ ୩୯୯୮କୋଟି ଟଙ୍କା ଥିଲା।

ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷର ୧ମ ତ୍ରୈମାସିକରେ ବ୍ୟାଙ୍କର ଜମା ଖର୍ଚ୍ଚ ବା କଷ୍ଟ ଅଫ୍ ଡିପୋଜିଟ୍ ୪.୫୮% ରହିଛି, ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୪.୧୨%ଥିଲା। ଏପରିକି ବ୍ୟାଙ୍କର ସିଆର୍‌ଏଆର୍ ବାର୍ଷିକ ଆଧାରରେ ୨୦୯ ବିପିଏସ୍ ବୃଦ୍ଧି ହୋଇ ୨୨.୪୨ % ହୋଇଛି। ରିଟର୍ନ ଅନ୍ ଆସେଟ୍‌ସ (ଆର୍‌ଓଏ) ବାର୍ଷିକ ଆଧାରରେ ୩୪ ବିପିଏସ୍ ବୃଦ୍ଧି ହୋଇ ୧.୮୩% ଏବଂ ରିଟର୍ନ ଅନ୍ ଇକ୍ୱିଟି (ଆର୍‌ଓଇ) ବାର୍ଷିକ ଆଧାରରେ ୧୨୩ ବିପିଏସ୍ ବୃଦ୍ଧି ହୋଇ ୧୯.୮୭%ରେ ରହିଛି। ୨୦୨୩ ଜୁନ୍ ୩୦ ସୁଦ୍ଧା ୦.୪୪% ତୁଳନାରେ ଶୁଦ୍ଧ ଏନ୍‌ପିଏ ୦.୨୩% ଏବଂ ୨୦୨୩ ଜୁନ୍ ୩୦ ସୁଦ୍ଧା ୫.୦୫% ତୁଳନାରେ ଗ୍ରସ୍ ଏନ୍‌ପିଏ ୩.୮୭% ରହିଛି।

# ବଜେଟରେ ଏମ୍‌ଏସ୍‌ଏମ୍‌ଇ ଇକୋସିଷ୍ଟମକୁ ଗୁରୁତ୍ୱ

ଭୁବନେଶ୍ୱର,୨୩।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ତଥା ଭାରତୀୟ ଶିଳ୍ପ ମହାସଂଘ ( କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ବା ସିଆଇଆଇ)ର ଓଡ଼ିଶା ଶାଖା ପକ୍ଷରୁ କେନ୍ଦ୍ରୀୟ ବଜେଟ ୨୦୨୪-୨୫କୁ ଏକ ଅଭିବୃଦ୍ଧିଭିତ୍ତିକ ବଜେଟ ଭାବେ ପ୍ରଶଂସା କରିଛି ଏବଂ ଏଭଳି ଏକ ଉତ୍ସାହଜନକ ଓ ସନ୍ତୁଳିତ ବଜେଟ ଉପସ୍ଥାପନ କରିଥିବାରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ସଂଘ ଶୁଭେଚ୍ଛା ଜଣାଇଛି। ଯଦିଓ ଏହି ବଜେଟ ଏକ ବିସ୍ତୃତ ବଜେଟ ତଥାପି ଏହା କିଛି ନିର୍ଦ୍ଦିଷ୍ଟ କ୍ଷେତ୍ର ଯଥା ଏମ୍‌ଏସ୍‌ଏମ୍‌ଇ, କୃଷି, ଭିତ୍ତିଭୂମି, ଦକ୍ଷତା, ଟେକ୍ନୋଲୋଜି, ଉଦ୍ଭାବନ ଓ ବ୍ୟବସାୟ କରିବାର ସହଜତା ଆଦି ଉପରେ ବିଶେଷ ଗୁରୁତ୍ୱ ଦେଇଛି। ଏ ନେଇ ସିଆଇଆଇ ଓଡ଼ିଶା ଷ୍ଟେଟ୍ କାଉନସିଲର ଅଧ୍ୟକ୍ଷ ଏବଂ ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ପ୍ରଦୀପ୍ତ ମହାନ୍ତି ଏହି ପରିବର୍ତ୍ତନଶୀଳ ବଜେଟକୁ ପ୍ରଶଂସା କରିଛନ୍ତି, ଯେଉଁଥିରେ କୃଷି ଓ ଏହା ସମ୍ବନ୍ଧିତ କ୍ଷେତ୍ରଗୁଡିକ ପାଇଁ ୧.୫୨ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସେହିଭଳି ଆମେ ଦେଶରେ ଏମ୍‌ଏସ୍‌ଏମ୍‌ଇ ଇକୋସିଷ୍ଟମକୁ ମଜଭୁତ କରିବା ଉପରେ ଏକ ପ୍ରମୁଖ ଗୁରୁତ୍ୱ ଦିଆଯାଇଥିବାର ଦେଖି ଖୁବ୍ ଆନନ୍ଦିତ ଅଛୁ। କେନ୍ଦ୍ରୀୟ ବଜେଟ ୨୦୨୪-୨୫ ଶିଳ୍ପ ସହ ସହଭାଗିତାରେ ୱର୍କିଂ ୱମେନ୍‌ସ ହଷ୍ଟେଲ ଓ କ୍ରେଚ୍ ସ୍ଥାପନକରି କର୍ମବଳରେ ମହିଳାମାନଙ୍କ ଅଧିକ ଅଂଶଗ୍ରହଣକୁ ସୁଗମ କରିବା ଉପରେ ଗୁରୁତ୍ୱ ଦେଇଛି।

# ବିକଶିତ ଭାରତ ଦିଗରେ ଏକ ସଶକ୍ତ ବଜେଟ :ଜିନ୍ଦଲ

ଭୁବନେଶ୍ୱର,୨୩।୭ (ଅଭୟ ଦାଶ)

କେନ୍ଦ୍ର ବଜେଟ ୨୦୨୪-୨୫ରେ ନିଯୁକ୍ତି ସୃଷ୍ଟି ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ଜିନ୍ଦଲ ଷ୍ଟେନ୍‌ଲେସ୍ ଏହାକୁ ଏକ ସଶକ୍ତ ବଜେଟ ଭାବେ ସ୍ୱାଗତ କରିଛି। ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏକ ପରିପକ୍ୱ, ଭବିଷ୍ୟତ ମୁଖୀ ଏବଂ ଇନ୍‌କ୍ଲୁସିଭ ବଜେଟ ଉପସ୍ଥାପନ ହୋଇଛି। ଏଥିରେ ନିଯୁକ୍ତି ଏବଂ ଦକ୍ଷତା ବିକାଶ,ଉତ୍ପାଦନ, ଭିତ୍ତିଭୂମି, ଉଦ୍ଭାବନ ତଥା ଗବେଷଣା ଓ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଉତ୍ପାଦନ କ୍ଷେତ୍ରରେ ବିଶେଷକରି ଶ୍ରମଭିତ୍ତିକ ଉତ୍ପାଦନ କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ବିଶ୍ୱସ୍ତରରେ ଅଭିବୃଦ୍ଧି ଏବଂ ପ୍ରତିଦ୍ୱନ୍ଦ୍ୱିତା କରିବାରେ ସାହାଯ୍ୟ କରିବା ପାଇଁ ଆର୍ଥିକ ସହାୟତା, ନିୟାମକ ପରିବର୍ତ୍ତନ ଏବଂ ଟେକ୍ନୋଲୋଜି ସହାୟତାକୁ ସାମିଲ କରୁଥିବା ପ୍ୟାକେଜ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ରହିଛି। ଏପରିକି ଭିତ୍ତିଭୂମିରେ ବାର୍ଷିକ ୧୧.୧୧ଲକ୍ଷ କୋଟି ଟଙ୍କା (ଜିଡିପିର ୩.୪% ଆକଳନ) ବ୍ୟୟ ବରାଦ ସହ ନିରନ୍ତର ପୁଞ୍ଜିନିବେଶ ଏକ ବିକଶିତ ଭାରତ ଦିଗରେ ସାମଗ୍ରିକ ଅଭିବୃଦ୍ଧିକୁ ବଜାୟ ରଖିବାରେ ସହାୟକ ହେବ। ଏହା ବ୍ୟତୀତ ନିଯୁକ୍ତି ଓ ଦକ୍ଷତା କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ ପ୍ୟାକେଜ୍‌ରେ ୨ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ବ୍ୟୟବରାଦ ସମୟ ସହ ତାଳଦେଇ ଏକ ସୁଦୃଢ଼ ଅର୍ଥନୀତି ଏବଂ ସୁଦୃଢ଼ ଭିତ୍ତିଭୂମି ନିର୍ମାଣରେ ସହାୟକ ହେବ। ଏଥିରେ ୪କୋଟିରୁ ଅଧିକ ଯୁବତୀଯୁବକ ଉପକୃତ ହେବେ।

**Classified Everyday 0674-2580101, 2549949**



MATRIMONIAL

## BRIDE WANTED

Bride Wanted (Urban/ Village) for a Odisha born Software Lead Data Engineer in a MNC at Bangalore, Caste/ Education- No bar. Whatsapp No- 7847956275, 8908700485. D-716

Kayastha Groom, 30Yrs./5'8", B.Tech (IIT) and M.Tech (IIT), Software Engineer, Father Bangalore Retd. Govt. Officer, Well settled at BBSR, Prefer for Kayastha, Khandayat, Kshatriya, suitable Bengali Bride. Contact Whatsapp- 9438479926. D-783

## GROOM WANTED

ବୟସ 32 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ଘରୋଇ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7077016578. D-75342



## REAL ESTATE SALE

ରବିଟକିଜ୍ ଛକରୁ ମାତ୍ର ପାଞ୍ଚ କିଲୋମିଟର ଦୂର ରଙ୍ଗବଜାର ଛକରେ **3BHK Duplex** ବିକ୍ରୟ ହେବ । **BDA ଓ RERA** ଦ୍ୱାରା ପଞ୍ଜୀକରଣ ହୋଇଅଛି । **Bank Loan** ସୁବିଧା ଅଛି । ହସ୍ତାନ୍ତର ସମୟ ବର୍ଷେ । ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ । **9438220432, 8144658008.** D-826

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

"Luxurious duplex just @ 110 lakh SALE/Booking opens, visit today our demo duplex, Balakatti, Uttara, BBSR. For details ask/WhatsApp- 9438677819". D-713

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-830

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital ଏବଂ Grand Bazar, NH-16ରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 8249422604 । D-75977

30ft. Road, Boundary, Gharabari plot sale, East College, Nakhara. 9776866520. D-75978

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75764

Relax, refresh your body, mind by expert therapist. Contact: 9938843929. D-768

Fully relaxed body massage trained therapist. Central SPA. 9556483961. D-75763

Monalisa Massage Club: All types body massage with hiprofile smart lady rooms service available. 9708545108. D-811

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LOST

ମୁଁ ଦିପ୍ତିଶଙ୍କର ଦାସ, ପି- ଶ୍ୟାମ ସୁନ୍ଦର ଦାସ, ବାସୁଆଘାଇ ମୌଜାରେ ଗୋଟିଏ ପ୍ଲଟ୍‌କୁ ସ୍ନିଗ୍ଧାରାଣୀ ମିଶ୍ରଙ୍କଠାରୁ କିଣିଅଛି। ବିକ୍ରି କରିସାରିବା ପରେ ସେ ମୋତେ ତାଙ୍କ ନିଜର କବଲା ଓ ପଟ୍ଟା ଦେବା ସହିତ ପୂର୍ବ link ଡକ୍ୟୁମେଣ୍ଟ ଦେଇଥିଲେ। ସେଥିରେ କବଲା ନଂ.- ୩୬୫୫, ତା ୨୧।୦୮।୧୯୯୫ ଏବଂ କବଲା ନଂ.-୫୨୧୩, ତା ୧୨।୧୧।୧୯୯୬ Original ଥିଲା। ମୁଁ କଳ୍ପନା ଛକରୁ Old Town ଯିବା ସମୟରେ କେଉଁଠି ପଡ଼ିଯାଇଛି। ମୁଁ ଏହି କବଲାଗୁଡ଼ିକୁ କୌଣସି ଋଣ ଦେଉଥିବା ସଂସ୍ଥାରେ ବନ୍ଧକ ହିସାବରେ ଦେଇନାହିଁ। ମୁଁ ଏଥିପାଇଁ ଲିଙ୍ଗରାଜ ଥାନାରେ F.I.R. କରିଛି। ମୁଁ ବର୍ତ୍ତମାନ SBI, RACPC, Bhubaneswarରେ ଗୃହ ଋଣ ପାଇଁ ଆବେଦନ କରିଛି। ଯଦି କାହାକୁ ଏହି କବଲାଗୁଡ଼ିକ ମିଳେ, ତେବେ ଏହି ନମ୍ବରରେ Contact କରିବାକୁ ଅନୁରୋଧ। Ph No.- 7008751200. D-834

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

By virtue of an affidavit sworn before Notary Public, Koraput on dated 23rd July 2024, I, Smt. Khara Goramani, Address: Village- Maliguda,G.P.- Pukali, P.O.- Pukali, P.S.- Pottangi, Dist.- Koraput declare that I have changed my name from "Gouri Khora" to "Khara Goramani". Henceforth, I shall be known as "Khara Goramani" for all purposes.

Khara Goramani

D-827

I, Priyanka Haldar, W/o- Sanjoy Biswas, resident of Ward No.- 11, Mission Compound, P.O./P.S.- Kotpad, Dist.- Koraput, PIN-764058, Odisha declare by this affidavit No.-813, dtd. 18.07.2024 that now onwards I shall be known as PRIYANKA HALDER for all future purposes. D-828




**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଚାରୁଲତା ବାରିକ**

କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର

ଆବିର୍ଭାବ: ୧୩।୦୧।୧୯୫୧

ତିରୋଧାନ: ୧୪।୦୭।୨୦୨୪

ଆପଣଙ୍କର ନିରଳସ ଜୀବନଶୈଳୀ, ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସ୍ମୃତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ପ୍ରାର୍ଥନା ।

ଶୋକସନ୍ତପ୍ତ: ହତଭାଗ୍ୟ ସ୍ୱାମୀ- ଗଗନ ବିହାରୀ ବାରିକ, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ ।

ଧ-୭୬୦୧୬

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ଆଜି ମହାପ୍ରଭୁଙ୍କ ବନକଲାଗି ନୀତି: ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

**ପୁରୀ,୨୩।୭ (ଅଜିତ୍ କୁମାର ମହାନ୍ତି)**

ଶ୍ରାବଣ ମାସ କୃଷ୍ଣପକ୍ଷ ତୃତୀୟା ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣଙ୍କ ପାଇଁ ସନ୍ଧ୍ୟା ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ଦର୍ଶନ ବନ୍ଦ ରହିବ। ଏନେଇ ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତ ନୀତିଗୁଡ଼ିକ ମଧ୍ୟରେ ଏହି ନୀତି ଅନ୍ୟତମ। ଦଇତାପତି ଦୈତାମହାପାତ୍ର ସେବକମାନେ ଏହି ଗୁପ୍ତ ବନକଲାଗି ନୀତି ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୁଏ। ଦତ୍ତମହାପାତ୍ର ସେବକ ରତ୍ନ ସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ।

## କାଦୁଅରେ ପଡ଼ି ଚାଷୀଙ୍କ ମୃତ୍ୟୁ

### ହଳ ସମୟରେ ବଳଦ ଘୋଷାଡ଼ି ନେଲା

**ପାଟଣା,୨୩।୭ (ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳୀ ପଞ୍ଚାୟତ ନିକଟ ବିଲରେ ମଙ୍ଗଳବାର ହଳ କରୁଥିବା ବେଳେ ଅଘଟଣ ଘଟିଛି। ବଦକ ଲଙ୍ଗଳ ସହ ଘୋଷାଡ଼ି ନେବାରୁ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ବାଉଁଶୁଳୀ ଗ୍ରାମର ସମରା ମୁଣ୍ଡା(୫୦)। ସେ ସକାଳେ ବିଲରେ ଧାନତଳି ରୋଇବାକୁ ହଳ କରୁଥିଲେ। ବଳଦ ହଳ ଲଙ୍ଗଳ ସହ ଈଷକୁ ଘୋଷାଡ଼ି ନେଇଥିଲା। ଫଳରେ ସମରା ଘୋଷାଡି ହୋଇ ବିଲ ପାଣି କାଦୁଅରେ ମୁହଁ ମାଡ଼ି ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତୁରୁମୁଙ୍ଗା ପୋଲିସ ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୫/୨୪) ରୁଜୁ ହୋଇ ତଦନ୍ତ ଚାଲିଥିବା ଏସ୍ଆଇ ବୀରେନ୍ଦ୍ର କୁମାର ବେହେରା କହିଛନ୍ତି।

## ଦୁର୍ଘଟଣାରେ ମା'ମୃତ ପୁଅ ଆହତ

### ୧୫ ଦିନ ପରେ ଥାନାରେ ଅଭିଯୋଗ

**କୁଜଙ୍ଗ,୨୩।୭ (ମନୋଜ ପ୍ରଧାନ)**

ଦୁର୍ଘଟଣାରେ ମା'ଙ୍କ ମୃତ୍ୟୁ ଘଟିଥିବାବେଳେ ପୁଅ ଆହତ ହୋଇଛନ୍ତି। ଏହି ଘଟଣାର ୧୫ ଦିନ ପରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଗଣ୍ଡକିପୁର ଗାଁର ଗୌରାଙ୍ଗ ଜେନାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଜେନା (୫୧)। ଅଭିଯୋଗ ଅନୁଯାୟୀ, ଜୁଲାଇ ୬ରେ ଅନ୍ନପୂର୍ଣ୍ଣା ପୁଅ ସନ୍ଦୀପ ଜେନା(୨୦)ଙ୍କ ସହ କୁଜଙ୍ଗ ବଜାରରୁ ବାଇକରେ ଘରକୁ ଫେରୁଥିଲେ। ଘୋଡ଼ାମରା ଡମସାହି ଛକ ନିକଟରେ ପଛରୁ ଏକ କାର୍ ତାଙ୍କୁ ଧକ୍କା ଦେଇ ଖସି ପଳାଇଥିଲା । ଫଳରେ ଅନ୍ନପୂର୍ଣ୍ଣା ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସନ୍ଦୀପ ସାମାନ୍ୟ ଆହତ ହୋଇଥିଲେ। ଅନ୍ନପୂର୍ଣ୍ଣାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ କଟକ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ କରାଯାଇଥିଲା। ଶୁଦ୍ଧିକ୍ରିୟା କାର୍ଯ୍ୟ ସରିବା ପରେ ମୃତ ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ ଗୌରାଙ୍ଗ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଟାସ୍କଫୋର୍ସ ଗଠନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩।୭(ଅନିଲ ଦାସ)**

ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଟାସ୍କଫୋର୍ସର ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଏହି ଟାସ୍କଫୋର୍ସରେ ୮ ଜଣ ସଦସ୍ୟ ରହିଛନ୍ତି। ସେହି ସଦସ୍ୟ ମାନେ ହେଲେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସରକାରୀ ଦଳ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ,କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ତେଲକୋଇ ବିଧାୟକ ଫକୀର ମୋହନ ନାୟକ ଏବଂ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ।

# ରାଜ୍ୟ ବାହାରକୁ କାମ ପାଇଁ ଯାଇ ୧୯୭ ଦାଦନଙ୍କ ମୃତ୍ୟୁ ହୋଇଛି

**ଭୁବନେଶ୍ୱର,୨୩।୭(ଅନିଲ ଦାସ)**

ଗତ ୫ ବର୍ଷରେ ଓଡ଼ିଶାରୁ ବାହାର ରାଜ୍ୟକୁ କାମ କରିବାକୁ ଯାଇ ୧୯୭ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ସେହିପରି ବିଦେଶକୁ କାମ କରିବାକୁ ଯାଇ ୩୧ ଜଣଙ୍କ ଜୀବନ ଯାଇଛି। ସେଥିରୁ କେବଳ ୮ ଜଣଙ୍କ ମରଶରୀର ରାଜ୍ୟକୁ ଫେରିପାରିଛି। ବିଜେଡି ବିଧାୟକ ସନାତନ ମହାକୁଡଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ଗୃହରେ ଶ୍ରମମନ୍ତ୍ରୀ ରଖିଥିବା ଉତ୍ତର ଅନୁସାରେ, ବଲାଙ୍ଗୀରରୁ ସର୍ବାଧିକ ୨୧ ଜଣ ଶ୍ରମିକ ବାହାର ରାଜ୍ୟକୁ କାମ କରିବାକୁ ଯାଇ ପ୍ରାଣ ହରାଇଥିବା ବେଳେ କନ୍ଧମାଳରୁ ୧୯, ରାୟଗଡ଼ାରୁ ୧୮, ବ୍ରହ୍ମପୁରରୁ ୧୫, ବୌଦ୍ଧ ୧୧, ଛତ୍ରପୁର ୧୧, କଳାହାଣ୍ଡିରୁ ୧୦, ଏବଂ କେନ୍ଦ୍ରାପଡ଼ାରୁ ୧୦ ଜଣ ଶ୍ରମିକଙ୍କ ବାହାର ରାଜ୍ୟରେ ଜୀବନ ଯାଇଛି।

# ବାଂଲାଦେଶରେ ଫସିଥିବା ୫ ଛାତ୍ରୀଛାତ୍ର ରାଉରକେଲା ଫେରିଲେ

**ରାଉରକେଲା,୨୩।୭(ସଙ୍ଗୀତା ଜେନା)**

ବାଂଲାଦେଶରେ ଫସି ରହିଥିବା ୫ ଛାତ୍ରୀଛାତ୍ର ସୋମବାର ରାତିରେ ରାଉରକେଲାକୁ ଫେରିଛନ୍ତି। ସେମାନେ ହେଲେ ସୁନ୍ଦରଗଡ ଜିଲା ବନ୍ଧମୁଣ୍ଡାର ବୈଭବ ଗୁପ୍ତା, ଅକ୍ଷତ ଗୁପ୍ତା, ସବା ଜନ୍ନତ, ଅର୍ଶଦ ଅବଦୁଲ୍ଲା, ଫରହାତ ସୁଲତାନା। ସମସ୍ତ ଛାତ୍ରୀଛାତ୍ର ବାଂଲାଦେଶର ଘରୋଇ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢୁଥିଲେ। ସବା, ଅର୍ଶଦ ଏବଂ ଫରହାତଙ୍କୁ ବାଂଲାଦେଶ ଦୂତାବାସର ଏକ ସରକାରୀ ଗାଡି ଯୋଗେ ପଶ୍ଚିମବଙ୍ଗର ସୀମାନ୍ତ ସହର ଖୁଲନାରେ ଛାଡ଼ି ଦିଆ ଯାଇଥିଲା। ବୈଭବ ଗୁପ୍ତା ଏବଂ ଅକ୍ଷତ ଗୁପ୍ତାଙ୍କୁ ବାଂଲାଦେଶ ଦୂତାବାସ ଦ୍ୱାରା ଢାକା ବିମାନବନ୍ଦରକୁ ନିଆଯାଇଥିଲା। ସୋମବାର ରାତି ପ୍ରାୟ ୧୧ ଟା ବେଳେ ସେମାନେ କୋଲକାତାରେ ପହଞ୍ଚିଥିଲେ। ସେଠାରୁ ରାଉରକେଲାକୁ ଫେରିଛନ୍ତି। ବୈଭବ ଗୁପ୍ତା କହିଛନ୍ତି, ବାଂଲାଦେଶର ଅବସ୍ଥା ଅତ୍ୟନ୍ତ ଜଟିଳ ହୋଇପଡିଛି। ସେ ଏବଂ ତାଙ୍କ ସାଙ୍ଗମାନେ ନିଜ ଜୀବନକୁ ବିପଦରେ ପକାଇ ଘରେ ପହଞ୍ଚିଛନ୍ତି। ବାଂଲାଦେଶରେ ଛାତ୍ର ଆନ୍ଦୋଳନ ଯୋଗୁ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବାହାରେ। ବୋମା ଓ ଗୁଳି ଶବ୍ଦରେ ପୂରା ସହର କମ୍ପୁଛି। ସେନା ଏବଂ ପୋଲିସ କର୍ମଚାରୀ ଆନ୍ଦୋଳନକାରୀଙ୍କୁ ଗୁଳି ଚଳାଉଛନ୍ତି। ଇଣ୍ଟରନେଟ ସେବା ବନ୍ଦ ରହିଛି। କଲେଜର ହଷ୍ଟେଲରୁ ବାହାରିବା ପାଇଁ କୌଣସି ରାସ୍ତା ନାହିଁ। ସୂଚନାଯୋଗ୍ୟ, ଏହି ସମସ୍ତ ଛାତ୍ରୀଛାତ୍ରଙ୍କୁ ଭାରତକୁ ଫେରାଇ ଆଣିବା ପାଇଁ ବୈଭବ ଗୁପ୍ତାଙ୍କ ପିତା ବିଭୂତି କୁମାର ଗୁପ୍ତା କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମଙ୍କୁ ଲିଖିତ ଦାବି କରିଥିଲେ। ଯାହା ପରେ ଭାରତ ସରକାରଙ୍କ ଦୂତାବାସ ବାଂଲାଦେଶ ଦୂତାବାସ ସହ କଥା ହୋଇ ଏହି ଛାତ୍ରୀଛାତ୍ରମାନଙ୍କୁ ରାଉରକେଲାକୁ ଫେରାଇ ଆଣିଥିଲା।

**OFFICE OF THE EXECUTIVE ENGINEER**
**National Rural Employement Program, Ranchi.**

**Very Short e-Procurement Notice**

e-Tender Refrence No. – National Rural Employement Program, Ranchi./RANCHI-13/2023-24 Date :-

| Sl. No. | Name of Scheme | Estimated Amount (Lakh) | Earnest Mone (Lakh) | BOQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | मदरसा गौसिया गौसनगर मनीटोला डोरण्डा, राँची में 50 शैय्या बालक छात्रावास निर्माण। | 2,95,77,600/- | 5,91,600/- | 10,000/- | 12Months | कार्य के अनुरूप |
| 2. | BMC Hostel कांटाटोली राँची में 50 शैय्या बालक छात्रावास निर्माण। | 2,95,77,600/- | 5,91,600/- | 10,000/- | 12Months | कार्य के अनुरूप |
| 3. | फातिमा गर्ल्स एकेडमी ईटकी राँची में 30 शैय्या बालिका छात्रावास निर्माण। | 2,24,83,500/- | 4,50,000/- | 10,000/- | 12Months | कार्य के अनुरूप |
| 4. | दारूल ओलूम कासमिया बलसोकरा में 30 शैय्या अल्पसंख्यक बालक छात्रावास निर्माण। | 2,24,83,500/- | 4,50,000/- | 10,000/- | 12Months | कार्य के अनुरूप |
| 5. | Mode of Submission of tender | | Online through www.jharkhandtendrs.gov.in | | | |
| 6. | Date of Publication of Tender on Website | | Start Date 29.07.2024 to 11.00 AM; End Date 03/08/2024 up to : 2.00 PM | | | |
| 5. | Bids online Submission | | Start Date 29.07.2024 Time : 11.00 AM; End Date 03/08/2024 Time : 2.00 PM | | | |
| 6. | Technical Bid Oppening Date | | Date 05/08/2023 Time : 11.00 AM | | | |
| Officer Inviting Bids | | | Executive Engineer; National Rural Employement Program, Ranchi.; Address : National Rural Employement Program, Vikash Bhawan, Ranchi. | | | |

PR 330380 (NREP) 24-25 (D)

Executive Engineer
National Rural Employement Program, Ranchi.

**OFFICE OF THE EXECUTIVE ENGINEER (AGRIL.), AGRIL ENGG.DIVISION, NAYAGARH**

E-mail ID -- eeagril.nayargarh@gmail.com

**INVITATIONS FOR BIDS THROUGH e-Procurement**

**Bid Identification No./e - Procurement Notice No. 962 /2024//Agril. Date – 20/07/2024**
**E.E. (AGRIL.), NAYAGARH-01/2024-25**

No.L-26 : The Executive Engineer (Agril.), Nayagarh Division, Nayagarh on behalf of Governor of Odisha invites **Percentage** Rate Bids in **Single cover** system for the works as detailed in table below.

| Sl. No. | Name of the work | Approximate Estimated cost put to Tender (Excluding G.S.T) (Rs.) | Cost of Bid Documents (in Rs.) | EMD (in Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of FCC at-Fategarh, Block-Bhapur, Dist-Nayagarh | 8,40,355.00 | 4,000.00 | 8500.00 | C & D | 04 (Four calendar months) |
| 2 | Construction of FCC at-Gania, Block-Gania, Dist-Nayagarh | 8,41,736.00 | 4,000.00 | 8500.00 | C & D | 04 (Four calendar months) |
| 3 | Construction of FCC at-Salajharia, Block-Khandapada, Dist-Nayagarh | 8,40,708.00 | 4,000.00 | 8500.00 | C & D | 04 (Four calendar months) |
| 4 | Construction of FCC at-Itamati, Block- Nayagarh, Dist-Nayagarh | 8,40,422.00 | 4,000.00 | 8500.00 | C & D | 04 (Four calendar months) |
| 5 | Construction of FCC at-Sunamuhin, Block-Odagaon, Dist-Nayagarh | 8,40,763.00 | 4,000.00 | 8500.00 | C & D | 04 (Four calendar months) |
| 6 | Construction of FCC at-Talakani, Block-Ranapur, Dist-Nayagarh | 8,40,847.00 | 4,000.00 | 8500.00 | C & D | 04 (Four calendar months) |
| 7 | Construction of FCC at-Kulei,Block - Banapur, Dist - Khordha | 8,41,877.00 | 4,000.00 | 8500.00 | C & D | 04 (Four calendar months) |
| 8 | Construction of FCC at-Jayadev, Block-Balianta, Dist-Khordha | 8,43,696.00 | 4,000.00 | 8500.00 | C & D | 04 (Four calendar months) |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in. Bid documents will be available in above website from Dt. **24.07.2024** at **11.00 AM** to Dt.**05.08.2024** up to **5.00 P.M** for "ONLINE BIDDING". **Date of original bid documents submission from Dt. 25.07.2024** at **11.00 A.M.** to **06.08.2024** up to **5.00 P.M.** Bids shall be opened at 11.00 AM on Dt. **09.08.2024**.

The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e- Procurement web site www.tendersodisha.gov.in.

N.B: Subsequent corrigendum / addendum if required shall be available in the website as indicated above

**Sd./- Executive Engineer (Agril.), Nayagarh Division, Nayagarh**

OIPR-01449/11/0001/2425

**GOVERNMENT OF ODISHA** No. O-137
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**

No. 3424 **"e" Procurement Notice for Road Works** Date: 22.07.2024

| | | | |
|---|---|---|---|
| 1 | Name of the Work | : | Flood Resilient Road Works under SDMF & Impvt. to Road under Deposit Scheme |
| 2 | Total No. of Works | : | 02 Nos. of Road Works |
| 3 | Estimated Cost of the work | : | Varies from Rs.328.65 lakhs to Rs.499.42 lakhs |
| 4 | Class of Contractor | : | |
| | a) Estimated cost more than Rs.20.00 lakhs upto Rs.3.00 Crores | : | B Class (of Odisha PWD) or relevant class of other licensing authorties |
| | b) Estimated cost more than Rs.1.00 Crore upto Rs.20.00 Crores | : | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crores upto Rs.50.00 Crores | : | Special Class (of Odisha PWD) or relevant class of other licensing authorities |
| 5 | Period of Completion | : | As mentioned in Column-7 of Annexure |
| 6 | Offered rates by bidder | : | The offered rate by the contractor shall be excluding GST |
| 7 | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Engineer, Central Rural Works Circle, Bhubaneswar | Tender Online C.C. 19 of 2024 | 29.07.2024 at 11.00 A.M. | 13.08.2024 upto 5.00 P.M. | 14.08.2024 at 11.00 A.M. | To be intimated later on |

Further details can be seen from the website **www.tendersodisha.gov.in**.

**OIPR-25194/11/0003/2425** **Sd./- Chief Engineer, Central R.W. Circle, Bhubaneswar**

**DEPARTMENT OF SOCIAL SECURITY AND EMPOWERMENT OF PERSONS WITH DISABILITIES**

**Lokaseva Bhavan, Red Building, BBSR - 751001, Tel.: 0674-2390116**
**Mail: ssepdodisha@gmail.com / ssepdsec.od@nic.in**

**No. 5445** **Dt.: 23.07.2024**

No. gg-07: Department of Social Security & Empowerment of Persons with Disabilities, Government of Odisha invites proposal for **Bayojyestha Samman Award** for the year 2024 from Senior Citizens/Persons and Institutions for their outstanding achievement in differernt fields for welfare of Senior Citizens. The detailed guidelines are available in our website **www.ssepd.gov.in**. Persons/Institutions are required to submit proposal by 23rd August, 2024 to concerned quarters.

**OIPR-46001/11/0007/2425** **Sd./- Director, SSEPD**

**Bhubaneswar Municipal Corporation**

**(File No. BMC/Mech-XXXVI-62/2024**
**Notice No. 29852** **Date: 22.07.2024**

**REQUEST FOR PROPOSAL FOR ANNUAL RATE CONTRACT FOR HIRING OF VARIOUS TYPE OF HEAVY VEHICLES, EARTH MOVING MACHINERIES, ENFORCEMENT VEHICLE AND OFFICIAL VEHICLE FOR BHUBANESWAR MUNICIPAL CORPORATION**

No.C-258: Bhubaneswar Municipal Corporation (BMC) invites proposal from reputed agencies for hiring of various type of Heavy Vehicles, Earth Moving Machineries, Enforcement vehicle and Official Vehicle in Bhubaneswar Municipal Corporation (BMC) Area. Interested agencies may participate for this tender and submit their proposal in conformity with terms and conditions of this Advertisement and the Request For Proposal (RFP). The detailed Request For Proposal (RFP) document can be downloaded from BMC website i.e. **bmc.gov.in** from 03.00 P.M. of 24.07.2024 to 04.00 P.M. of 08.08.2024. The last date of receipt of technical and financial bids is 08.08.2024 till 04.00 P.M. and the same would be opened on 08.08.2024 at 05.00 P.M. The Pre-bid meeting is scheduled on 29.07.2024 at 04.00 P.M. in the Conference Hall at BMC Office. Please refer the RFP documents for further details.

BMC reserves the right to cancel this invitation and/or invite fresh Bid/RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

**Sd./- Deputy Commissioner (Vehicle & IT)**
**Bhubaneswar Municipal Corporation**

**OIPR-13002/11/0042/2425**

**OFFICE OF THE PANCHAYAT SAMITI, JALESWAR, BALASORE**

No. 3528 Date - 22.07.2024

**"e" Procurement Notice**

Bid Identification No. **PSJLS_01/2024-25**

No.i-35: Bid Documents consisting of Work, Estimated Cost, Cost of Tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | | |
|---|---|---|---|
| 1 | Name of the Work | : | Building Works |
| 2 | No. of Works | : | 03 Nos. |
| 3 | Estimated Cost | : | 13,00,000.00 to 14,21,849.00 |
| 4 | Period of Completion | : | 120 days |
| 5 | Bid submission Start date | : | 25.07.2024 at 10:00 A.M. |
| 6 | Bid Submission Closing Date | : | 08.08.2024 upto 05:00 P.M. |
| 7 | Bid Opening Date | : | 09.08.2024 at 11:00 A.M. |
| 8 | Name of Officer inviting Bid | : | Bl;ock Development, Officer Jaleswar |

Further details can be seen from the procurement portal i.e www.tendersodisha.gov.in

Sd./- Block Development Officer
Jaleswar

OIPR-19145/11/0001/2425

**GOVT. OF ODISHA**
**OFFICE OF THE ASSISTANT DIRECTOR OF SERICULTURE, KALAHANDI, BHAWANIPATNA**

**At/P.O.: Naktiguda, Near TV Tower,**
**Bhawanipatna, Kalahandi, PIN - 766001**
**Mob. No.: 6372581343, Email ID: adskalahandi@gmail.com**

**QUOTATION CALL NOTICE**

**Reference No. 517** **Dated: 23.07.2024**

No. L-27: Sealed quotations are invited from the registered suppliers/manufacturers firms/organizations having valid TIN/PAN/GST No. for supply of Mulberry Rearing Equipment.

The quotation documents containing detail of items, terms & conditions can be downloaded from the website **kalahandi.odisha.gov.in**. Last date for submission of Quotation paper on or before 13.08.2024 by 5 P.M. and date of opening on 14.08.2024 by 12 A.M.

**Sd./- Asst. Director of Sericulture**
**Kalahandi, Bhawanipatna**
**OIPR-01436/11/0003/2425**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER CENTRAL RURAL WORKS CIRCLE, BHUBANESWAR**

**Unit-IX (Near Boys High School) P.O.: Bhoinagar, BBSR**
**Email: se_ccrw@yahoo.co.in, Phone No.: 0674-2540742 (O)**
**No. Tender Online-18 of 2024** **Letter No. 3414** **Date: 22.07.2024**

**Repair and Maintenance of Rural Roads under PMGSY & Other Scheme**

**NATIONAL COMPETITIVE BIDDING THROUGH e-Procurement**

No. O-135: The Chief Construction Engineer, Central R.W. Circle, Bhubaneswar on behalf of Odisha State Rural Road Agency invites percentage rate bids with double cover in electronic tendering system for Repair/Maintenance of the Rural Roads Constructed under Pradhan Mantri Gram Sadak Yojana in the district of Khurda & Puri for 3 number of packages with approximate estimated cost totaling to Rs.2.44 Cr. including maintenance for five year from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of invitation for Bids through e-procurement Dtd.25.07.2024.

Availability of Bid documents and mode of submission: The bid document is available online and should be submitted online in **http://www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized certifying authorities. The bidders are required to submit (a) Original Demand Draft towards the cost of bid document and (b) Original Bid Security in approved form and (c) Original affidavit regarding correctness of information furnished with bid document as per provisions of Clause 4.4B(a) (ii) of ITB with C.C.E., Central R.W. Circle, Bhubaneswar on a date not later than three working days after the opening of technical qualification part of the Bid, either by Registered Post or by hand, failing which the bids shall be declared non-responsive.

Last date/time for receipt of bids through e-procurement: 08.08.2024 upto 5.00 P.M.

For further details please log on to **http://www.pmgsytenders.gov.in**.

**Sd./- Chief Engineer**
**Central R.W. Circle, Bhubaneswar**
**OIPR-25194/11/0002/2425**

See Career Appointment on every Wednesday & Saturday

**OFFICE OF THE CHIEF EXECUTIVE OFFICER, WATCO**

WATCO
**Ground Floor, Unnati Bhawan, H.B. colony, Satyanagar,**
**Bhubaneswar - 751007, Odisha, India, Telefax : +91-674-2391444**
E-mail - ceowatcoodisha@gmail.com No.C-253

**INVITATION FOR BID (IFB)**

Bid Identification No. WATCO (W) - 03/2024-25 Dtd. 22.07.2024
WATCO No. 4533 Date : 22.07.2024

| | | | |
|---|---|---|---|
| 1 | Name of the work | : | "Procurement of ISI marked DI K-9, socket & spigot pressure pipes of different diameters for different works in WATCO division, Rourkela." |
| 2 | Types of Bid | : | Double Cover (Technical & Financial) |
| 3 | Estimated cost | : | Rs. 783.00 Lakh |
| 4 | Period of completion | : | 2 (Two calendar) Months |
| 5 | Class of Contractor | : | Manufacturer |
| 6 | Date & time of availability of bid document in the portal | : | From 11.00 AM of Dt.29.07.2024 to 5.00 PM of 12.08.2024 |
| 7 | Last date / time of receipt of bids in the portal | : | 5.00 PM of 12.08.2024 |
| 8 | Date & Time of opening of technical bids | : | 11.00 AM of 13.08.2024 |
| 9 | name and address of the Officer Inviting Bid | : | CEO, WATCO; Telefax : 0674-2391444; E-Mail : ceowatcoodisha@gmail.com |
| 10 | The bidders have to participate in ONLINE bidding only. Further details can be seen from the website www.tendersodisha.gov.in | | |

OIPR-13194/11/0006/2425 **Sd./- (CEO) WATCO**

**ZILLA SWASTHYA SAMITI, GANJAM**

**(Contractual Appointment of Paediatrician at DEIC City Hospital, Berhampur, Ganjam Post under NHM Programme)**

**Adv. No. 10949** **Date: 23.07.2024**

**WALK-IN-INTERVIEW**

No. E-139: Zilla Swasthya Samiti (ZSS), Ganjam invites the eligible candidates for filling up the Post of Paediatrician at DEIC, City Hospital, Berhampur, Ganjam under RBSK Programme of National Health Mission, Ganjam. The interested candidates fulfilling the eligibility criteria are requested to attend the Walk-in-Interview on date 01.08.2024 at 11.30 A.M. in the Office Chamber of CDM & PHO, Ganjam with all relevant documents. The eligibility criteria, vacancy, monthly remuneration, selection procedure, age etc. and application form can be downloaded from district website. Interested candidates may log on to **https://ganjam.odisha.gov.in** for details.

Time to time notification regarding status of selection process will be hoisted in the district website. The undersigned reserves the right to cancel/reject any or all the applications without assigning any reason thereof.

**Sd./- CDM&PHO-cum-DMD, Ganjam**
**OIPR-10041/11/0003/2425**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: **23115**/ଭୁ.ଉ.କ., ଭୁବନେଶ୍ୱର ତା: ୧୮।୦୭।୨୦୨୪ରିଖ
**LA-8/90**

**ସୂଚନା**

No. CAD-636: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ଼ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା: ବରଗଡ଼, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ ନଂ. RP-6କୁ ଶ୍ରୀମତୀ ବିଜୟଲକ୍ଷ୍ମୀ ଦାଶ, ସ୍ୱାମୀ: ପ୍ରଦୀପ୍ତ କୁମାର ଦାସ, ଗ୍ରାମ: ଦୁମୁକା, ପୋଷ୍ଟ: ଡେରାବିଶ, ଥାନା/ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ଆବଣ୍ଟନଗ୍ରାହୀ ଶ୍ରୀମତୀ ବିଜୟଲକ୍ଷ୍ମୀ ଦାଶ ଉକ୍ତ ପ୍ଲଟକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଶାନ୍ତିଲତା ମଲିକ, ସ୍ୱାମୀ: ଲକ୍ଷ୍ମଣ ମଲିକ, ଗ୍ରାମ: କେନ୍ଦାଳ, ପୋଷ୍ଟ: ମଧୁସୂଦନପୁର ଶାସନ, ଥାନା/ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ୨୦୦୪ ମସିହାରେ ଆବେଦନ କରିଥିଲେ ଏବଂ ପରେ ଏହାକୁ ରଦ୍ଦ କରିବା ନିମନ୍ତେ ଅନୁରୋଧ କରିଥିଲେ।

ଉକ୍ତ ପ୍ଲଟର ମାଲିକାନା ଶ୍ରୀମତୀ ଶାନ୍ତିଲତା ମଲିକଙ୍କ ନାମରେ ପରିବର୍ତ୍ତନ କରିବା ନିମନ୍ତେ ମାନ୍ୟବର ଉଚ୍ଚନ୍ୟାୟାଳୟ ତା୦୭।୦୮।୨୦୨୩ରିଖରେ ଆଦେଶନାମା ଜାରି କରିଛନ୍ତି।

ଏଣୁ ମାନ୍ୟବର ଉଚ୍ଚନ୍ୟାୟଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ପ୍ଲଟର ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା./– ଆବଣ୍ଟନ ଅଧିକାରୀ–୧**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

**OIPR-13033/11/0069/2425**

idco | ODISHA NEW OPPORTUNITIES

**File No: IDCO/HO-P&C/O-3689/04/2024/V-1/ 21090** **Date: 20.07.2024**

**INVITATIONS FOR BIDS (IFB)**

**Bid Identification No.P&C/EST/E-214/2023-24**

No.CAD-640 : The Chief General Manager (P&C), IDCO, IDCO Towers, Janpath, Bhubaneswar-751022 invites item based tender in single cover system from OEMs or their authorized representative only, in online mode for 5 years Comprehensive AMC including one time corrective maintenance of the following works in 5 (Five) different packages mentioned in Table 1 at Incubation Centre (O-Hub) in Infocity SEZ with different activities such as date, time and few general instructions as mentioned in Table 2.

**(Table 1)**

| Sl. No. | Pack-age No. | Description | OEM |
|---|---|---|---|
| 1 | 4 | Lifts (Passenger, Stretcher) Series-2 | Schindler |
| 2 | 6 | Bus Trunking & Rising mains | L & T |
| 3 | 14 | 1600KVA, 33/0.433kV ONAN Transformers with Accessories | OTPL |
| 4 | 15 | UPS with Battery | reillo |
| 5 | 16 | Electric Vehicle (EV) | Skyrider |

**(Table 2)**

| Sl. No. | Activity | Date & Time for Pkg - 4, 6, 14, 15, 16 |
|---|---|---|
| 1 | Bid documents such as DTCN / BoQ etc. can be seen on www.tendersodisha.gov.in. | From 17:00 hours of 29.07.2024 to 17:00 hours of 28.08.2024 |
| 2 | The Pre-bid Queries may be sent to cgmpc@idco.in with copy marked to manas.mohanty@idco.in on or before | 17:00 hours of 09.08.2024 |
| 3 | Response to the Pre-bid queries shall be uploaded by IDCO on | 17:00 hours of 13.08.2024 |
| 4 | Bid for the above mentioned work should be uploaded to e-procurement portal. | From 17:00 hours of 13.08.2024 to 17:00 hours of 28.08.2024 |
| 5 | The Technical Bid will be opened online on date and time mentioned at IDCO Tower, Bhubaneswar in the Office of the Chief General Manager (P&C), IDCO, IDCO Towers, Janpath, Bhubaneswar | 11:30 hours of 29.08.2024 |

The bidder must possess a compatible Digital Signature Certificate (DSC) of Class- II or Class - III.
The authority reserves the right to reject any or all bids without assigning any reason thereof.

OIPR-14003/11/0024/2425 **Sd./- Chief General Manager (P&C)**

# ମାଛଚାଷ ପାଇଁ ଉନ୍ନତମାନର ପୋଖରୀ ନିର୍ମାଣ



''ମାଛଚାଷ ପାଇଁ ପୋଖରୀ ପ୍ରସ୍ତୁତ କରୁଥିଲେ ପ୍ରଥମେ ଏକ ଖାଲ ଜାଗା ଚୟନ କରନ୍ତୁ । କାରଣ ଖରାଦିନେ ପୋଖରୀ ପାଣି ଶୁଖିଯାଇଥାଏ। ତେଣୁ ଏଭଳି ପୋଖରୀ ନିର୍ମାଣ କରନ୍ତୁ, ଯେମିତି ଖରାଦିନେ ପୋଖରୀରେ ଅତିକମ୍‌ରେ ଅଧ ମିଟର ଉଚ୍ଚାରେ ପାଣି ରହୁଥିବ। ଖାଲୁଆ ଜାଗାରେ ପୋଖରୀ କଲେ ଯଦି ତାହାକୁ ୧.୫ ମିଟର ଖୋଳାଇଥିବେ ତେବେ ଖରାଦିନେ ଆବଶ୍ୟକ ଅନୁଯାୟୀ ୫ ଫୁଟ ପାଣି ରହିବ। ଡିପ ଜାଗାରେ ବା ଉଚ୍ଚ ସ୍ଥାନରେ ପୋଖରୀ ଖୋଳାଇଲେ ପାଣି ବହୁତ ଗଭୀରରେ ପାଇବେ। ତା'ସହ ଖର୍ଚ୍ଚ ମଧ ଅଧିକ ହେବ। କେବଳ ସେତିକି ନୁହେଁ, ଏହାଦ୍ୱାରା ମାଛଚାଷରେ ଲାଭ ପ୍ରଭାବିତ ହେବା ସମ୍ଭାବନା ରହିଛି।''

ଆଜିକାଲି ମାଛଚାଷ ଅନ୍ୟତମ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ହେଲେ ଏହି ସମୟରେ ମାଛ ଯାଆଁଳ ଚୟନ ଏବଂ ପୋଖରୀ ନିର୍ମାଣ ପ୍ରତି ଯତ୍ନବାନ୍ ହେବା ଦରକାର। ତେବେ ପୋଖରୀ ନିର୍ମାଣ ସମୟରେ କେଉଁ କେଉଁ ଦିଗ ପ୍ରତି ଦୃଷ୍ଟିଦେବା ଦରକାର ସେ ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି।

➤ପୋଖରୀ ଚାରିପଟେ ଉଚ୍ଚା ହୁଡ଼ା ଥିବା ଆବଶ୍ୟକ। ଏହି ହୁଡ଼ା ବାହାରେ ପାଣି ସହିତ ଶିକାରୀ ମାଛ ପୋଖରୀ ଭିତରକୁ ପଶିବାରେ ବାଧା ସୃଷ୍ଟି କରିଥାଏ।

➤ବିଲ ପାଣିରେ ନାନା ପ୍ରକାର ରାସାୟନିକ ସାର ଓ ପଦାର୍ଥ ମିଶିଥାଏ। ଏହି ବିଷାକ୍ତ ପାଣି ମାଛଚାଷ ପାଇଁ ପ୍ରସ୍ତୁତ ପୋଖରୀ ଭିତରକୁ ଯେପରି ନ ପଶେ ସେଥିପାଇଁ ହୁଡ଼ା ଉଚ୍ଚା ହେବା ନିହାତି ଦରକାର।

➤ଆବଶ୍ୟକ ସ୍ଥଳେ ନାଳର ପାଣି ଆଣି ହ୍ୟୁମ୍ ପାଇପ ବସାଇ ପାଇପ୍ ମୁହଁରେ କନା ବାନ୍ଧି ପୋଖରୀ ଭିତରକୁ ଭଲ ପାଣି ଛାଡ଼ିବା ଦରକାର।

ଅନ୍ୟପକ୍ଷରେ ମାଛଚାଷ ପାଇଁ ପୋଖରୀ ନିର୍ମାଣ କରୁଥିଲେ ନିମ୍ନଲିଖିତ ବିଷୟ ପ୍ରତି ସ୍ୱତନ୍ତ୍ର ଧ୍ୟାନଦେବା ନିହାତି ଆବଶ୍ୟକ।

➤ମାଛଚାଷ ପାଇଁ ପୋଖରୀ ପ୍ରସ୍ତୁତ କରୁଥିଲେ ପ୍ରଥମେ ଏକ ଖାଲ ଜାଗା ଚୟନ କରନ୍ତୁ। କାରଣ ଖରାଦିନେ ପୋଖରୀ ପାଣି ଶୁଖିଯାଇଥାଏ। ତେଣୁ ଏଭଳି ପୋଖରୀ ନିର୍ମାଣ କରନ୍ତୁ, ଯେମିତି ଖରାଦିନେ ପୋଖରୀରେ ଅତିକମ୍‌ରେ ଅଧ ମିଟର ଉଚ୍ଚାରେ ପାଣି ରହୁଥିବ। ଖାଲୁଆ ଜାଗାରେ ପୋଖରୀ କଲେ ଯଦି ତାହାକୁ ୧.୫ ମିଟର ଖୋଳାଇଥିବେ ତେବେ ଖରାଦିନେ ଆବଶ୍ୟକ ଅନୁଯାୟୀ ୫ ଫୁଟ ପାଣି ରହିବ।

➤ଡିପ ଜାଗାରେ ବା ଉଚ୍ଚ ସ୍ଥାନରେ ପୋଖରୀ ଖୋଳାଇଲେ ପାଣି ବହୁ ଗଭୀରରେ ପାଇବେ। ତା'ସହ ଖର୍ଚ୍ଚ ମଧ ଅଧିକ ହେବ। କେବଳ ସେତିକି ନୁହେଁ, ଏହାଦ୍ୱାରା ମାଛ ଚାଷରେ ଲାଭ ପ୍ରଭାବିତ ହେବା ସମ୍ଭାବନା ରହିଛି।

➤ଆପଣ ଯଦି ପସନ୍ଦ କରିଥିବା ସ୍ଥାନରେ ପୋଖରୀ ଖୋଳାଇବା ଆଗରୁ ସେ ସ୍ଥାନରେ ପାଣି କେତେ ଗଭୀରତାରେ ପଡ଼ିବ ତାହା ଦେଖିନେବା ଦରକାର।

➤ପୋଖରୀ ଖୋଳିବା ସମୟରେ ଗୋଟିଏ ବିଷୟ ଜାଣିବା ନିହାତି ଦରକାର। ବାଲିଆ ମାଟି ପାଣିକୁ ଧରି ରଖିପାରେ ନାହିଁ। ତଳେ ଜଳସ୍ତର ନ ଥିଲେ ବାଲିଆ ମାଟିରେ ପୋଖରୀ ଖୋଳାଇଲେ ସେଥିରେ ଅଧିକ ଦିନ ପାଣି ରହି ନ ପାରେ। ମଟାଳ ଓ ଚିକିଟା ମାଟି ଥିବା ସ୍ଥାନ ଦେଖି ପୋଖରୀ ଖୋଳାଇବା ଦରକାର। ଏହାଦ୍ୱାରା ପୋଖରୀରେ ଦୀର୍ଘ ଦିନ ଧରି ପାଣି ରହିବ।

➤ନୂଆ ପୋଖରୀ ଖୋଳାଇଲେ ତାହାର ଆକାର ଆୟତାକାର ହେବା ଦରକାର। ଯେପରିକି ୧ ଏକର ପୋଖରୀଟିଏ ଖୋଳାଇଲେ ତାହାର ଓସାର ୫୦ ମିଟର ଏବଂ ଲମ୍ବ ୮୦ ମିଟର ହେଉଥିବ। ଏପ୍ରକାର ପୋଖରୀରେ ମାଛ ଚାଷକରିବା ଏବଂ ଧରିବା ସୁବିଧାଜନକ। ଏହାଦ୍ୱାରା ପୋଖରୀରେ କମ୍ ଲୋକ ଲଗାଇ ଜାଲ ଟାଣିପାରିବେ। ଆପଣଙ୍କ ଜମି ଆକାର ଯଦି ଅନ୍ୟ ପ୍ରକାର ଥାଏ ତେବେ ସୁବିଧା ଅନୁସାରେ ପୋଖରୀ ଖୋଳାଇବେ।

➤ପୋଖରୀଟିଏ ଖୋଳାଇବା ସମୟରେ ଏହାର ହୁଡ଼ା ଉଚ୍ଚ ଏବଂ ଦୃଢ଼ ଭାବରେ ଗତିକ୍ରମ ଗଡ଼ାଣିଆ କରିବେ। ଏହାର ଅନୁପାତ ଅନ୍ତତଃ ୧:୨ ହେବା ଦରକାର। ଅର୍ଥାତ୍, ଯଦି ପୋଖରୀ ହୁଡ଼ାର ଉଚ୍ଚତା ୭ ମିଟର ହୁଏ, ତେବେ ତାହା ୧୪ମିଟର ଜାଗା ଉପରେ ତିଆରି କରନ୍ତୁ। ଏହାର ଉପର ଓସାର ୨ ମିଟର ରଖିବାକୁ ପଡ଼ିଥାଏ। ହୁଡ଼ାଟି ଗଡ଼ାଣିଆ ନ କଲେ ତାହା ଧୋଇ ହୋଇ ନଷ୍ଟହୋଇଯିବା ଯଥେଷ୍ଟ ସମ୍ଭାବନା ରହିଛି। ହୁଡ଼ାରେ ମାଟି ପକାଇବା ପରେ ଭଲ ଭାବରେ ତାହାକୁ ଗୁଣ୍ଡକରି, ସମାନ କରିଦିଅନ୍ତୁ। ତା'ପରେ ଘାସ ଚେକା ବିଛାଇ ଦିଅନ୍ତୁ। ଏହାଦ୍ୱାରା ହୁଡ଼ାର ମାଟି ଧୋଇ ହୋଇଯିବା ଆଶଙ୍କା ନ ଥାଏ।

## ନର୍ସରି ଯାଆଁଳ ପାଳନ ପାଇଁ ପୋଖରୀ ନିର୍ମାଣ

➤ନର୍ସରି ଯାଆଁଳ ପାଳନ ପାଇଁ ପୋଖରୀର ଆକାର ଛୋଟ ହୋଇଥାଏ। ଏହାର ଗଭୀରତା ଏକ ମିଟର, ଓସାର ୧୫ରୁ ୨୨ ମିଟର ଏବଂ ଲମ୍ବ ୨୫-୩୦ମିଟର ରହିବା ଦରକାର।

➤ମାଛଚାଷ ପୋଖରୀ ନିକଟରେ ଗୋଟିଏ ଦୁଇଟି ଏ ପ୍ରକାର ନର୍ସରି ଯାଆଁଳ ପାଳନ ପୋଖରୀ ରହିବା ଦରକାର।

➤ଖରାଦିନେ ନର୍ସରି ପୋଖରୀଗୁଡିକ ଯେମିତି ଆପେ ଆପେ ଶୁଖିଯାଉଥିବ।

➤ଉପର ଲିଖିତ ନର୍ସରି ପୋଖରୀରେ ପ୍ରତିଥର ୨୦,୦୦୦ରୁ ୨୫,୦୦୦ ବଡ଼ ଯାଆଁଳ ଉତ୍ପାଦନ କରିପାରିବେ।

➤ନର୍ସରି ପୋଖରୀର ମାଟିର ଉର୍ବରତା ଯଥେଷ୍ଟ ଥିବା ଦରକାର।

➤ମାଛଚାଷ ପୋଖରୀ ବା ବଡ଼ ପୋଖରୀଠାରୁ ଉଚ୍ଚରେ ବା ନିକଟରେ ନର୍ସରି ପୋଖରୀ ରହିଲେ ଉପକାର ମିଳେ। କାରଣ ଏହା ନିକଟରେ ଥିଲେ ଆବଶ୍ୟକ ଅନୁଯାୟୀ ପାଣି ଭର୍ତ୍ତି କରିପାରିବେ ଓ ଭିତରେ ଥିଲେ ପାଣି ସହଜରେ ବଡ଼ ପୋଖରୀକୁ ଛାଡ଼ି ଶୁଖାଇପାରିବେ।

➤ବର୍ଷରେ କ୍ରମାଗତ ୨-୩ ଥର ଯାଏ ମାଛ ଯାଆଁଳକୁ ବଢ଼ାଯାଇ ବଡ଼ ପୋଖରୀରେ ଗଚ୍ଛିତ କରାଯାଇପାରିବ।

**-ଦିଲୀପ କୁମାର ସାହୁ, ଅଧ୍ୟାପକ, ଡ. ମାନସ ରଞ୍ଜନ ପଟ୍ଟନାୟକ, ଅଧ୍ୟକ୍ଷ**
ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର (ମତ୍ସ୍ୟ ବିଜ୍ଞାନ),ଓୟୁଏଟି, ରଙ୍ଗେଇଲୁଣ୍ଡା-୭

## ମଲ୍ଲୀ ଗଛ କାଟି ଲଗାଉଥିଲେ...



ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହର୍‌ମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡ଼ାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳିକରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ।

## ଫଳଚାଷ



ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତ କରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲି ଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷ କରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ ।

## ନଳିତା ଶଢ଼ାଇବା ପ୍ରଣାଳୀ



ନଳିତା ଗଛଗୁଡ଼ିକୁ ପାଣିରେ ୧୦-୧୨ଦିନ ପର୍ଯ୍ୟନ୍ତ ଶଢ଼ାନ୍ତୁ। ନଳିତା ଶଢ଼ାଇବା ପ୍ରକ୍ରିୟା ତନ୍ତୁର ଗୁଣ ଓ ମାନ ନିର୍ଦ୍ଧାରଣରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ନଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ। ଏହା ଉତ୍ପାଦିତ ତନ୍ତୁର ପୋକ ଓ ରଙ୍ଗକୁ ନଷ୍ଟହେବାକୁ ଦିଏ ନାହିଁ। ସ୍ଥିର ପାଣି ଅପେକ୍ଷା ଧୀରେ ଧୀରେ ବହିଯାଉଥିବା ପରିଷ୍କାର ପାଣି ନଳିତା ଶଢ଼ାଇବା ପାଇଁ ଅଧିକ ଉପଯୋଗୀ। ଗଛର ମୂଳ ଭାଗ ଅପେକ୍ଷାକୃତ ଭାବେ ମୋଟା ଓ ପରିପକ୍ୱ ହୋଇଥିବାରୁ ଏହା ଶଢ଼ିବା ପାଇଁ ଅଧିକ ସମୟ ଦରକାର କରିଥାଏ। ଏଥିପାଇଁ ବିଡ଼ାଗୁଡିକୁ ୬୦ସେ.ମି. ପାଣି ଥିବା ସ୍ଥାନରେ ୨-୩ଦିନ ଠିଆକରି ରଖାଯିବା ଆବଶ୍ୟକ । ତା'ପରେ ଗଛର ମୂଳ ଅଂଶକୁ ସାମାନ୍ୟ ବାଡ଼େଇ ୫-୧୦ଭାଗ ୟୁରିଆ ଦ୍ରବଣରେ ୧ ମିନିଟ୍ ବୁଡ଼ାଇ ରଖାଯିବା ପରେ ବିଡ଼ାଗୁଡିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡାଇ ଦିଅନ୍ତୁ। ଭେଳାର ତଳ ଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ। ନଳିତା ଶଢ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କବକ କଲ୍‌ଚର ବ୍ୟବହାର କରନ୍ତୁ।

## ପନିପରିବା ଚାଷ



ବାଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ। ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ। ଏଥିପାଇଁ ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ପଟି ତିଆରି କରନ୍ତୁ। ୨ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ। ପଟିର ଚାରିପଟୁ ମାଟି ନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ପଟିରେ ୨-୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ। ତା' ପରେ ପ୍ରତି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ। ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ ବିଶୋଧନକରି ବୁଣନ୍ତୁ। ମଞ୍ଜି ବୁଣିବା ପରେ ଛଣ ବା ନଡ଼ା କିମ୍ବା ପଲିଥିନ୍ ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚିଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନି । ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ପଲିଥିନ୍ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ। ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନକରି ଜମିରେ ଲଗାନ୍ତୁ। ଏକ ଏକର ବାଇଗଣ ଓ ଲଙ୍କାମରିଚ ଚାଷ ପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳିଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ।

# ଟମାଟୋ ଚାଷ ପ୍ରସ୍ତୁତି



ଟମାଟୋର ଉନ୍ନତ ବିହନ କିସମ ଯଥା ବିଟି-୨,ବିଟି-୧୦,ବିଟି-୧୨, ନୀଳାଦ୍ରି, ସଦାବାହାର, ମାଧୁରୀ, ମହାରଥୀ, ମର୍ଗିସନ୍, ରଶ୍ମି, ନବୀନ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର। ୧ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ ଫୁଟ୍ ଚଉଡ଼ା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ଚାରିଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନକରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ,ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଜାଣ୍ଡିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡିକୁ ୬୦X୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।

# ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ

(ଶେଷ ଭାଗ)

ଛୁଇଁ ଜାତୀୟ ଘାସ ମଧ୍ୟରେ ଷ୍ଟାଇଲେ ଘାସ ହେଉଛି ଅଧିକ ପୁଷ୍ଟିଯୁକ୍ତ ଓ ମରୁଡ଼ି ସହଣିକ। ଏ ପ୍ରକାର ଘାସର ଚାଷ ପାଇଁ ଜମିକୁ ବିଶେଷ ପ୍ରସ୍ତୁତ କରିବାକୁ ପଡ଼େ ନାହିଁ। ମାତ୍ର ଦୁଇ ଓଡ଼ ଚାଷ ପରେ ଏକର ପିଛା ୧୦୦ କି.ଗ୍ରା. ଡିଏପି ସାର ଦେଇ ଉପରେ ମଞ୍ଜିକୁ ବୁଣି ଦେଲେ ବର୍ଷାରେ ଆପେ ଆପେ ଗଛ ହୋଇ ବଢ଼େ।

**ଖତସାର:** ସବୁଦିନିଆ ଘାସ ଫସଲ ଜମିରେ ୪-୫ବର୍ଷ ପର୍ଯ୍ୟନ୍ତ ରହୁଥିବାରୁ ଅଧିକ ଖତସାର ଆବଶ୍ୟକ ହୋଇଥାଏ। ମନ୍ଦାଗୁଡ଼ିକରେ ବା ଜମିରେ ଏକର ପିଛା ୪ ଟ୍ରାକ୍ଟର ଟ୍ରଲି ଗୋବର ଖତ ବା କମ୍ପୋଷ୍ଟ ଆବଶ୍ୟକ । ଏଥିସହ ଏକର ପ୍ରତି ୧୦୦ କି.ଗ୍ରା. ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୧୫ କି.ଗ୍ରା. ପଟାସ ସାର ଦେବାକୁ ପଡ଼ିବ । ଘାସ ଫସଲ ଅମଳ କରିନେବା ୬୦ଦିନ ପରେ ଏକର ପିଛା ୫୦କି.ଗ୍ରା. ୟୁରିଆ ସାର ପ୍ରୟୋଗ କରିବା ଆବଶ୍ୟକ । ଗୁହାଳର ଆବର୍ଜନା ମିଶା ପାଣି ଓ ଗୋମୂତ୍ର ପାରା ଘାସ କିଆରିରେ ଛାଡ଼ିଦେଲେ ପାରାଘାସ ଭଲ ହୁଏ । ଷ୍ଟାଇଲୋ ଫସଲ ପାଇଁ ଏକର ପିଛା ୧୦ ଗାଡ଼ି ଶଢ଼ା ଗୋବର ଖତ, ୮ କି.ଗ୍ରା. ଯବକ୍ଷାରଜାନ, ୨୪ କି.ଗ୍ରା. ଫସ୍‌ଫରସ୍ ଓ ୮ କି.ଗ୍ରା. ପଟାସ ସାର ଶେଷ ଓଡ଼ଚାଷ ବେଳେ ମଧ ପ୍ରୟୋଗ କରିପାରିବେ ।

**ବିହନ ପରିମାଣ ଓ ଲଗାଇବା ପ୍ରଣାଳୀ:** ହାତିଆ ଘାସ ପାଇଁ ଏକର ପିଛା ୫ ହଜାର ମୂଳ ବା କାଣ୍ଡ, ଗିନି ଘାସ ପାଇଁ ୪ ହଜାର ମୂଳ ବା କାଣ୍ଡ ଓ ପାରା ଘାସ ଚାଷ ପାଇଁ ୧୦ ହଜାର କାଣ୍ଡ ଦରକାର। କିନ୍ତୁ ପ୍ରତି ମନ୍ଦାରେ ଶତପ୍ରତିଶତ ଗଛ ହେବା ପାଇଁ ଏହାର ଦ୍ୱିଗୁଣିତ ମୂଳ ବା କାଣ୍ଡ ଆବଶ୍ୟକ । ସେହିପରି କଙ୍ଗୋସିଗ୍‌ନାଲ ଏକର ପ୍ରତି ୧୫ ହଜାର କାଣ୍ଡ ଆବଶ୍ୟକ ଥିବା ବେଳେ ଷ୍ଟାଇଲେ, ସିରାଟ୍ରୋ, ସେଣ୍ଟ୍ରୋସିମା ଆଦିର ମଞ୍ଜି ଏକର ପ୍ରତି ୫ କି.ଗ୍ରା. ଆବଶ୍ୟକ ହୋଇଥାଏ । ସବୁଦିନିଆ ଘାସର କାଣ୍ଡ ବା ମୂଳଗୁଡ଼ିକ ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ବ୍ୟବଧାନରେ ଲଗାଇଲେ ଭଲ ନେପିଅର ବା ହାତିଆ, ଗିନି ଓ ପାରା ଘାସର ପ୍ରତି ଖଣ୍ଡରେ ୨/୩ଟି ଗଣ୍ଠି ଥିବା ଆବଶ୍ୟକ। ପ୍ରତି ମନ୍ଦାରେ ୨ ଖଣ୍ଡ କରି ଲଗାଇବାକୁ ହେବ । କାରଣ ଗୋଟିଏ କାଣ୍ଡ ନଷ୍ଟହେଲେ ଅନ୍ୟ କାଣ୍ଡଟିରୁ ପତ୍ର କଅଁଳି ବାହାରିବ । ଷ୍ଟାଇଲେ ମିର ଉପର ଚୋପା ଟାଣ । ତେଣୁ ଏହାକୁ ଭଲ ଭାବରେ ଗଜା ହେବା ପାଇଁ ମଞ୍ଜିକୁ ପ୍ରଥମେ ଉଷୁମ ପାଣିରେ ୫ ମିନିଟ୍ ବୁଡ଼ାଇସାରି ରାତିସାରା ଥଣ୍ଡା ପାଣିରେ ଭିଜାଇ ରଖନ୍ତୁ । ସକାଳୁ ମଞ୍ଜିକୁ ଛାଣି ଛାଇରେ କିଛି ସମୟ ରଖିବେ । ପରେ ମଞ୍ଜିକୁ ଶୁଖିଲା ବାଲି ସହ ମିଶାଇ ଜମିରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ମଞ୍ଜି ବୁଣିବାର ୨୫ ରୁ ୩୦ଦିନ ପରେ କୋଡ଼ା ଖୁସାକରି ଅନାବନା ଗଛ ବାଛି ଦିଅନ୍ତୁ।

**ସେଟାରିଆ ଘାସ :** ଏହା ଏକ ଉନ୍ନତ କିସମର ଘାସ । ଏହା ବର୍ଷ ବ୍ୟାପୀ ଚାଷ କରାଯାଇଥାଏ । ଏଥିପାଇଁ ଏକରକୁ ୧୨ହଜାର ପର୍ଯ୍ୟନ୍ତ ବୁଦା ବା ମୂଳ ଲଗାଇବାକୁପଡ଼ିଥାଏ।ଏକର ପ୍ରତି ୨୦୦ରୁ ୨୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ମିଳିଥାଏ।



**ମିଶ୍ରିତ ଚାଷ:** ସଙ୍କର ହାତିଆ ଘାସ ଓ ଗିନି ଘାସ ସହିତ ବରଗୁଡ଼ି ଜାତୀୟ ଚାଷ କରି ଖାଇବାକୁ ଦେଲେ ଦୁଧିଆଳୀ ଗାଈ ସୁଷମ ସବୁଜ ଖାଦ୍ୟ ପାଇ ଅଧିକ ଦୁଗ୍ଧ ପ୍ରଦାନ କରିଥାଆନ୍ତି।

**ଘାସ ଖୁଆଇବା ପ୍ରଣାଳୀ:** ଶସ୍ୟଜାତୀୟ ଘାସ ସହିତ ଛୁଇଁ ଜାତୀୟ ଘାସ ୩:୧, କଞ୍ଚାଘାସ ସହ ନଡ଼ା ବା ଶୁଷ୍କ ଘାସ: ୨:୧ ଏବଂ ଘାସ ସହ ଦାନା-୨:୧ ସମାନୁପାତିକ ହାରରେ ପ୍ରାଣୀଙ୍କୁ ଖାଇବାକୁ ଦେବା ଉଚିତ। ୧ କି.ଗ୍ରା. ଦାନା ବଦଳରେ ୫ କି.ଗ୍ରା. ସବୁଜ ଘାସ ଗାଈକୁ ଦିଆଯାଇପାରିବ।

**ଘାସ ମୂଳ ଓ ମଞ୍ଜି ମିଳିବ କେଉଁଠୁ :** ଖରିଫ ଋତୁ ପାଇଁ ବିଭିନ୍ନ ପ୍ରକାର ଘାସ ମଞ୍ଜି ଯଥା:- ମକା, ବରଗୁଡ଼ି, ବାଜରା, ଏମ୍.ପି.ଚେରୀ ଆଦି ପ୍ରତ୍ୟେକ ପ୍ରାଣୀ ଚିକିତ୍ସା କେନ୍ଦ୍ର ସହ ଯୋଗାଯୋଗକଲେ ପାଇପାରିବେ । ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ ପାଇଁ ମୂଳ ଓ କାଣ୍ଡ ଆମ ରାଜ୍ୟସ୍ଥିତ ୧୩ଟି ସବୁଜ ଘାସ ପ୍ରଦର୍ଶନ ଫାର୍ମ, ସରକାରୀ ଗୋପାଳନ କେନ୍ଦ୍ର, ପଠାସ୍ଥିତ ସବୁଜ ଘାସ ଫାର୍ମ, ଲକ୍ଷ୍ମୀସାଗରସ୍ଥିତ ସରକାରୀ ଘାସ ଫାର୍ମ, ଜିଲାର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରୁ ମଧ ପାଇପାରିବେ ।

**-ଡା. ବୀରକିଶୋର ପରିଡ଼ା**
ମୋ : ୯୪୩୭୬୦୭୩୧୨


କନକ ଝା

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ପାଇଁ ଭାରତ ୧୧୭ ଜଣ ଖେଳାଳି ଓ ୧୨୦ ଜଣ ସପୋର୍ଟ ଷ୍ଟାଫ୍ ପ୍ରେରଣ କରିଛି। ତେବେ ଏହା ବ୍ୟତୀତ ଏଭଳି ଅନେକ ଭାରତୀୟ ଖେଳାଳି ଅଛନ୍ତି, ଯେଉଁମାନେ ଅନ୍ୟ ରାଷ୍ଟ୍ରର ପ୍ରତିନିଧିତ୍ୱ କରିଥାନ୍ତି। ମୂଳତଃ ଭାରତୀୟ ହୋଇଥିଲେ ମଧ୍ୟ ଅନ୍ୟ ଦେଶକୁ ସ୍ଥାନାନ୍ତରିତ ହୋଇ କ୍ରୀଡ଼ାର ଶୀର୍ଷତମ ସୋପାନରେ ପହଞ୍ଚିଥିବା ଏହି ଖେଳାଳିଙ୍କୁ ନେଇ ସ୍ୱତନ୍ତ୍ର ଆଲେଖ୍ୟ...


ପ୍ରୀତିକା ପାଭଡେ

# ଅଲିମ୍ପିକ୍ସରେ ଭାରତୀୟ ବଂଶୋଦ୍ଭବ




### ▶ରାଜୀବ ରାମ (ଟେନିସ, ଆମେରିକା)

୪୦ ବର୍ଷୀୟ ରାଜୀବ ରାମ ଏହି ତାଲିକାର ପ୍ରଥମ ଖେଳାଳି ଅଟନ୍ତି। ଆମେରିକାର ଡେନ୍‌ଭରରେ ରାଜୀବଙ୍କ ଜନ୍ମ ହୋଇଥିଲେ ମଧ୍ୟ ମାତା ପିତା ଉଭୟ ବେଙ୍ଗାଲୁରୁରେ ବାସ କରନ୍ତି। ପିତା ରାଘବ ଜଣେ ବଟାନିଷ୍ଟ ଭାବରେ କାମ କରୁଥିବା ବେଳେ ମା' ସୁଷମା ଜଣେ ସାଇଣ୍ଟିଫିକ ଟେକ୍ନିସିଆନ୍। ଘରେ ପାଠପଢ଼ାର ମାହୋଲ ଥିଲେ ମଧ୍ୟ ରାଜୀବ ଟେନିସ୍‌କୁ କ୍ୟାରିୟର ଭାବରେ ଆପଣେଇ ଥିଲେ। ଟେନିସ୍‌ରେ ଅଭୂତପୂର୍ବ ସଫଳତା ସହ ସେ ୫ଟି ଗ୍ରାଣ୍ଡସ୍ଲାମ ସହିତ ଗୋଟିଏ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଛନ୍ତି। ୨୦୧୬ରେ ଭେନସ ୱିଲିୟମ୍ସଙ୍କ ସହ ମିଶି ସେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଚଳିତବର୍ଷ ରାଜୀବ କେବଳ ପୁରୁଷ ଡବଲ୍ସରେ ଅଂଶଗ୍ରହଣ କରୁଛନ୍ତି।

### ▶କନକ ଝା (ଟିଟି, ଆମେରିକା)

ଆଉ ଜଣେ ଭାରତୀୟ ଯୁଏ ଆମେରିକା ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ସେ ହେଉଛନ୍ତି ପୁରୁଷ ଟେବୁଲ ଟେନିସ୍ ଖେଳାଳି କନକ ଝା। କନକଙ୍କ ମା' କରୁଣା ମୁମ୍ବାଇରୁ ଓ ପିତା ଅରୁଣ କୋଲକାତାର ବାସିନ୍ଦା ଥିଲେ। ଉଭୟ ଆଇଟି ପ୍ରଫେଶନାଲ ଭାବରେ ଆମେରିକା ସ୍ଥାନାନ୍ତର ହେବା ପରେ କନକଙ୍କ ଟିଟି ଯାତ୍ରା ଆରମ୍ଭ ହୋଇଥିଲା। କାଲିଫର୍ନିଆର ମିଲ୍‌ପିଟାସ କମ୍ୟୁନିଟି ସେଣ୍ଟରରେ ବଡ ଭଉଣୀ ପ୍ରାଚୀଙ୍କ ସହିତ ଖେଳିବା ଆରମ୍ଭ କରିଥିଲେ ୨୪ ବର୍ଷୀୟ କନକ। ୪ଥର ଆମେରିକାର ଜାତୀୟ ଟିଟି ଚାମ୍ପିୟନଶିପ୍ ଜିତିବାର ରେକର୍ଡ ନିଜ ନାମରେ ରଖିଛନ୍ତି। ଏହା ବ୍ୟତୀତ ୨୦୧୬ ଓ ୨୦୨୦ରେ ସେ ୨ ଥର ଅଲିମ୍ପିକ୍ସରେ ଆମେରିକାର ପ୍ରତିନିଧିତ୍ୱ ମଧ୍ୟ କରି ସାରିଛନ୍ତି। ୨୦୧୬ରେ ସର୍ବକନିଷ୍ଠ ଆମେରିକୀୟ ଭାବରେ ସେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ପ୍ୟାରିସ୍ ୨୦୨୪ରେ ସେ କେବଳ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି।

### ▶ଶାନ୍ତି ପେରେରା (ସିଙ୍ଗାପୁର, ଆଥ୍‌ଲେଟିକ୍ସ)

ସିଙ୍ଗାପୁରର ସ୍ପ୍ରିଣ୍ଟ କୁଇନ୍ ଭାବରେ ପରିଚିତ ଭେରୋନିକା ଶାନ୍ତି ପେରେରା ମୂଳତଃ କେରଳର ବାସିନ୍ଦା। ଶାନ୍ତିଙ୍କ ଜେଜେବାପା କେରଳର ଭେଙ୍ଗୁକୁଡର ବାସିନ୍ଦା। ଜେଜେବାପାଙ୍କୁ ସିଙ୍ଗାପୁରରେ ଚାକିରି ମିଳିବା ପରେ ସେ ସେଠାରେ ରହି ଯାଇଥିଲେ। ଶାନ୍ତି ହାଙ୍ଗଝୋ ଏସିଆନ୍ ଗେମ୍ସ ୧୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ଜିତି ସିଙ୍ଗାପୁରର ୪୯ ବର୍ଷର ଅପେକ୍ଷା ଶେଷ କରିଥିଲେ। ସ୍ପୋର୍ଟ୍ସ ଓମାନ୍ ଅଫ୍ ଦ ଇୟର ରହିଥିବା ଶାନ୍ତି ପ୍ୟାରିସ୍‌ରେ ସିଙ୍ଗାପୁରର ପତାକା ବାହକ ରହିବେ।

### ▶ପ୍ରୀତିକା ପାଭଡେ (ଟେବୁଲ ଟେନିସ୍, ଫ୍ରାନ୍ସ)

ପ୍ରୀତିକା ପାଭଡେ ଚଳିତ ଅଲିମ୍ପିକ୍ସରେ ଫ୍ରାନ୍ସର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ଭାରତର ପୁଡୁଚେରୀରେ ପ୍ରୀତିକାଙ୍କ ବାପାଙ୍କ ଜନ୍ମ। ୨୦୦୩ରେ ପ୍ରୀତିକାଙ୍କ ପିତା ଫ୍ରାନ୍ସ ସ୍ଥାନାନ୍ତର ହୋଇଥିଲେ। ପ୍ୟାରିସ୍‌ରେ ପ୍ରୀତିକାଙ୍କ ଜନ୍ମ ହୋଇଥିବା ବେଳେ ମାତ୍ର ୧୬ ବର୍ଷ ବୟସରେ ସେ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ରସାୟନ ବିଜ୍ଞାନ ଓ ପରିବେଶ ବିଜ୍ଞାନ ପଢୁଥିବା ପ୍ରୀତିକା ମହିଳା ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଅଂଶଗ୍ରହଣ କରିବେ।

### ▶ଅମର ଧେସି (ରେସ୍‌ଲିଂ, କାନାଡା)

କାନାଡା ଅନ୍ତର୍ଗତ ବ୍ରିଟିଶ କଲମ୍ବିଆରେ ରହିଥିବା ସରେରେ ଅମର ଧେସି ଜନ୍ମଗ୍ରହଣ କରିଥିଲେ। ଅମରଙ୍କ ପିତା ବଲବୀର ଧେସି ଜଳନ୍ଧରରେ ଜନ୍ମ ଗ୍ରହଣ କରିବା ସହ କୁସ୍ତିରେ ଜାତୀୟ ଚାମ୍ପିୟନ ମଧ୍ୟ ରହିଥିଲେ। ଏପରି କି ବଲବୀର ପଞ୍ଜାବ ପୋଲିସରେ ମଧ୍ୟ କାମ କରୁଥିଲେ। ତେବେ ଭଲ କ୍ୟାରିୟର ସୁବିଧା ପାଇଁ ସେ ୧୯୭୯ରେ କାନାଡା ସ୍ଥାନାନ୍ତର ହୋଇଥିଲେ। ୧୨୫ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅମର ପୂର୍ବରୁ ଟୋକିଓ ୨୦୨୦ରେ ଅଂଶଗ୍ରହଣ କରି ୧୩ ତମ ସ୍ଥାନରେ ରହିଥିଲେ।

# ଅଲିମ୍ପିକ୍ସ ଅଂଶଗ୍ରହଣରେ ହରିୟାଣା ଆଗୁଆ

**ପ୍ୟାରିସ୍ ଅଲିମ୍ପିକ୍ସ**
PARiS 2024
**ଆଉ ୨ ଦିନ**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ପାଇଁ ଭାରତ ପକ୍ଷରୁ ୧୧୭ ଜଣିଆ କ୍ରୀଡ଼ାବିତ୍ ଓ ୧୨୦ ଜଣ ସପୋର୍ଟ ଷ୍ଟାଫ୍‌ଙ୍କ ଦଳ ଘୋଷଣା କରାଯାଇଛି। ଭାରତର ଭିନ୍ନ ଭିନ୍ନ ପ୍ରାନ୍ତରୁ ଆଥ୍‌ଲେଟମାନେ ଏହି ଦଳରେ ସାମିଲ ଥିବାବେଳେ ହରିୟାଣା ଏହି ତାଲିକାରେ ସବୁଠାରୁ ଆଗରେ ରହିଛି। ତେବେ ଦେଶର କ୍ରୀଡା ହବ୍ ଭାବରେ ପରିଚିତ ଥିବା ଓଡ଼ିଶା ପଛୁଆ ରାଜ୍ୟଙ୍କ ତାଲିକାରେ ରହିଛି। ରାଜ୍ୟର ମାତ୍ର ୨ ଜଣ ଖେଳାଳି ଏହି ତାଲିକାରେ ସାମିଲ ଅଛନ୍ତି। ହକି ଦଳରେ ଅମିତ ରୋହିଦାସ ଓ ଜାଭେଲିନ୍ ଥ୍ରୋରେ କିଶୋର ଜେନା ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ହରିୟାଣା ସର୍ବାଧିକ ୨୪ ଆଥ୍‌ଲେଟ ସହ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ପଞ୍ଜାବରୁ ଦ୍ୱିତୀୟ ସର୍ବାଧିକ ୧୯ ଜଣ ଖେଳାଳି ରହିଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁରୁ ୧୩ ଜଣ ଖେଳାଳି ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଉତ୍ତର ପ୍ରଦେଶ ଓ କର୍ନାଟକରୁ ୭ ଜଣ ଲେଖାଏ ଖେଳାଳି ସ୍ଥାନ ପାଇଥିବା ବେଳେ କେରଳରୁ ୬ ଓ ମହାରାଷ୍ଟ୍ରରୁ ୫ ଖେଳାଳି ସାମିଲ ଅଛନ୍ତି। ଦିଲ୍ଲୀ, ତେଲଙ୍ଗାନା ଓ ଉତ୍ତରାଖଣ୍ଡରୁ ୪ ଜଣ ଲେଖାଏ ଆଥ୍‌ଲେଟ ଏହି ତାଲିକାରେ ଥିବା ବେଳେ ପଶ୍ଚିମବଙ୍ଗରୁ ୪ ଆଥ୍‌ଲେଟ ଅଛନ୍ତି। ଓଡ଼ିଶା, ରାଜସ୍ଥାନ, ମଣିପୁର, ମଧ୍ୟପ୍ରଦେଶ, ଗୁଜରାଟ ଓ ଚଣ୍ଡୀଗଡ଼ରୁ ୨ ଜଣ ଲେଖାଏ ଆଥ୍‌ଲେଟ ଥିବାବେଳେ ଆସାମ, ବିହାର, ଗୋଆ ଓ ଝାଡ଼ଖଣ୍ଡରୁ ଜଣେ ଲେଖାଏ ଖେଳାଳି ସାମିଲ ଅଛନ୍ତି।

### ପଛୁଆ ରାଜ୍ୟ ମଧ୍ୟରେ ଓଡ଼ିଶା

୧୯୯୬ ଯାଏ ଓଡ଼ିଶାର କୌଣସି ଖେଳାଳି ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ନ ଥିଲେ। ୧୯୯୬ରେ ଦିଲୀପ ତିର୍କୀ ପ୍ରଥମ ଖେଳାଳି ଭାବରେ ଅଂଶଗ୍ରହଣ କରିଥିଲେ। ୨୦୦୦ ମସିହାରେ ଅଲିମ୍ପିକ୍ସ ଅଂଶଗ୍ରହଣ ୪ରେ ପହଞ୍ଚିଥିଲା। ୨୦୦୪ରେ ଏହି ସଂଖ୍ୟା ୩ ରହିଥିଲା। ୨୦୦୮ରେ ଏହି ସଂଖ୍ୟା ୦ ରହିଥିବା ବେଳେ ୨୦୧୨ରେ ୩ ଜଣ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ୨୦୧୬ରେ ଓଡ଼ିଶାର ସର୍ବାଧିକ ୬ ଖେଳାଳି ସାମିଲ ହୋଇଥିଲେ। ୨୦୨୦ରେ ୪ ଖେଳାଳି ଅଲିମ୍ପିକ୍ସ ଖେଳିଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୨ରେ ପହଞ୍ଚିଛି।


କିଶୋର ଜେନା


ଅମିତ ରୋହିଦାସ



# ପଦକ ପୂର୍ବାନୁମାନ ଶୀର୍ଷରେ ଆମେରିକା

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ହାତପାହାନ୍ତାରେ ଥିବା ବେଳେ ପଦକ ତାଲିକାର ପୂର୍ବାନୁମାନରେ ଆମେରିକା ଶୀର୍ଷରେ ରହିଛି। ନିଲସନ୍ ଗ୍ରେସ୍‌ନୋଟ୍ ପକ୍ଷରୁ ପ୍ରକାଶିତ ପୂର୍ବାନୁମାନ ରିପୋର୍ଟ ଅନୁସାରେ ଆମେରିକା ସର୍ବାଧିକ ପଦକ ହାସଲ କରିବାର ସମ୍ଭାବନା ରହିଛି। ପୂର୍ବାନୁମାନ ଅନୁଯାୟୀ ଆମେରିକା ୩୯ ସ୍ୱର୍ଣ୍ଣ, ୩୨ ରୌପ୍ୟ ଓ ୪୧ ବ୍ରୋଞ୍ଜ ସହ ୧୧୨ ପଦକ ବିଜୟୀ ହୋଇପାରେ। ସେହିପରି ଚାଇନା ୩୪ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୨୫ ବ୍ରୋଞ୍ଜ ସହ ମୋଟ ୮୬ ପଦକ ହାସଲ କରିପାରେ। ତେବେ ସ୍ୱର୍ଣ୍ଣ ପଦକ ସଂଖ୍ୟାରେ ଚାଇନା ଆମେରିକାକୁ ଅତିକ୍ରମ କରିବାର ସମ୍ଭାବନା ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି।୨୦୨୧ ଟୋକିଓ ଅଲିମ୍ପିକ୍ସରେ ଉଭୟ ଆମେରିକା ଓ ଚାଇନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ର୍‍ୟାଙ୍କିଙ୍ଗ, ନିକଟ ଅତୀତରେ ପ୍ରଦର୍ଶନକୁ ବିଚାରକୁ ନିଆଯାଇ ଏହି ପୂର୍ବାନୁମାନ କରାଯାଇଥାଏ। ତେବେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତ ଏହି ତାଲିକାର ଟପ୍ ୩୦ ମଧ୍ୟରେ ସ୍ଥାନ ପାଇ ନାହିଁ। ପୂର୍ବାନୁମାନ ଅନୁସାରେ ବ୍ରିଟେନର ମୋଟ ପଦକ ୬୩ ଓ ସ୍ୱର୍ଣ୍ଣ ୧୭ ରହିବ। ଫ୍ରାନ୍ସ(୬୦,୨୭), ଅଷ୍ଟ୍ରେଲିଆ (୫୪,୧୫), ଜାପାନ(୪୭-୧୩), ଇଟାଲୀ(୪୬-୧୧), ଜର୍ମାନୀ(୩୫-୧୧), ନେଦରଲାଣ୍ଡ୍ସ(୩୪-୧୬) ଓ ଦକ୍ଷିଣ କୋରିଆ(୨୬-୯) ଟପ୍-୧୦ ମଧ୍ୟରେ ରହିବେ।

ଆୟୋଜକ ରାଷ୍ଟ୍ର ଫ୍ରାନ୍ସ ପୂର୍ବାପେକ୍ଷା ୩ ଗୁଣ ଅଧିକ ପଦକ ହାସଲ କରିବ ବୋଲି ମଧ୍ୟ ପୂର୍ବାନୁମାନ କରାଯାଇଛି। ଟୋକିଓ ଅଲିମ୍ପିକ୍ସରେ ଜାପାନ ମଧ୍ୟ ୫୮ ପଦକ ହାସଲ କରିଥିଲା। ତେବେ ଚଳିତବର୍ଷ ଜାପାନର ପଦକ ସଂଖ୍ୟାରେ ହ୍ରାସ ଘଟିବା ନେଇ ପୂର୍ବାନୁମାନ ପ୍ରକାଶ ପାଇଛି। ସେହିପରି ରୁଷିଆ ଓ ବେଲାରୁଷ ଆଥଲେଟମାନେ ନିରପେକ୍ଷ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସେମାନଙ୍କ ପଦକକୁ ମେଡାଲ ଷ୍ଟାଣ୍ଡିଂରେ ସ୍ଥାନ ମିଳିବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଟୋକିଓ ଅଲିମ୍ପିକ୍ସରେ ରୁଷିଆ ୩୦୦ରୁ ଅଧିକ ଆଥ୍‌ଲେଟ ପ୍ରେରଣ କରିଥିଲା।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁଲାଇ ୨୪/୨୦୨୪ Bhubaneswar, Wednesday, July 24/ 2024

# ସେମି ଫାଇନାଲରେ ଭାରତ

ଡାମ୍ବୁଲା, ୨୩।୭

ମହିଳା ଏସିଆ କପ୍ ଟି୨୦ କ୍ରିକେଟର ସେମି ଫାଇନାଲରେ ପ୍ରବେଶ କରିଛି ଭାରତ। ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ନେପାଳକୁ ୮୨ ରନରେ ହରାଇ ଭାରତ ଅପରାଜେୟ ଭାବରେ ସେମି ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ମଙ୍ଗଳବାର ରଣଗିରି ଡାମ୍ବୁଲା ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୩ ଉଇକେଟ ହରାଇ ୧୭୮ ରନ୍ କରିଥିଲା। ଜବାବରେ ନେପାଳ ୨୦ ଓଭରରେ ୯ ଉଇକେଟ ହରାଇ ୯୬ ରନ୍ କରିଥିଲା।

ଟସ ଜିତି ଅଧିନାୟିକା ସ୍ମୃତି ମାନ୍ଧନା ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଶେଫାଳି ବର୍ମା (୮୧) ଓ ଦୟାଲାନ ହେମଲତା(୪୭) ଭାରତ ପକ୍ଷରୁ ଓପନ କରିଥିବା ବେଳେ ପ୍ରଥମ ଉଇକେଟରେ ଯୋଡିଥିଲେ ୧୨୨ ରନ୍। ଶେଫାଳି ଆକ୍ରମଣାତ୍ମକ ବ୍ୟାଟିଂ କରି ୪୮ ବଲ୍ ଖେଳି ୮୧ ରନ୍ କରିଥିଲେ। ଏହି ଇନିଂସରେ ୧୨ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟ ପକ୍ଷରେ ଆରମ୍ଭରୁ ସାମାନ୍ୟ ଧୀମା ବ୍ୟାଟିଂ କରିଥିଲେ ହେମଲତା। ପରେ ଗିୟର ବଦଳାଇବା ସହ ସେ ୪୨ ବଲ୍ ଖେଳି ୫ ଚୌକା ଓ ୧ ଛକା ସହ ୪୭ ରନ୍ କରିଥିଲେ।

**ମହିଳା ଏସିଆ କପ୍**

ଉଭୟ ଖେଳାଳି ମାତ୍ର ୯ ବଲ୍ ବ୍ୟବଧାନରେ ଆଉଟ ହେବା କାରଣରୁ ଭାରତର ରନ୍ ଗତି ସାମାନ୍ୟ ଧୀମେଇ ଯାଇଥିଲା। ବ୍ୟାଟିଂ କ୍ରମରେ ପଦୋନ୍ନତି ପାଇଥିବା ଏସ୍ ସଜନା ମାତ୍ର ୧୦ ରନ୍ କରି ଆଉଟ ହୋଇଥିଲେ। ଶେଷ ଭାଗରେ ଜେମିମା ରୋଡ୍ରିଗୁଏଜ ୧୫ ବଲ୍‌ରୁ ୫ ଚୌକା ସହ ୨୮ ରନ୍ କରିବାରୁ ଭାରତ ୧୭୮ରେ ପହଞ୍ଚିଥିଲା। ନେପାଳ ପକ୍ଷରୁ ସୀତା ରାଣା ମଗର ୨ ଓ କବିତା ଯୋଶୀ ୧ ଉଇକେଟ ନେଇଥିଲେ। ଜବାବରେ ନେପାଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ୯୬/୯ରେ ସୀମିତ ରହିଥିଲା। ଦଳ ପକ୍ଷରୁ ସୀତା ରାଣା ମଗର ସର୍ବାଧିକ ୧୮ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଇନ୍ଦୁ ବର୍ମା ୧୪, ରୁବିନା ଛେତ୍ରୀ ୧୫ ଓ ବିନ୍ଦୁ ରାୱଲ ୧୭* ରନ୍ କରିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅରୁନ୍ଧତୀ ରେଡ୍ଡୀ ଓ ରାଧା ଯାଦବ ଦୁଇଟି ଲେଖାଏ ଓ ରେଣୁକା ସିଂ ଠାକୁର ୧ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ଶେଫାଳି ବର୍ମା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୭୮/୩ (ଶେଫାଳି ବର୍ମା-୮୧, ଦୟାଲାନ ହେମଲତା-୪୭, ଜେମିମା ରୋଡ୍ରିଗୁଏଜ-୨୮*, ସୀତା ରାଣା ମଗର-୨/୨୫, କବିତା ଯୋଶୀ-୧/୩୬)। ନେପାଳ ୨୦ ଓଭରରେ ୯୬/୯ (ସୀତା ରାଣା ମଗର-୧୮, ବିନ୍ଦୁ ରାୱଲ-୧୭*, ଇନ୍ଦୁ ବର୍ମା-୧୪, ଅରୁନ୍ଧତୀ ରେଡ୍ଡୀ-୨/୨୮, ରାଧା ଯାଦବ-୨/୧୨, ଦୀପ୍ତି ଶର୍ମା-୩/୧୩, ରେଣୁକା ସିଂ ଠାକୁର-୧/୧୫)।

# କ୍ରୀଡ଼ା ପାଇଁ ୩୪୪୨ କୋଟି

**ଖେଲୋ ଇଣ୍ଡିଆକୁ ମିଳିଲା ୯୦୦ କୋଟି**

ନୂଆଦିଲ୍ଲୀ, ୨୩।୭(ପି.ଟି.)

କେନ୍ଦ୍ର ସରକାରଙ୍କ ପକ୍ଷରୁ ମଙ୍ଗଳବାର କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରାଯାଇଥିବା ବେଳେ କ୍ରୀଡ଼ା ପାଇଁ ୩୪୪୨.୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାର ୨୫ ପ୍ରତିଶତରୁ ଅଧିକ ଅର୍ଥ କେବଳ ଖେଲୋ ଇଣ୍ଡିଆ ପାଇଁ ବ୍ୟୟବରାଦ କରାଯାଇଛି। ବିଗତ ବର୍ଷରେ ଖେଲୋ ଇଣ୍ଡିଆ ପାଇଁ ୮୮୦ କୋଟି ବ୍ୟୟ କରାଯାଇଥିବା ବେଳେ ଚଳିତ ବର୍ଷ ଏହାକୁ ୯୦୦ କୋଟିକୁ ବୃଦ୍ଧି କରାଯାଇଛି। ସେହିପରି ପୂର୍ବ ବଜେଟ ତୁଳନାରେ କ୍ରୀଡ଼ା କ୍ଷେତ୍ରରେ ମାତ୍ର ୪୫.୩୬ କୋଟି ଟଙ୍କାର ବୃଦ୍ଧି ଦେଖିବାକୁ ମିଳିଛି। ପୂର୍ବ ଥରରେ ୩୩୯୬.୯୬ କୋଟି ଟଙ୍କାର ବଜେଟ ପାରିତ ହୋଇଥିଲା।

ଚଳିତ ବଜେଟରେ କେନ୍ଦ୍ର ସରକାର ଖେଲୋ ଇଣ୍ଡିଆକୁ ଗୁରୁତ୍ୱ ଦେବାକୁ ଚେଷ୍ଟା କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରତିଭା ଅନ୍ୱେଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଏହି ଫ୍ଲାଗଶିପ୍ ଇଭେଣ୍ଟ ପାଇଁ ୨୦୨୨-୨୩ରେ ୫୯୬.୩୯ କୋଟି ଟଙ୍କା ବ୍ୟୟ ହୋଇଥିଲା। ୨୦୨୩-୨୪ରେ ୪୦୦ କୋଟି ବୃଦ୍ଧି କରାଯାଇ ଏହା ୧୦୦୦ କୋଟିରେ ପହଞ୍ଚିଥିଲା। ତେବେ ପରବର୍ତ୍ତୀ ସମୟରେ ଏହାକୁ ୮୮୦ କୋଟି ଟଙ୍କାକୁ ସଂଶୋଧିତ କରାଯାଇଥିଲା। ୨୦୧୮ରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଆରମ୍ଭ କରାଯାଇଥିଲା। ୨୦୨୦ରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ, ୨୦୨୩ରେ ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ ଓ ଖେଲୋ ଇଣ୍ଡିଆ ପାରା ଗେମ୍ସ ଆରମ୍ଭ କରାଯାଇଥିଲା। ସମଗ୍ର ଦେଶରେ ୧୦୦ରୁ ଅଧିକ ଖେଲୋ ଇଣ୍ଡିଆ ଷ୍ଟେଟ୍ ସେଣ୍ଟର୍ସ ଅଫ୍ ଏକ୍ସଲେନ୍ସ ସ୍ଥାପନ କରାଯାଇଛି। ଖେଲୋ ଇଣ୍ଡିଆରୁ ଆସିଥିବା ଅନେକ ଆଥଲେଟ୍ ବର୍ତ୍ତମାନ ଅଲିମ୍ପିକ୍ସରେ ଦେଶର ପ୍ରତିନିଧିତ୍ୱ କରୁଛନ୍ତି।

ନ୍ୟାଶନାଲ ସ୍ପୋର୍ଟ୍ସ ଫେଡେରେଶନ୍ସ ପାଇଁ ବିଗତ ଥର ତୁଳନାରେ ୧୫ କୋଟି ଟଙ୍କା ଅଧିକ ମଞ୍ଜୁର କରାଯାଇଛି। ୨୦୨୩-୨୪ରେ ୩୨୫ କୋଟି ଟଙ୍କାର ବ୍ୟୟବରାଦ ରହିଥିବା ବେଳେ ଚଳିତ ବର୍ଷ ଏହା ୩୪୦ କୋଟିକୁ ବୃଦ୍ଧି ପାଇଛି। ଭାରତୀୟ କ୍ରୀଡା ପ୍ରାଧିକରଣ(ସାଇ) ପାଇଁ କେନ୍ଦ୍ର ସରକାର ବଜେଟରେ ୨୬.୮୩ କୋଟି ଟଙ୍କାର ଅଧିକ ବ୍ୟୟବରାଦ କରାଯାଇଛି। ଟପ୍ସ ସ୍କିମ୍‌ରେ ଅଲିମ୍ପିଆନଙ୍କୁ ସହାୟତା କରୁଥିବା ସାଇ ପାଇଁ ୨୦୨୩-୨୪ରେ ୭୯୫.୭୭ କୋଟି ଟଙ୍କା ବରାଦ କରାଯାଇଥିଲା। ଚଳିତ ଥର ଏହି ବଜେଟ ୮୨୨.୬୦ କୋଟି ଟଙ୍କା ବରାଦ କରାଯାଇଛି। ସେହିପରି ନାଡା ଓ ଏନ୍‌ଡିଟିଏଲ୍ ପାଇଁ ଉଦ୍ଦିଷ୍ଟ ବଜେଟରେ ସାମାନ୍ୟ ବୃଦ୍ଧି ଦେଖିବାକୁ ମିଳିଛି। ନାଡାର ବଜେଟ ୨୧.୭୩ କୋଟିରୁ ୨୨.୩୦ କୋଟିରେ ପହଞ୍ଚିଥିବା ବେଳେ ଏନ୍‌ଡିଟିଏଲ ପାଇଁ ଗତ ବର୍ଷ ୧୯.୫୦ କୋଟି ଟଙ୍କା ମିଳିଥିବା ବେଳେ ଚଳିତ ବର୍ଷ ଏହା ୨୨ କୋଟିରେ ପହଞ୍ଚିଛି।

# ଅନିତାଙ୍କ ମାଉଣ୍ଟ ଏଲବ୍ରୁସ ଆରୋହଣ

ଭୁବନେଶ୍ୱର, ୨୩।୭ (ତପନ ସ୍ୱାଇଁ)

ଓଡ଼ିଶା ପର୍ବତାରୋହୀ ଅନିତା ସ୍ୱାଇଁ ସଫଳତାର ସହ ମସ୍କୋସ୍ଥିତ ମାଉଣ୍ଟ ଏଲବ୍ରୁସ ଆରୋହଣ କରିଛନ୍ତି। ଫଳରେ ନିଜ କ୍ୟାରିୟରରେ ସେ ସଫଳତାର ଆଉଏକ ପାଦ ଆଗକୁ ବଢ଼ିଛନ୍ତି। ମାଉଣ୍ଟ ଏଲବ୍ରୁସ୍ ହେଉଛି ୟୁରୋପର ସର୍ବୋଚ୍ଚ ଶୃଙ୍ଗ। ଅନିତା ହେଉଛନ୍ତି ଆସୋସିଏଶନ ଅଫ୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ୍ ଆକ୍ଟିଭିଟିଜ୍ (ଆସା)ର ଅନ୍ୟତମ ସଦସ୍ୟା। ଅନିତା ଏହା ପୂର୍ବରୁ ସଫଳତାର ସହିତ ମାଉଣ୍ଟ କିଲିମାଞ୍ଜାରୋ, କାଙ୍ଗ ୟାଜି, ଡୋଜୋ ଟୋଙ୍ଗୋ, ଫ୍ରେଣ୍ଡଶିପ୍, ରୁଦଗାରିଆ, ରୋନକ ଓ ଦୟରା ଆରୋହଣ କରିଛନ୍ତି। ଏହି ସଫଳତା ପାଇଁ ଅନିତାଙ୍କୁ ଆସାର କର୍ମକର୍ତ୍ତା ଏଭରେଷ୍ଟ ଆରୋହୀ ଗଣେଶ ଜେନା, ଶକ୍ତିରଞ୍ଜନ ମହାନ୍ତି, ଦେବଦତ୍ତ ସାମନ୍ତରାୟ, ଶିବ ପ୍ରସାଦ ପଣ୍ଡା, ବିକ୍ରମ ଦାସ ଓ ଚିନ୍ମୟ ମହାରଣା ଏବଂ ପରାମର୍ଶଦାତା ଅଶୋକ ମହାନ୍ତି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



ମାଉଣ୍ଟ ଏଲବ୍ରୁସ ଆରୋହଣ ଅବସରରେ ଅନିତା ସ୍ୱାଇଁ।

# ଆଥ୍‌ଲେଟିକ୍ସ ପ୍ରତିନିଧି ଦଳରେ ଶ୍ରୀନିବାସ

ଭୁବନେଶ୍ୱର, ୨୩।୭ (ତପନ ସ୍ୱାଇଁ)

ଅଲିମ୍ପିକ୍ସରେ ଭାରତର ୩୦ ଜଣିଆ ଆଥ୍‌ଲେଟିକ୍ସ ଦଳ ସହ ୬ ଜଣ ପ୍ରତିନିଧି ଆସନ୍ତା ୩୧ରେ ପ୍ୟାରିସ୍ ଯାତ୍ରା କରିବେ। ଏହି ପ୍ରତିନିଧି ଦଳରେ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ସଭାପତି ତଥା ଭାରତୀୟ ଆଥ୍‌ଲେଟିକ୍ସ ଫେଡେରେଶନ ଉପସଭାପତି ଜି. ଶ୍ରୀନିବାସ ପଟ୍ଟନାୟକ ସାମିଲ ଅଛନ୍ତି। ଭାରତୀୟ ପ୍ରତିନିଧି ଦଳ ଅଗଷ୍ଟ ୧୧ ପର୍ଯ୍ୟନ୍ତ ପ୍ୟାରିସ୍‌ରେ ରହି ଆଥ୍‌ଲେଟଙ୍କ ମନୋବଳ ବଢ଼ାଇବ। ପ୍ୟାରିସ୍ ଅଲିମ୍ପିକ୍ସରେ ଖେଳାଳିଙ୍କ ସଫଳତା ପାଇଁ ଶ୍ରୀନିବାସଙ୍କ ଉପସ୍ଥିତି ଉପାଦେୟ ହେବ ବୋଲି ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଆଶା କରାଯାଇଛି।



# ଶ୍ରୀଲଙ୍କାରେ ଭାରତୀୟ ଦଳର ଅଭ୍ୟାସ

ପାଲିକେଲେ, ୨୩।୭ (ପି.ଟି.)

ଭାରତୀୟ କ୍ରିକେଟ ଦଳର ନୂଆ କୋଚ୍ ଗୌତମ ଗମ୍ଭୀରଙ୍କର କାର୍ଯ୍ୟ ଆରମ୍ଭ ହୋଇଛି। ତାଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ମଙ୍ଗଳବାର ଏଠାରେ ଅଭ୍ୟାସ କରିଛି। ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳି ଟିମ୍ ଇଣ୍ଡିଆ ଏହାର ଶ୍ରୀଲଙ୍କା ଗସ୍ତ ଆରମ୍ଭ କରିବ। କୋଚ୍ ଦାୟିତ୍ୱ ଗ୍ରହଣ କରିଥିବା ଗମ୍ଭୀରଙ୍କର ଏହା ଥିଲା ପ୍ରଥମ ଟ୍ରେନିଂ ସେସନ। ଏଥିରେ ମୁଖ୍ୟତଃ ରନିଂ, କ୍ୟାଚିଂ ଏବଂ ୱାନ୍ ଟୁ ୱାନ ଭାବ ବିନିମୟ ହୋଇଥିଲା।

# ରାଜ୍ୟପାଳଙ୍କୁ ଭେଟିଲେ ବିଭାରାଣୀ

**୧ଲକ୍ଷର ପ୍ରୋତ୍ସାହନ ରାଶି ଘୋଷଣା**

ଭୁବନେଶ୍ୱର, ୨୩।୭ (ସରୋଜ ଜେନା)

ଅନ୍ତର୍ଜାତୀୟ ପର୍ବତାରୋହୀ ବିଭାରାଣୀ ପାତ୍ର ଚଳିତ ଜୁଲାଇ ୨୩ ତାରିଖ ମଙ୍ଗଳବାର ଦିନ ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରୁଷିଆ ଓ ୟୁରୋପର ୫୬୪୨ ମିଟର ଉଚ୍ଚରେ ଅବସ୍ଥିତ ମାଉଣ୍ଟ ଏଲବ୍ରସ ଶୃଙ୍ଗ ଆରୋହଣ ପାଇଁ ଯିବା ପୂର୍ବରୁ ବିଭାରାଣୀ ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ। ଆଶୀର୍ବାଦ ସହିତ ଆର୍ଥିକ ସହାୟତା କାମନା କରିବା ପରେ ରାଜ୍ୟପାଳ ଆଗାମୀ ଅଭିଯାନ ନିମନ୍ତେ ୧ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଘୋଷଣା କରିଥିଲେ।

ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ନିଜର ନିଷ୍ଠା ଓ ଅଧ୍ୟବସାୟ ବଳରେ ଦେଶ ବିଦେଶରେ ଅନେକ ଗିରିଶୃଙ୍ଗ ସଫଳତାର ସହ ଆରୋହଣ କରି ବିଭାରାଣୀ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବିଭାରାଣୀ ଗତବର୍ଷ ଆଫ୍ରିକାର ମାଉଣ୍ଟ କିଲିମାଞ୍ଜାରୋ ଗିରିଶୃଙ୍ଗ ସଫଳତାର ସହ ଆରୋହଣ କରିଥିଲେ।



ରାଜ୍ୟପାଳ ରଘୁବର ଦାସଙ୍କ ସହ ବିଭାରାଣୀ ପାତ୍ର।

# କ୍ରିସ୍ପିନ୍ ଛେତ୍ରୀଙ୍କ କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି

**ଭୁବନେଶ୍ୱର, ୨୩।୭(ସରୋଜ ଜେନା):** ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ମହିଳା ଦଳର ମୁଖ୍ୟ କୋଚ୍ କ୍ରିସ୍ପିନ୍ ଛେତ୍ରୀଙ୍କ କାର୍ଯ୍ୟକାଳ ୨ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଓଏଫ୍‌ସି ଏହାର ତୃତୀୟ ପଦାର୍ପଣରେ ଇଣ୍ଡିଆନ୍ ଓମେନ୍ସ ଲିଗ୍ ଚାମ୍ପିୟନ ହୋଇଥିବା ବେଳେ ଏଏଫ୍‌ସି ଓମେନ୍ସ ଚାମ୍ପିୟନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। କ୍ରିସ୍ପିନଙ୍କ ସଫଳତା ପାଇଁ ମ୍ୟାନେଜମେଣ୍ଟ ଚୁକ୍ତିକୁ ୨ ବର୍ଷ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। କ୍ରିସ୍ପିନଙ୍କ ସହ ଚୁକ୍ତି ଅବଧି ବୃଦ୍ଧିକୁ ନେଇ କ୍ଲବ ସଭାପତି ରାଜ ଅଠୱାଲ ସନ୍ତୋଷ ପ୍ରକାଶ କରିଛନ୍ତି। କ୍ରିସ୍ପିନ କ୍ଲବ ପାଇଁ ସର୍ବଦା ଆସେଟ୍ ରହିବା ସହ ନିୟମିତ ଭାବେ ମୁଖ୍ୟ କୋଚ୍ ଦାୟିତ୍ୱରେ ନିଜକୁ ପ୍ରମାଣ କରି ପାରିଛନ୍ତି। ଯୁବ ଖେଳାଳିଙ୍କୁ ଆଗକୁ ବଢାଇବାରେ ତାଙ୍କର ଭୂମିକା ଓ ମହିଳା ଦଳର ଉନ୍ନତିରେ ତାଙ୍କର ଭୂମିକା ବେଶ ପ୍ରଶଂସନୀୟ ବୋଲି କହିଛନ୍ତି ରାଜ ଅଠୱାଲ। ସେହିପରି ଚୁକ୍ତି ମିଆଦ ବୃଦ୍ଧି ହୋଇଥିବା କାରଣରୁ କ୍ରିସ୍ପିନ ଛେତ୍ରୀ ମଧ୍ୟ ସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଭବିଷ୍ୟତରେ ଏକ ଶକ୍ତିଶାଳୀ ଦଳ ଗଢିବାକୁ ଚେଷ୍ଟା କରିବେ ବୋଲି ମଧ୍ୟ କହିଛନ୍ତି।



# ଜାତୀୟ ଜୁନିୟର ଉଷୁରେ ଓଡ଼ିଶାର ୩୫ ଖେଳାଳି

ଭୁବନେଶ୍ୱର, ୨୩।୭ (ତପନ ସ୍ୱାଇଁ)

ତାମିଲନାଡୁର କୋଏମ୍ବାଟୁରରେ ଜାତୀୟ ଜୁନିୟର ଉଷୁ ଚାମ୍ପିୟନଶିପ୍‌ର ୨୩ତମ ସଂସ୍କରଣ ୨୬ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୩୫ ଖେଳାଳି ଓ ୪ ଅଫିସିଆଲ ଅଂଶଗ୍ରହଣ କରିବେ। ଅନ୍ତର୍ଜାତୀୟ ଜଜ୍ ପ୍ରଦ୍ୟୁମ୍ନ ବେହେରା ଓଡ଼ିଶା ପ୍ରତିନିଧି ଦଳର ନେତୃତ୍ୱ ନେବେ। ଅଫିସିଆଲଭାବେ ଅନୁରାଧା ଦୋରା, ସୁଶାନ୍ତ ନାଏକ, ପଙ୍କଜ ମହନ୍ତ ଓ ସୁଜନ କୁମାର ରଥ ଦଳ ସହ ତାମିଲନାଡୁ ଯିବେ। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ଚେୟାରମ୍ୟାନ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି ଓ ବିକାଶ ପଟ୍ଟନାୟକ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ଜୁନିୟର ଉଷୁ ପାଇଁ ମନୋନୀତ ଓଡ଼ିଶା ଦଳ ଓ ଅନ୍ୟମାନେ।

# ପୂର୍ବାଞ୍ଚଳ ଦଳ ରନରଅପ୍

ଭୁବନେଶ୍ୱର, ୨୩।୭ (ତପନ ସ୍ୱାଇଁ)

ଭାରତୀୟ ବଧିର କ୍ରିକେଟ୍ ସଂଘ(ଆଇଡିସିଏ) ଆନୁକୂଲ୍ୟରେ ଜମ୍ମୁ-କଶ୍ମୀରରେ ୫ମ ଜାତୀୟ ଆଞ୍ଚଳିକ ଦିନିକିଆ ବଧିର କ୍ରିକେଟ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ୪ଟି ଯାକ ଜୋନ୍ ଦଳ ଭାଗ ନେଇଥିବାବେଳେ ପଶ୍ଚିମାଞ୍ଚଳ ଚାମ୍ପିୟନ୍ ଓ ପୂର୍ବାଞ୍ଚଳ ଦଳ ରନରଅପ୍ ହୋଇଛି। ଗତ ୧୭ରୁ ୨୧ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଏର୍‌କେ ସିମେଣ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜହୁର ଅହମ୍ମଦ ମୀର୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଅମନ ଜେନା ଉପ ଅଧିନାୟକ ଥିବାବେଳେ ସିବୁନ ନନ୍ଦ, ସନ୍ତୋଷ କୁମାର ମହାପାତ୍ର, ସୌଭାଗ୍ୟ ମହାନ୍ତି ପ୍ରମୁଖ ସ୍ଥାନ ପାଇଥିଲେ। ଏହା ବ୍ୟତୀତ ଓଡ଼ିଶା ବଧିର କ୍ରିକେଟ୍ ସଂଘ(ଓଡିସିଏ)ର ସମ୍ପାଦକ ସାଗରକାନ୍ତ ସେନାପତି ଦଳର ମୁଖ୍ୟ କୋଚ୍ ଏବଂ ରବୀନ୍ଦ୍ର କୁମାର ନାୟକ ବ୍ୟାଟିଂ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ। ଓଡ଼ିଶା ଖେଳାଳିମାନଙ୍କୁ ସରକାର ଓ ଅନ୍ୟ ଘରୋଇ ସଂସ୍ଥା ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆହୁରି ଭଲ ପ୍ରଦର୍ଶନ କରିପାରନ୍ତେ ବୋଲି ଓଡିସିଏ (ଓଡ଼ିଶା ବଧିର କ୍ରିକେଟ ସଂଘ)ର ମିଡିଆ ମୁଖ୍ୟ ଦୂତୀକୃଷ୍ଣ ମିଶ୍ର ପ୍ରକାଶ କରିଛନ୍ତି।

**ଆଇଡିସିଏ ଜାତୀୟ ଆଞ୍ଚଳିକ କ୍ରିକେଟ୍**



ରନରଅପ୍ ଟ୍ରଫି ସହ ଓଡ଼ିଶା ଖେଳାଳି ଓ ସପୋର୍ଟ ଷ୍ଟାଫ୍।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ